# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୪/୨୦୨୪ (୧୬ ପୃଷ୍ଠା) Bhubaneswar, Thursday, April 4/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୧୩୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 130 ମୂଲ୍ୟ ₹୭/-





KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN. NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: You Tube

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୪/୨୦୨୪ | Bhubaneswar, Thursday, April 4/2024 | ପୃଷ୍ଠା-୧




## ନାରିନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ

କୋଲକାତା ନାଇଟ୍ ରାଇଡର୍ସର ସୁନୀଲ ନାରିନ୍ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ୩୯ ବଲ୍‌ରୁ ୮୫ ରନ୍ ସ୍କୋର କରିଛନ୍ତି।

୧୨

୧୩

## 'ଇନ୍ଦ୍ର'ରୁ ଅନୁପ୍ରାଣିତ ହୋଇଥିଲେ ଅଲ୍ଲୁ

ଚିରଞ୍ଜୀବଙ୍କ ଅଭିନୀତ ଫିଲ୍ମ 'ଇନ୍ଦ୍ର'ରୁ ଅନୁପ୍ରାଣିତ ହୋଇଛନ୍ତି ଲୋକପ୍ରିୟ ଅଭିନେତା ଅଲ୍ଲୁ ଅର୍ଜୁନ । ଏହି ଫିଲ୍ମକୁ ସେ ୧୫ ଥର ଦେଖିଛନ୍ତି।





ତାଇୱାନରେ ବୁଧବାର ହୋଇଥିବା ଭୂକମ୍ପରେ ହୁଆଲିଏନ୍ ସ୍ଥିତ ଏକ ବହୁତଳବିଶିଷ୍ଟ କୋଠା ଢଳି ପଡ଼ିଛି। (ରିପୋର୍ଟ ଓ ଅଧିକ ଫଟୋ: ପୃଷ୍ଠା-୧୦)

# 'ରାଜନୈତିକ ସ୍ୱାର୍ଥ ପାଇଁ ଗିରଫଦାରି'

**ନୂଆଦିଲ୍ଲୀ,୩।୪**

ଅବକାରୀ ନୀତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇ ତିହାର ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କେନ୍ଦ୍ରୀୟ ଏଜେନ୍ସିର ଏହି କାର୍ଯ୍ୟାନୁଷ୍ଠାନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମା ବୁଧବାର ତାଙ୍କ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ମାର୍ଚ୍ଚ ୨୧ରେ ଇଡି ଦ୍ୱାରା ଗିରଫ ହୋଇଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲ ନିଜ ଗିରଫଦାରିର ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କେଜ୍‌ରିୱାଲଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ

### ହାଇକୋର୍ଟରେ କେଜ୍‌ରିୱାଲଙ୍କ ରାୟ ସଂରକ୍ଷିତ



ଅରବିନ୍ଦ କେଜ୍‌ରିୱାଲ

ସିଂଘଭୀଙ୍କ ଅଦାଲତରେ କହିଥିଲେ, ତାଙ୍କ ମହକିଲଙ୍କ ଗିରଫଦାରି ଭାରତୀୟ ସମ୍ବିଧାନ ମୌଳିକ ଢାଞ୍ଚାର ପରିପନ୍ଥୀ। ଏପରି କି ଇଡିର ଏହି କାର୍ଯ୍ୟାନୁଷ୍ଠାନ ଯୋଗୁ ସୁସ୍ଥ ବାତାବରଣରେ ମୁକ୍ତ ଓ ନିରପେକ୍ଷ ନିର୍ବାଚନ କରାଇବା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଦିଲ୍ଲୀରେ ଭାଜପା ବିରୋଧରେ କେଜ୍‌ରିୱାଲ ସବୁ ବଡ଼ ଚ୍ୟାଲେଞ୍ଜର ଭାବେ ଉଭା ହୋଇଛନ୍ତି। ରାଜନୈତିକ ସ୍ୱାର୍ଥ ପାଇଁ କେଜ୍‌ରିୱାଲଙ୍କୁ ବିନା ପ୍ରମାଣରେ ଗିରଫ କରାଯାଇଛି। ଅନ୍ୟପକ୍ଷେ ଇଡି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କେଜ୍‌ରିୱାଲଙ୍କ ଆବେଦନକୁ ବିରୋଧ କରି କହିଥିଲେ, ମନି ଲଣ୍ଡରିଂ ଅପରାଧ ଏହି ମାମଲାର ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ଆବେଦନକାରୀଙ୍କ ବିରୋଧରେ ☞ପୃଷ୍ଠା-୨

# ଝିଅଙ୍କ ପାଠପଢ଼ାରେ କେନ୍ଦ୍ର କଣ୍ଟା

**ଭୁବନେଶ୍ୱର,୩।୪(ଅନିଲ ଦାସ)**

'ବେଟି ବଚାଓ, ବେଟି ପଢ଼ାଓ' ସ୍ଲୋଗାନ ଦେଉଥିବା କେନ୍ଦ୍ର ସରକାର ଝିଅଙ୍କ ପାଠପଢ଼ାରେ କଣ୍ଟା ସାଜିଛନ୍ତି। ଏକକ କନ୍ୟାସନ୍ତାନଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ବିଦ୍ୟାଳୟରେ ଆଉ ନାମଲେଖା ପାଇଁ ସ୍ୱତନ୍ତ୍ର ସୁବିଧା ମିଳିବ ନାହିଁ। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଜାରି କରାଯାଇଥିବା ନାମଲେଖା ଗାଇଡ୍‌ଲାଇନରେ ଏକକ କନ୍ୟା ସନ୍ତାନ ସଂରକ୍ଷଣ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ଶିକ୍ଷାବିତ୍‌ଙ୍କୁ ଚକିତ କରିଛି। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯେଉଁ ଅଭିଭାବକଙ୍କର ଗୋଟିଏ କନ୍ୟାସନ୍ତାନ ଅଛନ୍ତି, ଦେଶର ଯେକୌଣସି କେନ୍ଦ୍ରୀୟ ବିଦ୍ୟାଳୟରେ ସେମାନଙ୍କ ପାଠପଢ଼ା ପାଇଁ ପୂର୍ବରୁ ୩% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଥିଲା। ଝିଅମାନଙ୍କ ସାକ୍ଷରତା ହାର ବଢ଼ାଇବା ଦିଗରେ ଏହା ଏକ ଉତ୍ତମ ପଦକ୍ଷେପ ଭାବେ ବିବେଚିତ ହେଉଥିଲା।

### କେନ୍ଦ୍ରୀୟ ବିଦ୍ୟାଳୟରୁ ହଟିଲା ଏକକ କନ୍ୟା ସନ୍ତାନ ନାମଲେଖା ବ୍ୟବସ୍ଥା

୨୦୨୩-୨୪ ଶିକ୍ଷାବର୍ଷରେ ମଧ୍ୟ ଉକ୍ତ ବ୍ୟବସ୍ଥା ପ୍ରଚଳିତ ଥିଲା। ଏହି ସୁବିଧା ବଳରେ ଝିଅମାନଙ୍କୁ ମାଗଣାରେ ପାଠ ପଢ଼ିବାର ସୁଯୋଗ ମିଳୁଥିଲା। ଶିକ୍ଷା ଅଧିକାର ଆଇନ ବଳରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ଭଳି ଏକକ କନ୍ୟା ସନ୍ତାନ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ଲାଗି ବହୁ ଦିନରୁ ସଂରକ୍ଷଣ ବ୍ୟବସ୍ଥା ଥିଲା। ଚଳିତ ବର୍ଷ ଏପ୍ରିଲ ପହିଲାରୁ କେନ୍ଦ୍ରୀୟ ବିଦ୍ୟାଳୟରେ ଅନ୍‌ଲାଇନ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏକକ କନ୍ୟା ସନ୍ତାନଙ୍କ ନାମଲେଖା ପାଇଁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଥିବାରୁ ଅଭିଭାବକମାନେ ନିଜ ପିଲାଙ୍କ ନାମଲେଖାଇ ନ ପାରି ନିରାଶ ହୋଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ରିଜିଅନ୍‌ର ନୋଡାଲ ଅଫିସର(ଆଡ୍‌ମିଶନ) ଅନିଲ କୁମାରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆମେ କିଛି କରିପାରିବୁ ନାହିଁ। ଏହା କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ନିଷ୍ପତ୍ତି। ନୂଆଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଯାଜପୁରର ଜଣେ ଅଭିଭାବକ ମନୋଜ କୁମାର ଜେନା କହିଛନ୍ତି, ସିଙ୍ଗଲ୍ ଗାର୍ଲ ଚାଇଲ୍ଡ ସଂରକ୍ଷଣ ବ୍ୟବସ୍ଥାରେ ସେ ତାଙ୍କ ଝିଅକୁ ପାଠ ପଢ଼ାଇବାକୁ ଇଚ୍ଛାପ୍ରକାଶ କରିଥିଲେ। ହେଲେ ଚଳିତଥର କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଏହି ବ୍ୟବସ୍ଥାକୁ ହଟାଇ ଦେଇଛି। ସରକାର 'ବେଟି ବଚାଓ, ବେଟି ପଢ଼ାଓ' ନାରା ଦେଉଛନ୍ତି। କିନ୍ତୁ ଏଠାରେ ବେଟିଙ୍କ ପ୍ରତି କେନ୍ଦ୍ରର ଅବହେଳା ସ୍ପଷ୍ଟ ବାରିହୋଇ ପଡୁଛି। ସରକାର ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ଦରକାର ବୋଲି ମନୋଜ ଦାବି କରିଛନ୍ତି। ସେହିପରି ଭୁବନେଶ୍ୱରର ଜଣେ ଅଭିଭାବକ ଅଶୋକ କୁମାର ନାୟକ କହିଛନ୍ତି, ଆମେ ସାଧାରଣ ବର୍ଗର ଲୋକ। ପାଠପଢ଼ା ଖର୍ଚ୍ଚରୁ ରକ୍ଷା ପାଇବା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ସିଙ୍ଗଲ୍ ଗାର୍ଲ ଚାଇଲ୍ଡ ସଂରକ୍ଷଣ ବ୍ୟବସ୍ଥାର ସାହାରା ନେଉଥିଲୁ। ଏଥିରେ ଆମ ପିଲା ଉପକୃତ ହେବେ ବୋଲି ଆଶାବାଦୀ ଥିଲୁ। କିନ୍ତୁ ଚଳିତଥର କେନ୍ଦ୍ର ସରକାର ଏହାକୁ ହଟାଇ ଦେଇଥିବାରୁ ଆମ ପିଲା ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ସରକାର ଏହାର ପୁନର୍ବିଚାର କରିବା ଦରକାର। ନଚେତ୍ କେନ୍ଦ୍ର ସରକାର ସିଙ୍ଗଲ୍ ଗାର୍ଲ ଚାଇଲ୍ଡଙ୍କୁ ଅଣଦେଖା କରୁଛନ୍ତି ବୋଲି ଏଥିରୁ ସ୍ପଷ୍ଟ ଜଣାପଡ଼ିବ। ଭୁବନେଶ୍ୱରର ଅନ୍ୟଜଣେ ଅଭିଭାବକ ଦୀପ୍ତିରେଖା ବେହୁରା କହିଛନ୍ତି, ସେ ତାଙ୍କ ଝିଅକୁ କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ବହୁ ଆଶା କରିଥିଲେ। କେବେ ଅନ୍‌ଲାଇନ ଆବେଦନ କରାଯିବ ତାହାକୁ ଅପେକ୍ଷା କରିଥିଲେ। ଏବେ ତାଙ୍କ ଆଶା ମଉଳିଯାଇଛି। ଏହି ନିଷ୍ପତ୍ତିର ପୁନର୍ବିଚାର କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ୭ ବିଧାୟକଙ୍କ ଟିକେଟ କାଟିଲା ବିଜେଡି

**ଭୁବନେଶ୍ୱର,୩।୪(ଅନିଲ ଦାସ)**

ଆସନ୍ତା ନିର୍ବାଚନ ପାଇଁ ବିଜେଡି ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ଏବଂ ତୃତୀୟ ପର୍ଯ୍ୟାୟ ଲୋକ ସଭା ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ବିଜେଡି ସଭାପତି ତଥା ନବୀନ ପଟ୍ଟନାୟକ ବୁଧବାର ଭିଡିଓ ବାର୍ତ୍ତା ଦେଇ ନାଁ ଘୋଷଣା କରିଛନ୍ତି। ଦଳ ଏଥର ଅଧିକାଂଶ ସ୍ଥାନରେ ବିଧାୟକମାନଙ୍କୁ ପୁଣିଥରେ ଟିକେଟ ଦେଇଛି। ତେବେ ୭ ଜଣ ବିଧାୟକଙ୍କ ଟିକେଟ କଟିଛି। ସେମାନେ ହେଲେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ମୋରଡ଼ା ବିଧାୟକ ରାଜକିଶୋର ଦାସ, ପଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ସୋର ବିଧାୟକ ପର୍ଶୁରାମ ଧଡ଼ା, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଏବଂ ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ। ହେଲେ ପ୍ରତାପ ଜେନାଙ୍କ ପୁଅ ଅଙ୍କିତ୍ ପ୍ରତାପ ଜେନା ଏବଂ ରାଜ କିଶୋରଙ୍କ ସ୍ତ୍ରୀ ପ୍ରୀତିନନ୍ଦା କାନୁନ୍‌ଗୋଙ୍କୁ ବିଜେଡି ଟିକେଟ୍ ଦେଇଛି। ୨ ପର୍ଯ୍ୟାୟରେ ମୋଟ ୯୯ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିବାବେଳେ ଆହୁରି ୪୮ ଆସନ ବାକି ରହିଛି।

ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକାରେ ବିଜେଡି ୭ ମହିଳାଙ୍କୁ ପ୍ରାର୍ଥୀ କରିଥିବାବେଳେ ସେଥିରେ ୪ ଜଣ ବିଧାୟିକା ରହିଛନ୍ତି। ୭ ମହିଳା ପ୍ରାର୍ଥୀ ହେଲେ ବ୍ରଜରାଜନଗରରୁ ଅଳକା ମହାନ୍ତି, ଝାରସୁଗୁଡ଼ାରୁ ଦୀପାଳି ଦାସ, ବଡ଼ସାହିରୁ ଅନସୂୟା ପାତ୍ର, ମୋରଡ଼ାରୁ ପ୍ରୀତିନନ୍ଦା କାନୁନ୍‌ଗୋ, ଫୁଲବାଣୀରୁ ଜୟଶ୍ରୀ କହଁର, ଖଲ୍ଲିକୋଟରୁ ସୂର୍ଯ୍ୟମଣି ବୈଦ୍ୟ ଓ ଆସ୍କାରୁ ମଞ୍ଜୁଳା ସ୍ୱାଇଁଙ୍କୁ ବିଜେଡି ପୁଣି ଥରେ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ସେହିପରି ଅନସୂୟା, ଜୟଶ୍ରୀ, ପ୍ରୀତିନନ୍ଦା, ଅଙ୍କିତ୍ ପ୍ରତାପ ଜେନାଙ୍କ ସମେତ ୯ ପ୍ରାର୍ଥୀଙ୍କୁ ପ୍ରଥମଥର ପାଇଁ ଟିକେଟ ଦିଆଯାଇଛି। ଅନ୍ୟ ନୂଆ ପ୍ରାର୍ଥୀମାନେ ହେଲେ ତିର୍ତ୍ତୋଲରୁ ରମାକାନ୍ତ ଭୋଇ, ପାରଳାଖେମୁଣ୍ଡିରୁ ରୂପେଶ ପାଣିଗ୍ରାହୀ, ରାଜଗାଙ୍ଗପୁରରୁ ଅନିଲ ବରୁଆ, ଯଶୀପୁରରୁ ଚକ୍ରଧର ହେମ୍ବ୍ରମ ଓ ସୋରରୁ ମାଧବ ଧଡ଼ା।

ଗତ ନିର୍ବାଚନରେ ସୁନ୍ଦରଗଡ଼ରୁ ପରାଜିତ ପ୍ରାର୍ଥୀ ଯୋଗେଶ ସିଂହଙ୍କୁ ବିଜେଡି ପୁଣି ପ୍ରାର୍ଥୀ କରିଥିବା ବେଳେ ବଣାଇଁରୁ ଭୀମସେନ ଚୌଧୁରୀ, ଉଦଳାରୁ ଶ୍ରୀନାଥ ସୋରେନ, ବାରିପଦାରୁ ସାନନ୍ଦ ମାରାଣ୍ଡି, ତଳସରାରୁ ବିନୟ କୁମାର ଟପ୍ପୋ, ଆଠମଲ୍ଲିକରୁ ନଳିନୀକାନ୍ତ ପ୍ରଧାନ, ବୀରମହାରାଜପୁରରୁ ପଦ୍ମନାଭ ବେହେରା, ☞ପୃଷ୍ଠା-୨

**୫ ଲୋକ ସଭା, ୨୭ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା**

- ୪ ବିଧାୟିକାଙ୍କ ସମେତ ୭ ମହିଳାଙ୍କୁ ଟିକେଟ୍
- ପୁଅ, ସ୍ତ୍ରୀଙ୍କୁ ସୁଯୋଗ
- ୫ରୁ ୪ ନୂଆ ଲୋକ ସଭା ପ୍ରାର୍ଥୀ

**ଲୋକ ସଭା ପ୍ରାର୍ଥୀ**

| | |
|---|---|
| ବଲାଙ୍ଗୀର | ସୁରେନ୍ଦ୍ର ସିଂ ଭୋଇ |
| ଭଦ୍ରକ | ମଞ୍ଜୁଲତା ମଣ୍ଡଳ |
| ବରଗଡ଼ | ପରିଣୀତା ମିଶ୍ର |
| ବ୍ରହ୍ମପୁର | ଭୃଗୁ ବକ୍ସିପାତ୍ର |
| କେନ୍ଦୁଝର | ଧନୁର୍ଜୟ ସିଦ୍ଧୁ |

ବିଜେଡିର ବିଧାନସଭା ପ୍ରାର୍ଥୀ ତାଲିକା: ପୃଷ୍ଠା-୩

# ମିଳିଲାନି ଟିକେଟ: ବିଜେଡି ଛାଡ଼ିଲେ ପର୍ଶୁରାମ, ଦେବେନ୍ଦ୍ର



ପର୍ଶୁରାମ ଧଡ଼ା



ଦେବେନ୍ଦ୍ର କହଁର

**ସୋର/ଫୁଲବାଣୀ, ୩।୪(ଜନ୍ମେଜୟ ମିଶ୍ର/ ରାକେଶ କୁମାର ରାଉତ)**

ବିଜେଡି ବୁଧବାର ୨୭ ବିଧାନସଭା ଆସନ ଲାଗି ତା'ର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ତେବେ ଟିକେଟ ନ ମିଳିବାରୁ ସୋର ବିଧାୟକ ପର୍ଶୁରାମ ଧଡ଼ା ଓ ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ବିଜେଡିରୁ ଇସ୍ତଫା ଦେଇଛନ୍ତି। ବାଲେଶ୍ୱର ଜିଲା ସୋର ବିଧାନସଭା ଆସନ ପାଇଁ ବିଜେଡି ସୋର ମ୍ୟୁନିସିପାଲିଟି ଅଧ୍ୟକ୍ଷ ମାଧବ ଧଡ଼ାଙ୍କୁ ଟିକେଟ ଦେଇଛି। ତେଣୁ ପର୍ଶୁରାମ ତାଙ୍କର ଇସ୍ତଫାପତ୍ରକୁ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଭାରତରେ ଜ୍ଞାନର କ୍ରମବିକାଶ**

# ଆଇଫୋନ୍‌ରେ 'ହାଇରିସ୍କ'

**ନୂଆଦିଲ୍ଲୀ,୩।୪**

ଆପଲ୍‌ର ଆଇଫୋନ, ମ୍ୟାବୁକ୍ସ ଏବଂ ଭିଜନ୍ ପ୍ରୋ ହେଡ୍‌ସେଟ୍‌ରେ ବଡ଼ ବିପଦ ରହିଥିବା ଦର୍ଶାଇ ବୁଧବାର କେନ୍ଦ୍ର ସରକାର ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା ଜାରି କରିଛନ୍ତି। ଇଣ୍ଡିଆନ୍ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍‌ପନ୍ସ ଟିମ୍ (ସିଇଆର୍‌ଟି-ଇନ୍) ପକ୍ଷରୁ ଜାରି ଏହି 'ହାଇରିସ୍କ' ୱାର୍ନିଂରେ 'ରିମୋଟ୍ କୋଡ୍ ଏକ୍ସିକ୍ୟୁଶନ୍' ସମ୍ପର୍କିତ ଏକ ଗମ୍ଭୀର ବିପଦ ସମ୍ପର୍କରେ ରେଖାଙ୍କିତ କରାଯାଇଛି। ଆପଲ୍ କମ୍ପାନୀର ବିଭିନ୍ନ ଉପକରଣରେ ଏହି ସମସ୍ୟା ଚିହ୍ନଟ ହୋଇଛି। ଏହା ୧୭.୪.୧ ପୂର୍ବର ଆପଲ୍ ସଫାରି ଭର୍ସନ୍, ୧୩.୬.୬ ପୂର୍ବର ଆପଲ୍ ମ୍ୟାକ୍‌ଓଏସ୍ ଭେଞ୍ଚୁରା ଭର୍ସନ୍ ଭଳି ଅନେକ ବର୍ଗର ଆପଲ୍ ସଫ୍ଟୱେର ଓ ହାର୍ଡୱେରକୁ ପ୍ରଭାବିତ କରିପାରେ। ଏହା ଜରିଆରେ ଟାର୍ଗେଟ କରାଯାଉଥିବା ସିଷ୍ଟମ୍‌ଗୁଡ଼ିକର ଆର୍ବିଟେରି କୋଡ୍‌କୁ ହ୍ୟାକରମାନେ ହାତେଇପାରିବେ। ଫଳରେ ୟୁଜର୍ସଙ୍କ ପ୍ରିଭେସି ସହ ସାଲିସ ହୋଇପାରେ ବୋଲି ଆଡ୍‌ଭାଇଜରିରେ ଉଲ୍ଲେଖ କରାଯାଇଛି। ରିସ୍କ କମ୍ପ୍ରମାଇଜ୍‌କୁ ଏଡାଇବା ପାଇଁ ☞ପୃଷ୍ଠା-୨

### ୟୁଜର୍ସଙ୍କ ପାଇଁ ସତର୍କତା ଜାରିକଲା କେନ୍ଦ୍ର

# ପ୍ରେମିକାଙ୍କୁ ଖୁସି କରିବାକୁ ଚୋରି

**କେନ୍ଦୁଝର,୩।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସହରର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି ଘଟଣାରେ ଟାଉନ ଥାନା ପୋଲିସ ଏକ ର୍‌ୟାକେଟକୁ ଠାବ କରିଛି। ମଙ୍ଗଳବାର ୩ ଇଞ୍ଜିନିୟରିଂ ଛାତ୍ରଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟେ ବାଇକ୍ ଓ ମୋବାଇଲ ଜବତ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଚକ୍ରଧରପୁର ଅଞ୍ଚଳର ଶିବନନ୍ଦନ ପ୍ରଧାନ, ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମି ଅଞ୍ଚଳର ଜୟ କୁମାର ଦାସ, କେନ୍ଦୁଝର ଯୋଡ଼ା ଅଞ୍ଚଳର ନିଲେସ ସୁରେନ। ସମସ୍ତଙ୍କ ବୟସ ୧୯ ରୁ ୨୧ ବର୍ଷ ମଧ୍ୟରେ ହେବ ବୋଲି ସୂଚନା ମିଳିଛି। ସେମାନେ କେନ୍ଦୁଝର ସଦର ବ୍ଲକ୍ ଡିମ୍ବୋସ୍ଥିତ ଏକ ଘରୋଇ ଇଂଜିନିୟରିଂ ସ୍କୁଲର ଛାତ୍ର ଏବଂ ଘରୋଇ ଛାତ୍ରାବାସରେ ରହି ପଢୁଥିଲେ। ସେମାନେ ପ୍ରେମିକାଙ୍କୁ ଖୁସି କରିବା ପାଇଁ ଦାମୀ ଗାଡ଼ି ଚୋରି କରି ସଉକ କରୁଥିଲେ ବୋଲି ପୋଲିସ କହିଛି। ପୂର୍ବରୁ ଘଟଣାରେ ସମ୍ପୃକ୍ତ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ସମେତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

ସୂଚନା ମୁତାବକ, ୨୦୨୩ ଡିସେମ୍ବର ୨୬ ରାତିରେ ନରଣପୁରର ଯଶୋବନ୍ତ ବେହେରା ତାଙ୍କ ବାଇକ୍ ଚୋରି ନେଇ ଟାଉନ ଥାନାରେ ରିପୋର୍ଟ କରିଥିଲେ। ☞ପୃଷ୍ଠା-୨

### ବାଇକ୍ ଚୋରି ର୍‌ୟାକେଟ୍: ୩ ଇଞ୍ଜିନିୟରିଂ ଛାତ୍ର ଗିରଫ



ଜବତ ବାଇକ୍


SIKSHA 'O' ANUSANDHAN

SAAT-2024

Empowering students for a brighter future

CORE B.TECH PROGRAMMES
- Civil Engineering
- Electrical Engineering
- Mechinical Engineering

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category
- 27th Best in Engineering Category

To apply for admission through SAAT, Please visit: www.soa.ac.in

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ କଥାରେ ଗ୍ୟାରେଣ୍ଟି ଦେଉଛନ୍ତି। କିନ୍ତୁ ସେସବୁ ଲୋକଙ୍କ ନିକଟରେ ପହଞ୍ଚୁ ପାରୁନାହିଁ।
**- ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ରଘୁନାଥ ମହାନ୍ତି ଓ ଶହୀଦ ଦିବାକର ପରିଡ଼ାଙ୍କ ୮୩ତମ ବଳିଦାନ ଦିବସ, ସ୍ଥାନ: ୟୁନିଟ୍- ୯ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଅମର ଶହୀଦ ରଘୁ- ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧୋତ୍ସବ, ସ୍ଥାନ: ୟୁନିଟ୍-୯ ରୋଡ ନଂ. ୩ ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦। ଓ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ନୂତନ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର,ସମୟ: ସକାଳ ୭ଟା ୩୦।

## ପୁରୀ
- ସତ୍ୟସାଇ ବିଦ୍ୟା ମନ୍ଦିର ସ୍କୁଲ ନବମ ବାର୍ଷିକୋତ୍ସବ, ସ୍ଥାନ: ବେଗୁନିଆ, ଗୋପସ ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟାଦଶ ତମ ପ୍ରବଚନ ଓ ନାମଯଜ୍ଞ, ସ୍ଥାନ: ବଣିଆସାହି, ଗୋପ, ସମୟ: ରାତି ୮ଟା ।

## କଟକ
- ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: କଟକ ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରମିକ ନେତା ରାମଚନ୍ଦ୍ର ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନୟାସଡ଼କସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ବାଦିପାଲା ଉତ୍ସବ, ସ୍ଥାନ: କାଇପଦର, ସମୟ: ସନ୍ଧ୍ୟା ୬ଟା
- ମା' ଦୁଲଣୀଙ୍କ ବାର୍ଷିକ ଯଜ୍ଞୋତ୍ସବ, ସ୍ଥାନ: ଦୁଲଣୀ ସାହି, ସମୟ: ସନ୍ଧ୍ୟା ୬ଟା।
- ବାବା ବୋଖାରୀ(ସତ୍ୟପୀର)ଙ୍କ ଉର୍ସ ଉତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: କାଇପଦର, ସମୟ: ସନ୍ଧ୍ୟା ୬ଟା

## ବାଲେଶ୍ୱର
- ୧୧ ତମ ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ବାସୁଦେବପୁର ଦୋଳ ମେଲଣ ପଡ଼ିଆ, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।
- ତ୍ରୟୋଦଶ ରାଜ୍ୟସ୍ତରୀୟ କଳାକାର ମହାସମ୍ମିଳନୀ, ସ୍ଥାନ: ଗୋପୀନାଥପୁର ଷ୍ଟକଚର ପଡ଼ିଆ, ସୋର, ସମୟ: ସକାଳ ୭ଟା ୩୦।
- ବାଲିଆପାଳ ଭାଜପା ପକ୍ଷରୁ ଲାଭାର୍ଥୀ ସମ୍ପର୍କ ଅଭିଯାନ, ସ୍ଥାନ: ବାଲିଆପାଳ ପଞ୍ଚାୟତ, ସମୟ: ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ।
- ମା' ଭଗବତୀ ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ବାଲିଗୋହିରି ପୂଜା ମଣ୍ଡପ, ରୂପସା, ସମୟ: ସକାଳ ୮ଟା।
- ଉତ୍କଳ ଦିବସ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଦେଉଳାହାଟ, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ଭାରତୀୟ ଜନତା ପାର୍ଟିର କର୍ମୀ ବୈଠକ, ସ୍ଥାନ: ନିଖିରା, କାଳିପଦା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ:ନୂଆବଜାର, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର
- ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ : ଅକରୁଆ, ହାଟଡ଼ିହି, ସମୟ: ସକାଳ ୬ ଟା।
- ଓଁ ଶ୍ରୀ ଶ୍ରୀ ଲକ୍ଷ୍ମୀ ନାରାୟଣ ପୂଜା ଉପଲକ୍ଷେ ବାଦିପାଲା, ସ୍ଥାନ: ଚାପୁଣ୍ଡିଆ, ହାଟଡ଼ିହି, ସମୟ : ରାତ୍ରି ୯ ଟା।
- ଚବିଶ ପ୍ରହର ନାମଯଜ୍ଞ ଓ ନଗରକୀର୍ତ୍ତନ, ସ୍ଥାନ: ଟିକିରା, ଢେଙ୍କିକୋଟ, ସମୟ: ସକାଳ ୭ ଟା।
- ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ନାଉକଣା, ଘସିପୁରା, ସମୟ: ସକାଳ ୭ ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଆଗର୍ଦା, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।
- ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ପୁଟିଆ, ବାଟୋ, ଘସିପୁରା, ସମୟ: ସକାଳ ୭ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଅତା, ବାଟୋ, ଘସିପୁରା, ସମୟ: ସନ୍ଧ୍ୟା ୬ ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ତରୁଆଁ, ଘସିପୁରା, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ମାନବ ଧର୍ମ ସମ୍ମିଳନୀ, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ସକାଳ ୯ଟା।
- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଟିମ୍-ଏକ୍ସ ଭେଟିବ ଟିମ୍-ଡି, ସ୍ଥାନ:ମଧୁବନ ମିନି ଷ୍ଟାଡିୟମ, ବାରିପଦା, ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ରାମ ପଣ୍ଡାଙ୍କ ଖବରଦାତା ସମ୍ମିଳନୀ,ସ୍ଥାନ:ବାରାକ୍ସ ସାହି, ସମୟ:ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ବ୍ଲକ ବାଉଁସଲୁଣ୍ଡି, ସମୟ: ସକାଳ: ୧୦ ଟା।
- ଇଲେକ୍ଟ୍ରୋନିକ୍ସ ବିଭାଗର ସଭା, ସ୍ଥାନ: ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଗାଲେରୀ ଧୂଳି ଦଣ୍ଡ ନାଚ, ସ୍ଥାନ: ଭଞ୍ଜନଗର, ସମୟ: ଅପରାହ୍ନ ୧ ଟା।
- ଶ୍ରୀଅରବିନ୍ଦ ଭ୍ରାମ୍ୟମାଣ ପାଠଚକ୍ର, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରଞ୍ଜିତା ପାଣିଗ୍ରାହୀଙ୍କ ବାସଭବନ, ସମୟ: ସନ୍ଧ୍ୟା ୬ ଟା ୩୦ ।

## ଢେଙ୍କାନାଳ
- ଭାରତମାତା ସେବା ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରକ୍ତଭଣ୍ଡାର ଢେଙ୍କାନାଳ, ସମୟ: ସକାଳ ୯ଟ

## ଅନୁଗୋଳ
- ନିର୍ବଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ ,ସମୟ: ପୂର୍ବାହ୍ନ ୧୦ ଟା।
- ରାଧାକୃଷ୍ଣଙ୍କ ଦିବାରାତ୍ର ଦଶଦୋଳ ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ତେଲିସିଂହା ଓ ଅର୍କିଳ ଗ୍ରାମ ଯାତ୍ରା ପଡିଆ, ସମୟ: ଅପରାହ୍ନ ୩ ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ ,ସମୟ: ଅପରାହ୍ନ ୩ ଟା।

## ଜଗତ୍‌ସିଂହପୁର
- ଜାତୀୟ ନୌବାଣିଜ୍ୟ ଦିବସ ଉପଲକ୍ଷେ ଏକାଧିକ ଶିପିଂ କମ୍ପାନୀର ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପାରାଦୀପ
- ମଧୁବନ ଅଫିସର୍ସ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ବନ୍ଦର ଆର୍ଥିକ ବର୍ଷର ସଫଳତା ପାଇଁ ପ୍ରଶାସନିକ ଭବନରେ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ,
- ସ୍ଥାନ: ବନ୍ଦର ପ୍ରଶାସନିକ ଭବନ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ସିରିଡି ସାଇବାବା ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ବଡକୂଳ, ଦଶମଉଜା, ସମୟ: ସକାଳ ୮ଟା।
- ବାବା ମଣିକେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଦକ୍ଷିଣା ପ୍ରିମିୟର ଲିଗ, ସ୍ଥାନ: ଦକ୍ଷିଣା କ୍ରିକେଟ ଗ୍ରାଉଣ୍ଡ, ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲା ପ୍ରଶାସନ ପକ୍ଷରୁ ରୌଦ୍ରତାପ ମୁକାବିଲା ଜନିତ ପ୍ରସ୍ତୁତି ବୈଠକ,ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା, ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ : ସକାଳ ୭ଟା। ।
- ଭୀମ ଆର୍ମି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ : ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ : ସକାଳ ୭ଟା।

## ନୟାଗଡ଼
- ଦଶଦୋଳ ଯାତ୍ରା ଆରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ମେଳଣ ପଡ଼ିଆ, ସମୟ: ସକାଳ ୭ଟା।
- ପଞ୍ଚୁଦୋଳ ଯାତ୍ରା ଉଦ୍‌ଯାପନ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି ମେଡିକାଲ ପଡ଼ିଆ, ସମୟ:ପୂର୍ବାହ୍ନ ୯ଟା।

## କୋରାପୁଟ
- ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୨ୟ ସଂନ୍ଧ୍ୟା, ସ୍ଥାନ: ଦାମନଯୋଡି ନାଲ୍‌କୋ ଟାଉନଶିପସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର
- ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସୁବନପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ତବଲା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଗଙ୍ଗାଧର ମେହେରଙ୍କର ଶ୍ରଦ୍ଧାଶତକ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅମୃତ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ ସମ୍ବଲପୁର ଗସ୍ତ, ସ୍ଥାନ: ସମ୍ବଲପୁର ମହାନଗର ନିଗମ ଓସଓାନ ହଲ, ସମୟ: ଅପରାହ୍ନ ୫ଟା ୩୦।

## ବଲାଙ୍ଗୀର
- ବିଜେଡ଼ିର ମିଶ୍ରଣ ପର୍ବ, ସ୍ଥାନ: ଟିଟିଲାଗଡ଼ ବିଜେଡ଼ି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଶ୍ରୀ ହନୁମାନ ଜନ୍ମୋତ୍ସବ ଓ ପଣା ସଂକ୍ରାନ୍ତି ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଦୁଝୁରା ଧରୁଆପଡା, ସମୟ: ସକାଳ ୮ଟା୩୦ରୁ ପୂର୍ବାହ୍ନ ୧୧ଟା୫୦ ମଧ୍ୟରେ।
- ଷୋହଳ ପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଖପ୍ରାଖୋଲ ବ୍ଲକ ଦମାଇପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ବାର୍ଷିକ ମା' ବସ୍ତ୍ରେନ ଫୁଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ- ଘୁଷୁରାମୁଣ୍ଡା ବନାମ ବାଞ୍ଛୁପଲା, ସ୍ଥାନ:ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- ବହଳପଦର ପ୍ରିମିୟର ଲିଗ କ୍ରିକେଟର ସପ୍ତମ ଦିବସ, ସ୍ଥାନ: ବହଳପଦର ଖେଳପଡିଆ, ବୀରମହାରାଜପୁର,ସମୟ: ସକାଳ ୮ ଟା।
- ଖଣ୍ଡହତା ପ୍ରିମିୟର ଲିଗ କ୍ରିକେଟର ତୃତୀୟ ଦିବସ, ସ୍ଥାନ: ଖଣ୍ଡହତା ଖେଳପଡିଆ,ବୀରମହାରାଜପୁର, ସମୟ : ସକାଳ ୮ ଟା।
- ମା' ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ବଡ଼ବର୍ଡାକଟା,ବୀରମହାରାଜପୁର, ସମୟ: ସକାଳ ୯ଟା।
- ଚାରି ଶମ୍ଭୁ ମହାମିଳନ ମହୋତ୍ସବ, ସ୍ଥାନ: ଦେଉଳମୁଣ୍ଡା, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଝାମୁଯାତ୍ରା (ଚାରି ଶମ୍ଭୁ ଭେଟ),ସ୍ଥାନ: ଯୁଧିଷ୍ଠିରପୁର,ବୀରମହାରାଜପୁର,ସମୟ: ଅପରାହ୍ନ ୩ଟା।
- ମହିଷାସୁର ଦରବାରର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ବଡ଼ବର୍ଡ଼ାକଟା ,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- .ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ ୨୦୨୪ର ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା କ୍ଲବ, ସମୟ: ସକାଳ ୯ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଭବନ, ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ଆଇନ କଲେଜରେ ଉତ୍କଳ ଦିବସ ପାଳନ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ରାତ୍ରିକାଳୀନ କ୍ରିକେଟ୍ ମ୍ୟାଚ, ସ୍ଥାନ: ସେକ୍ଟର-୩ ବଲାଙ୍ଗୀର ବସ୍ତି, ସମୟ: ରାତ୍ରି ୮ଟା।

## ବରଗଡ଼
- ସ୍ୱାମୀ ଶିବାନନ୍ଦ ଶାନ୍ତି ଆଶ୍ରମ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଲହଣ୍ଡା, ଅତାବିରା, ସମୟ: ସକାଳ ୮ଟା।
- ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଖୁଣ୍ଟପାଲି, ଗାଇସିଲେଟ୍, ସମୟ: ସକାଳ ୮ଟା।
- ମା' କୈଳାସୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବୃନ୍ଦଧର, ଅତାବିରା, ସମୟ: ସକାଳ ୮ଟା।
- ମାରୱାଡ଼ି ପଞ୍ଚାୟତି ଧର୍ମଶାଳା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଗୋଡ଼ଭଗା, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ନର୍ଲା ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଭବାନୀପାଟଣା ଜିଲା କଂଗ୍ରେସ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: କୋମନା ସଦର ହନୁମାନ ଛକ, ସମୟ: ସକାଳ ୭ଟା।
- ୧୬ ପ୍ରହର ନାମଯଜ୍ଞ, ସ୍ଥାନ: ଖଡ଼ିଆଳ ବ୍ଲକ ରାଣୀପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ରାତ୍ରୀକାଳିନ କ୍ରିକେଟ ମ୍ୟାଚ୍ ଉଦ୍‌ଘାଟନୀ, ସ୍ଥାନ: ନୂଆପଡା ସଦର ପୋଲିସ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ
- ଶ୍ରୀରାମ ମନ୍ଦିରରେ ତୁଳସୀ ରାମାୟଣ ପାରାୟଣ, ସ୍ଥାନ: ଦୁର୍ଗାମଣ୍ଡପ,କଣ୍ଟାମାଳ, ସମୟ: ସକାଳ ୯ଟା।
- ଖୁଣ୍ଟଗୋରା ପଞ୍ଚାୟତ ବନ୍ଧଗୋରା ଶିବ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଶିବ ମନ୍ଦିର ପ୍ରାଙ୍ଗଣ,କଣ୍ଟାମାଳ, ସମୟ: ସକାଳ ୯ଟା।

## ଦେବଗଡ଼
- ଶ୍ରୀ ଶ୍ରୀ ରାଧା କୃଷ୍ଣାୟ ମହାପ୍ରଭୁଙ୍କ ଦଶଦଳ ଯାତ୍ରା ଉପଲକ୍ଷେ ପୂଜାରମ୍ଭ,ସମୟ: ପୂର୍ବାହ୍ନ ୧୧ଟା।
- ଠାକୁର ବିଜେ, ନଗର ପରିକ୍ରମା ଓ ପ୍ରସାଦ ସେବନ,ସ୍ଥାନ: ନିର୍ବେଣି ସାହି ୱାର୍ଡ ନଂ. ୯,ସମୟ ଅପରାହ୍ନ ୧ଟା।
- ଶ୍ରୀରାମ କଥା, ପ୍ରବଚନ,ସ୍ଥାନ: ଦେବଗଡ଼ ଲାଲୁ ସାହି, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ବୁଧ ଗ୍ରହ ରାଶିରେ ଥିବାରୁ ଆତ୍ମୀୟଙ୍କ ସହଯୋଗରେ କାମ ହାସଲ କରିବେ। ନିଜର ପ୍ରାପ୍ୟ ହାସଲରେ ବାଧା ଉପୁଜିବା କାରଣକୁ ନେଇ ମାନସିକ ଅସ୍ଥିରତା ଦେଖାଦେଇପାରେ। ଯାତ୍ରା, ବାଣିଜ୍ୟ, ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପ୍ରାୟତଃ ଭଲ ରହିବ। ବାରମ୍ବାର ଭ୍ରମଣ ହେତୁକ ଶାରୀରିକ ଅସୁସ୍ଥତା ହେବାର ସୂଚନା ରହିଛି।

**ବୃଷ**: ଉଚ୍ଚସ୍ଥ ରାଶ୍ୟାଧିପତି ସଫଳତା ପ୍ରଦାନରେ ସହାୟକ ହେବ। ଆର୍ଥିକ ସମସ୍ୟା ଦୂର ହେବ, କିନ୍ତୁ ଧନାଧିପ ବ୍ୟୟଭାବସ୍ଥ ଯୋଗୁ ଖର୍ଚ୍ଚ ପରିମାଣ ବଢ଼ି ବଢ଼ି ଚାଲିବ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପ୍ରିୟଜନମାନଙ୍କ ସହ ଆଜି ସକାଳୁ ସକାଳୁ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ**: ଶନିଦୃଷ୍ଟ ରାଶ୍ୟାଧିପତିଙ୍କ ଯୋଗୁ ଶାରୀରିକ ଅସୁସ୍ଥତା ସାଙ୍ଗକୁ ମାନସିକ ଅସ୍ଥିରତା ପରିଲକ୍ଷିତ ହେବ। ଆବଶ୍ୟକ ମନେକରୁଥିବା ଅର୍ଥ ଯଥା ସମୟରେ ପାଇବେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଈର୍ଷା ଓ ଅସୂୟାଭାବ ପୋଷଣ କରି ଜଣେ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇପାରନ୍ତି।

**କର୍କଟ**: ସପ୍ତମସ୍ଥ ଚନ୍ଦ୍ର ଯୋଗୁ ଆଜି କାମର ଚାପ ଏତେଦୂର ବୃଦ୍ଧି ପାଇବ ଯେ ସ୍ଥିରଭାବେ ରହିପାରିବେ ନାହିଁ। ଆଜିର ଯାତ୍ରା ସମୟରେ କିମ୍ବା ପ୍ରବାସରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ସାଧାରଣ କଥାକୁ କେନ୍ଦ୍ରକରି କଳହ ସୂଚନା ରହିଛି। ପରିସ୍ଥିତି ଯାହାହେଉନା କାହିଁକି ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ।

**ସିଂହ**: ବୃହସ୍ପତିଙ୍କ ଶୁଭଦୃଷ୍ଟି ଫଳରେ ଶିକ୍ଷା, ସନ୍ତାନ, ଆଲୋଚନା, ଲେଖାପଢ଼ା କ୍ଷେତ୍ରରୁ ସନ୍ତୋଷଜନକ ଫଳ ପାଇବେ। ବନ୍ଧୁଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବ। ପାରିବାରିକ କ୍ଷେତ୍ର ପୂର୍ବପରି ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା ହେତୁ ଆଶ୍ୱସ୍ତି ଲାଭ କରିବେ।

**କନ୍ୟା**: ଦୁଃସ୍ଥାନସ୍ଥ ରାଶ୍ୟାଧିପ ଯୋଗୁ ଆଜି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଏକାଧିକ କାମରେ ଅନୁପ୍ରବେଶ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନ ସାଙ୍ଗକୁ ମତାନ୍ତରଜନିତ ଅଶାନ୍ତି ଆଶଙ୍କା ରହିଛି। ସାମାଜିକ, ଧାର୍ମିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସଙ୍ଗୀତ ଆସର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା**: କର୍ମାଧିପତି କର୍ମଭାବକୁ ଅବଲୋକନ କରୁଥିବାରୁ କର୍ମକ୍ଷେତ୍ରରେ ଗୌରବାନ୍ୱିତ ହେବେ। ଗତ କାଲିଠାରୁ ଅଟକି ରହିଥିବା କାମଟିକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ଅନୁକୂଳ ପରିବେଶ ସୃଷ୍ଟିହେବ। ବନ୍ଧୁମାନେ କାମକୁ ବିଗାଡ଼ିଦେବାର ଅପଚେଷ୍ଟା କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ବିଛା**: ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟିଜନିତ ବନ୍ଧୁଙ୍କ ସମ୍ମୁଖରେ ସମସ୍ୟା ପ୍ରକାଶକରି ସାହାଯ୍ୟ ଲୋଡ଼ିପାରନ୍ତି। ପଦସ୍ଥଙ୍କ ପରାମର୍ଶ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧିରେ ସହାୟକ ହେବ। ବାଣିଜ୍ୟ, ପରିବହନରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ରଚନାତ୍ମକ କାର୍ଯ୍ୟ, ସଭାସମିତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସଫଳତା ପାଇପାରନ୍ତି।

**ଧନୁ**: ପାପଗ୍ରହ ମଧ୍ୟସ୍ଥ ରାଶ୍ୟାଧିପତି ହେତୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ପୂର୍ବ ଯୋଜନାକୁ ସାକାର କରିବା ପାଇଁ ପରିବାରରୁ ସହଯୋଗ ପାଇବେ। ବାଣିଜ୍ୟ, କଚେରି ମାମଲା, ଜମିଜମା, ପ୍ରଶାସନ କ୍ଷେତ୍ର ଭଲ ରହିବ। ରାଜନୀତି, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ବିବାଦୀୟ ସ୍ଥିତିର ସମ୍ମୁଖୀନ ହୋଇପାରନ୍ତି।

**ମକର**: ସପ୍ତମାଧିପ ରାଶିସ୍ଥ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ, ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ଅର୍ଥର ଅଭାବକୁ ନେଇ ଦୁଶ୍ଚିନ୍ତା ବଢ଼ିବ କିନ୍ତୁ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ। ଶ୍ରବଣା ନକ୍ଷତ୍ରର ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ରରେ ପ୍ରଗତି ହେବ।

**କୁମ୍ଭ**: ଅତୀତରେ ଯେଉଁ କଥାକୁ ଡରୁଥିଲେ ସେହି ପରିସ୍ଥିତିର ସାମ୍ନା କରିବାକୁ ବାଧ୍ୟହେବେ। ରାଶିରେ ତୃତୀୟାଧିପ ଥିବାରୁ ବନ୍ଧୁଙ୍କ ଉପସ୍ଥିତି ଏବଂ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ମନୋବଳ କ୍ରମଶଃ ବୃଦ୍ଧି ପାଇବ।

**ମୀନ**: ଆଜିର ଆର୍ଥିକ ସ୍ଥିତି ଓ ମାନସିକ ପରିସ୍ଥିତି ପ୍ରାୟତଃ ଭଲ ରହିବ। କଠୋର ପରିଶ୍ରମ ସାଙ୍ଗକୁ ଅତ୍ୟଧିକ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ରାଶି ଓ କର୍ମାଧିପ ଏକତ୍ର ଯୋଗୁ ଏକାଧିକ କାମରେ ହାତଦେଇ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଉପରିସ୍ଥଙ୍କ ଆଦେଶ ମୁତାବକ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଆଜି ଏପ୍ରିଲ ୪ ତାରିଖ, ଚୈତ୍ରକୃଷ୍ଣ ଦଶମୀ ଗୁରୁବାର, ରାଶି ନକ୍ଷତ୍ର-ଶ୍ରବଣା/ମକର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୧ମି. ଗତେ ଘ.୦୭।୧୯ମି. ମଧ୍ୟେ, ଘ.୧୦।୩୬ମି. ଗତେ ଘ.୦୧।୦୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା ॥ ଅପରାହ୍ନ ଘ.୦୧।୨୧ମି. ଗତେ ଘ.୦୨।୫୩ମି. ମଧ୍ୟେ ରାହୁକାଳ ॥

# ପ୍ରଥମ ପୃଷ୍ଠାରୁ...

## 'ରାଜନୈତିକ ସ୍ୱାର୍ଥ ....

ହୋଇଥିବା ତଦନ୍ତ ପ୍ରାରମ୍ଭିକ ସ୍ତରରେ ରହିଛି। ସେହିପରି ଅଭିଯୁକ୍ତ କେଜ୍‌ରିୱାଲଙ୍କୁ ବିନା ପ୍ରମାଣରେ ଗିରଫ କରାଯାଇଛି ବୋଲି ହୋଇଥିବା ଅଭିଯୋଗକୁ ରାଜୁ ଖଣ୍ଡନ କରି କହିଥିଲେ, ଅପରାଧୀମାନଙ୍କୁ ଗିରଫ କରି ଜେଲରେ ହିଁ ରଖାଯିବ। ଆଗକୁ ନିର୍ବାଚନ ଅଛି ବୋଲି ବାହାନା ଦେଖାଇ ଯୁକ୍ତି ବାଢ଼ିବା ଅଧିକାର ବିଚାରାଧୀନ କଏଦୀମାନଙ୍କର ନାହିଁ। ଏଭଳି ଯୁକ୍ତି ସମ୍ପୂର୍ଣ୍ଣ ରୂପେ ହାସ୍ୟାସ୍ପଦ ବୋଲି ଇଡିର ଓକିଲ କହିଥିଲେ। କେଜ୍‌ରିୱାଲଙ୍କୁ ଇଡି ହାଜତରେ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ରଖାଯାଇଥିଲା। ସେ ନିଜ ବିରୋଧରେ କୋର୍ଟଙ୍କ ପ୍ରଥମ ରିମାଣ୍ଡ ଅର୍ଡରକୁ ଚ୍ୟାଲେଞ୍ଜ କରିଛନ୍ତି, ପରବର୍ତ୍ତୀ ରାୟଗୁଡ଼ିକୁ ନୁହେଁ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଶର୍ମା କେଜ୍‌ରିୱାଲଙ୍କ ପିଟିଶନର ରାୟ ସଂରକ୍ଷିତ ରଖିଛନ୍ତି। ପ୍ରକାଶ ଯେ, ଦିଲ୍ଲୀ ହାଇକୋର୍ଟ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କୁ ଗିରଫଦାରିରୁ ସୁରକ୍ଷା ଦେବାକୁ ମନା କରିଦେବା ପରେ ଗତ ୨୧ରେ ତାଙ୍କୁ ଇଡି ଗିରଫ କରିଥିଲା। ମାର୍ଚ୍ଚ ୨୮ରେ ରିମାଣ୍ଡ୍ ଅବଧି ଶେଷ ହେବା ପରେ ଏପ୍ରିଲ ୧ରେ ତାଙ୍କୁ ରାଉଜ୍ ଆଭେନ୍ୟୁ କୋର୍ଟରେ ହାଜର କରାଯାଇଥିଲା। ଏପ୍ରିଲ ୧ରେ କୋର୍ଟ କେଜ୍‌ରିୱାଲଙ୍କୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତକୁ ପଠାଇଦେଇଛନ୍ତି।

## ମିଳିଲାନି ଟିକେଟ: ବିଜେଡି ...

ପଠାଇ ଦଳକୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। କ୍ରମାଗତ ଦୁଇଥର ଏଠାରୁ ବିଜେଡି ଟିକେଟରେ ବିଧାୟକ ହୋଇଥିବା ପର୍ଶୁରାମ କହିଛନ୍ତି, ମୋତେ ସୁଯୋଗ ଦେଇଥିବାରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି। ଆଉ ସୋରବାସୀଙ୍କ ପାଖରେ ମଧ୍ୟ ମୁଁ କୃତଜ୍ଞ। ସୋରକୁ ମୁଁ ବିଜେଡିର ଦୁର୍ଗରେ ପରିଣତ କରିଛି। କିନ୍ତୁ ବର୍ଷେ ହେବ ବିରୋଧୀ ଗୋଷ୍ଠୀ ମାତିଛନ୍ତି। ଏଠାରେ କେମିତି ଦଳକୁ ଖଣ୍ଡଖଣ୍ଡ କରାଯାଇପାରିବ ସେଇ ଉଦ୍ୟମ ସେମାନେ ଆରମ୍ଭ କରିଥିଲେ। ଆଜି ସଫଳ ହୋଇଛନ୍ତି। ତେବେ ମୋତେ ଟିକେଟ ନ ମିଳିବାରୁ ମୁଁ ବିଜେଡିରୁ ଇସ୍ତଫା ଦେଇଛି। ମୋର ଶୁଭେଚ୍ଛୁଙ୍କ ସହ ଆଲୋଚନା ପରେ ଆଗାମୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନେବି। ଆଉ ମୁଁ ନିଶ୍ଚିତ ନିର୍ବାଚନ ଲଢ଼ିବି। ଅନ୍ୟପକ୍ଷରେ ମାଧବ ଧଡ଼ାଙ୍କୁ ଟିକେଟ ଘୋଷଣା ପରେ ବିଧାୟକଙ୍କ ବିରୋଧୀ ଗୋଷ୍ଠୀ ବାଣ ଫୁଟାଇ ସ୍ୱାଗତ କରିଛନ୍ତି। କନ୍ଧମାଳ ଜିଲା ଫୁଲବାଣୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ତାଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇଛନ୍ତି । ଦୀର୍ଘ ୧୫ ବର୍ଷ ବିଜେଡିରେ ରହି ଦଳ ପାଇଁ କାମ କରି ଆସିଛି। ସେଥିପାଇଁ ଦଳର ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ଦେବେନ୍ଦ୍ର ୨୦୦୯ ସାଧାରଣ ନିର୍ବାଚନରେ ବିଜେଡିରୁ ଟିକେଟ ପାଇ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ । ୨୦୧୪ରେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। କିନ୍ତୁ ଏଥର ସେ ଟିକେଟ ଆଶାୟୀ ଥିଲେ।

## ପ୍ରେମିକାଙ୍କୁ ଖୁସି ...

ପୋଲିସ ମାମଲା (ନଂ. ୪୭୦/୨୩) ରୁଜୁ କରି ତଦନ୍ତ ବେଳେ ୨ ଛାତ୍ର (ଯୋଡ଼ା ଅଞ୍ଚଳର ଦୀପଙ୍କର ଗୋଛାୟତ, ବଡ଼ବିଲ ଅଞ୍ଚଳର ରାଜୀବ ଗୋପ) ରହୁଥିବା ଡିମ୍ପୋସ୍ଥିତ ଭଡ଼ାଘରୁ ଗାଡି ଜବତ କରିବା ପରେ ସମ୍ପୂର୍ଣ୍ଣ ଘଟଣା ଲୋକଲୋଚନକୁ ଆସିଥିଲା। ଗାଡିର ନମ୍ବରପ୍ଲେଟ୍ ପରିବର୍ତ୍ତନ କରି ସେମାନେ ବ୍ୟବହାର କରୁଥିଲେ। ସେମାନଙ୍କୁ ପଚରାଉଚୁରା ବେଳେ ୩୦ ମାର୍ଚ୍ଚ ୨୦୨୪ରେ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ବରାଳ ଲଜ୍ ଗଳିରେ ରହୁଥିବା ସତ୍ୟାନନ୍ଦ ନାଏକଙ୍କ ଘର ସମ୍ମୁଖରୁ ଏକ ବାଇକ ଚୋରି କରିଥିବା ସ୍ୱୀକାର କରିଥିଲେ। ଉକ୍ତ ଗାଡ଼ିକୁ ମଧ୍ୟ ପୋଲିସ ବାରିଆ ଥାନା ଅଞ୍ଚଳରୁ ଜବତ କରିଥିଲା। ମାର୍ଚ୍ଚ ୩୧ ତାରିଖରେ ଟାଉନ ଥାନା ଅନ୍ତର୍ଗତ ରଘୁନାଥ ହୋଟେଲ ନିକଟ ମୋଚିବନ୍ଧ ସାହିରେ ରହୁଥିବା ପୋଲିସ ସବ୍‌ଇନ୍ସପେକ୍ଟର ଅଯୋଧ୍ୟା ମାଟିଆଙ୍କ ବାଇକ୍ ଘର ଅଗଣାରୁ ଚୋରି ହୋଇଥିଲା। ଉକ୍ତ ଚୋରି ଗାଡି ସମେତ ଅନ୍ୟ ଏକ ଗାଡ଼ି ସେମାନଙ୍କଠାରୁ ଜବତ ହୋଇଥିଲା। ଟାଉନ ପୋଲିସ ପୃଥକ୍ ମାମଲା(ନଂ.୨୦୪/୨୦୨୪ ଏବଂ ୨୦୦/୨୦୨୪ )ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଥିଲା। ଘଟଣାରେ ତଦନ୍ତ ଜାରି ରଖିଥିବା ବେଳେ ମଙ୍ଗଳବାର ଉକ୍ତ ଛାତ୍ରାବାସରୁ ୩ ଇଞ୍ଜିନିୟରିଂ ଛାତ୍ରଙ୍କୁ ଗିରଫ କରି ଏକ ଚୋରା ବାଇକ୍ ଓ ମୋବାଇଲ୍ ଜବତ କରିଥିଲା। ଟାଉନ ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି, ପ୍ରେମିକାଙ୍କୁ ଖୁସି କରିବା ପାଇଁ ସେମାନେ ଏଭଳି ଦାମୀ ଗାଡ଼ି ଚୋରି କରି ସଉକ କରୁଥିଲେ। ଗାଡ଼ିର ନମ୍ବର ବଦଳାଇ ବ୍ୟବହାର କରୁଥିଲେ। ଏଥିସହ ସେମାନେ ମଦ, ଡ୍ରଗ୍‌ସ ଖାଉଥିବା ପୋଲିସ ଆଗରେ କହିଛନ୍ତି। ମୋଟ ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ୫ ବାଇକ୍ ଜବତ ହୋଇଛି। ଗାଡ଼ି ଚୋରି ର୍‍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୋଜା ଚାଲି ଥିବା ପୋଲିସ କହିଛି।

## ୭ ବିଧାୟକଙ୍କ ଟିକେଟ ...

ଖରିଆରରୁ ଅଧିରାଜ ପାଣିଗ୍ରାହୀ, ଭୁବନେଶ୍ୱର(ଏକାମ୍ର)ରୁ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର(ଉତ୍ତର)ରୁ ସୁଶାନ୍ତ କୁମାର ରାଉତଙ୍କୁ ପ୍ରାର୍ଥୀ କରାଯାଇଛି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲରୁ ବିଜୟଶଙ୍କର ଦାସଙ୍କୁ ହଟାଇ ଦଳ ରମାକାନ୍ତ ଭୋଇଙ୍କୁ ଟିକେଟ ଦେଇଛି। ଭୋଇ ତିର୍ତ୍ତୋଲ ଉପନିର୍ବାଚନ ବେଳେ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ସେହିପରି ଜଗତ୍‌ସିଂହପୁରରୁ ପ୍ରଶାନ୍ତ ମୁଦୁଲିଙ୍କୁ ଦଳ ପୁଣି ଥରେ ଟିକେଟ ଦେଇଥିବା ବେଳେ ଖଲ୍ଲିକୋଟରୁ ସୂର୍ଯ୍ୟମଣି ବୈଦ୍ୟଙ୍କୁ ପୁନର୍ବାର ସୁଯୋଗ ଦିଆଯାଇଛି। ୨୦୧୯ରେ ଟିକେଟରୁ ବଞ୍ଚିତ ହୋଇଥିବା ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ଏଥର ବ୍ରହ୍ମପୁରରୁ ପ୍ରାର୍ଥୀ କରାଯାଇଥିବାବେଳେ ମୋହନାରୁ ଅନ୍ତର୍ଯ୍ୟାମୀ ଗମାଙ୍ଗୋ ଏବଂ ପଟାଙ୍ଗୀରୁ ପ୍ରଫୁଲ୍ଲ କୁମାର ପାଙ୍ଗୀଙ୍କୁ ଟିକେଟ ଦିଆଯାଇଛି। ସେହିପରି ଯଶୀପୁର ଆସନରୁ ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ବନ୍ୟପ୍ରାଣୀ ସୁରକ୍ଷା ପାଇଁ କାର୍ଯ୍ୟରତ ସାମାଜିକ କର୍ମୀ ଚକ୍ରଧର ହେମ୍ବ୍ରମ ପ୍ରାର୍ଥୀ ହୋଇଛନ୍ତି। ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିବା ସୋର ମ୍ୟୁନିସିପାଲିଟି ଅଧ୍ୟକ୍ଷ ମାଧବ ଧଡ଼ାଙ୍କୁ ବିଜେଡି ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ଦେଇଛି। ଫୁଲବାଣୀ ଆସନରେ ବିଧାୟକ ଅଙ୍ଗଦ କହଁରଙ୍କ ବଦଳରେ ଜିଲା ପରିଷଦ ସଭ୍ୟ ଜୟଶ୍ରୀ କହଁରଙ୍କୁ ଦଳ ପ୍ରାର୍ଥୀ କରିଛି। ବଡ଼ସାହିରେ ବିଜେଡି ନେତା ଗଣେଶ୍ୱର ପାତ୍ରଙ୍କ ବଦଳରେ ତାଙ୍କ ସ୍ତ୍ରୀ ଅନସୂୟାଙ୍କୁ ଟିକେଟ ମିଳିଛି। ସେହିପରି ବିଜେଡିରେ ସାମିଲ ହୋଇଥିବା ଭୀମସେନ ଚୌଧୁରୀଙ୍କୁ ଦଳ ଏଥର ବଣାଇଁ ଆସନରୁ ପ୍ରାର୍ଥୀ କରିଛି। ତଳସରାରେ ବିନୟ ଟପ୍ପୋ, ସୁନ୍ଦରଗଡ଼ରେ ଯୋଗେଶ ସିଂ, ଉଦଳାରେ ଶ୍ରୀନାଥ ସୋରେନ ଓ ସମ୍ବଲପୁର ଲୋକ ସଭା ଆସନରେ ନଳିନୀକାନ୍ତ ପ୍ରଧାନ ଗତ ନିର୍ବାଚନରେ ପରାଜିତ ହୋଇଥିଲେ ମଧ୍ୟ ବିଜେଡି ଏଥର ସେମାନଙ୍କୁ ପୁଣିଥରେ ଟିକେଟ ଦେଇଛି। ସେହିପରି ଗତ ନିର୍ବାଚନରେ ଟିକେଟରୁ ବଞ୍ଚିତ ଥିବା ପ୍ରଫୁଲ୍ଲ ପାଙ୍ଗୀ, ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସାନନ୍ଦ ମାରାଣ୍ଡିଙ୍କ ଉପରେ ଦଳ ଭରସା କରି ଏଥର ଟିକେଟ ଦେଇଛି। ଅନ୍ୟପକ୍ଷରେ ବିଜେଡି ଲୋକ ସଭା ପାଇଁ ୫ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏହାକୁ ମିଶାଇ ଲୋକ ସଭା ପ୍ରାର୍ଥୀଙ୍କ ସଂଖ୍ୟା ୨୦ରେ ପହଞ୍ଚିଛି। ଏହି ୫ ପ୍ରାର୍ଥୀଙ୍କ ମଧ୍ୟରେ ୪ ନୂଆ ଚେହେରା ଅଛନ୍ତି। ଲୋକ ସଭା ପାଇଁ ଘୋଷିତ ପ୍ରାର୍ଥୀ ତାଲିକାରେ ୨ ଜଣ ମହିଳାଙ୍କ ନାମ ରହିଛି । ଭଦ୍ରକରୁ ମଞ୍ଜୁଲତା ମଣ୍ଡଳ ଓ ବରଗଡ଼ରୁ ପରିଣୀତା ମିଶ୍ର ବିଜେଡି ଟିକେଟରେ ନିର୍ବାଚନ ଲଢ଼ିବେ। ଭାଜପା ଛାଡ଼ି ବିଜେଡିରେ ମିଶିଥିବା ଭୃଗୁ ବକ୍ସିପାତ୍ରଙ୍କୁ ଦଳ ବ୍ରହ୍ମପୁର ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ତାଙ୍କର ଲଢ଼େଇ ଭାଜପା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ସହ ହେବ। ଭୃଗୁ ୨୦୧୯ରେ ଭାଜପା ଟିକେଟରୁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ତାଙ୍କୁ ବିଜେଡିର ଚନ୍ଦ୍ରଶେଖର ସାହୁ ହରାଇଥିଲେ। ହେଲେ ବିଜେଡି ଚନ୍ଦ୍ରଶେଖରଙ୍କ ବଦଳରେ ଏଥର ଭୃଗୁଙ୍କୁ ଟିକେଟ ଦେଇଛି। ସେହିପରି କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ସୁରେନ୍ଦ୍ର ସିଂ ଭୋଇ ବଲାଙ୍ଗୀରରୁ ଲୋକ ସଭା ପ୍ରାର୍ଥୀ ହୋଇଥିବାବେଳେ ଭଦ୍ରକ ଲୋକ ସଭା ଆସନରୁ ପୁଣିଥରେ ମଞ୍ଜୁଲତା ମଣ୍ଡଳ ନିର୍ବାଚନ ଲଢ଼ିବେ। ସେହିପରି ପରିଣୀତା ମିଶ୍ରଙ୍କୁ ଦଳ ବରଗଡ଼ରୁ ଓ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କୁ କେନ୍ଦୁଝରରୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ଏହାପୂର୍ବରୁ ବିଜେଡି ୧୫ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା। ଏବେ କେବଳ ବାଲେଶ୍ୱର ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀଙ୍କ ନାଁ ଘୋଷଣା କରିବାକୁ ବାକି ରହିଛି। ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ପୁତ୍ର ନବଜ୍ୟୋତି ପଟ୍ଟନାୟକ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ହେଉଛି। ସେ ବିଜେଡିରେ ମିଶିବା ପରେ ଉକ୍ତ ଲୋକ ସଭା ଆସନ ପାଇଁ ବିଜେଡି ତାଙ୍କୁ ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଛି।

## ଆଇଫୋନ୍‌ରେ ...

ସିଇଆର୍‌ଟି-ଇନ୍ ଅନେକ ପ୍ରତିକାରମୂଳକ ପଦକ୍ଷେପର ପରାମର୍ଶ ଦେଇଛି। ନୂଆ ଭର୍ସନର ମୋବାଇଲ୍‌ଗୁଡ଼ିକରେ ଆପଲ୍ ଆଇଓଏସ୍, ଆଇପେଡ୍‌ଓଏସ୍, ମ୍ୟାକ୍‌ଓଏସ୍ ଏବଂ ଭିଜନ୍‌ଓଏସ୍‌ର ଅପଡେଟିଂ ସୁନିଶ୍ଚିତ କରିବାକୁ କହିଛି। ସେହିପରି ପବ୍ଲିକ୍ ୱାଇ-ଫାଇ ନେଟ୍‌ୱର୍କ ଭଳି ଅସୁରକ୍ଷିତ ସିକ୍ୟୁରିଟି ରିସ୍କ ପ୍ରତି ସଜାଗ ରହିବାକୁ କୁହାଯାଇଛି। ଟୁ ଫ୍ୟାକ୍ଟର ଅଥେଣ୍ଟିକେଶନ୍ (୨ଏଫ୍‌ଏ)ରେ ସୁରକ୍ଷାର ଅତିରିକ୍ତ ସ୍ତର ଯୋଡ଼ିବା, କେବଳ ବିଶ୍ୱସ୍ତ ସୋର୍ସଗୁଡ଼ିକରୁ ଆପ୍, ସଫ୍ଟୱେର ଆଦି ଡାଉନ୍‌ଲୋଡ୍ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଡେଟାଗୁଡ଼ିକୁ ନିୟମିତ ଭାବେ ଯାଞ୍ଚ କରି ବ୍ୟାକ୍‌ଅପ୍ ରଖିବାକୁ ମଧ୍ୟ ସରକାର ପରାମର୍ଶ ଦେଇଛନ୍ତି।

# ବେଳାଭୂମିରେ ତୈଳାକ୍ତ ଆସ୍ତରଣ



**ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନମୁନା ଯାଞ୍ଚ**

ପାରାଦୀପ, ୩।୪(ଶରତ ରାଉତ)

ପାରାଦୀପ ବତିଘର ପାଖ ସମୁଦ୍ର ବେଳାଭୂମିରେ ବୁଧବାର ଅପରାହ୍ନରେ ତୈଳାକ୍ତ ଆସ୍ତରଣ ପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଖବରପାଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପାରାଦୀପ ପକ୍ଷରୁ ପାଣିର ନମୁନା ସଂଗ୍ରହ କରାଯାଇଛି। ସମୁଦ୍ର ପାଣିରେ ବାରମ୍ବାର ଏମିତି ଘଟଣା ଦେଖିବାକୁ ମିଳୁଛି। ୨୦୨୩ ନଭେମ୍ବରରେ ଏମିତି ତୈଳାକ୍ତ ଆସ୍ତରଣ ଭାସୁଥିବା ଦେଖିବାକୁ ମିଳିଥିଲା। ସେତେବେଳେ ସେହି ଘଟଣା ଚର୍ଚ୍ଚା ହୋଇଥିଲା। ଏକ ରାଷ୍ଟ୍ରାୟତ୍ତ ପ୍ରକଳ୍ପ ଏହା କରିଛି ବୋଲି ଅଭିଯୋଗ ମଧ୍ୟ ହୋଇଥିଲା। ବୁଧବାର ୪ଟା ବେଳେ ସମୁଦ୍ରରେ ଭଟ୍ଟା ଥିବାବେଳେ ତୈଳାକ୍ତ ଆସ୍ତରଣ ଅଧିକ ଥିଲା ବୋଲି ଷଣ୍ଢକୁଦ ବାସିନ୍ଦା ମୁନା ଦେଉଡୁ କହିଛନ୍ତି। ସନ୍ଧ୍ୟାରେ ଜୁଆର ହେବା ପରେ ତାହା କମି ଯାଇଥିଲା। ବୋର୍ଡର ଉପ ପରିବେଶ ଯନ୍ତ୍ରୀ ଦିବ୍ୟଲୋଚନ ମହାପାତ୍ର ଓ ତାଙ୍କ ଟିମ୍ ଷଣ୍ଢକୁଦ ପାଖ ସମୁଦ୍ରର ପାଣି ସଂଗ୍ରହ କରିଥିଲେ। ପାଣିର ପରୀକ୍ଷା ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମହାପାତ୍ର କହିଛନ୍ତି।

## ଆଇଫୋନ୍ ୟୁଜର୍ସଙ୍କ ପାଇଁ ସତର୍କତା ଜାରି




## ବିଧାନସଭା ପ୍ରାର୍ଥୀ ତାଲିକା

| | |
|---|---|
| ବଣାଇଁ | ଭୀମସେନ ଚୌଧୁରୀ |
| ବାରିପଦା | ସାନନ୍ଦ ମାରାଣ୍ଡି |
| ବ୍ରଜରାଜନଗର | ଅଳକା ମହାନ୍ତି |
| ଝାରସୁଗୁଡ଼ା | ଦୀପାଳି ଦାସ |
| ତଳସରା | ବିନୟ ଟପ୍ପୋ |
| ସୁନ୍ଦରଗଡ଼ | ଯୋଗେଶ ସିଂହ |
| ରାଜଗାଙ୍ଗପୁର | ଅନିଲ ବାର୍ଲା |
| ଯଶୀପୁର | ଚକ୍ରଧର ହେମ୍ବ୍ରମ୍ |
| ଉଦଳା | ଶ୍ରୀନାଥ ସୋରେନ |
| ବଡ଼ସାହି | ଅନସୂୟା ପାତ୍ର |
| ମୋରଡ଼ା | ପ୍ରୀତିନନ୍ଦା କାନୁନ୍‌ଗୋ |
| ସୋର | ମାଧବ ଧଡ଼ା |
| ଆଠମଲ୍ଲିକ | ନଳିନୀ ପ୍ରଧାନ |
| ବୀରମହାରାଜପୁର | ପଦ୍ମନାଭ ବେହେରା |
| ଖଡ଼ିଆଳ | ଅଧିରାଜ ପାଣିଗ୍ରାହୀ |
| ଫୁଲବାଣୀ | ଜୟଶ୍ରୀ କହଁର |
| ମାହାଙ୍ଗା | ଅଙ୍କିତ ପ୍ରତାପ ଜେନା |
| ତିର୍ତ୍ତୋଲ | ରମାକାନ୍ତ ଭୋଇ |
| ଜଗତ୍‌ସିଂହପୁର | ପ୍ରଶାନ୍ତ ମୁଦୁଲି |
| ଭୁବନେଶ୍ୱର ଉତ୍ତର | ସୁଶାନ୍ତ ରାଉତ |
| ଭୁବନେଶ୍ୱର ଏକାମ୍ର | ଅଶୋକ ଚନ୍ଦ୍ର ପଣ୍ଡା |
| ଖଲ୍ଲିକୋଟ | ସୂର୍ଯ୍ୟମଣି ବୈଦ୍ୟ |
| ଆସିକା | ମଞ୍ଜୁଳା ସ୍ୱାଇଁ |
| ବ୍ରହ୍ମପୁର | ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ |
| ପାରଳାଖେମୁଣ୍ଡି | ରୂପେଶ ପାଣିଗ୍ରାହୀ |
| ମୋହନା | ଅନ୍ତର୍ଯ୍ୟାମୀ ଗମାଙ୍ଗୋ |
| ପଟ୍ଟାଙ୍ଗୀ | ପ୍ରଫୁଲ୍ଲ ପାଙ୍ଗୀ |

# ଜୟପୁର ଏୟାରପୋର୍ଟରୁ ୯ ଲକ୍ଷ ଟଙ୍କା ଜବତ



**ଜୟପୁର, ୩।୪ (ପବନ ପାଣିଗ୍ରାହୀ)**

ଜୟପୁର ଏୟାରପୋର୍ଟରୁ ବୁଧବାର ଫ୍ଲାଇଂ ସ୍କ୍ୱାଡ୍ ଜଣେ ଯାତ୍ରୀଙ୍କଠାରୁ ୯ ଲକ୍ଷ ଟଙ୍କା ଜବତ କରିଛି। ଜୟପୁର ପୌରନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଓ ବିଡିଓ ଶକ୍ତି ମହାପାତ୍ରଙ୍କ ଦ୍ୱାରା ଗଠିତ ସ୍କ୍ୱାଡ୍ ଏହି ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଏହି ଟଙ୍କା ମାଲକାନଗିରିରୁ ଜ୍ୟୋର୍ତିର୍ବିଦ୍ ମନୋଜ ଲେଙ୍କା ଭୁବନେଶ୍ୱରକୁ ନେଉଥିଲେ। ତେବେ ଏହି ଟଙ୍କା ସେ ନିଜର ଫି ବାବଦକୁ ମାଲକାନଗିରିର ଜଣେ ବ୍ୟବସାୟୀ ସନ୍ତୋଷ ମିଶ୍ରଙ୍କଠାରୁ ଆଣିଥିବା କହିଛନ୍ତି। ବ୍ୟବସାୟୀ ସନ୍ତୋଷ ମନୋଜଙ୍କୁ ଏୟାରପୋର୍ଟକୁ ଛାଡ଼ିବାକୁ ଆସିଥିବା ବେଳେ ସେ ମଧ୍ୟ ସ୍କ୍ୱାଡ୍ ହାତରେ ଧରାପଡିଥିଲେ। ଉଭୟଙ୍କୁ ପଚରାଉଚରା ପରେ ଫ୍ଲାଇଂ ସ୍କ୍ୱାଡ୍ ଛାଡ଼ି ଦେଇଥିବା ବେଳେ ଟଙ୍କା ଜବତ କରାଯାଇଛି। ଅପରାହ୍ନ ୩.୩୦ରେ ଭୁବନେଶ୍ୱର ଯାଉଥିବା ବିମାନରେ ଉଭୟେ ଭୁବନେଶ୍ୱର ଯାତ୍ରା କରିଥାନ୍ତେ। ତେବେ ଏହା ପୂର୍ବରୁ ସୂଚନାପାଇ ସ୍କ୍ୱାଡ୍ ଚଢାଉ କରିଥିଲା। ଜବତ ଟଙ୍କା ଏୟାରପୋର୍ଟରେ ଗଣତି କରାଯାଇଥିଲା। ଚଢାଉ ସମୟରେ ସେଲ୍‌ଟ୍ୟାକ୍ସର ସିଟି ଜିଏସ୍‌ଟି ଅଧିକାରୀ ଉପସ୍ଥିତ ଥିଲେ। ଜବତ ଟଙ୍କା ସମ୍ପର୍କରେ ତଦନ୍ତ ଚାଲିଛି। ଆଗକୁ ଯଦି ଯାତ୍ରୀ ଜଣକ ଏ ସମ୍ପର୍କିତ ଠିକ୍ କାଗଜପତ୍ର ଦାଖଲ କରନ୍ତି ତେବେ ପ୍ରଶାସନ ପଦକ୍ଷେପ ନେବ ବୋଲି ସ୍କ୍ୱାଡ୍ ପକ୍ଷରୁ କୁହାଯାଇଛି।

# ୩ ଆର୍‌ଟିଆଇ କର୍ମୀଙ୍କ ନାଁରେ ମାମଲା

## କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସୁରକ୍ଷା ସମ୍ପର୍କିତ ମିଥ୍ୟା ତଥ୍ୟ ପ୍ରଘଟ ଅଭିଯୋଗ

**ଭୁବନେଶ୍ୱର,୩।୪(ସତ୍ୟଜିତ୍ ରାଉତ)**

ନବୀନ ଓଡ଼ିଶା ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସୁରକ୍ଷା ସମ୍ପର୍କିତ ମିଥ୍ୟା ତଥ୍ୟ ପ୍ରଘଟ ଅଭିଯୋଗକୁ କମିଶନରେଟ୍ ପୋଲିସ ଗୁରୁତ୍ୱର ସହ ନେଇଛି। ପାଣ୍ଡିଆନ୍‌ଙ୍କ ସୁରକ୍ଷାରେ ୭୪ ପୋଲିସ ନିୟୋଜିତ ହୋଇଥିବା ନେଇ ସୂଚନା ଅଧିକାରୀ ଆଇନ ବଳରେ କମିଶନରେଟ୍ ପୋଲିସର ରିଜର୍ଭ ପୋଲିସ ଅଫିସ୍ ପକ୍ଷରୁ ଚିଠି ଦ୍ୱାରା ତଥ୍ୟ ମିଳିଥିବା ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ କୁହାଯାଇଥିଲା। ତେବେ କମିଶନରେଟ୍ ପୋଲିସ ପକ୍ଷରୁ ଏହାକୁ ମିଛ ଚିଠି ବୋଲି ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ରିଜର୍ଭ ଇନ୍ସପେକ୍ଟର ଭଗବାନ ପାଣିଗ୍ରାହୀ ଶହୀଦନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଉକ୍ତ ଏତଲାକୁ ଆଧାର କରି ଆଇପିସି ଦଫା ୪୧୯, ୪୨୦, ୪୬୫, ୪୬୮, ୪୬୯, ୪୭୧, ୫୦୫, ୩୪ ସହ ୬୬ଡି ଆଇଟି ଆକ୍ଟରେ ଏକ ମାମଲା (ନଂ.୧୯୩/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ମାମଲାରେ ପୋଲିସ ୩ଜଣ ସୂଚନା ଅଧିକାର କର୍ମୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ସେମାନେ ହେଲେ ପ୍ରଦୀପ ପ୍ରଧାନ, ପ୍ରକାଶ ଚନ୍ଦ୍ର ଦାସ ଓ ଶ୍ରୀକାନ୍ତ ପାକଳ। ତେବେ ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ନେଇ ଶହୀଦନଗର ଥାନାଧିକାରୀ ଅଶୋକ ନାୟକ ସୂଚନା ଦେଇଛନ୍ତି।

ଗତ ମାର୍ଚ୍ଚ ୨୯ରେ ଓସା ପକ୍ଷରୁ ଏହି ତଥ୍ୟ ସମ୍ବଳିତ ଚିଠି ସମ୍ବନ୍ଧରେ ଖବରଦାତା ସମ୍ମିଳନୀ କରି ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା। ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରାଯାଇ ପାଣ୍ଡିଆନଙ୍କ ସୁରକ୍ଷାରେ ନିୟୋଜିତ ହୋଇଥିବା ପୋଲିସ କର୍ମୀଙ୍କୁ ପ୍ରତ୍ୟାହାର କରିବାକୁ ଓସା ଦାବି କରିଥିଲା। ଏହା ପରେ ଏହି ପ୍ରସଙ୍ଗରେ ଭାଜପା ପକ୍ଷରୁ ମଧ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଏନେଇ ଅଭିଯୋଗ କରାଯାଇଥିଲା। ତେବେ ଓସା ପକ୍ଷରୁ ଏହି ତଥ୍ୟ ଆର୍‌ଟିଆଇ ଆଇନ ବଳରେ ରିଜର୍ଭ ପୋଲିସ ଅଫିସରୁ ମିଳିଥିବା ନେଇ ଦାବି କରୁଥିବାବେଳେ କମିଶନରେଟ ପୋଲିସ ଏହାକୁ ମିଛ ଚିଠି କହି ଏତଲା ଦେବା ପରେ ଏବେ ଏହା ଏକ ଭିନ୍ନ ପ୍ରସଙ୍ଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବାରୁ ଆର୍‌ଟିଆଇ କର୍ମୀଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ କହିଛନ୍ତି, ଏହି ତଥ୍ୟ ସମ୍ବଳିତ ଚିଠି ଆମେ ତିଆରି କରିନାହୁଁ। ଏହି ଚିଠି ସରକାରୀ ଦସ୍ତାବିଜରୁ ଆମ ପାଖରୁ ଆସିଛି। ତେଣୁ ଏହି ଚିଠି କେଉଁଠି ପ୍ରସ୍ତୁତ ହୋଇଛି ତାହାର ଫୋରେନ୍‌ସିକ୍ ଯାଞ୍ଚ ହେଉ ବୋଲି ସେ ଦାବି କରିଛନ୍ତି।

# ଏସ୍‌ସିବିରେ ପ୍ରଥମ ଲିଭର ପ୍ରତିରୋପଣ ସଫଳ



ଏସ୍‌ସିବିରେ ଲିଭର ପ୍ରତିରୋପଣ କରିଥିବା ଡାକ୍ତରୀ ଦଳ।

## ନୂଆ ଜୀବନ ପାଇଲେ ତିଗିରିଆ ଅଞ୍ଚଳର ବ୍ୟକ୍ତି

**କଟକ,୩।୪(ଶିକ୍ଷା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲ ପ୍ରଥମ ଥର ପାଇଁ ବୁଧବାର ଲିଭର(ଯକୃତ) ପ୍ରତିରୋପଣ କରି ଇତିହାସ ରଚିଛି। କଟକ ଜିଲା ତିଗିରିଆ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଶରୀରରେ ଲିଭର ପ୍ରତିରୋପଣ କରାଯାଇଛି। ତାଙ୍କ ସ୍ତ୍ରୀ ଯକୃତ ଦାନ କରିଛନ୍ତି। ଏହି ପ୍ରତିରୋପଣରେ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟୋରୋଲୋଜି(ଏଆଇଜି)ର ୯ ଜଣିଆ ଡାକ୍ତରୀ ଟିମ୍ ସହ ଏସ୍‌ସିବି ମେଡିକାଲର ପ୍ରାୟ ୧୫ ଜଣ ଡାକ୍ତରୀ ଟିମ୍ ନିୟୋଜିତ ହୋଇଥିଲେ। ମେଡିକାଲର ଆଶୁ ଚିକିତ୍ସା କେନ୍ଦ୍ର ଚତୁର୍ଥ ମହଲାରେ ଥିବା ମଡ୍ୟୁଲାର ଓଟିରେ ଏହି ପ୍ରତିରୋପଣ କରାଯାଇଥିବା ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏସ୍‌ସିବିରେ ପ୍ରଥମ ଥର ସଫଳ ଭାବେ ଲିଭର ପ୍ରତିରୋପଣ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ଲିଭର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ତେଣୁ ସକାଳ ୮ଟାରେ ତାଙ୍କ ସ୍ତ୍ରୀଙ୍କୁ ଓଟିକୁ ନିଆଯାଇ ଶରୀରରୁ ଲିଭର କାଢ଼ିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରାୟ ୧୩ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇଥିଲା। ମହିଳାଙ୍କ ଶରୀରର ୩ ଭାଗରୁ ୨ ଭାଗ ଲିଭର କଢ଼ାଯାଇ ସ୍ୱାମୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ମହିଳାଙ୍କ ଲିଭର ୪/୫ ମାସ ମଧ୍ୟରେ ବୃଦ୍ଧି ପାଇବ ଏବଂ ସାଧାରଣ ମଣିଷଙ୍କ ଲିଭର ଭାବେ ଏହା କାମ କରିବ। ଅପରପକ୍ଷରେ ଲିଭର ପ୍ରତିରୋପଣ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀରରେ ଏହା ଠିକ୍ ଭାବେ କାର୍ଯ୍ୟ କରୁଛି। ବ୍ୟକ୍ତିଙ୍କ ଶରୀରରେ ଲିଭର ପ୍ରତିରୋପଣ ପରେ ଯେଉଁ ରକ୍ତନଳୀକୁ ଯୋଡ଼ା ଯାଇଛି, ସେଥିରେ ରକ୍ତ ଠିକ୍ ଭାବେ ପ୍ରବାହିତ ହେଉଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ଇଣ୍ଟ୍ରାଅପରେଟିଭ୍ ଅଲଟ୍ରାସାଉଣ୍ଡ କରାଯାଇଥିଲା ଏବଂ ପ୍ରବାହ ଠିକ୍ ରହିଥିଲା। କିଡ୍‌ନୀ ପ୍ରତିରୋପଣ ଅପେକ୍ଷା ଲିଭର ପ୍ରତିରୋପଣ ଜଟିଳ ରହିଥାଏ। ଏଥିରେ ଶରୀରର ହେପାଟିକ୍ ଭେନ୍, ହେପାଟିକ୍ ଆର୍ଟେରି, ପୋଟାଲ ଭେନ୍ ବାଇଲଡକ୍ଟକୁ ଯୋଡ଼ିବାକୁ ପଡ଼ିଥାଏ। ପ୍ରତିରୋପଣ ପରେ ଯେତେଦିନ ଆବଶ୍ୟକ ପଡ଼ିବ, ସେତେଦିନ ପର୍ଯ୍ୟନ୍ତ ଏଆଇଜି ଟିମ୍ ଏଠାରେ ଚିକିତ୍ସା ପାଇଁ ରହିବେ। କିଛିଦିନ ପର୍ଯ୍ୟନ୍ତ ଔଷଧ ଦିଆଯିବା ସହ ଅବ୍‌ଜରଭେସନରେ ଉଭୟଙ୍କୁ ରଖାଯିବ। ଉଭୟ ଦାତା ଓ ଗ୍ରହୀତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡା. ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ଏହି ଲିଭର ପ୍ରତିରୋପଣ ପାଇଁ ୨୫ରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ରାଜ୍ୟର ଏକ ନିର୍ଦ୍ଦିଷ୍ଟ ଘରୋଇ ହସ୍ପିଟାଲକୁ ବାଦ୍ ଦେଲେ କୋଲକାତା, ଚେନ୍ନାଇ, ବେଙ୍ଗାଲୁରୁ, ନୂଆଦିଲ୍ଲୀ, ଅହମ୍ମଦାବାଦ, ହାଇଦ୍ରାବାଦରେ ଏଭଳି ପ୍ରତିରୋପଣ କରାଯାଏ। ଓଡ଼ିଶାରେ ଏହି ୟୁନିଟ୍ ପ୍ରତିଷ୍ଠା କରିବାକୁ ୨୦୧୨ରେ ରାଜ୍ୟ ସରକାର ଯୋଜନା କରିଥିଲେ। ଏସ୍‌ସିବି ମେଡିକାଲରେ ଲିଭର ପ୍ରତିରୋପଣ ୟୁନିଟ୍ ଆରମ୍ଭ ପାଇଁ ୨୨କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ୧୨ କୋଟି ଯନ୍ତ୍ରପାତି କିଣିବା ଓ ୧୦ କୋଟି ଭିତ୍ତିଭୂମି ବିକାଶରେ ଖର୍ଚ୍ଚ ହୋଇଥିଲା। ଏଆଇଜି ଟିମ୍ ପୂର୍ବରୁ ବହୁ ଥର ଏସ୍‌ସିବି ଗସ୍ତରେ ଆସି ଏହାର ସ୍ଥିତି ଯାଞ୍ଚ କରିଥିଲା। ଗତ ଜାନୁଆରୀ ୫ ତାରିଖରେ ଟିମ୍ ଏସ୍‌ସିବି ଆସି ୭ ଜଣଙ୍କ ସ୍କ୍ରିନିଂ କରିଥିଲା। ସମସ୍ତ ରୋଗୀ ଲିଭର ପ୍ରତିରୋପଣ ପାଇଁ ଉପଯୋଗୀ ବୋଲି ଉକ୍ତ ଟିମ୍ ମେଡିକାଲକୁ ସୂଚିତ କରିଥିଲେ। ମଙ୍ଗଳବାର ଏଆଇଜି ଟିମ୍ ଏସ୍‌ସିବି ମେଡିକାଲ ଆସି ସ୍ଥିତି ଯାଞ୍ଚ କରିବା ସହିତ ଯକୃତ ଦାତା ଓ ଗ୍ରହୀତାଙ୍କ କ୍ରସ୍ ମ୍ୟାଚ୍ କରିଥିଲା।

# ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ଛାତ୍ର ଗୁରୁତର

## ମଧ୍ୟାହ୍ନଭୋଜନ ସମୟରେ ଅଘଟଣ

**ମୋରଡ଼ା,୩।୪(ସ୍ମାରକ ମାଜୀ)**



ବିଦ୍ୟାଳୟ ଛାତରୁ ଖସି ପଡ଼ିଥିବା ପ୍ଲାଷ୍ଟର।

ମଧ୍ୟାହ୍ନଭୋଜନ ଖାଉଥିବା ସମୟରେ ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ସାନମୁଣ୍ଢାବଣି ପଞ୍ଚାୟତ ସରାଶୋଲ ଗ୍ରାମ ଗାଲୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏଭଳି ଅଭାବନୀୟ ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୬ ଛାତ୍ରୀଛାତ୍ର ପଢୁଛନ୍ତି। ସକାଳ ୯ଟା ସମୟରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ବାରଣ୍ଡାରେ ମଧ୍ୟାହ୍ନଭୋଜନ ଖାଉଥିବା ସମୟରେ ହଠାତ୍ ଛାତରୁ ପ୍ଲାଷ୍ଟର ଖସି ପଡ଼ିଥିଲା। ଛାତ୍ରୀଛାତ୍ର ଭୟରେ ଦୌଡ଼ି ପଳାଇଥିଲେ ମଧ୍ୟ ତୃତୀୟ ଶ୍ରେଣୀରେ ପଢୁଥିବା ଗୋବିନ୍ଦ ହେମ୍ବ୍ରମଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସହକାରୀ ଶିକ୍ଷକ ରାଙ୍ଗା ମୁର୍ମୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ମୋରଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡିଛି।

ଏହି ଘଟଣାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ନୂତନ ଏକ ଗୃହ ନିର୍ମାଣ ନ ହେବା ପର୍ଯ୍ୟନ୍ତ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ାଯିବ ନାହିଁ ବୋଲି କହିଛନ୍ତି। ଉକ୍ତ ଘଟଣା ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ, ଶିକ୍ଷା ବିଭାଗ ଦାୟୀ ବୋଲି ସ୍ଥାନୀୟ ୱାର୍ଡ ସଭ୍ୟ ବିଶ୍ୱନାଥ ମୁର୍ମୁ, ଅଭିଭାବକ ସୀତା ହେମ୍ବ୍ରମ, କିସୁନ ହାଁସଦା, କଟି ହେମ୍ବ୍ରମ, ନାରାୟଣ ହେମ୍ବ୍ରମ କହିଛନ୍ତି। ତେବେ ପୂର୍ବରୁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅସୁରକ୍ଷିତ ବିଦ୍ୟାଳୟ ବାବଦରେ ଲିଖିତ ଭାବେ ଅବଗତ କରାଯାଇଥିବା ନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବେହେରା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ମୋରଡ଼ା ବ୍ଲକ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମଙ୍କୁ ପଚାରିବାରୁ ଉକ୍ତ ବିଦ୍ୟାଳୟ ଗୃହ ପରିତ୍ୟକ୍ତ ଅବସ୍ଥାରେ ଥିବା କଥା ସେ ସ୍ୱୀକାର କରିଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ନୂଆ ଶିକ୍ଷାବର୍ଷ ପାଇଁ ନାମଲେଖା ଚାଲିଛି

**ଭୁବନେଶ୍ୱର,୩।୪(ଅନୁରାଧା ମହାରଣା)**

ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରେ ୨୦୨୪-୨୫ ନୂତନ ଶିକ୍ଷାବର୍ଷ ପାଇଁ ପାଠପଢ଼ା ଆରମ୍ଭ ହୋଇଛି। ନୂତନ ଶିକ୍ଷାବର୍ଷକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳିଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସକାଳୁଆ ବିଦ୍ୟାଳୟ ଆରମ୍ଭ ହୋଇଛି। ଅନ୍ୟପଟେ ନୂଆ ଭାବେ ଉପଯୁକ୍ତ ବୟସ ପାଇଁ ଉପଯୁକ୍ତ ଶ୍ରେଣୀରେ ପିଲାଙ୍କ ନାମଲେଖା ମଧ୍ୟ ଜାରି ରହିଛି। ଛାତ୍ରୀଛାତ୍ର ଉତ୍ସାହର ସହିତ ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ଶିକ୍ଷା ବର୍ଷର ପ୍ରଥମ ଦିନରେ ସମସ୍ତ ଅଭିଭାବକଙ୍କୁ ନେଇ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବ ଶିକ୍ଷା ବର୍ଷ ୨୦୨୩-୨୪ରେ ହୋଇଥିବା ସମେଟିଭ୍ ଆସେସ୍‌ମେଣ୍ଟ-୨ରେ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନ ଏବଂ ଉପଲବ୍ଧିକୁ ଅଭିଭାବକଙ୍କ ସହିତ ଆଲୋଚନା କରାଯାଇଥିଲା। ନୂତନ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀଙ୍କୁ ନୂଆ ପାଠ୍ୟ ପୁସ୍ତକ ମଧ୍ୟ ପ୍ରଦାନ କରାଯାଉଛି।

**ଜଙ୍ଗଲ କାଟି ଖଣିଜ ପରିବହନ ଘଟଣା**

# ଅନୁମୋଦନ ନା ଅନୁକମ୍ପା

**ଯୋଡ଼ା,୩।୪(ମାନସ ମହାନ୍ତି)**



କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ତଥା ଚମ୍ପୁଆ ରେଞ୍ଜ ଅଧୀନରେ ଥିବା ଇଙ୍ଗାଣିଝରଣ ଖଣିରେ ବନାଞ୍ଚଳ ରାସ୍ତାରେ ଖଣିଜ ପରିବହନ ହେଉଛି। ଏ ନେଇ ଅଭିଯୋଗ ପରେ ବନ ବିଭାଗ ଉକ୍ତ ରାସ୍ତାକୁ ଖୋଳି ଦେଇଥିଲା। ମାତ୍ର କିଛି ଦିନ ପରେ ପୁଣି ଖାଲ ପୋତାଯାଇ ଖଣିଜ ପରିବହନ ହେଉଥିବା ଦେଖାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ୧୩ ନମ୍ବର ୱାର୍ଡ କାଉନ୍‌ସିଲର ଦୀପ୍ତିରଞ୍ଜନ ବେହେରା, ଖୁଣ୍ଟପାଣି ଅଞ୍ଚଳର ଟର୍ଚ୍ଚିଲ ମହାକୁଡ ତଥା ଗ୍ରାମବାସୀ ଲିଖିତ ଭାବେ ବନ ବିଭାଗକୁ ଅବଗତ କରିଥିବା ପ୍ରକାଶ କରିଛନ୍ତି। ଫରେଷ୍ଟ ରାଇଟ ଆକ୍ଟ (ଏଫ୍‌ଆରଏ)ଅନୁଯାୟୀ, ଗ୍ରାମସଭା କରା ନ ଯାଇ ଏହାକୁ ବିଧିବଦ୍ଧ ଭାବେ ଖଣିଜ ପରିବହନ ପାଇଁ କିପରି ଅନୁମତି ଦିଆ ଯାଇଛି, ଏହାର ତଦନ୍ତ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ସମ୍ପୃକ୍ତ ଖଣି କମ୍ପାନୀ ଜଙ୍ଗଲ ଜମିରୁ ଗଛ କାଟି ରାସ୍ତା ନିର୍ମାଣ କରିଥିବା ଅଭିଯୋଗ ହୋଇଥିଲା। ମାର୍ଚ୍ଚ ୧୫ ତାରିଖରେ ବନାଞ୍ଚଳରେ ଥିବା ରାସ୍ତାଟିକୁ ଯୋଡ଼ା ବନପାଳ ଖୋଳି ଦେଇ ପରିବହନ ବନ୍ଦ କରିଥିଲା। ତେବେ ପୁଣି କିଛି ଦିନ ବ୍ୟବଧାନରେ ଖାଲ ପୋତାଯାଇ ଉକ୍ତ ରାସ୍ତା ଦେଇ ଖଣିଜ ପରିବହନ ଆରମ୍ଭ ହୋଇଥିଲା। ହସ୍ତଗତ ହୋଇଥିବା କେନ୍ଦୁଝର ଡିଏଫ୍‌ଓଙ୍କ ଚିଠି (ସଂଖ୍ୟା ୨୪୦୫/୬ ଏଫ - ମାଇନିଂ -୫୩/୨୦୦୪/୧୯ ମାର୍ଚ୍ଚ ୨୦୨୪)ରେ ବି.ସି ଦେବ ଇଙ୍ଗାଣୀଝରଣ ଖଣିକୁ ବନାଞ୍ଚଳରେ ଥିବା ଗ୍ରାମ୍ୟ ରାସ୍ତାକୁ ବ୍ୟବହାର କରି ଖଣିଜ ପରିବହନ ପାଇଁ ଅନୁମୋଦନ ଦିଆଯାଇଛି। ଚିଠିରେ ଉଲ୍ଲେଖ ଅଛି ଯେ, ବୈତରଣୀ (କ) ଏବଂ (ଖ) ସଂରକ୍ଷିତ ଜଙ୍ଗଲ ମଧ୍ୟରେ ୧.୭ କି.ମି. ରାସ୍ତା ରହିଛି। ଏହି ରାସ୍ତାକୁ ବ୍ୟବହାର କରିବା ପାଇଁ ଅସ୍ଥାୟୀ ଭାବେ ଅନୁମତି ଦିଆଯାଇଛି। ଏପରିକି ଏହାଦ୍ୱାରା ବନାଞ୍ଚଳରେ ଥିବା ଜୈବ ବିବିଧତା ଏବଂ ବନ୍ୟପ୍ରାଣୀ ଯେପରି ପ୍ରଭାବିତ ନ ହୁଅନ୍ତି, ଏଥିପ୍ରତି ଧ୍ୟାନ ଦେବାକୁ ଉଲ୍ଲେଖ ରହିଛି। ତେବେ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ରାସ୍ତା ଖୋଳାଯାଇଥିଲା, ପୁଣି ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ଏହାକୁ ପୋତି ଖଣିଜ ପରିବହନ ପାଇଁ ଅନୁମତି କିପରି ଦିଆଗଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ଏହି ଖଣିରେ ଗଚ୍ଛିତ ଖଣିଜକୁ ବିକ୍ରି କରି, ବେଆଇନ ଖଣି ଖନନରେ ହୋଇଥିବା ଜରିମାନା ଅର୍ଥକୁ ପୈଠ କରିବା ପାଇଁ ୨୦୨୩ ଫେବୃଆରୀ ୨୭ରେ ସୁପ୍ରିମକୋର୍ଟ ୨,୭୭,୯୭୯ ମେଟ୍ରିକ ଟନ୍ ବିକ୍ରି କରିବା ପାଇଁ କମ୍ପାନୀକୁ ଅନୁମତି ଦେଇଛନ୍ତି। ତେବେ ଅତୀତରେ ଖଣି ଚାଲୁଥିବା ସମୟରେ ଖଣିଜ ପରିବହନ ମୁଖ୍ୟତଃ ଯୋଡା ୱାର୍ଡ ନଂ. ୭ ବାଚୁହିଟିଂ ସାଇ ମନ୍ଦିର ରାସ୍ତା ଦେଇ ପରିବହନ ହେଉଥିଲା। ଏବେ ବନାଞ୍ଚଳ ରାସ୍ତାରେ ବିପୁଳ ପରିମାଣର ଖଣିଜ ପରିବହନ ହେଲେ ଜୈବ ବିବିଧତା ଓ ବନ୍ୟପ୍ରାଣୀଙ୍କୁ ପ୍ରଭାବିତ କରିବ ବୋଲି ପରିବେଶବିତ୍ ମତ ପୋଷଣ କରିଛନ୍ତି। ବନାଞ୍ଚଳ ଦେଇ ଖଣିଜ ପରିବହନ ଅନୁମୋଦନକୁ ବନ ବିଭାଗର ଅନୁକମ୍ପା ବୋଲି ସାଧାରଣରେ ଆଲୋଚନା ହେଉଛି। ଏନେଇ କେନ୍ଦୁଝର ଡିଏଫ୍‌ଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରିନାହିଁ।

# ଆହୁରି ବଢ଼ିବ ତାତି

## ଅସ୍ତବ୍ୟସ୍ତ କରୁଛି ଖରା, ଗୁଳୁଗୁଳି

**ଭୁବନେଶ୍ୱର,୩।୪(ଅନୁରାଧା ମହାରଣା)**

ରାଜ୍ୟରେ ଗତ କିଛିଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ବୁଧବାର ରାଜ୍ୟର ୬ ସ୍ଥାନରେ ୪୧ ଡିଗ୍ରୀ ସେଲସିୟସ୍ କିମ୍ବା ତା'ଠାରୁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ୪ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ୪୧ ଡିଗ୍ରୀ ମଧ୍ୟରେ ରହିଥିଲା। ତେବେ ବୌଦ୍ଧରେ ତାପମାତ୍ରା ୪୨ଡିଗ୍ରୀ ସେଲସିୟସ୍ ନିକଟବର୍ତ୍ତୀ ହୋଇଥିବାବେଳେ ଲୋକେ ଦିନ ତମାମ ଖରା ଓ ଗୁଳୁଗୁଳିରେ ଅତିଷ୍ଠ ହୋଇପଡ଼ିଥିଲେ। ୪୧.୮ ଡିଗ୍ରୀ ସେଲସିୟସ୍ ତାପମାତ୍ରା ସହ ଏହି ଜିଲା ରାଜ୍ୟର ସବୁଠୁ ଉତ୍ତପ୍ତ ରହିଥିଲା। ଏହା ପଛକୁ ମାଲକାନଗିରିରେ ତାପମାତ୍ରା ୪୧.୬ ଡିଗ୍ରୀ, ଟିଟିଲାଗଡ଼ ଓ ବଲାଙ୍ଗୀର ୪୧.୫ ଡିଗ୍ରୀ, ଅନୁଗୋଳ ୪୧.୩, ଭବାନୀପାଟଣା ୪୧, ଝାରସୁଗୁଡ଼ା ୪୦.୮, ନୟାଗଡ଼ ୪୦.୬ ଏବଂ ତାଳଚେର ଓ ସମ୍ବଲପୁରରେ ୪୦.୪ ଡିଗ୍ରୀ ରହିଥିଲା। ଆସନ୍ତା ୬ ତାରିଖ ଯାଏ ଉଷ୍ମ ଆର୍ଦ୍ର ପାଣିପାଗ, ଗ୍ରୀଷ୍ମ ପ୍ରବାହ ତଥା ଉଷ୍ମ ରାତି ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆଗାମୀ ୨ଦିନ ମଧ୍ୟରେ ରାଜ୍ୟର କିଛି କିଛି ସ୍ଥାନରେ ୨ରୁ ୩ ଡିଗ୍ରୀ ଯାଏ ତାପମାତ୍ରା ବୃଦ୍ଧି ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଗୁରୁବାର କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନବରଙ୍ଗପୁର ଆଦି ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲେ ମଧ୍ୟ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ଜାରି ରହିବ। ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ମାଲକାନଗିରି ଏବଂ କେନ୍ଦୁଝର ଆଦି ଜିଲାରେ ରାତି ତାପମାତ୍ରା ବଢ଼ିବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୭ ତାରିଖରୁ ରାଜ୍ୟର କେତେକ ଜିଲାରେ ଝଡ଼ବର୍ଷା ଆଶଙ୍କା ରହିଥିବାରୁ ତାପମାତ୍ରା କମିପାରେ ବୋଲି ଆଶଙ୍କା କରାଯାଇଛି।






> ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ



# ଭାରତରେ ଜ୍ଞାନର କ୍ରମବିକାଶ



ଦେବଦତ୍ତ ପଟ୍ଟନାୟକ

କେଉଁସବୁ ବିଷୟରେ ପ୍ରବୀଣ ବୋଲି ନାରଦଙ୍କୁ ଋଷି ସନତ କୁମାର ପଚାରିଥିଲେ। ଋଷିଙ୍କର ସେହି ପ୍ରଶ୍ନର ଉତ୍ତରରେ ଯେଉଁ ବିଷୟ ସମ୍ପର୍କରେ ନାରଦ କହିଥିଲେ ତାହା ହିଁ ଭାରତର ପ୍ରଥମ ଶୈକ୍ଷିକ ପାଠ୍ୟକ୍ରମର ତାଲିକା। ଏହା ଛାନ୍ଦୋଗ୍ୟ ଉପନିଷଦ୍‌ରୁ ଜାଣିବାକୁ ମିଳେ। ସନତ କୁମାରଙ୍କ ଉତ୍ତରରେ ନାରଦ ଯେଉଁ ବିଷୟଗୁଡ଼ିକର ତାଲିକା ଦେଇଥିଲେ ସେଗୁଡ଼ିକ ହେଉଛି ୪ଟି ବେଦ, ପଞ୍ଚମ ବେଦ (ଇତିହାସ-ପୁରାଣ), ବେଦାଙ୍ଗ (ଭାଷାବିଜ୍ଞାନ, ବିପ୍ରତ୍ତିଶାସ୍ତ୍ର , ବ୍ୟାକରଣ, ଛନ୍ଦଶାସ୍ତ୍ର, ଜ୍ୟାମିତି, ସମୟ ଗଣନା, ସଂସ୍କାର ବା ପର୍ବ), ତର୍କ, ଭୂବିଜ୍ଞାନ (ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ), ଦେବ ଜ୍ଞାନ, ପିତୃପୁରୁଷ, ସର୍ପ, ତାରା (ଜ୍ୟୋତିଷ)। ସନତ କୁମାର ସୂଚାଇ ଦେଇଛନ୍ତି ଯେ, ନାରଦଙ୍କ ପ୍ରଦତ୍ତ ତାଲିକାରେ ଆତ୍ମ-ସଚେତନତା (ବ୍ରହ୍ମବିଦ୍ୟା) ଅନ୍ତର୍ଭୁକ୍ତ ହୋଇ ନାହିଁ। ତେଣୁ କେବଳ ବୁଝିବା ଭଳି ନାରଦଙ୍କ ଜ୍ଞାନ ବାହ୍ୟ ବା ଉପରଠଉରିଆ ସଦୃଶ। ଏଥିରେ ବୁଝାମଣା ଓ ଏକୀକରଣର ଅଭାବ ରହିଛି। ଏଭଳି ଜ୍ଞାନର ଉଦାହରଣ ହେଉଛନ୍ତି ରାବଣ। ରାମାୟଣ ତାଙ୍କୁ ଜଣେ ବୈଦିକ ବ୍ରାହ୍ମଣ ଭାବେ ଦର୍ଶାଇଛି। ଏହା ସହ ସେ ଔଷଧ ଏବଂ ଜ୍ୟୋତିଷ ଏବଂ ଇଞ୍ଜିନିୟରିଂ ସହ ଜଡ଼ିତ ଅନେକ ପୁସ୍ତକର ଲେଖକ ବୋଲି ରାମାୟଣରେ ବର୍ଣ୍ଣନା ରହିଛି। କିନ୍ତୁ ସେ ମଣିଷକୁ ସମ୍ମାନ ଦିଅନ୍ତି ନାହିଁ। ସେ ପ୍ରାଧାନ୍ୟ ବିସ୍ତାରକାରୀ ଏବଂ କ୍ଷେତ୍ରାଧିପତି ହେବାକୁ ଚେଷ୍ଟା କରନ୍ତି। ସେ ନିଜ ଭାଇକୁ ଘରୁ ବାହାର କରିଦେଇ ତାଙ୍କ ସମ୍ପତ୍ତି ଦାବି କରନ୍ତି। ତାଙ୍କ ପ୍ରତି ଅନ୍ୟ ଭାଇମାନେ ସମ୍ପୂର୍ଣ୍ଣ ବିଶ୍ୱସ୍ତ ରୁହନ୍ତୁ ଏବଂ ତାଙ୍କ କଥା ମାନନ୍ତୁ ବୋଲି ସେ ଦାବି କରନ୍ତି। ସେ ଜଣେ ମହିଳାଙ୍କ ସମ୍ମତିକୁ ସମ୍ମାନ କରନ୍ତି ନାହିଁ । ଅନ୍ୟର ଭାବାବେଗକୁ ସମ୍ମାନ ଜଣାଇବାର ଅଭାବ ଏକ ଅନୁଭବୀ ଓ ବିଚାର ବିହୀନ ଜ୍ଞାନକୁ ଦର୍ଶାଏ , ଯାହାକୁ ସନତ କୁମାର ସୂଚିତ କରୁଛନ୍ତି। ଏହି ବ୍ରହ୍ମା-ବିଦ୍ୟା ଆତ୍ମ ସଚେତନତା ହେଉଛି ଭାରତୀୟ ଜ୍ଞାନ ପ୍ରଣାଳୀର ମୂଳଦୁଆ ।

ଛାନ୍ଦୋଗ୍ୟ ଉପନିଷଦ ବୌଦ୍ଧଧର୍ମଠାରୁ ପୁରାତନ ବୋଲି କୁହାଯାଏ। ଏହା ୨,୭୦୦ ବର୍ଷ ପୁରୁଣା ବିଚାରଧାରାକୁ ପ୍ରକାଶ କରିଛି। ସେହି ସମୟରେ ଭାରତୀୟ ଜ୍ଞାନ ବ୍ୟବସ୍ଥା



ସଂଗଠିତ ହୋଇଥିଲା ବୋଲି ଆମେ ଦାବି କରିପାରିବା। ପରେ ନାରଦଙ୍କ ପ୍ରଦତ୍ତ ତାଲିକା ସମ୍ପ୍ରସାରିତ ହୋଇଥିଲା। ସେଥିରେ ସଙ୍ଗୀତ (ଗାନ୍ଧର୍ଭ), ଯୁଦ୍ଧ (ଧନୁର୍), ଆରୋଗ୍ୟ (ଆୟୁର୍) ଏବଂ ସ୍ଥପତ୍ୟ ଜ୍ଞାନ (ବେଦ) ଅନ୍ତର୍ଭୁକ୍ତ କରାଯାଇଥିଲା। ପ୍ରାୟ ୧,୫୦୦ ବର୍ଷ ପୂର୍ବେ ଅନ୍ୟ ଏକ ପ୍ରକାର ବିଚାର ବା ସିଦ୍ଧାନ୍ତ ସୃଷ୍ଟି ହୋଇଥିଲା । ସେଗୁଡ଼ିକୁ ଶାସ୍ତ୍ର (ସଂଗଠିତ ଜ୍ଞାନ) କୁହାଯାଉଥିଲା। ଏଥିରେ ଧର୍ମ (ସମାଜ), ଅର୍ଥ (ଅର୍ଥନୀତି) ଏବଂ କାମ (କଳା ଏବଂ ଆନନ୍ଦ) ବିଷୟରେ ଜ୍ଞାନ ଅନ୍ତର୍ଭୁକ୍ତ ହୋଇଥିଲା। ଦଶମ ଶତାବ୍ଦୀ ସୁଦ୍ଧା ଅଲୌକିକ ବିଜ୍ଞାନ (ତନ୍ତ୍ର)) ଏବଂ ରହସ୍ୟମୟ ଚିନ୍ତାଧାରାର ବର୍ଣ୍ଣନା (ସିଦ୍ଧଯୋଗ) ଉପରେ ଲେଖା ରହିଛି। ସେଗୁଡ଼ିକ କେବଳ ଶରୀର ଏବଂ ନିଃଶ୍ୱାସ ବିଷୟ ଉପରେ ଆଧାରିତ ନୁହେଁ, ବରଂ ବ୍ରହ୍ମାଣ୍ଡ ଶକ୍ତି ସହିତ ସଂଯୋଗ ଓ ତାହାର ନିୟନ୍ତ୍ରଣ ତଥା ପ୍ରକୃତି, ମହାକାଶ ଏବଂ ସମୟକୁ ନିୟନ୍ତ୍ରଣ କରିବା ବିଷୟ ସ୍ତରରେ ଉଲ୍ଲେଖ କରାଯାଇଥିଲା। ଏହା ଆଧ୍ୟାତ୍ମିକତା, ଯାଦୁ କିମ୍ବା ଅବିକଶିତ ବିଜ୍ଞାନ ଥିଲା କି? ଏ ଦୁଇଟିର କୌଣସି ପ୍ରମାଣ ନାହିଁ ବୋଲି ଆମେ ସବୁବେଳେ ଭାବୁ । କିନ୍ତୁ ଏହି ସମସ୍ତ ଜ୍ଞାନ ପ୍ରବନ୍ଧନ ଅତ୍ୟଧିକ ବ୍ରାହ୍ମଣୀୟ, ପୁରୋହିତମାନଙ୍କ ପାରମ୍ପରିକ ବିଦ୍ୟା ଥିଲା। ଏହା ସଂସ୍କୃତରେ ମୌଖିକ ଭାବରେ ପ୍ରସାରିତ ହୋଇଥିଲା ଏବଂ ପରେ ଲିଖିତ ଆକାରରେ ରଖାଯାଇଥିଲା। ଅଧିକାଂଶ ଭାରତୀୟ ଜ୍ଞାନ ଢାଞ୍ଚା ଉଲ୍ଲେଖ କରାଯାଇପାରି ନ ଥିଲା। ସେଥିପାଇଁ ସେଗୁଡ଼ିକ ଲୁପ୍ତ ହୋଇଯାଇଛି। ବୁଣାକାର, କୁମ୍ଭାର, ଧାତୁ କାରିଗର, କୃଷକ, ପଶୁପାଳକ, ବ୍ୟବସାୟୀ, କଂସେଇ ଆଦିର ବିଭିନ୍ନ ପ୍ରଯୁକ୍ତିବିଦ୍ୟା (ବିଦ୍ୟା)ର ସାମାନ୍ୟ ଲିଖିତ ପ୍ରମାଣ ରହିଛି। ଏହା ପାଇଁ ଆମେ ଜାତି ବ୍ୟବସ୍ଥାକୁ ଦାୟୀ କରିପାରିବା।

ଜାତି ବ୍ୟବସ୍ଥା ଯେତେବେଳେ ଜ୍ଞାନ ଢାଞ୍ଚାକୁ ଆସିଲା ସେତେବେଳେ ଏହାର ଏକ ଭଲ ଏବଂ ଖରାପ ଦିଗ ଥିଲା। ଜାତି ବ୍ୟବସ୍ଥାର ଭଲ ଦିଗଟି ହେଲା, ଏକ ସମ୍ପ୍ରଦାୟ ବା ଗୋଷ୍ଠୀ ଦ୍ୱାରା ଜ୍ଞାନକୁ ସୁରକ୍ଷିତ ରଖାଯାଇଥିଲା। କେବଳ ଏତିକି ନୁହେଁ ଏହି ଜ୍ଞାନକୁ ପିଢ଼ି ପରେ ପିଢ଼ି ବିସ୍ତାର କରାଯାଇଥିଲା ଏବଂ ସମୟକ୍ରମେ ତାହାକୁ ବିକଶିତ କରାଯାଇଥିଲା। ଜାତି ବ୍ୟବସ୍ଥାର ଖରାପ ଦିଗଟି ଥିଲା, ଏହାକୁ ପୃଥକ ଭାବରେ ରଖାଯାଇଥିଲା, ଯାହା ବାହାର ଲୋକଙ୍କ ପାଇଁ ଉପଲବ୍ଧ ନ ଥିଲା। ହେଲେ ଆଧୁନିକ ଜ୍ଞାନ ବ୍ୟବସ୍ଥାଗୁଡ଼ିକ ଖୋଲା ଉତ୍ସ ହେବା ପାଇଁ ଉଦ୍ଦିଷ୍ଟ ଏବଂ ଏହାକୁ ସମସ୍ତେ ଜାଣିପାରିବେ ଓ ଏହାର ଭାଗୀଦାରି ହୋଇପାରିବେ। କେବଳ ପାଣ୍ଟେଣ୍ଟ ଆଇନ ଲାଗୁ ହେଲେ ଏହା କରାଯାଇପାରିବ ନାହିଁ।

ଏବେ ଭାରତୀୟ ଶିକ୍ଷାବିତ୍‌ମାନେ ଆମ ପିଲାମାନଙ୍କୁ ଭାରତୀୟ ଜ୍ଞାନ ବ୍ୟବସ୍ଥା ବିଷୟରେ ମନେ ପକାଇଦେବା ଉଚିତ ଓ ଏଥିପାଇଁ ସେମାନଙ୍କୁ ଉତ୍ସାହିତ କରାଯାଉଛି। ଏହା କରାଗଲେ ପିଲାମାନେ ସମସ୍ତ ଜ୍ଞାନ ପାଶ୍ଚାତ୍ୟ ଦେଶରୁ ଆସିଛି ବୋଲି ଅନୁଭବ କରିବେ ନାହିଁ। ଗଣିତ, ଗଣନା ଏବଂ ବିଜ୍ଞାନ ପରି କ୍ଷେତ୍ରରେ ସେମାନଙ୍କ ପୂର୍ବଜଙ୍କ ଅବଦାନ ବିଷୟରେ ପିଲାମାନଙ୍କୁ ସଚେତନ ଏବଂ ଗର୍ବିତ କରାଯିବା ଆବଶ୍ୟକ। କିନ୍ତୁ ଆମେ ସଚେତନ ହେବା ଉଚିତ ଏବଂ ଏହା ମଧ୍ୟ ସ୍ୱୀକାର କରିବା ଦରକାର ଯେ, ସମସ୍ତ ଭାରତୀୟ ଜ୍ଞାନ କେବଳ ବ୍ରାହ୍ମଣମାନଙ୍କଠାରୁ ଆସିନାହିଁ। ବୌଦ୍ଧ, ଜୈନଙ୍କ ଅବଦାନ ଏବଂ ଭାରତର ଅନ୍ୟ ଜାତି ଏବଂ ସମ୍ପ୍ରଦାୟ ତଥା ଜନଜାତିର ଯୋଗଦାନ ଏଥିରେ ରହିଛି ବୋଲି ସ୍ୱୀକାର କରିବାକୁ ହେବ। କେବଳ ସଂସ୍କୃତ ନୁହେଁ, ଭାରତରେ ସମସ୍ତ ଭାଷାରେ ଜ୍ଞାନ ବିଦ୍ୟମାନ। ଜାତୀୟତାବାଦୀ ହେବା ପାଇଁ ଆମର ଉତ୍ସୁକତାରେ ଆମେ ଛଦ୍ମ-ଇତିହାସ ଏବଂ ଛଦ୍ମ-ବିଜ୍ଞାନର ପ୍ରଲୋଭନରେ ପଡ଼ିବା ଉଚିତ ନୁହେଁ, ଯାହା ଆମକୁ ଦୁନିଆର ଉପହାସର ପାତ୍ର କରିଦେବ। କରିଦେବ।

-devduttofficial@gmail.com

# ସହାସ୍ୟ ଜୀବନ



ଇଂ. ସଚ୍ଚିଦାନନ୍ଦ ନନ୍ଦ

ମଣିଷ ଖୁସି ରହିବା ତା' ଜନ୍ମର ଧର୍ମ। ଛୋଟପିଲା ହୋଇ ସମସ୍ତେ ଜନ୍ମଲାଭ କରିଥାନ୍ତି ଏବଂ ସେହି ଦିନଠାରୁ ଖୁସିରେ ତା'ର ଦିନ ଅତିବାହିତ କରେ। ସେଇ ପିଲା ବଡ଼ ହୋଇ ଆମ୍ଭମାନଙ୍କ ପରି ହୋଇଛି। ଆମର ମଧ୍ୟ ସ୍ୱଭାବ ହେଉଛି ଖୁସିରେ ରହିବା। ଦୁଃଖିତ ହେବା ପଛରେ କିଛି ଗୋଟିଏ ଅସ୍ୱାଭାବିକ ଘଟଣା ଥିବ ନିଶ୍ଚିତ। ସହାସ୍ୟ ବଦନ ଓ ସରସ ଜୀବନ ଏକ ମାନସିକତା। ଜଣେ ଇଚ୍ଛା କଲେ, ମନ କଲେ, ଯେ କୌଣସି ପରିସ୍ଥିତିରେ ଖୁସି ରହିପାରିବ। ପ୍ରତିକୂଳ ପରିସ୍ଥିତିରେ ତାହାର ସ୍ୱଭାବ ଛାଡ଼ିବ ନାହିଁ। ଦୁଃଖ କଲେ କ'ଣ ହୋଇଯିବ, କିଏ ଆଣି ଦେଇଯିବ, ଲୋକେ ସହାନୁଭୂତିମୂଳକ କଥା କହିବେ ସିନା ଦୁଃଖୀର ଦୁଃଖ କେତେ ପରିମାଣରେ ଲାଘବ ହେବ? ହେବ କେବଳ ନିଜ ମାନସିକତା ଦ୍ୱାରା। ରାଜସିକ ଭାବସମ୍ପନ୍ନ ବ୍ୟକ୍ତି ସବୁକିଛି ପାଇବା ଲାଗି ପାଇଁ ଦୌଡ଼ିବେ, ନିଦ ହଜାଇ ଦେବେ। ଯଦି ସଫଳ ନ ହୁଅନ୍ତି ତେବେ ମିତ୍ରଙ୍କୁ ଶତ୍ରୁ ଭାବିବେ। ଆମ ବିଫଳତାର କାରଣ ଯିଏ ବୋଲି ସେ ଭାବିବେ ତା' ଉପରେ ରକ୍ତଚାଉଳ ଚୋବାଇବେ। ପରିଣତି ଖରାପରୁ ଅଧିକ ଖରାପ ଆଡ଼କୁ ଯିବ। ଯଦି ବି ଭଲଦିନ ଅର୍ଥାତ୍ ଆମ କାମନା ବାସନା ଚରିତାର୍ଥ ହୋଇଯିବ ତାହା ଭୋଗ କରିବାକୁ ଆମ ମନ, ଇନ୍ଦ୍ରିୟ ଓ ଦେହର ଅବସ୍ଥା ଆଉ ଉପଯୁକ୍ତ ହୋଇ ରହି ନ ଥିବ। ଭୋଗ୍ୟବସ୍ତୁ ଆଉ ସେତେ ଭୋଗ୍ୟ ଜଣାପଡ଼ିବ ନାହିଁ। ଯାହା ମିଳିବ ହରାଇବା ତୁଳନାରେ କାହିଁ କେତେ ପରିମାଣରେ କେତେ ବାଟରେ ଚାଲିଯାଇଥିବ।

ଖୁସି ରହିବାର ମାନସିକତାକୁ ସମର୍ଥନ ଦିଏ ଆଧ୍ୟାତ୍ମିକତା। ମଣିଷ ଭଗବାନଙ୍କୁ ପାଇବାକୁ ସାଧନା କରି ନ ପାରେ, କିନ୍ତୁ ସୁଖଶାନ୍ତି ପାଇବାକୁ ନ ଚାହିଁବା କେଉଁଠାରେ କେବେ ହେଲେ ଦେଖା ଯାଇନାହିଁ। ସେହି ସୁଖ ଶାନ୍ତି ପାଇବାର କେତେକ ସୂତ୍ର ଅଛି। ତାହାକୁ ପାଇବା ଓ ପାଳିବାକୁ ପଡ଼ିବ। ଭାରତ ଭୂମି ଏ ବାବଦରେ ବହୁ ଯୁଗ ଧରି ଏଭଳି ସୁନାମ ଅର୍ଜନ କରିଛି ଯେ ଅନ୍ୟ ସମସ୍ତ ଦେଶ ତାକୁ ଗୁରୁ ଆଖ୍ୟା ଦେଇଛନ୍ତି। ଏକବିଂଶ ଶତାବ୍ଦୀରେ ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ ଦେଶମାନେ, ଧନ ଧାନ୍ୟରେ ବାଟ ଚାଲୁଥିବା ଦେଶମାନେ ମଧ୍ୟ ଆମ ଦେଶକୁ ଦୌଡ଼ୁଛନ୍ତି। ବହୁ ଅର୍ଥ ବ୍ୟୟ କରି, ବହୁ କଷ୍ଟ ସ୍ୱୀକାର କରି, ନିଜ ଦେଶରେ ବହୁ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି, ବହୁ ସମ୍ପତ୍ତି ଅନ୍ୟକୁ ହସ୍ତାନ୍ତର କରି ଭାରତକୁ ଆସି କ'ଣ ପାଇବେ, କ'ଣ ଏଠାରେ ଶିଖିବେ? ଯାହା ଶିଖିବେ ତା'ର ଉପଯୋଗ କଲେ ଟିକିଏ ହସି ପାରିବେ ମାତ୍ର। ଏଇ ଟିକିଏ ହସ ତାଙ୍କ ପାଇଁ କେତେ ମୂଲ୍ୟବାନ। କେବଳ ତାଙ୍କ ପାଇଁ ନୁହେଁ ଏହା ସମସ୍ତଙ୍କ ପାଇଁ ମୂଲ୍ୟବାନ। ଭାରତୀୟମାନଙ୍କ ରକ୍ତରେ ଆଧ୍ୟାତ୍ମିକତା ପ୍ରବାହିତ, ଭାରତୀୟମାନେ ପାନ କରୁଥିବା ଜଳରେ ଆଧ୍ୟାତ୍ମିକତା, ତାଙ୍କ ଶ୍ୱାସ ପ୍ରଶ୍ୱାସର ବାୟୁରେ ଆଧ୍ୟାତ୍ମିକତା, ତାଙ୍କ ଭାତ ପଖାଳରେ ଆଧ୍ୟାତ୍ମିକତା, ମାଟିରେ ଆଧ୍ୟାତ୍ମିକତା, ସେମାନେ ଗାଉଥିବା ଗୀତରେ ଆଧ୍ୟାତ୍ମିକତା ରହିଛି। ସେମାନଙ୍କ ବାସଗୃହ ଭଗବାନଙ୍କ ନିଳୟ। ସେଥିପାଇଁ ହସିବା ତାଙ୍କ ପାଇଁ ସହଜାତ ଓ ସହଜ। ଆଧ୍ୟାତ୍ମିକତାର ଯଦି କିଛି ମୂଲ୍ୟ ଥାଏ ହସର ମୂଲ୍ୟ ମଧ୍ୟ ସେତିକି। କାରଣ ଆଧ୍ୟାତ୍ମିକ ସାଧନା ସେତିକି ଗଭୀରତର ହେଲେ ଯାଇ ଜଣେ ମଧୁର ହସ ହସିପାରିବ। କୃତ୍ରିମ ହସ, ଅଭିନୟ ହସ, ଅଭିସନ୍ଧିମୂଳକ ହସ କ'ଣ ଆଧ୍ୟାତ୍ମିକ ହସ ସହ ତୁଳନା ହୋଇପାରିବ? କେବେହେଲେ ନୁହେଁ।

ଆଉ ଏକ ମାର୍ଗ ଅଛି ଅତି ସହଜ, ସାଧନା ସାପେକ୍ଷ ନୁହେଁ । ତାହାପାଇଁ କିଛି ତ୍ୟାଗ କରିବାକୁ ପଡ଼ିବ ନାହିଁ, କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, କୌଣସି ଡିଗ୍ରୀ ହାସଲ କରିବାକୁ ପଡ଼ିବ ନାହିଁ, ଉଚ୍ଚ କୂଳରେ ଜନ୍ମ ହେବାକୁ ପଡ଼ିବ ନାହିଁ, ଦୀକ୍ଷା ନେବାକୁ ପଡ଼ିବ ନାହିଁ, ବ୍ରତ ପିନ୍ଧିବାକୁ ପଡ଼ିବ ନାହିଁ, ତାହା ହେଉଛି ନିରୋଳା ଭଲ ପାଇବା। ନିଃସ୍ୱାର୍ଥ, ନିରଭିମାନ, ନିରହଂକାର ପ୍ରେମଭାବ। ନିଜ ପ୍ରେମଭାବ ଅତୁଟ ରଖିବାକୁ ହେବ। ଆମେ ତ କାହା ଦେହକୁ ପ୍ରେମ କରୁନେ, କାହା ଧନକୁ ପ୍ରେମ କରୁନେ, କାହା ସୌନ୍ଦର୍ଯ୍ୟକୁ ପ୍ରେମ କରୁନେ, ଜଣଙ୍କର ଦେହ, ମନ, ବୁଦ୍ଧି, ବିଚକ୍ଷଣତା, ପାରଦର୍ଶିତା ପ୍ରଭୃତି ଯାହାଦ୍ୱାରା ଚଳତଶକ୍ତି ପ୍ରାପ୍ତ ହୋଇଛି ସେହି ଅଦୃଶ୍ୟ ଆତ୍ମାକୁ ପ୍ରେମ କରୁଛୁ। ସେହି ଆତ୍ମା ହିଁ ପ୍ରେମ। ଈଶ୍ୱରଙ୍କ କୌଣସି ଉପହାରକୁ ନିନ୍ଦା କରି କେହି କେବେ ତାଙ୍କ ପ୍ରିୟ ହେଲାଣି? ତାଙ୍କ ପ୍ରିୟ ହେବା ନ ହେବା ସବୁ କିଛି ମଣିଷ ହାତରେ ହିଁ ଅଛି। ତେଣୁ ଗୀତା କହେ 'ସନ୍ତୁଷ୍ଟ ସତତଂ ଯୋଗୀ' ସର୍ବଦା ସନ୍ତୁଷ୍ଟ ହୋଇ ରହିବାକୁ ପଡ଼ିବ, ତେବେ ଯାଇ ଜଣେ ସର୍ବଦା ହସିପାରିବ।

ଅଲିଶା ବଜାର, କଟକ
ମୋ: ୯୩୩୭୨୪୨୯୫୫

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନ ପ୍ରଭାବ ଓ କୃଷି କ୍ଷେତ୍ରରେ କୀଟନାଶକର ବହୁଳ ବ୍ୟବହାର ଯୋଗୁ ପ୍ରଜାପତି ବଂଶ ଲୋପପାଇବାରେ ଲାଗିଛି। ବିଭିନ୍ନ ପାର୍କ କିମ୍ବା ବଗିଚାରେ ଏମାନଙ୍କୁ କ୍ୱଚିତ ଦେଖିବାକୁ ମିଳୁଛି। ପ୍ରଜାପତିଙ୍କ ସୁରକ୍ଷା ପାଇଁ ସେଭଳି କିଛି ବ୍ୟବସ୍ଥା ଦେଖିବାକୁ ମିଳୁ ନ ଥିବାବେଳେ ବ୍ୟକ୍ତିଗତ ସ୍ତରରେ ପ୍ରିୟଙ୍କା ସିଂଙ୍କ ପ୍ରୟାସ ଉଲ୍ଲେଖନୀୟ। ପ୍ରିୟଙ୍କାଙ୍କ ଜନ୍ମ ବାରାଣସୀରେ। ରହୁଛନ୍ତି ମୁମ୍ବାଇର ଏକ ଆପାର୍ଟମେଣ୍ଟର ୧୩ ମହଲାରେ । ସେ ତାଙ୍କ ଘର ବାଲକୋନିରେ ବଗିଚାଟିଏ କରିଛନ୍ତି। ଏହାକୁ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ କରାଯାଇଛି। ବାଲକୋନିରେ ବହୁ କିସମର ଗଛ ଲଗାଇ ତାହାକୁ ଏଭଳି ଆକର୍ଷଣୀୟ କରିଛନ୍ତି ଯେ ତାହା ଏବେ ୫,୦୦୦ରୁ ଅଧିକ ପ୍ରଜାପତିଙ୍କ ସ୍ୱର୍ଗ ପାଲଟିଯାଇଛି। କମନ ଜୟ, କମନ କ୍ରୋ ଓ କମନ ଟାଇଗର ଆଦି ବିରଳ ପ୍ରଜାତିର ପ୍ରଜାପତି ଏହି ବଗିଚାରେ ରହିଛନ୍ତି। ଘରକୁ ଏତେସଂଖ୍ୟକ ପ୍ରଜାପତିଙ୍କୁ ଆକର୍ଷିତ କରିପାରିଥିବାରୁ ପ୍ରିୟଙ୍କାଙ୍କୁ 'ବଟରଫ୍ଲାଏ ମମି' ବୋଲି ଲୋକେ ସମ୍ବୋଧନ କରୁଛନ୍ତି। ସେ ୧୦ ବର୍ଷ ହେଲା ପ୍ରଜାପତିଙ୍କୁ ଆକର୍ଷିତ କରି ସେମାନଙ୍କ ସଂଖ୍ୟା ବଢ଼ାଇବାରେ ଲାଗିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ଏପ୍ରିଲ ୧୯୭୫

- ଭାରତୀୟ ଶିଳ୍ପ ଋଣ ଓ ପାଣ୍ଠି ବିନିଯୋଗ କର୍ପୋରେସନ (ଆଇସିଆଇସି)କୁ ବିଶ୍ୱବ୍ୟାଙ୍କର ୧୦ କୋଟି ଡଲାର ଋଣ ମଞ୍ଜୁର।
- ନାଗାଲାଣ୍ଡର ରାଜଧାନୀ କୋହିମାଠାରେ ଏକ ବୁଲ୍‌ଡୋଜର ମାଟି ତାଡୁଥିବା ସମୟରେ ଦ୍ୱିତୀୟ ମହାଯୁଦ୍ଧ ସମୟର ଗୋଟିଏ ବୋମା ଉଦ୍ଧାର।
- ସୁପ୍ରିମ୍‌କୋର୍ଟର ବିଚାରପତି ରୂପେ ମାନ୍ୟବର ବିଚାରପତି ଏସ୍. ମୁରତାଜା ଫାଜଲ ଅଲ୍ଲୀଙ୍କ ଶପଥ ଗ୍ରହଣ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | 4 | | 3 | | 2 |
| | | 9 | 3 | | | | 8 | 6 |
| | | | | 8 | | | 5 | |
| | 3 | | | 6 | | | 1 | |
| | 6 | 8 | | | | 4 | | 9 |
| 5 | | | | 7 | | | | |
| | | 1 | | | 5 | | 2 | |
| | | | | | | | | 3 |
| 9 | | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 5 | 2 | 3 | 8 | 4 | 6 | 9 |
| 9 | 2 | 4 | 6 | 7 | 1 | 5 | 8 | 3 |
| 6 | 8 | 3 | 9 | 4 | 5 | 2 | 7 | 1 |
| 4 | 5 | 9 | 7 | 8 | 3 | 1 | 2 | 6 |
| 3 | 1 | 8 | 5 | 6 | 2 | 9 | 4 | 7 |
| 2 | 6 | 7 | 1 | 9 | 4 | 3 | 5 | 8 |
| 7 | 4 | 6 | 3 | 2 | 9 | 8 | 1 | 5 |
| 5 | 3 | 2 | 8 | 1 | 6 | 7 | 9 | 4 |
| 8 | 9 | 1 | 4 | 5 | 7 | 6 | 3 | 2 |

ଗତକାଲିର ଉତ୍ତର

# ଚାନ୍ଦା ପାଇଁ ଚାଲାକି



ବିଚିତ୍ର ବିଶ୍ୱାଳ

ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିର୍ବାଚନୀ ବଣ୍ଡ୍ ମାଧ୍ୟମରେ ରାଜନୈତିକ ଦଳଗୁଡ଼ିକୁ ମିଳିଥିବା ଚାନ୍ଦାର ପରିମାଣ ଓ ଦାତାଙ୍କ ନାମ ଘୋଷଣା କରିବା ପରେ କଳାଟଙ୍କା ରୋକିବା ନାଁରେ କେନ୍ଦ୍ର ସରକାର ଯେ ପ୍ରକୃତରେ ରାଜନୈତିକ ଦଳଗୁଡ଼ିକ ପାଇଁ ଅନୈତିକ ପାଣ୍ଠି ଯୋଗାଡ଼ର ବ୍ୟବସ୍ଥା କରୁଥିଲେ ତାହା ସ୍ପଷ୍ଟ ହୋଇଯାଇଛି। ସଂପ୍ରତି କେନ୍ଦ୍ରର ଭାଜପାର ସରକାର ଏହି ଯୋଜନାର ସର୍ବାଧିକ ଲାଭ ନେବାରେ ଦଳ ସଫଳ ହୋଇଛି । ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିର୍ବାଚନ କମିଶନଙ୍କୁ ପ୍ରଦାନ କରିଥିବା ତଥ୍ୟ ଅନୁସାରେ, ୨୦୧୯ ଏପ୍ରିଲରୁ ୨୦୨୪ ଜାନୁଆରୀ ମଧ୍ୟରେ ରାଜନୈତିକ ଦଳଗୁଡ଼ିକୁ ନିର୍ବାଚନୀ ବଣ୍ଡ୍ ମାଧ୍ୟମରେ ମିଳିଥିବା ୧୬,୫୧୮ କୋଟି ଚାନ୍ଦା ମଧ୍ୟରୁ କେବଳ ଭାଜପାକୁ ୬୦୬୦.୫ କୋଟି ଟଙ୍କା ମିଳିଛି। ଯଦି ୨୦୧୮ ମାର୍ଚ୍ଚରୁ ହିସାବ କରାଯାଏ ତେବେ ଭାଜପାକୁ ୮୨୫୧.୮ କୋଟି ଟଙ୍କା ମିଳିଛି, ଯାହା ଦେଶର ଅନ୍ୟ ସମସ୍ତ ରାଜନୈତିକ ଦଳକୁ ମିଳିଥିବା ଚାନ୍ଦାର ପରିମାଣ ମିଶିଲେ ତା'ସହିତ ପ୍ରାୟତଃ ସମାନ। ତେଣୁ ଏଥିରୁ ସ୍ପଷ୍ଟ ଯେ ନିଜ ଦଳର ପାଣ୍ଠି ବୃଦ୍ଧି କରିବା ପାଇଁ ଭାଜପା ଏପରି ଏକ ସମ୍ବିଧାନବିରୋଧୀ ଯୋଜନା ପ୍ରଣୟନ କରିଥିଲା। ଯଦି ସର୍ବୋଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରି ନ ଥାନ୍ତେ ତେବେ ଦେଶର ଜନତାଙ୍କ ତଥ୍ୟ ଜାଣିବାର ଅଧିକାର ବ୍ୟାହତ ହେବା ସହିତ କେନ୍ଦ୍ର ସରକାରଙ୍କର ଗୋପନ ଉଦ୍ଦେଶ୍ୟ ଲୋକଲୋଚନକୁ ଆସି ନ ଥାନ୍ତା। ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ବାରମ୍ବାର କହିଛନ୍ତି, ରାଜନୈତିକ ଦଳଗୁଡ଼ିକୁ କେଉଁ ଉତ୍ସରୁ କେତେ ଟଙ୍କା ମିଳିଲା ତାହା ଜାଣିବା ଜନସାଧାରଣଙ୍କ ଅଧିକାର ନୁହେଁ। ସର୍ବୋଚ୍ଚ ନ୍ୟାୟାଳୟ ଏହି ଯୁକ୍ତିକୁ ଭର୍ତ୍ସନା କରିବା ସହିତ ସ୍ପଷ୍ଟ କହିଛନ୍ତି, ଏକ ଗଣତାନ୍ତ୍ରିକ ଦେଶରେ ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଚାନ୍ଦାର ଉତ୍ସ ଜାଣିବା ଲୋକମାନଙ୍କର ସାମ୍ବିଧାନିକ ଅଧିକାର।

କେନ୍ଦ୍ର ସରକାର ଉଦ୍ଦେଶ୍ୟମୂଳକଭାବେ ଇଡି, ଆୟକର ବିଭାଗ ଓ ସିବିଆଇକୁ ବ୍ୟବହାର କରୁଛନ୍ତି ବୋଲି ହେଉଥିବା ଅଭିଯୋଗ ନିର୍ବାଚନୀ ବଣ୍ଡ୍‌ର ତଥ୍ୟ ଆସିବା ପରେ ଅଧିକ ସ୍ପଷ୍ଟ ହୋଇଯାଇଛି। ଦେଖାଯାଇଛି , ଇଡି ଓ ଆୟକର ବିଭାଗଙ୍କ ଚଢ଼ାଉ ପରେ ଅନେକ କମ୍ପାନୀ ସରକାରକୁ ତୋଷ କରିବା ପାଇଁ ନିର୍ବାଚନୀ ବଣ୍ଡ୍ କିଣିଛନ୍ତି। ୨୦୨୨ ଏପ୍ରିଲ୍‌ରେ ଫ୍ୟୁଚର ଗେମିଙ୍ଗ୍ କମ୍ପାନୀ ଉପରେ ଇଡି ଚଢ଼ାଉର ପାଞ୍ଚଦିନ ପରେ ସେହି କମ୍ପାନୀ ୧୦୦ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ୍ କିଣିଛି। ସେହିପରି ଡକ୍ଟର ରେଡ୍ଡୀ କମ୍ପାନୀ ଉପରେ ୨୦୨୩ ନଭେମ୍ବର ୧୩ରେ ଆୟକର ବିଭାଗ ତରଫରୁ ଚଢ଼ାଉ କରାଗଲା। ନଭେମ୍ବର ୧୭ରେ ଏହି କମ୍ପାନୀ ୨୧ କୋଟି ଟଙ୍କାର ବଣ୍ଡ୍ କିଣିଛି। ରତିକ୍ କମ୍ପାନୀ ଉପରେ ଚଢ଼ାଉ କରାଯିବା ପରେ ତା'ର ମାଲିକ ଭାଜପା ଦଳରେ ମିଶିଲେ ଓ ୪୫ କୋଟି ଟଙ୍କାର ବଣ୍ଡ୍ କିଣିଲେ। ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ କରିଥିବା ଅଭିଯୋଗ ଅନୁସାରେ ଇଡି, ସିବିଆଇ ଓ ଆୟକର ବିଭାଗ ଦ୍ୱାରା ୫୬ଟି ଚଢ଼ାଉର ସମ୍ମୁଖୀନ ହୋଇଥିବା ୪୧ଟି କମ୍ପାନୀ କେବଳ ଭାଜପାକୁ ନିର୍ବାଚନୀ ବଣ୍ଡ୍ ମାଧ୍ୟମରେ ୨୫୯୨ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ଏଥିମଧ୍ୟରୁ ୧୮୫୩ କୋଟି ଟଙ୍କା କେବଳ ଚଢ଼ାଉ ପରେ ହିଁ ମିଳିଛି। କେଭେଣ୍ଟର ନାମକ ଏକ କମ୍ପାନୀର ମୋଟ୍ ଲାଭ ୧୦ କୋଟି ଟଙ୍କାରୁ କମ୍ ହୋଇଥିବା ବେଳେ ଏହା ଭିନ୍ନ ଭିନ୍ନ ନାମରେ ୬୧୭ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ୍ କିଣି ରାଜନୈତିକ ଦଳଗୁଡ଼ିକୁ ଦେଇଛି। ଏହିଭଳି କମ୍ପାନୀମାନଙ୍କ ଉପରେ ଚଢ଼ାଉ କରିବା ପାଇଁ ଇଡି, ସିବିଆଇ ଏବଂ ଆୟକର ବିଭାଗ ସାହସ କରିବେ କି? କଳାଧନକୁ ରୋକିବା ପରିବର୍ତ୍ତେ ନିର୍ବାଚନୀ ବଣ୍ଡ୍ କଳାଧନକୁ ଅଧିକ ବଢ଼େଇଛି ଓ କମ୍ପାନୀଗୁଡ଼ିକ ଏହାକୁ ଲାଞ୍ଚ ଭାବେ ବ୍ୟବହାର କରି ସରକାରଙ୍କଠାରୁ ଅହେତୁକ ସାହାଯ୍ୟ ପାଇ ନିଜ ବ୍ୟବସାୟର ସାମ୍ରାଜ୍ୟ ବୃଦ୍ଧି କରିଛନ୍ତି। ଭାଜପାକୁ




ନିର୍ବାଚନୀ ବଣ୍ଡ୍ ମାଧ୍ୟମରେ ଶହ ଶହ କୋଟି ଟଙ୍କା ଚାନ୍ଦା ଦେଇଥିବା ୩୮ଟି କମ୍ପାନୀଙ୍କୁ ସରକାରଙ୍କ ତରଫରୁ ୧୭୯ଟି ପ୍ରକଳ୍ପ ମାଧ୍ୟମରେ ୩.୮ ଲକ୍ଷ କୋଟି ଟଙ୍କାର ଠିକା ଦିଆଯାଇଛି। ନିର୍ବାଚନୀ ବଣ୍ଡ୍ ହେଉଛି ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଚାନ୍ଦାର ଏକ କ୍ଷୁଦ୍ର ଅଂଶ। ଆହୁରି ହଜାର ହଜାର କୋଟି ଟଙ୍କା ରାଜନୈତିକ ଦଳଗୁଡ଼ିକ ବିଭିନ୍ନ ବାଟରେ ପାଉଛନ୍ତି, ଯାହା ଲୋକମାନେ ଜାଣିପାରୁନାହାନ୍ତି। ଇଡି, ସିବିଆଇ ଓ ଆୟକର ବିଭାଗ ଯେଉଁ ଆଧାରରେ ଭିନ୍ନ ଭିନ୍ନ କମ୍ପାନୀ ଓ ବ୍ୟକ୍ତିବିଶେଷଙ୍କ ଉପରେ ଦୁର୍ନୀତିର ଅଭିଯୋଗ ଆଣି ଚଢ଼ାଉ କରୁଛି, ସେହି ଆଧାରରେ ଭିନ୍ନ ଭିନ୍ନ ରାଜ୍ୟରେ ଓ କେନ୍ଦ୍ରରେ କ୍ଷମତାସୀନ ରାଜନୈତିକ ଦଳଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରିବା ଉଚିତ ନୁହେଁ କି?

ନାଟକୀୟ ଭାବେ ନିର୍ବାଚନୀ ବଣ୍ଡ୍ ମାଧ୍ୟମରେ ରାଜନୈତିକ ଦଳଗୁଡ଼ିକୁ ମିଳିଥିବା ଚାନ୍ଦାର ତାଲିକାରେ ଓଡ଼ିଶାର ବିଜୁ ଜନତା ଦଳ (ବିଜେଡି) ଚତୁର୍ଥ ସ୍ଥାନରେ ରହିଛି। ୨୦୧୮-୧୯ରୁ ୨୦୨୩-୩୪ ମଧ୍ୟରେ ଓଡ଼ିଶାର ବିଜୁ ଜନତା ଦଳକୁ ନିର୍ବାଚନୀ ବଣ୍ଡ ମାଧ୍ୟମରେ ୯୯୪.୫ କୋଟି ଟଙ୍କା ଚାନ୍ଦା ମିଳିଛି। କେତେକ ମାଇନିଙ୍ଗ୍ କମ୍ପାନୀ ରାଜ୍ୟର କ୍ଷମତାସୀନ ଦଳକୁ ମୋଟା ପରିମାଣର ଚାନ୍ଦା ଦେଇଛନ୍ତି। ସେମାନେ ଖଣି ଖୋଲୁଥିବା ଅଞ୍ଚଳରେ ପରିବେଶ ଓ ବିସ୍ଥାପନ ଆଦିର ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ରାଜ୍ୟ ସରକାର ସେମାନଙ୍କୁ ବାଧ୍ୟ କରିପାରିବେ କି? ବିକାଶ ନାମରେ ଜନବିରୋଧୀ ଖଣି ଓ ପ୍ରକଳ୍ପ ସ୍ଥାପନା କରିବା ପଛରେ ଏପରି ମୋଟା ରକମର ଚାନ୍ଦାର ଖେଳ ଅଛି ବୋଲି ବୁଝିବାରେ ଆଉ ବାକି ନାହିଁ। ଖଣି ମାଲିକ, କମ୍ପାନୀମାନେ ଭିନ୍ନ ଭିନ୍ନ ରାଜ୍ୟରେ ଓ କେନ୍ଦ୍ରରେ କ୍ଷମତାସୀନ ଦଳଗୁଡ଼ିକ ମୋଟା ପରିମାଣର ଚାନ୍ଦା ଦେଇ ଲୋକଙ୍କୁ ମାରିବାର ସିଧା ଲାଇସେନ୍ସ ପାଇଯାଉଛନ୍ତି। ସେହି କାମରେ ସରକାର ସେମାନଙ୍କୁ କଳବଳ ଲଗେଇ ସାହାଯ୍ୟ କରୁଥିବାର ଗୁମର ପଛରେ କେବଳ ଟଙ୍କାର ଖେଳ ଅଛି।

ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ମୋଟା ଅଙ୍କର ଚାନ୍ଦା କୌଣସି ଜନମଙ୍ଗଳକାରୀ କାମରେ ନ ଲାଗି କେବଳ ଭୋଟରମାନଙ୍କୁ ପ୍ରଭାବିତ କରିବା ତଥା ଭୋଟ୍ କିଣିବା କାମରେ ବ୍ୟବହାର ହେଉଛି। ଗତ ପାଞ୍ଚବର୍ଷ ମଧ୍ୟରେ ଓଡ଼ିଶାରେ ବିଜେଡିକୁ ମିଳିଥିବା ଚାନ୍ଦାର ପରିମାଣକୁ ହିସାବ କଲେ ପ୍ରତ୍ୟେକ ଲୋକ ସଭା ନିର୍ବାଚନମଣ୍ଡଳୀ ପିଛା ୪୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପଡୁଛି। ଏତିକି ପରିମାଣର ଟଙ୍କାରେ ଗୋଟିଏ ନିର୍ବାଚନମଣ୍ଡଳୀର ବିକାଶ କରିବାକୁ କୌଣସି ଅଭାବ ରହିବ ନାହିଁ। ଏହିସବୁ ଟଙ୍କା ଯଦି ରାଜନୈତିକ ଦଳକୁ ନ ଯାଇ ସରକାରଙ୍କ ରାଜସ୍ୱକୁ ଆସିବ ତେବେ ଗରିବୀ ବେକାରି ପରି ସମସ୍ୟା ଦୂର ପାଇଁ ପାଣ୍ଠିର ଅଭାବ ରହନ୍ତା ନାହିଁ।

ଦେଶରେ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ସମସ୍ତ ଦୁର୍ନୀତିକୁ ନିର୍ବାଚନୀ ବଣ୍ଡ୍ ପଛରେ ପକେଇଦେଇଛି। ଏଠାରେ ଟଙ୍କାର ପରିମାଣ ଅପେକ୍ଷା ଏହା ପଛରେ ଥିବା ଅଭିସନ୍ଧିକୁ ଦେଖିବାକୁ ହେବ। ଦିନ ଦି'ପହରରେ ଜନସାଧାରଣଙ୍କୁ ଭୁଆଁବୁଲେଇ ଟଙ୍କା ଲୁଟିବାର କ୍ଷମତାସୀନ ଦଳଗୁଡ଼ିକର ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। କ୍ଷମତାକୁ ଆସିବା ପରେ ଯେଉଁ ପରିମାଣରେ ଭାଜପା, ବିଜେଡି, ତୃଣମୂଳ କଂଗ୍ରେସ ତଥା ଅନ୍ୟାନ୍ୟ ରାଜ୍ୟରେ କ୍ଷମତାସୀନ ଦଳଗୁଡ଼ିକର ପାଣ୍ଠି ବଢ଼ିଛି, ତା'ର ହଜାରେ ଭାଗରୁ ଭାଗେବି ଜନସାଧାରଣଙ୍କ ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିନାହିଁ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଲୋକମାନଙ୍କର ବିକାଶ ବା ତଥାକଥିତ ମହାପୁରୁଷଙ୍କ ସ୍ୱପ୍ନ ପୂରଣର ସ୍ଲୋଗାନ୍ ରାଜନୈତିକ ଦଳଗୁଡ଼ିକ ପାଇଁ କେବଳ ଭୋଟରମାନଙ୍କୁ ଭୁଆଁବୁଲେଇବାର ଏକ ଭେଳିକି। ଆଜିର ସମୟରେ ରାଜନୈତିକ ଦଳଗୁଡ଼ିକର ଚରିତ୍ର ଓ ଉଦ୍ଦେଶ୍ୟକୁ ଏହି ନିର୍ବାଚନୀ ବଣ୍ଡ୍ ସହିତ ସଂଯୁକ୍ତ କରି ବୁଝିବାକୁ ହେବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ଜାତିଭିତ୍ତିରେ ଭବନ ନିର୍ମାଣ

ମହାଶୟ,

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ ଜାତିଭିତ୍ତିକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ବାବଦରେ ଶହ ଶହ କୋଟି ଟଙ୍କା ଅପବ୍ୟୟ ହେଉଛି। ପ୍ରଥମେ ପଣ୍ଡିତ ରଘୁନାଥ ମୁର୍ମୁ ଓ ଏହିଭଳି କିଛି ପୁରୋଧାମାନଙ୍କ ନାମରେ ଭବନ ଓ ପରେ ଆଦିବାସୀ ଭବନ ଏବେ କୁଡୁମୀ ଭବନ, ଭୂମିଜ ଭବନ, ପୁରାଣ ଭବନ ଭଳି ନାନା ଜାତି ଗୋଷ୍ଠୀଙ୍କ ନାମରେ କୋଟି କୋଟି ଟଙ୍କା ଅପବ୍ୟୟ କରାଯାଇ ଏସବୁ ହେଉଛି। ଏପରିକି ମୋରଡ଼ା ନିର୍ବାଚନ ମଣ୍ଡଳୀର ଦୁଇଟି ପଞ୍ଚାୟତରେ ଦୁଇଦିନରେ କୁଡୁମୀ ଭବନ, କରଞ୍ଜିଆରେ କୁଡୁମୀ ଭବନ ଓ ବାରିପଦା, ଶୁଳିଆପଦାରେ ଭଞ୍ଜପୁରାଣ ଭବନ ସବୁ ପାଇଁ ସାଂସଦଙ୍କ ପାଣ୍ଠିରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କୁଡମୀମାନେ କ'ଣ ବ୍ଲକ ଓ ପଞ୍ଚାୟତଓ୍ୱାରି ଏସବୁ ଦାବି କରିଥିଲେ? ପ୍ରତି ପଞ୍ଚାୟତରେ ଏଭଳି କରି ଶାସକ ଦଳ ଭୋଟ ପାଇବେ ବୋଲି ଯଦି ଭାବୁଥାନ୍ତି ତେବେ ଏହା ଭୁଲ୍। ତେବେ ସାଧାରଣ ଜାତିର ଭବନ ପାଇଁ ସରକାର ବା ସାଂସଦମାନେ କେତେ ଟଙ୍କା ଦେବେ।

-ସୁଧୀର ଚନ୍ଦ୍ର ମହାନ୍ତ, ଅଧ୍ୟାପକ, ଯଶୀପୁର ମହାବିଦ୍ୟାଳୟ

## ଚିରନ୍ତନୀ

ରୁଚି ବେଷଭୂଷା ନ ଥିଲେ ତୁମକୁ ଲାଗଇ ଲାଜ
ଶତ ପରିପାଟୀ କରି ଆପଣାର ଆବାସ ସାଜ,
ତା' ବିନେ ଭୁବନ ଅନ୍ଧାର ଦିଶେ ଗହନ ବତ
ତା' ପାଇଁ ମିଥ୍ୟା ଶିଖି ନାହିଁ କହି ନ ଜାଣେ ବ୍ୟାଜ।
-(ମାନସୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସିପଡ଼ି ଅଜଣା ଯୁବକଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୩।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଗୋବର୍ଦ୍ଧନପୁର ଓଭରବ୍ରିଜ ନିକଟରେ ବୁଧବାର ଏକ ଯାତ୍ରୀବାହୀ ଟ୍ରେନରୁ ଖସି ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଦକ୍ଷିଣ ପୂର୍ବ ରେଳପଥ ରେଳମଣ୍ଡଳ ଅନ୍ତର୍ଗତ ଲାଞ୍ଜିଗଡରୋଡ଼ ଓ ନର୍ଲାରୋଡ଼ ରେଳଷ୍ଟେଶନରେ ମଧ୍ୟରେ ଦିନବେଳେ ଗୋବର୍ଦ୍ଧନପୁର ଓଭରବ୍ରିଜ ନିକଟରେ କୌଣସି ଏକ ଯାତ୍ରୀବାହୀ ଟ୍ରେନରୁ ଖସିପଡ଼ି ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ବୟସ ୧୮ରୁ ୨୦ ବର୍ଷର ଏବଂ ସେ ଝାରଖଣ୍ଡ ଅଞ୍ଚଳର ବୋଲି ଅନୁମାନ କରାଯାଉଛି। ଖବର ପାଇ ଘଟଣାସ୍ଥଳରେ ରେଲୱେ ପୋଲିସ ପହଞ୍ଚି ତଦନ୍ତ କରୁଛି।

### ନୂତନ ଗ୍ରାମପଞ୍ଚାୟତରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



ରିଞ୍ଜା ପଞ୍ଚାୟତରେ ନୂତନ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ କରାଯାଉଛି।

କର୍ଲାମୁଣ୍ଡା,୩।୪(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ବୁଧବାର ନୂତନ ଭାବେ ନିଯୁକ୍ତି ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଯୋଗଦେଇଛନ୍ତି। ଏହି ଅବସରରେ ବ୍ଲକର ରିଞ୍ଜା ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୀତୁ ଜାନୀ କାର୍ଯ୍ୟରେ ଯୋଗଦେଇଛନ୍ତି। ସରପଞ୍ଚ ପଞ୍ଚାନନ ବାଗ, ଗ୍ରାମ ରୋଜଗାର ସେବକ ଶିବକୁମାର ଭୋଇ ସ୍ୱାଗତ ଜଣାଇ ପଞ୍ଚାୟତରେ ସର୍ବାଙ୍ଗୀନ ଉନ୍ନତି ପାଇଁ ପରସ୍ପର ପ୍ରତି ସହଯୋଗ କରିବାକୁ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସେହିପରି ନୂତନ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ରଣା ସ. ମାଲପଡା ପଞ୍ଚାୟତ ଓ ଚନ୍ଦ୍ରକାନ୍ତ ଭୋଇଙ୍କୁ ରେଗଡା ପଞ୍ଚାୟତରେ ନିଯୁକ୍ତି ମିଳିଛି। ଅନ୍ୟପଟେ ଏହି ବ୍ଲକର ପୁରୁଣା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ଅନ୍ୟ ପଞ୍ଚାୟତରେ ପରିବର୍ତ୍ତନ କରାଯାଇଛି। ବ୍ଲକ ପତ୍ର ସଂଖ୍ୟା ୧୫୫୯,୨/୪/୨୦୨୪ ଅନୁସାରେ ପରମାନନ୍ଦ ମାଝିଙ୍କୁ ବୋରପଦର, ଦେବରାଜ ରଣାଙ୍କୁ ପୌରକେଲା ଓ ରିଷିତା ବସନ୍ତ ମିଶ୍ରଙ୍କୁ ଜୋରଡ଼ବରା, ରମେଶ ମହଲାଙ୍କୁ ସାପଲହରା, ସୁବାଷ ସାହୁଙ୍କୁ ଗଜବାହାଲ ଓ ତେରେସିଙ୍ଗା, ଟିକେରାମ ଛତ୍ରିଆଙ୍କୁ ରାଜପୁର ଓ କର୍ଲାମୁଣ୍ଡା ପଞ୍ଚାୟତରେ ଯୋଗଦେବାକୁ ନିର୍ଦ୍ଦେଶ ହୋଇଛି।

# କଣ୍ଟାବାଞ୍ଜୀରେ ଛିଣ୍ଡୁନି ଗଣିତ, ବଢୁଛି ଉତ୍କଣ୍ଠା

ବଲାଙ୍ଗୀର/କଣ୍ଟାବାଞ୍ଜି, ୩।୪ (ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)

**କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ**
- ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ
- ଚାପରେ ଅଜୟ, ଆୟୁବ୍‌ଙ୍କ ସମର୍ଥକ
- ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି ବିଦ୍ରୋହୀ



ଆୟୁବ୍ ଖାନ୍



ଅଜୟ ଦାସ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ଓ କଂଗ୍ରେସ ପକ୍ଷରୁ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ଭାଜପାରୁ ଲକ୍ଷ୍ମଣ ବାଗ ଏବଂ କଂଗ୍ରେସରୁ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ବଲାଙ୍ଗୀର ଜିଲାର ୪ଟି ବିଧାନସଭା ଆସନ ଏବଂ ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ ମଧ୍ୟ କେବଳ କଣ୍ଟାବାଞ୍ଜି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ପୂର୍ବତନ ବିଧାୟକ ଆୟୁବ୍ ଖାନ୍, ଗତ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା ଅଜୟ ଦାସ, ଆୟୁବ୍ ଖାନ୍‌ଙ୍କ ପୁଅଙ୍କୁ ପ୍ରମୁଖ ବିଜେଡି ଟିକେଟ ଦାବିଦାର ବୋଲି କୁହାଯାଉଛି। ତେବେ ଅଜୟ ଏବଂ ଆୟୁବ୍‌ଙ୍କ ଭିତରେ କିଏ ପ୍ରାର୍ଥୀ ହେବ ସେନେଇ ଦଳ କିଛିବି ସୂଚନା ଦେଉ ନ ଥିବାରୁ କଣ୍ଟାବାଞ୍ଜିରେ ଉଭୟ ଟିକେଟ ଆଶାୟୀ ଏବଂ ସେମାନଙ୍କ ସମର୍ଥକମାନେ ଚାପରେ ରହିଛନ୍ତି। ବାସ୍ତବରେ ଦଳ ପକ୍ଷରୁ କାହାକୁ ଟିକେଟ ମିଳିବ ସେନେଇ କିଛିବି ସ୍ପଷ୍ଟ ହେଉନାହିଁ। ଏଭଳି ସ୍ଥିତିରେ କଣ୍ଟାବାଞ୍ଜିରେ ନାନା କଥା ଶୁଣିବାକୁ ମିଳୁଛି। ବିଜେଡି କେଉଁ କାରଣରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାରେ ବିଳମ୍ବ କରୁଛି ତାହା ଅନେକଙ୍କୁ ସନ୍ଦେହରେ ପକାଇଛି। ଇତିମଧ୍ୟରେ ଦଳ ଦୁଇ ପ୍ରମୁଖ ଆଶାୟୀଙ୍କ ଉପରେ ଆସ୍ଥା ରଖିଛି ନା ତୃତୀୟ ବିକଳ୍ପ ଭାବେ ଅନ୍ୟ କାହାକୁ ଖୋଜୁଛି ସେନେଇ ଚାପା ଗୁଞ୍ଜରଣ ହେଉଛି। ଯଦି ଦଳ ତୃତୀୟ ବିକଳ୍ପ ଭାବେ ଅନ୍ୟ କାହାକୁ ପ୍ରାର୍ଥୀ ପାଇଁ ଖୋଜୁଛି ତେବେ ତାହା ନିଜ ଦଳର କୌଣସି ନେତା।ନେତ୍ରୀଙ୍କୁ ଖୋଜୁଛି ନା' ଅନ୍ୟ ଦଳର ନେତାଙ୍କ ସହ ଲବି କରୁଛି ସେନେଇ ଚର୍ଚ୍ଚା ଆଲୋଚନା ବଢ଼ିବାରେ ଲାଗିଲାଣି। କଣ୍ଟାବାଞ୍ଜି ଆସନକୁ ନେଇ ଦଳ କୌଣସି ଚୂଡାନ୍ତ ନିଷ୍ପତ୍ତିରେ ପହଞ୍ଚି ପାରୁ ନ ଥିବାରୁ ଦୁଇ ପ୍ରମୁଖ ଦଳୀୟ ଆଶାୟୀଙ୍କ ସମର୍ଥକମାନଙ୍କ କୁଆଡେ ଧୈର୍ଯ୍ୟଚ୍ୟୁତି ଘଟିଲାଣି। ଦଳୀୟ ଟିକଟ ନ ମିଳିଲେ ଦୁଇ ପ୍ରମୁଖ ଟିକଟ ଆଶାୟୀଙ୍କ ସମର୍ଥକମାନେ ବିଦ୍ରୋହ କରି ତାଙ୍କ ନେତାଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରି ନିର୍ବାଚନ ଲଢ଼ିବାକୁ ମତାମତ ଦେଉଥିବା ଚର୍ଚ୍ଚା ଆରମ୍ଭ ହୋଇଗଲାଣି। କଣ୍ଟାବାଞ୍ଜିରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣାକୁ ନେଇ ହେଉଥିବା ବିଳମ୍ବ ବିଜେଡିକୁ ଅଡୁଆ ପରିସ୍ଥିତିରେ ପକାଇବ ବୋଲି ଚର୍ଚ୍ଚା ହେଉଛି। ଏଭଳି ସମୟରେ ବିଜେଡି ଉପରେ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ ଓ ତାଙ୍କ ସମର୍ଥକ ନଜର ରଖିଛନ୍ତି। ଗତ ନିର୍ବାଚନରେ ମାତ୍ର ୧୨୮ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିବାରୁ ଏଥର ଯେପରି ଆଉ କିଛି ଭୁଲ ନହେବ ସେନେଇ ରଣନୀତି ପ୍ରସ୍ତୁତ କରୁଥିବା ଚର୍ଚ୍ଚାର ବିଷୟ ହୋଇଛି।

# ବିଜେଡିର ମିଶ୍ରଣ ପର୍ବ



ପାଷ୍ଟିକୁଡ଼ି ଗ୍ରାମଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦଳୀୟ ନେତୃବର୍ଗ।

କେସିଙ୍ଗା,୩।୪(ଡୁମେଶ୍ୱର ସାହୁ)

ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେସିଙ୍ଗା ବ୍ଲକ ପାଷ୍ଟିକୁଡ଼ି ଗ୍ରାମଠାରେ ବିଜେଡିର ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟିକା ପ୍ରାର୍ଥୀନୀ ଲଳିତା ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ଶତାଧିକ ଭାଜପା ଏବଂ କଂଗ୍ରେସ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ପାର୍ଥୀନୀ ଲଳିତା ନାଏକ ଏବଂ କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ଲମ୍ବୋଦର ନିଆଲ ମିଶ୍ରଣ ପର୍ବରେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ମିଶ୍ରଣ ପର୍ବରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ଓ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ ପ୍ରମୁଖ ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀମାନେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ନିର୍ବାଚନରେ କିପରି ବିଜେଡିର ବିଧାୟକ ପ୍ରାର୍ଥୀନୀ ଲଳିତାଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ଶପଥ ନେଇଥିଲେ।

# ପଞ୍ଚାୟତ ସମ୍ମୁଖରେ ଆଦିବାସୀଙ୍କ ଧାରଣା

- ଉଚ୍ଚନ୍ୟାୟାଳୟଙ୍କ ରହିତାଦେଶ ଆଦେଶ ଦେଖାଇବା ପରେ ଧାରଣା ହଟିଲା
- ସରପଞ୍ଚଙ୍କ ୩ ସନ୍ତାନ ଥିବାରୁ ପଦ ରଦ୍ଦ ଅଭିଯୋଗ ଥିଲା

ପାଟଣାଗଡ ୩।୪ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ତମିଆଁ ସରପଞ୍ଚ ତାହିରା ବିବିଙ୍କ ୩ଟି ସନ୍ତାନ ଅଛନ୍ତି। ଏହାକୁ ବିରୋଧକରି ବୁଧବାର ଆଦିବାସୀ ସଂଘ କର୍ମକର୍ତ୍ତା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏବିଡିଓ ମେନକା ମେହେର ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ଅର୍ଡର ଦେଖାଇବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅନୁସାରେ ତମିଆଁ ସରପଞ୍ଚ ତାହିରା ବିବିଙ୍କ ୩ଟି ସନ୍ତାନ ଥିବା ଅଭିଯୋଗ କରି ଗତ ପଞ୍ଚାୟତ ନିର୍ବାଚନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସେବତି ଭୋଇ ବଲାଙ୍ଗୀର ସିଭିଲ ଜଜ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ନଭେମ୍ବର ୩୦ରେ ବିଚାରପତି ତାଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିଥିଲେ। ଏହାପରେ ଜିଲାପାଳ ଡ଼ିସେମ୍ବର ୧୧ରେ ପଞ୍ଚାୟତ ଦାୟିତ୍ୱ ହସ୍ତାନ୍ତର ପାଇଁ ପାଟଣାଗଡ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଭିଲ ଜଜଙ୍କ ରାୟ ବିରୋଧରେ ସରପଞ୍ଚ ବିବି ପାଟଣାଗଡ ଏଡିଜେ କୋର୍ଟରେ ଦାରସ୍ଥ ହୋଇଥିଲେ। ଏଡିଜେ କୋର୍ଟ ମଧ୍ୟ ସିଭିଲ ଜଜଙ୍କ ରାୟକୁ ସଂରକ୍ଷିତ ରଖିଥିଲେ। ଏହାପରେ ବିଡିଓ ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ନ ଥିବା ଆଦିବାସୀ କଲ୍ୟାଣ ସଂଘ ଅଭିଯୋଗ କରିଛି। ଏହା ପ୍ରତିବାଦରେ ଆଦିବାସୀ ସଂଘ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଦେଇ ଆନ୍ଦୋଳନ କରିବାକୁ ଜିଲାପାଳ, ଉପଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଦେଇଥିଲେ। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସଂଘ କର୍ମକର୍ତ୍ତାମାନେ ଉପଦେଷ୍ଟା ଧ୍ରୁବଲେଶର ଭୋଇଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବ୍ଲକ ପ୍ରଶାସନ ତରଫରୁ ଏବିଡିଓ ମେହେର ପହଞ୍ଚି ଆନ୍ଦୋଳନକାରୀଙ୍କୁ ସରପଞ୍ଚ ବିବି ଉଚ୍ଚନ୍ୟାୟାଳୟରେ କରିଥିବା ରହିତାଦେଶ ଅର୍ଡର କପି ଦେଖାଇ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ଥିବା ଚିଠି ଦେଖାଇଥିଲେ। ଏହାପରେ ସଂଘର କର୍ମକର୍ତ୍ତାମାନେ ଧାରଣାରୁ ଓହରିଥିଲେ। ସଂଘର ଗୌରଙ୍ଗ ବରିହା, ଚୂଡାମଣି ଧରୁଆ, ଶେଷଦେବ ବରିହା ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୬୯ **ବିଜ୍ଞାପନ** ତା:୦୪।୦୩।୨୪

No. CAD-9: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ: ୰ବିଦ୍ୟାଧର ପାଢ଼ୀ<br>ପିତା: ୰ଦାଶରଥି ପାଢ଼ୀ<br>ଗ୍ରାମ: କୋଦଳା<br>ପୋଷ୍ଟ: କୋଦଳା<br>ଥାନା: କୋଦଳା<br>ଜିଲ୍ଲା: ଗଞ୍ଜାମ (ଓଡ଼ିଶା) | ଘର ନଂ.– ଏଲ୍.ସି.ଆର୍.– ୫୯୩<br>ଛେଣ୍ଡ କଲୋନୀ, ଫେଜ୍–୧, ରାଉରକେଲା,<br>ଜି.: ସୁନ୍ଦରଗଡ଼ | ୧. ଶ୍ରୀମତୀ ଉଷାରାଣୀ ପାଢ଼ୀ (ବିଧବା ସ୍ତ୍ରୀ)<br>୨. ଶ୍ରୀ ବିଜୟ କୁମାର ପାଢ଼ୀ (ବି. ପୁତ୍ର)<br>୩. ଶ୍ରୀ ଅକ୍ଷୟ କୁମାର ପାଢ଼ୀ (ବି. ପୁତ୍ର)<br>୪. ଶ୍ରୀମତୀ ଆଶାଲତା ପ୍ରତିହାରୀ (ବି. ଝିଅ) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0012/2425


# ବିଜେଡି ପ୍ରାର୍ଥୀ ହେଲେ ଅଧିରାଜ ପାଣିଗ୍ରାହୀ, କର୍ମୀ ମହଲରେ ଉତ୍ସାହ

ଖଡ଼ିଆଳ,୩।୪(ସୁଜିତ୍ କୁମାର ପ୍ରଧାନ)



ଅଧିରାଜ ପାଣିଗ୍ରାହୀ।

ନୂଆପଡ଼ା ଜିଲା ଖଡିଆଳ ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି। ଅଧିରାଜ ୨୦୧୯ରୁ କଂଗ୍ରେସ ବିଧାୟକ ହୋଇଥିବା ବେଳେ ଗତ ମାର୍ଚ୍ଚ ୨୨ରେ ବିଜେଡିରେ ଯୋଗଦାନ କରିଥିଲେ। ଦଳ ତାଙ୍କ ଉପରେ ଆସ୍ଥାଭାଜନ କରି ଦଳୀୟ ପ୍ରାର୍ଥୀ କରିଛି। ଅଧିରାଜ ବିଜେଡିରେ ଯୋଗଦାନ ସମୟରେ ୪୦ ସରପଞ୍ଚ, ୩୪ ସମିତି ସଭ୍ୟାସଭ୍ୟ, ୩ଜଣ ବ୍ଲକ ଅଧ୍ୟକ୍ଷ ଏବଂ ଜଣେ ବ୍ଲକ ଉପାଧ୍ୟକ୍ଷ ସାମିଲ ହୋଇଥିଲେ। ନବୀନଙ୍କ ନିର୍ମଳ ଭାବମୂର୍ତ୍ତି ଏବଂ ବିଶେଷ ରୂପେ ଖଡିଆଳ ନିର୍ବାଚନମଣ୍ଡଳୀକୁ ବିକଶିତ ନିର୍ବାଚନମଣ୍ଡଳୀ ଭାବେ ଗଢି ତୋଳିବା ସ୍ୱପ୍ନ ସହ ଖଡିଆଳ ଅଞ୍ଚଳକୁ ରେଳପଥ ସଂଯୋଗ କରିବାର ସଙ୍କଳ୍ପ ନେଇଛନ୍ତି ବୋଲି ଅଧୀରାଜ ପ୍ରକାଶ କରିଛନ୍ତି।


TP SOUTHERN ODISHA DISTRIBUTION LIMITED
(Procurement Department)
TPSODL

BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 04.04.2024

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Engineering, Supply, Erection & Commissioning of Power Supply at multiple location in TPSODL-for BSNL Mobile Tower Under 4G Saturation Project Under 100% Deposit Scheme. | TPSODL/OT/ 2023-24/097 | 1 Lakh | 5,000 | 16.04.2024 18:00 Hrs. |
| 2 | RC for New Service Connection, LT/HT Line, HT Metering, Go-Swift Works, Small Deposit Works | TPSODL/OT/ 2023-24/098 | NIL | 5,000 | 16.04.2024 18:00 Hrs. |
| 3 | RC For Supply and Installation of Split ACs and Accessories at various locations of TPSODL. | TPSODL/OT/ 2023-24/099 | 2 Lakh | 5,000 | 16.04.2024 18:00 Hrs. |
| 4 | Rate Contract for MeterReading, Spot Billing and Bill Distribution at TPSODL. | TPSODL/OT/ 2024-25/001 | 4 Lakh | 5,000 | 16.04.2024 18:00 Hrs. |
| 5 | RC for Field Force Automation Services for TPSODL, TPNODL, TPWODL & TPCODL. | TPCODL/CCG/ 2023-24/ 1000000626 | 50,000 | 5,000 | 09.04.2024 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com


# ବିଜେଡିରେ ସାମିଲ ହେଲେ ୩୦ରୁ ଉର୍ଦ୍ଧ୍ୱ ଭାଜପା କର୍ମୀ



**ଲାଞ୍ଜିଗଡ଼,୩।୪(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁରଠାରେ ବିଜେଡିର ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେଶନିଆଙ୍କ ନେତୃତ୍ୱରେ ମିଶ୍ରଣ ପର୍ବରେ ଗୋବର୍ଦ୍ଧନପୁର ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ପକ୍ଷରୁ କର୍ମୀମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ଜିଲା ବିଜେଡ଼ି ସମ୍ପାଦକ ଜଗଦୀଶ ବେନିଆଁ, ଲାଞ୍ଜିଗଡ଼ ବିଜେଡି ଜୋନ–୧ ସଭାପତି ଚନ୍ଦ୍ର ଶେଖର ମହାପାତ୍ର, ବିଶ୍ୱନାଥପୁର ସମିତି ସଭ୍ୟ ଅଜିତ ପ୍ରଧାନୀ, କର୍ମୀ ବନମାଳୀ ଦଳେଇ, ଗୋବିନ୍ଦ ଦଣ୍ଡସେନା, କୈଳାସ ମାଝି, ରବି ମାଝି, ପିତ ମାଝି, ଭୀମସେନ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁ ସାଥୀ ମେଟ୍‌ମାନଙ୍କ ପ୍ରସ୍ତୁତି ବୈଠକ

ନୂଆପଡ଼ା,୩।୪(ମକାରୁ ବେମାଲ)



ସମସ୍ତ ଗାଁ ସାଥୀ ମେଟ୍ ଆଲୋଚନା କରୁଛନ୍ତି।

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ନୂଆପଡା ବ୍ଲକ ଗାଁ ସାଥୀ ମେଟମାନଙ୍କ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ୟାଦରାମ ମାଝିଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ୨୦୦୮ରୁ ନିଯୁକ୍ତ ହୋଇଥିବା ଗାଁ ସାଥୀମେଟଙ୍କୁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଚିଠି ନଂ–୯୪୦,୨୦୧୯ ଜାନୁଆରୀ ୧୯ ଅନୁସାରେ ମାସକୁ ସର୍ବନିମ୍ନ ୧୦ ଦିନର ପ୍ରାପ୍ତକୁ ସମସ୍ତ ଗାଁ ସାଥି ମେଟମାନଙ୍କୁ ମାସରେ ଥରେ ପ୍ରଦାନ କରାଯାଉ, ୨୦୧୮ ଚିଠି ନଂ–୧୫୫୩୪ ଅନୁଯାୟୀ ଗାଁ ସାଥୀ ମେଟମାନଙ୍କୁ ବିଦ୍ୟୁତ୍ ବିଭାଗ ଓ ୱାଟରସେଟରେ ନିଯୁକ୍ତ କରିବା ପାଇଁ ସରକାରଙ୍କଠାରେ ଦାବି କରିବା ପାଇଁ ପ୍ରସ୍ତୁତି କରାଯାଉଛି। ଏହି ସବୁ ଦାବି ଉପରେ ସରକାର କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରିବୁ ବୋଲି କହିଛନ୍ତି। ଏହି ସମୟରେ ପୂର୍ଣ୍ଣଚନ୍ଦ୍ର ମାଝି, ଲାଲସିଂ ମାଝି, ରୁଦ୍ର କୁମାର କ୍ଷତ୍ରୀୟ, ଶିବ କେଉଟ, କେଶରାମ କେଉଟ, ରାଜେଶ ବାଗ, ଆକବର ଗୌଡ, ଖେମରାଜ ପାଣ୍ଡେ, ନିରଞ୍ଜନ ଶବର, ଲାଲବାରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ରେନ ଗାଁରେ ଜଳ ସଙ୍କଟ

କୋମନା,୩।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ଅଗ୍ରେନଠାରେ ଜଳ ସଙ୍କଟ ଦେଖାଦେଇଛି। ୨ ହଜାର ଜନ ସଂଖ୍ୟା ବିଶିଷ୍ଟ ଏହି ଗାଁରେ ମାଝିପଡ଼ା, ନାଗପଡା ଓ ରାଉତ ପଡ଼ା ଏଭଳି ତିନୋଟି ପଡ଼ା ରହିଛି। ଏହି ଗାଁରେ ମୋଟ ପାଞ୍ଚଟି ନଳକୂଅ ଅଛି। ସେଥିମଧ୍ୟରୁ ତିନୋଟି ନଳ କୂପରେ ଫ୍ଲୋରାଇଡ ଥିବାରୁ ବ୍ୟବହାର ଉପଯୋଗୀ ପାଣିନୁହେଁ। କିନ୍ତୁ ଅନ୍ୟ ଦୁଇଟି ଯେଉଁ ନଳକୂପ ଅଛି ଜନସଂଖ୍ୟା ତୁଳନାରେ ସମୁଦ୍ରକୁ ଶଙ୍ଖେ। ଅନ୍ୟପଟେ ପାଞ୍ଚ ବର୍ଷ ତଳେ ଅଗ୍ରେନ ସାପ୍ତାହିକ ବଜାର ପାଖରେ ବସୁଧା ଯୋଜନାରେ ଏକ ଓଭରହେଡ ଟାଙ୍କି ନିର୍ମାଣ ହୋଇ ଅଗ୍ରେନ ଓ ଗୋଇଜୋରକୁ ପାଣି ଯୋଗାଇ ଦିଆଯାଉଥିଲା। ଏକ ମାସ ହେବ ଅଗ୍ରେନର ରୋଉତି ପଡ଼ା ପାଇପ ଫାଟି ଯାଇଛି। ଫଳରେ ପଡ଼ାବାସୀ ପାଣି ପାଇପାରୁନାହାନ୍ତି। ଯାହା ଦ୍ୱାରା ସେମାନେ ବାଧ ହୋଇ ଫ୍ଲୋରାଇଡ ପାଣି ବ୍ୟାବହାର କରି ନାନା ବିଧି ରୋଗର ଶିକାର ହେଉଛନ୍ତି। ପୁଣି ନିୟମିତ ପାଣି ନ ଦେଉ ଥିବା ଓ ସରପଞ୍ଚଙ୍କୁ ଲିଖିତ ଜଣାଇଥିଲେ ମଧ୍ୟ ଶୁଣୁ ନ ଥିବା କିଶୋର ନାଗ, ରୋମାଞ୍ଚଳ ନାଗ ଓ ଗଙ୍ଗରମ ନାଗ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ଫାଟି ଯାଇଥିବା ପାଣି ପାଇପଗୁଡିକୁ ବଦଳାଇ ନିୟମିତ ପାଣି ଯୋଗାଇ ଦେବା ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି।


**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଜି/ଖଡ଼ଗପୁର–୭୨୧୩୦୧, ଦ.ପୂ. ରେଳପଥଙ୍କ ଦ୍ୱାରା ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶିତ ତାରିଖର ୧୨.୦୦ ଘଟିକା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରାଯାଉଛି: **କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ବିଡ୍ ଅମାନତ/ଇ.ଏମ୍.ଡି.: (୧) ୧୧୪-ଇଏଲ୍‌ସି-ଜି-କେଜିପି-୨୩-୨୪-୫୩, ତାରିଖ: ୦୧।୦୪।୨୦୨୪;** ଅମୃତ ଭାରତ ଷ୍ଟେଶନରେ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଖଡ଼ଗପୁରଙ୍କ ଅଧୀନରେ ଜଳେଶ୍ୱର ଏବଂ ବାରିପଦାଠାରେ ୧୨.୦ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ୍‌ର ବ୍ୟବସ୍ଥା ଲାଗି ବୈଦ୍ୟୁତିକ କାର୍ଯ୍ୟ; ₹୨୬,୭୦,୦୩୪.୭୮; ₹୫୩,୪୦୦/–। **(୨) ୧୧୪-ଇଏଲ୍‌ସି-ଜି-କେଜିପି-୨୩-୨୪-୪୫ଆର୍୧ ତାରିଖ: ୦୧।୦୪।୨୦୨୪;** ଭଞ୍ଜପୁରଠାରେ (i) ପାଣି ଟାଙ୍କି ଷ୍ଟେଜିଂର ନିର୍ମାଣ, (ii) ଏକ ଗୋଟି ହ୍ୟାଣ୍ଡ ଟ୍ୟୁବ୍ ୱେଲ୍‌ର ବ୍ୟବସ୍ଥା, (iii) ୩୦୦ ମିମି x ୨୦୦ ମିମି ଆକାର ଡି.ଟି. ୱେଲ୍‌ର ବ୍ୟବସ୍ଥା – ୧ ଗୋଟି, (iv) ବସିବା ବନ୍ଦୋବସ୍ତର ବ୍ୟବସ୍ଥା, (v) ପାଇପ୍ ଲାଇନ୍ କାର୍ଯ୍ୟର ଉନ୍ନତୀକରଣ, (vi) ପ୍ଲାଟ୍‌ଫର୍ମ ଶେଲ୍ଟରର ନିର୍ମାଣ – ୪ ଗୋଟି, (vii) ସୀମା ପାଚେରି ନିର୍ମାଣ, (viii) ଷ୍ଟେଶନ ଆପ୍ରୋଚ୍ ରୋଡ୍‌ର ବିକାଶ, (ix) ସର୍କୁଲେଟିଂ ଏରିଆ (୩୦ ମି x ୨୦ ମି)ର ବିକାଶ ନିମନ୍ତେ ବୈଦ୍ୟୁତିକ କାର୍ଯ୍ୟ; ₹୨୨,୫୬,୮୯୬.୪୭; ₹୪୫,୧୦୦/–। **(୩) ୧୧୪-ଇଏଲ୍‌ସି-ଜି-କେଜିପି-୨୩-୨୪-୫୨, ତାରିଖ: ୦୧।୦୪।୨୦୨୪;** ଖଡ଼ଗପୁର ଡିଭିଜନରେ ତାମଲୁକ–ଦିଘା ସେକ୍ସନରେ ହେରିଆ–ନଚିଣ୍ଡା ଷ୍ଟେଶନ ମଧ୍ୟରେ ଘୋଲବାଗଡ଼ାଠାରେ ହଲ୍ଟ ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ; ₹୧୪,୪୦,୯୩୨.୯୪; ₹୨୮,୮୦୦/–। **ଖୋଲାଯିବାର ତାରିଖ:** କ୍ର.ସଂ. ୧ ପାଇଁ ତା୧୭।୦୪।୨୦୨୪ ଏବଂ କ୍ର.ସଂ. ୨ ଓ ୩ ପାଇଁ ତା୧୦।୦୪।୨୦୨୪। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ୍ୟ। **ସମାପ୍ତି ଅବଧି:** କ୍ର.ସଂ. ୧ ଓ ୩ ପାଇଁ ସ୍ୱୀକୃତି ପତ୍ର ଜାରି ତାରିଖରୁ ୦୬ ମାସ ଏବଂ କ୍ର.ସଂ. ୨ ପାଇଁ ୧୨ ମାସ। **ଦାଖଲର ତାରିଖ:** କ୍ର.ସଂ. ୧ ପାଇଁ ତା୧୭।୦୪।୨୦୨୪ରିଖ ୧୨.୦୦ ଘଟିକା ଏବଂ କ୍ର.ସଂ. ୨ ଓ ୩ ପାଇଁ ତା୧୦।୦୪।୨୦୨୪ରିଖ ୧୨.୦୦ ଘଟିକା। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-09)



ODISHA PUBLIC SERVICE COMMISSION, CUTTACK

**NOTICE**

No. 1859 /P.S.C./ Dt. 3.4.24
PF-1E-05-2023/24 (DR-III)

**No.D-:**It is for information of all concerned that on the basis of written examination held on **30.04.2023** for recruitment to the Post of **Post Graduate Teachers in Mathematics**, pursuant to Advt. No.21 of 2021-22, **07 (Seven)** candidates bearing following Roll Nos. have been qualified for admission to the Viva Voce Test. The physical verification of original certificates/documents etc. and Viva Voce test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack-753001 on **23.04.2024** as per the programme detailed below.

The Candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening),** three passport size photographs (as uploaded in the online application form), self-attested copies of all relevant certificates/documents etc. **with original of the same** as per **Para-10** of the aforesaid advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of document verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the vertification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce test.** The candidates shall be allowed to the Viva Voce test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Date | Time of document verification | Time of Viva Voce Test | ROLL No. of Candidates |
|---|---|---|---|---|
| 1 | 23.04.2024 | 8.30 A.M. | 10.30 A.M. | 400009, 400025, 400048, 400051, 400178, 400294 & 400313 = **07 Candidates** |

**N.B.- The candidates are advised to report at the office of the Commission half an hour before the commencement of document verification on their scheduled date & time as mentioned against each.**

**NOTE:-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0001/2425 Sd./- Secretary

## ସଂକ୍ଷେପରେ

### ନୂତନ ଗ୍ରାମପଞ୍ଚାୟତରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



ରିଞ୍ଜା ପଞ୍ଚାୟତରେ ନୂତନ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ କରାଯାଉଛି।

କର୍ଲାମୁଣ୍ଡା,୩।୪(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ବୁଧବାର ନୂତନ ଭାବେ ନିଯୁକ୍ତି ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଯୋଗଦେଇଛନ୍ତି। ଏହି ଅବସରରେ ବ୍ଲକର ରିଞ୍ଜା ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୀତୁ ଜାନୀ କାର୍ଯ୍ୟରେ ଯୋଗଦେଇଛନ୍ତି। ସରପଞ୍ଚ ପଞ୍ଚାନନ ବାଗ, ଗ୍ରାମ ରୋଜଗାର ସେବକ ଶିବକୁମାର ଭୋଇ ସ୍ୱାଗତ ଜଣାଇ ପଞ୍ଚାୟତରେ ସର୍ବାଙ୍ଗୀନ ଉନ୍ନତି ପାଇଁ ପରସ୍ପର ପ୍ରତି ସହଯୋଗ କରିବାକୁ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସେହିପରି ନୂତନ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ରଣା ସ. ମାଲପଡା ପଞ୍ଚାୟତ ଓ ଚନ୍ଦ୍ରକାନ୍ତ ଭୋଇଙ୍କୁ ରେଗଡା ପଞ୍ଚାୟତରେ ନିଯୁକ୍ତି ମିଳିଛି। ଅନ୍ୟପଟେ ଏହି ବ୍ଲକର ପୁରୁଣା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ଅନ୍ୟ ପଞ୍ଚାୟତରେ ପରିବର୍ତ୍ତନ କରାଯାଇଛି। ବ୍ଲକ ପତ୍ର ସଂଖ୍ୟା ୧୫୫୯,୨/୪/୨୦୨୪ ଅନୁସାରେ ପରମାନନ୍ଦ ମାଝିଙ୍କୁ ବୋରପଦର, ଦେବରାଜ ରଣାଙ୍କୁ ପୌରକେଲା ଓ ରିଷିତା ବସନ୍ତ ମିଶ୍ରଙ୍କୁ ଜୋରଡ଼ବରା, ରମେଶ ମହଲାଙ୍କୁ ସାପଲହରା, ସୁବାଷ ସାହୁଙ୍କୁ ଗଜବାହାଲ ଓ ତେରେସିଙ୍ଗା, ଟିକେରାମ ଛତ୍ରିଆଙ୍କୁ ରାଜପୁର ଓ କର୍ଲାମୁଣ୍ଡା ପଞ୍ଚାୟତରେ ଯୋଗଦେବାକୁ ନିର୍ଦ୍ଦେଶ ହୋଇଛି।

### ଭାରତୀୟ ବିମାନ ବନ୍ଦର ପ୍ରାଧିକରଣର ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୩।୪ (ସଞ୍ଜୟ ମାଲି): ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନ ବନ୍ଦରରେ ମଙ୍ଗଳବାର ଭାରତୀୟ ବିମାନ ବନ୍ଦର ପ୍ରାଧିକରଣର ୨୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଭିଏସ୍ଏସ୍ ବିମାନ ବନ୍ଦର ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୧୯୯୫ ମସିହା ଏପ୍ରିଲ ମାସରେ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ଗଠନ କରାଯାଇଥିବା ନିର୍ଦ୍ଦେଶକ ତିୱାରୀ ସୂଚନା ଦେଇଥିଲେ। ଉତ୍ସବରେ ଭିଏସ୍ଏସ୍ ବିମାନ ବନ୍ଦରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୩ଦଳର ପ୍ରାର୍ଥୀ ଘୋଷଣା ପରେ ବଢ଼ିଲା ନିର୍ବାଚନୀ ଉଷ୍ମତା

ବ୍ରଜରାଜନଗର,୩।୪(ବିଜୟ ବରାଡ଼)

**ବ୍ରଜରାଜନଗର ନିର୍ବାଚନମଣ୍ଡଳୀ**



ସୁରେଶ ପୂଜାରୀ



ଅଲକା ମହାନ୍ତି



କିଶୋର ପଟେଲ

ବ୍ରଜରାଜନଗର ବିଧାନସଭା ଆସନ ଲାଗି ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ନିର୍ବାଚନୀ ଉଷ୍ମତା ବଢ଼ିବାରେ ଲାଗିଛି। ମଙ୍ଗଳବାର ପ୍ରଥମେ ଭାଜପା ବରଗଡ଼ ଏମ୍ପି ସୁରେଶ ପୂଜାରୀଙ୍କୁ ଟିକେଟ ଦେବାପରେ କଂଗ୍ରେସ ପୂର୍ବତନ ମନ୍ତ୍ରୀ କିଶୋର ପଟେଲଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ବୁଧବାର ବିଜୁ ଜନତା ଦଳ ଅଲକା ମହାନ୍ତିଙ୍କୁ ପ୍ରାର୍ଥୀ ଭାବରେ ଘୋଷଣା କରିଛି।

ବ୍ରଜରାଜନଗର ପାଇଁ ଏହି ତିନି ନେତା ପୁରୁଣା ଚେହେରା। ହେଲେ ଭୋଟର କାହାକୁ ପ୍ରଥମ ପସନ୍ଦ କରିବେ ତାକୁ ନେଇ ଚାଲିଛି ଅଙ୍କକଷା। ଗତ ଉପନିର୍ବାଚନରେ କିଶୋର ପଟେଲ, ରାଧାରାଣୀ ପଣ୍ଡା ଓ ଅଲକା ମହାନ୍ତିଙ୍କ ମଧ୍ୟରେ ଲଢେଇ ହୋଇଥିଲା। ରାଧାରାଣୀ ୨୨ହଜାର ୭୪୫ ଓ କିଶୋର ୨୭,୪୫୦ଖଣ୍ଡ ଭୋଟ ପାଇଥିଲେ। ଶାସକ ଦଳର ଅଲକା ମହାନ୍ତି ୯୩,୫୪୦ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଅଲକା ହାଣ୍ଡିଶାଳରୁ ନିର୍ବାଚନୀ ମୈଦାନକୁ ଓହ୍ଲାଇଥିଲେ। ତାଙ୍କ ସ୍ୱାମୀ ତଥା ବିଧାୟକ ଥିବା ସ୍ୱର୍ଗତ କିଶୋର ମହାନ୍ତିଙ୍କ ସ୍ୱପ୍ନ ପୂରଣ କରିବା ଲକ୍ଷ୍ୟରେ ସେ କର୍ମୀଙ୍କ ଉପରେ ଭରସା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ଆଗେଇ ନେଲେ। ଇତିମଧ୍ୟରେ କିଶୋର ମହାନ୍ତିଙ୍କ କିଛି ସମର୍ଥକ ଅଲକାଙ୍କୁ ଟିକେଟ ନ ଦେବା ପାଇଁ ଉପର ମହଲରେ ଅଭିଯୋଗ କରିଥିଲେ। ହେଲେ ଦଳୀୟ ଉଚ୍ଚ ପଦାଧିକାରୀ ଅଲକାଙ୍କ ଉପରେ ଆସ୍ଥା ପ୍ରକଟ କାରି ଟିକେଟ ପ୍ରଦାନ କରିଛନ୍ତି। ସେହିପରି ଭାଜପାରୁ ପ୍ରାର୍ଥୀ ହୋଇଥିବା ସୁରେଶ ପୂଜାରୀ ଜଣେ ଦକ୍ଷତା ସମ୍ପନ୍ନ ନେତା। ବିଗତ ଦିନରେ ବ୍ରଜରାଜନଗରରୁ ନିର୍ବାଚନ ଲଢ଼ି ତିନିଥର ହାରିଥିଲେ। ବ୍ରଜରାଜନଗର କ୍ଷେତ୍ର ପାଇଁ ତିନି ଯୁବନେତା ସୁଜିତ ସିଂହ, ରାଧେଶ୍ୟାମ ପ୍ରଧାନ ଓ ବିଶ୍ୱଜିତ ଷଡ଼ଙ୍ଗୀ ଟିକେଟ ପାଇବା ଆଶାରେ ଗତ ୨ବର୍ଷ ହେଲା ସଂଗଠନ କରିଆସୁଥିଲେ। ବର୍ତ୍ତମାନ ଏମାନଙ୍କୁ ଏକତ୍ରିତ କରି ନିର୍ବାଚନ ଲଢ଼ିବା ସୁରେଶଙ୍କ ପାଇଁ ସେତେଟା ସହଜ ହେବନାହିଁ ବୋଲି ଆଲୋଚନା ହେଉଛି। ସେପଟେ ବେଲପାହାଡ଼ ନଗରପାଳ ତଥା କଂଗ୍ରେସ ନେତା ବୁଲୁ ପଣ୍ଡା ଚଳିତଥର ଟିକେଟ ଆଶାରେ ଥିବାବେଳେ ଦଳ ପକ୍ଷରୁ କିଶୋର ପଟେଲଙ୍କୁ ପ୍ରାର୍ଥୀ କରାଯାଇଛି। ଦେଖିବାକୁ ଗଲେ ପ୍ରାୟ ସବୁ ଦଳରେ ଅସନ୍ତୋଷ ଲାଗି ରହିଥିବାବେଳେ ନେତାମାନେ ଅସନ୍ତୁଷ୍ଟଙ୍କୁ ମନାଇ କିପରି ନିର୍ବାଚନ ବୈତରଣୀ ପାର ହେବେ ତାହା ସମୟ କହିବ ବୋଲି ଚର୍ଚ୍ଚା ହେଉଛି।

## ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ଭାଜପାର ପ୍ରଚାର



କାର୍ଯ୍ୟକ୍ରମରେ ପ୍ରଦୀପ ପୁରୋହିତଙ୍କ ସହ ଟଙ୍କଧର ତ୍ରିପାଠୀ।

ଝାରସୁଗୁଡ଼ା, ୩।୪ (ସଞ୍ଜୟ ମାଲି)

ଭାଜପାର ଝାରସୁଗୁଡ଼ା ବିଧାନସଭା ପ୍ରାର୍ଥୀ ଘୋଷଣା ହେବା ପରେ ବୁଧବାର ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଓ ଝାରସୁଗୁଡ଼ା ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ କରି ଏକ ପ୍ରକାର ପ୍ରଚାର ଆରମ୍ଭ କରିଦେଇଛନ୍ତି। ଭାଜପାର ଗ୍ରାମୀଣ ମହିଳା ମଣ୍ଡଳ କର୍ମକର୍ତ୍ତା ବଡ଼ମାଲଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସାପଡ଼ାଠାରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ପ୍ରଦୀପ ପୁରୋହିତ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରି ଝାରସୁଗୁଡ଼ା ବିକାଶ ପାଇଁ କାମ କରିବା ସହ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନାର ପ୍ରଚାର ଲାଗି ପ୍ରୋତ୍ସାହିତ କରିଥିଲେ। ତେବେ ଝାରସୁଗୁଡ଼ା ଉପନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଟଙ୍କଧର ତ୍ରିପାଠୀଙ୍କ ଉପରେ ଦଳ ଭରସା କରି ପୁଣିଥରେ ତାଙ୍କୁ ମଇଦାନକୁ ଓହ୍ଲାଇଛି। ଏହାକୁ ନେଇ ଝାରସୁଗୁଡା ନର୍ବାଚନ ମଣ୍ଡଳୀର ବଡ଼ମାଲଠାରେ ମହିଳା କର୍ମୀଙ୍କୁ ଏକତ୍ରିତ କରି ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ କରାଯାଇଥିଲା।

## କୋଲାବିରା ଚୈତ୍ର ପୂର୍ଣ୍ଣମୀ ବଏଲ ଯାତ୍ରା ପାଇଁ ପ୍ରସ୍ତୁତି



ବଏଲ ଯାତ୍ରା ପାଇଁ ଅନୁଷ୍ଠିତ ବୈଠକ।

କୋଲାବିରା,୩।୪(ଚିନ୍ମୟ କୁମାର ବହିଦାର)

ଚୈତ୍ର ମାସ ପୂର୍ଣ୍ଣମୀ ଦିନ କୋଲାବିରା ଦକ୍ଷିଣକାଳୀ ପୀଠରେ ଚୈତପୂନି ପୂଜା ଉତ୍ସବ ଓ ବଏଲ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅସୀତ କୁମାର ବହିଦାରଙ୍କ ଆହ୍ୱାନକ୍ରମେ ଆୟୋଜିତ ବୈଠକରେ ସଭାପତି ଦିବାନ ରୁଦ୍ରପ୍ରତାପ ସିଂହ ଅଧ୍ୟକ୍ଷତା କରିଥିଲେ। ଉତ୍ସବକୁ କିପରି ସାକାର କରାଯିବ ସେ ନେଇ ବିଚାର ବିମର୍ଷ କରାଯାଇ ସମସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଆସନ୍ତା ୨୦ ତାରିଖ ଚୈତ୍ର ଶୁକ୍ଳପକ୍ଷ ଦ୍ୱାଦଶୀରେ ଦେବଦେବୀ ନିମନ୍ତ୍ରଣ, ୨୧ରେ ଚଣ୍ଡୀପାଠ ଆରମ୍ଭ,ଦମ୍ଭୋ ସ୍ଥାପନ, ରାତ୍ର ଷୋଡ଼ଶ ପୂଜା, ୨୨ରେ ଚଣ୍ଡୀପାଠ ସମାପନ, ପୂର୍ଣ୍ଣାହୁତି ତଥା ରାତିରେ ଦେବୀ ବାହନ ବରୁଆଙ୍କ ଗ୍ରାମ ପରିକ୍ରମା, ୨୩ରେ ଦେବଦେବୀ ମନ୍ଦିର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ଚୁଡାନ୍ତ କରାଯାଇଛି। ବୈଠକରେ ଚଳିତବର୍ଷର ବରୁଆଯୋଗୀ ଯୋଗେନ୍ଦ୍ର ରାଏ, କୁଳ ପୁରୋହିତ ପ୍ରଦ୍ୟୁମ୍ନ ପୁରୋହିତ, ସରପଞ୍ଚ ଚେତାନନ୍ଦ ନଇ, ଦେବାଶିଷ ସିଂ ଠାକୁର, ମାନଭଞ୍ଜନ ସିଂହ, ଆଲୋକ ମହାପାତ୍ର, ନେପ୍ର ସାହୁ, ଦେବେନ୍ଦ୍ର କୁମାର ଶତପଥି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଟ୍ରେନ୍‌ରୁ ଖସିପଡ଼ି ଅଜଣା ଯୁବକଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୩।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଗୋବର୍ଦ୍ଧନପୁର ଓଭରବ୍ରିଜ ନିକଟରେ ବୁଧବାର ଏକ ଯାତ୍ରୀବାହୀ ଟ୍ରେନରୁ ଖସି ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଦକ୍ଷିଣ ପୂର୍ବ ରେଳପଥ ରେଳମଣ୍ଡଳ ଅନ୍ତର୍ଗତ ଲାଞ୍ଜିଗଡରୋଡ଼ ଓ ନର୍ଲାରୋଡ଼ ରେଳଷ୍ଟେଶନରେ ମଧ୍ୟରେ ଦିନବେଳେ ଗୋବର୍ଦ୍ଧନପୁର ଓଭରବ୍ରିଜ ନିକଟରେ କୌଣସି ଏକ ଯାତ୍ରୀବାହୀ ଟ୍ରେନରୁ ଖସିପଡ଼ି ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୬୯ **ବିଜ୍ଞାପନ** ତା:୦୪।୦୩।୨୪

No. CAD-9: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ: ୰ବିଦ୍ୟାଧର ପାଢ଼ୀ<br>ପିତା: ୰ଦାଶରଥି ପାଢ଼ୀ<br>ଗ୍ରାମ: କୋଦଳା<br>ପୋଷ୍ଟ: କୋଦଳା<br>ଥାନା: କୋଦଳା<br>ଜିଲ୍ଲା: ଗଞ୍ଜାମ (ଓଡ଼ିଶା) | ଘର ନଂ.– ଏଲ୍.ସି.ଆର୍.– ୫୯୩<br>ଛେଣ୍ଡ କଲୋନୀ, ଫେଜ୍–୧,<br>ରାଉରକେଲା,<br>ଜି.: ସୁନ୍ଦରଗଡ଼ | ୧. ଶ୍ରୀମତୀ ଉଷାରାଣୀ ପାଢ଼ୀ (ବିଧବା ସ୍ତ୍ରୀ)<br>୨. ଶ୍ରୀ ବିଜୟ କୁମାର ପାଢ଼ୀ (ବି. ପୁତ୍ର)<br>୩. ଶ୍ରୀ ଅକ୍ଷୟ କୁମାର ପାଢ଼ୀ (ବି. ପୁତ୍ର)<br>୪. ଶ୍ରୀମତୀ ଆଶାଲତା ପ୍ରତିହାରୀ (ବି. ଝିଅ) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0012/2425

## ଝାଡ଼େଶ୍ୱରୀ ଦିବ୍ୟାଙ୍ଗ ସ୍କୁଲରେ ସ୍ୱତନ୍ତ୍ର ବୈଠକ

ଝାରସୁଗୁଡ଼ା,୩।୪ (ସଞ୍ଜୟ ମାଲି)



ବୈଠକରେ ଯୋଗଦେଇଥିବା ସ୍କୁଲ କର୍ମକର୍ତ୍ତା।

ଝାରସୁଗୁଡ଼ା ବୁରୋମାଲ ବୁଡାପଡାସ୍ଥିତ ଝାଡେଶ୍ୱରୀ ସ୍ୱତନ୍ତ୍ର ବିଦ୍ୟାଳୟରେ ପ୍ରଶିକ୍ଷକ ଓ ପରିଚାଳନା କମିଟି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ ସ୍ୱାଗତ ଭାଷଣ ଦେଇଥିଲେ। ଏହି ସଭାକୁ ଅଧ୍ୟକ୍ଷା ନମିତା ନାଥ ପରିଚାଳନା କରିଥିଲେ। ବୈଠକରେ ଦିବ୍ୟାଙ୍ଗ ପିଲାଙ୍କ ପାଠପଢା, ଖେଳ ସାଙ୍ଗକୁ ବିମାନ ବନ୍ଦର, ରେଳ ଷ୍ଟେଶନ, ବସଷ୍ଟାଣ୍ଡ, ପାର୍କ, ମନ୍ଦିର ପ୍ରଭୃତି ସ୍ଥାନ ପରିଭ୍ରମଣ, ତିନିମାସରେ ଥରେ ଶିକ୍ଷକ ଅଭିଭାବକ ବୈଠକ, ବର୍ଷରେ ଦୁଇଥର ଅଭିଭାବକ ପରାମର୍ଶ ଶିବିର କରାଯିବା ଉପରେ ଆଲୋଚନା ହୋଇଥିଲା। ଏହାଛଡା ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯାଇଥିଲା । ଶେଷରେ କମିଟି ସଭ୍ୟ ଗୁଣନିଧି ଭଇସା ଧନ୍ୟବାଦ ଦେଇଥିଲେ।

**TP SOUTHERN ODISHA DISTRIBUTION LIMITED**
(Procurement Department)
TPSODL
BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 04.04.2024

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Engineering, Supply, Erection & Commissioning of Power Supply at multiple location in TPSODL-for BSNL Mobile Tower Under 4G Saturation Project Under 100% Deposit Scheme. | TPSODL/OT/ 2023-24/097 | 1 Lakh | 5,000 | 16.04.2024 18:00 Hrs. |
| 2 | RC for New Service Connection, LT/HT Line, HT Metering, Go-Swift Works, Small Deposit Works | TPSODL/OT/ 2023-24/098 | NIL | 5,000 | 16.04.2024 18:00 Hrs. |
| 3 | RC For Supply and Installation of Split ACs and Accessories at various locations of TPSODL. | TPSODL/OT/ 2023-24/099 | 2 Lakh | 5,000 | 16.04.2024 18:00 Hrs. |
| 4 | Rate Contract for MeterReading, Spot Billing and Bill Distribution at TPSODL. | TPSODL/OT/ 2024-25/001 | 4 Lakh | 5,000 | 16.04.2024 18:00 Hrs. |
| 5 | RC for Field Force Automation Services for TPSODL, TPNODL, TPWODL & TPCODL. | TPCODL/CCG/ 2023-24/ 1000000626 | 50,000 | 5,000 | 09.04.2024 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**

## ଏକାଦଶ, ୟଙ୍ଗଷ୍ଟାର, ରେମ୍ବୋ ସେଭେନ ଷ୍ଟାର ବିଜୟୀ

ରାଉରକେଲା,୩।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଚେତନା ୟୁଥ କ୍ଲବ ତରଫରୁ ସେକ୍ଟର–୩ ଖେଳପଡିଆ ଠାରେ ଚାଲିଥିବା ୧୨ଦିନାତ୍ମକ ରାତ୍ରିକାଳୀନ କ୍ରିକେଟ ପ୍ରତିଯୋଗିତା ତୃତୀୟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ମ୍ୟାଚରେ 'ର' ଇଲେଭେନ ଦଳ ସୁପର ସେଭେନ ଦଳକୁ, ୟଙ୍ଗଷ୍ଟାର ଦଳ ରୋୟଲ ଜିଡିଟି ଦଳକୁ ଏବଂ ରମ୍ବୋ ସେଭେନ ଷ୍ଟାର ଦଳ ଷ୍ଟାର ୱାରିୟର ଦଳକୁ ପରାଜିତ କରି ବିଜୟୀ ହୋଇଥିଲେ। ରାତ୍ରୀକାଳୀନ କ୍ରିକେଟ ମ୍ୟାଚର ତୃତୀୟ ମ୍ୟାଚରେ ମୁଖ୍ୟଅତିଥି ଭାବେ ଗୋବିନ୍ଦ ଚନ୍ଦ୍ର ମହାନନ୍ଦିଆ, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ବାଗ, ପଦ୍ମା ବାରିକ, ମୀନା ସିଂହ ଓ ଅର୍ଣ୍ଣପୂର୍ଣ୍ଣା କୁମ୍ଭାର ପ୍ରମୁଖ ଯୋଗଦେଇ ବିଜୟୀ ଦଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାତ୍ରିକାଳୀନ କ୍ରିକେଟ ମ୍ୟାଚର ତୃତୀୟ ଦିନ ମ୍ୟାଚ ଆୟୋଜନରେ ଶିବ ବେହେର୍ତ୍ତାଙ୍କ ସମେତ ମନୋଜ ମଲ୍ଲିକ, ଶଶୀ ସୁନା, ଗୋପୀ ସୁନାଙ୍କ ସମେତ ଚେତନା ୟୁଥ କ୍ଲବର ସମସ୍ତ ସଦସ୍ୟ ସହଯୋଗୀ ରହିଥିଲେ। ମ୍ୟାଚରେ ଆମ୍ପୟାର ବୁଲୁ ଓ ବିପ୍ଳବ ରହିଥିଲେ।



କ୍ରିକେଟ ପ୍ରତିଯୋଗିତା ତୃତୀୟ ମ୍ୟାଚରେ ଅତିଥିମାନଙ୍କ ସହିତ ବିଜୟୀ ଦଳ।

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଜି/ ଖଡ଼ଗପୁର–୭୨୧୩୦୧, ଦ.ପୂ. ରେଳପଥଙ୍କ ଦ୍ୱାରା ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶିତ ତାରିଖର ୧୨.୦୦ ଘଟିକା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରାଯାଉଛି: **କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ବିଡ୍ ଅମାନତ/ଇ.ଏମ୍.ଡି.: (୧) ୧୧୪-ଇଏଲସି-ଜି-କେଜିପି-୨୩-୨୪-୫୩, ତାରିଖ: ୦୧।୦୪।୨୦୨୪;** ଅମୃତ ଭାରତ ଷ୍ଟେଶନରେ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଖଡ଼ଗପୁରଙ୍କ ଅଧୀନରେ ଜଳେଶ୍ୱର ଏବଂ ବାରିପଦାଠାରେ ୧୨.୦ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ୍‌ର ବ୍ୟବସ୍ଥା ଲାଗି ବୈଦ୍ୟୁତିକ କାର୍ଯ୍ୟ; ₹୨୬,୭୦,୦୩୪.୭୮; ₹୫୩,୪୦୦/–। **(୨) ୧୧୪-ଇଏଲସି-ଜି-କେଜିପି-୨୩-୨୪-୪୫ଆର୍୧ ତାରିଖ: ୦୧।୦୪।୨୦୨୪;** ଭଞ୍ଜପୁରଠାରେ (i) ପାଣି ଟାଙ୍କି ଷ୍ଟେଜିଂର ନିର୍ମାଣ, (ii) ଏକ ଗୋଟି ହ୍ୟାଣ୍ଡ ଟ୍ୟୁବ୍ ୱେଲ୍‌ର ବ୍ୟବସ୍ଥା, (iii) ୩୦୦ ମିମି x ୨୦୦ ମିମି ଆକାର ଡି.ଟି. ୱେଲ୍‌ର ବ୍ୟବସ୍ଥା – ୧ ଗୋଟି, (iv) ବସିବା ବନ୍ଦୋବସ୍ତର ବ୍ୟବସ୍ଥା, (v) ପାଇପ୍ ଲାଇନ୍ କାର୍ଯ୍ୟର ଉନ୍ନତୀକରଣ, (vi) ପ୍ଲାଟ୍‌ଫର୍ମ ଶେଲ୍ଟରର ନିର୍ମାଣ – ୪ ଗୋଟି, (vii) ସୀମା ପାଚେରି ନିର୍ମାଣ, (viii) ଷ୍ଟେଶନ ଆପ୍ରୋଚ୍ ରୋଡ୍‌ର ବିକାଶ, (ix) ସର୍କୁଲେଟିଂ ଏରିଆ (୩୦ ମି x ୨୦ ମି)ର ବିକାଶ ନିମନ୍ତେ ବୈଦ୍ୟୁତିକ କାର୍ଯ୍ୟ; ₹୨୨,୫୬,୮୯୬.୪୭; ₹୪୫,୧୦୦/–। **(୩) ୧୧୪-ଇଏଲସି-ଜି-କେଜିପି-୨୩-୨୪-୫୨, ତାରିଖ: ୦୧।୦୪।୨୦୨୪;** ଖଡ଼ଗପୁର ଡିଭିଜନରେ ତାମଲୁକ–ଦିଘା ସେକ୍ସନରେ ହେରିଆ–ନଚିଣ୍ଡା ଷ୍ଟେଶନ ମଧ୍ୟରେ ଘୋଲବାଗଡ଼ାଠାରେ ହଲ୍ଟ ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ; ₹୧୪,୪୦,୯୩୨.୯୪; ₹୨୮,୮୦୦/–। **ଖୋଲାଯିବାର ତାରିଖ:** କ୍ର.ସଂ. ୧ ପାଇଁ ତା୧୭।୦୪।୨୦୨୪ ଏବଂ କ୍ର.ସଂ. ୨ ଓ ୩ ପାଇଁ ତା୧୦।୦୪।୨୦୨୪। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ୍ୟ। **ସମାପ୍ତି ଅବଧି:** କ୍ର.ସଂ. ୧ ଓ ୩ ପାଇଁ ସ୍ୱୀକୃତି ପତ୍ର ଜାରି ତାରିଖରୁ ୦୬ ମାସ ଏବଂ କ୍ର.ସଂ. ୨ ପାଇଁ ୧୨ ମାସ। **ଦାଖଲର ତାରିଖ:** କ୍ର.ସଂ. ୧ ପାଇଁ ତା୧୭।୦୪।୨୦୨୪ରିଖ ୧୨.୦୦ ଘଟିକା ଏବଂ କ୍ର.ସଂ. ୨ ଓ ୩ ପାଇଁ ତା୧୦।୦୪।୨୦୨୪ରିଖ ୧୨.୦୦ ଘଟିକା। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-09)

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 1859 /P.S.C./ Dt. 3.4.24**
**PF-1E-05-2023/24 (DR-III)**

**No.D-:**It is for information of all concerned that on the basis of written examination held on **30.04.2023** for recruitment to the Post of **Post Graduate Teachers in Mathematics**, pursuant to Advt. No.21 of 2021-22, **07 (Seven)** candidates bearing following Roll Nos. have been qualified for admission to the Viva Voce Test. The physical verification of original certificates/documents etc. and Viva Voce test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack-753001 on **23.04.2024** as per the programme detailed below.

The Candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening),** three passport size photographs (as uploaded in the online application form), self-attested copies of all relevant certificates/documents etc. **with original of the same** as per **Para-10** of the aforesaid advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of document verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the vertification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce test.** The candidates shall be allowed to the Viva Voce test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Date | Time of document verification | Time of Viva Voce Test | ROLL No. of Candidates |
|---|---|---|---|---|
| 1 | 23.04.2024 | 8.30 A.M. | 10.30 A.M. | 400009, 400025, 400048, 400051, 400178, 400294 & 400313 = 07 Candidates |

**N.B.- The candidates are advised to report at the office of the Commission half an hour before the commencement of document verification on their scheduled date & time as mentioned against each.**

**NOTE:-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0001/2425 **Sd./- Secretary**

## ସଂକ୍ଷେପରେ

### ଅଟୋ ଧକ୍କାରେ ବାଇକ୍ ଆରୋହୀ ମୃତ

ଗୋଲାମୁଣ୍ଡା,୩।୪(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଯୋର ନିକଟରେ ବୁଧବାର ଅପରାହ୍ନରେ ଏକ ଅଜଣା ଅଟୋ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଲାମୁଣ୍ଡା ଗ୍ରାମର ଘନଶ୍ୟାମ ବରାଟ (୫୫)। ସୂଚନା ଅନୁସାରେ ଗୋଲାମୁଣ୍ଡା ଗ୍ରାମର ଘନଶ୍ୟାମ ଏବଂ ବିଦୁର କୁମାର ଭୋଇ ଯୋରକୁ ବାଇକ ଯୋଗେ ଗାଧୋଇବାକୁ ଯାଉଥିବା ବେଳେ ଏକ ଅଟୋ ଆସି ପଛପଟୁ ଧକ୍କା ଦେଇଥିଲା। ୨ ବାଇକ୍ ଆରୋହୀ ଛିଟିକି ପଡ଼ିଥିବା ବେଳେ ଘନଶ୍ୟାମ ଅଧିକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଘନଶ୍ୟାମଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଘନଶ୍ୟାମଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇବା ପରେ ଅଟୋ ଚାଳକ ଫେରାର ହୋଇଥିବା ଜଣାପଡ଼ିଛି। ଏ ନେଇ ଗୋଲାମୁଣ୍ଡା ଥାନାରେ ଏକ ମାମଲା (ନଂ.୬୧/୨୦୨୪)ରେ ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଅଧିକାରୀ ଶ୍ୱେତପଦ୍ମା ସୂଚନା ଦେଇଥିଲେ।

### ଚୈତ୍ର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ରିଷିଡ଼ା,୩।୪(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବ ଶକ୍ତି ମନ୍ଦିରଠାରୁ ଆଗାମୀ ଚୈତ୍ର ଝାମୁଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଶୈବ ଶକ୍ତି ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶକ୍ତି ପୀଠର ସେବାୟତ କର୍ମକର୍ତ୍ତା ଏବଂ ଗ୍ରାମର ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିବାବେଳେ ମନ୍ଦିର ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବାକୁ ଆଲୋଚନା କରିଥିଲେ। ପ୍ରସିଦ୍ଧ ଝାମୁଯାତ୍ରା ୧୦ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ହେବ। ପ୍ରଥମ ଦିନ ଦେବୀଙ୍କ ନଗର ପରିକ୍ରମା, ଦ୍ୱିତୀୟ ଦିବସରେ ଝାମୁଯାତ୍ରା, ତୃତୀୟ ଦିନରେ ପଣା ସଂକ୍ରାନ୍ତି ହନୁମାନ ଜୟନ୍ତୀ, ଚତୁର୍ଥ ଦିବରେ ଷୋହଳ ପ୍ରହର ନାମ ଯଜ୍ଞ ପାଳନ କରିବା କାର୍ଯ୍ୟକ୍ରମ ରହିଥିବା ଶକ୍ତି ପୀଠର ପରିଚାଳନା କମିଟି ଜଣାଇଛନ୍ତି। ଏଥି ସହିତ ମିନା ବଜାର ଏହି ଉତ୍ସବ କୁ ଆକର୍ଷଣୀୟ କରିବ ବୋଲି ଆୟୋଜକ ପକ୍ଷରୁ ଜଣାଯାଇଛି।

### ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

କୋମନା,୩।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ବିଶ୍ୱନାଥପୁରଠାରେ ଚାଲିଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦଯାପିତ ହୋଇଯାଇଛି। ଏଥିରେ ବିଶ୍ୱନାଥପୁର, ଚିକ୍ରାପଡ଼ା, କୋମନା, କୋଟ୍ରିବାହାଲ, ଥପାପଡା, ବଘାମୁଣ୍ଡା ଓ ବଲାଙ୍ଗୀର ଜିଲାର ଗରଗଡ଼ବାହାଲ ୮ଟି ସଂକୀର୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଶାନ୍ତିଶୃଙ୍ଖଳାର ସହିତ ନାମଯଜ୍ଞ ସମ୍ପନ୍ନ ହୋଇଛି।

### ପଥଚାରୀଙ୍କୁ ଥଣ୍ଡା, ଦହି ପାଣି, ବିସ୍କୁଟ ବଣ୍ଟନ

ଥୁଆମୂଳ ରାମପୁର,୩।୪(ଦୁର୍ଗା କୀର୍ତ୍ତି)

ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପଥଚାରୀଙ୍କ ପାନୀୟ ଜଳର ଆବଶ୍ୟକ ରହିଛି। ଏହାକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ମା' ମାଣିକେଶ୍ୱରୀ ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ଏକ ଜଳଛତ୍ର ଖୋଲାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଯିବାଆସିବା କରୁଥିବା ପଥଚାରୀଙ୍କୁ ଥଣ୍ଡା, ଦହିପାଣି, ବିସ୍କୁଟ ବଣ୍ଟନ କରାଯାଇଛି। ମା' ମାଣିକେଶ୍ୱରୀ ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ସଭାପତି ବଳଭଦ୍ର ବାଗଙ୍କ ତତ୍ତ୍ୱାବଧାନରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସମ୍ବିତ କୁମାର ବିଶ୍ୱାଳ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଡାକ୍ତର ସୌମ୍ୟ ରଞ୍ଜନ ମାଝି ଯୋଗଦାନ କରି ପଥଚାରୀଙ୍କୁ ଥଣ୍ଡା, ଦହିପାଣି ଓ ବିସ୍କୁଟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ତଥା ସଂଘ ଉପଦେଷ୍ଟା ମଣ୍ଡଳୀ, ସଂଘ ଆଇନ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ରହିଥିଲେ।

# ପରିଶ୍ରମ ତୁଳନାରେ ମିଳୁନି ପ୍ରାପ୍ୟ




ଜଣେ ମହିଳା ମହୁଲ ଫୁଲ ଗୋଟାଉଥିବା ବେଳେ ଜଣେ ବ୍ୟକ୍ତି ଖରାରେ ଶୁଖାଉଛନ୍ତି

କୋକସରା,୩।୪(ଦୁଷ୍ମନ୍ତ କୁମାର ପାଟଯୋଶୀ)

■ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଗୋଟାଳି

■ସରକାରୀସ୍ତରରେ ବିକ୍ରି ଦାବି

କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ଜଙ୍ଗଲ ନିକଟବର୍ତ୍ତୀ ଆମପାଣି, ବରାଡ଼ଙ୍ଗା, ପୋ ଗୋତମୁଣ୍ଡା, ଡୁଡୁକାଠେଙ୍ଗା, ମହିମା ପଞ୍ଚାୟତର ଉଣାଅଧିକ ସମସ୍ତ ଗାଁରେ ଏବେ ମହୁଲ ଫୁଲ ସଂଗ୍ରହ ହେଉଛି। ଚୈତ୍ର ମାସରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହୁଲ ଫୁଲ ମହିଳାମାନେ ଗୋଟାଇ ଘରକୁ ନେଇ ଖରାରେ ଶୁଖାଇ ପରେ ବିକ୍ରି କରୁଛନ୍ତି। ମହୁଲ ଫୁଲ ସହ ଆଦିବାସୀ ଜନଜୀବନର ନିବିଡ଼ ସମ୍ପର୍କ ମଧ୍ୟ ରହିଛି। ସେମାନଙ୍କ ଦେବଦେବୀଙ୍କ ଯାତ୍ରା ହେଉ ଅବା ପର୍ବପର୍ବାଣୀ, ବିବାହରେ ମହୁଲର ବ୍ୟବହାର ଅପରିହାର୍ଯ୍ୟ। ଏହା ବ୍ୟତୀତ ଚୈତ୍ର ମାସରେ ହେଉଥିବା ଠାକୁରାଣୀଙ୍କ ଘଟଯାତ୍ରା, କୃଷି ଭିତ୍ତିକ ପର୍ବବିହନ ଛିନାରେ ମହୁଲ ଫୁଲକୁ ମା'ଙ୍କ ପ୍ରିୟ ଫୁଲ ଭାବେ ଅର୍ପଣ କରାଯାଏ। ମହୁଲ ଫୁଲରୁ ତିଆରି ହେଉଥିବା ମହୁଲି ମଦ ରାଜ୍ୟ ରାଜସ୍ୱରେ ପ୍ରମୁଖ ଉପାର୍ଜନର ମାଧ୍ୟମ ହୋଇଥିବା ବେଳେ ମହୁଲ ଫୁଲ ଗୋଟାଳି ପରିଶ୍ରମ ତୁଳନାରେ ପ୍ରାପ୍ୟ ପାଉନାହାନ୍ତି। ଗ୍ରାମାଞ୍ଚଳରୁ ମଦ ଭାଟିର ଏଜେଣ୍ଟ ଓ ଗାଁ ସାହୁକାରମାନେ ମହୁଲ ଫୁଲ କେଜି ପ୍ରତି ୨୦/୨୫ ଟଙ୍କାରେ କିଣୁଥିବା ଗୋଟାଳିମାନେ ଅଭିଯୋଗ କରିଛନ୍ତି। ମହୁଲ ଫୁଲକୁ ନନ ଟିମ୍ବର ଜଙ୍ଗଲ ଦ୍ରବ୍ୟ ଭାବେ ଗ୍ରହଣ କରାଯାଇଛି। ପଞ୍ଚାୟତ ନିୟମ ୧୯୯୬ର ୭୬ ତମ ସଂଶୋଧନ ଫଳରେ ମହୁଲ ଗଛକୁ ମାଇନର ଫରେଷ୍ଟ ପ୍ରଡକ୍ଟ ଭାବେ ଘୋଷଣା କରାଯାଇ ଏହାର କିଣାବିକା ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଛି। ହେଲେ ପ୍ରଶାସନର ଅବହେଳା କାରଣରୁ କୌଣସି ପଞ୍ଚାୟତରେ ମଧ୍ୟ ମହୁଲ ଫୁଲ କିଣାବିକା ନେଇ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ। ଫଳରେ ମହୁଲ ଗୋଟାଳିମାନେ ଶାଗ ମାଛ ଦରରେ ସ୍ଥାନୀୟ ମଦ ଭାଟି ଓ ସାହୁକାରଙ୍କ ନିକଟରେ ବିକ୍ରି କରୁଛନ୍ତି। ଏବେ ମଧ୍ୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅଧିବାସୀମାନେ ଜଙ୍ଗଲରୁ ମହୁଲ, ଚାର, ଶାଳପତ୍ର, କାଠ, ଝୁଣା, କେନ୍ଦୁ, ହରିଡା, ବାହାଡ଼ା ସଂଗ୍ରହ କରି ଜୀବନ ଜୀବିକା ନିର୍ବାହ କରୁଛନ୍ତି। ତେବେ ଏସବୁ ବନଜାତ ଦ୍ରବ୍ୟ ବିକ୍ରି କରିବା ପାଇଁ କୌଣସି ବଜାର ବ୍ୟବସ୍ଥା ନ ଥିବାରୁ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। କୋକସରା ବ୍ଲକରୁ ବାର୍ଷିକ ଶହ ଶହ ଟନ ମହୁଲ ଫୁଲ ସଂଗ୍ରହ ହେଉଥିବା ବେଳେ ପଞ୍ଚାୟତରେ ବିକ୍ରି ସୁବିଧା ମିଳିଲେ ଉଚିତ ମୂଲ୍ୟ ପାଇ ପାରିବେ ବୋଲି ଗୋଟାଳିମାନେ କହନ୍ତି। ପଞ୍ଚାୟତସ୍ତରରେ ଜଙ୍ଗଲ ଜାତ ଦ୍ରବ୍ୟ କିଣିବିକା ଉପରେ ସରକାର ଦୃଷ୍ଟି ଦେବାକୁ ସଂଗ୍ରହକାରୀମାନେ ଦାବି କରିଛନ୍ତି।

## ବିବେକାନନ୍ଦ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଏମ୍.ରାମପୁର,୩।୪(ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ଏମ. ରାମପୁର ଶ୍ରୀରାମକୃଷ୍ଣ ଦ୍ୱାରା ପରିଚାଳିତ ବିବେକାନନ୍ଦ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଓ କର୍ମକର୍ତ୍ତାଙ୍କ ଦ୍ୱାରା ସ୍ୱାମୀ ବିବେକାନନ୍ଦ, ଶ୍ରୀରାମକୃଷ୍ଣ, ମାସାରଦା ଦେବିଙ୍କଠାରେ ପୁଷ୍ପମାଲ୍ୟ ପ୍ରଦାର୍ପଣ ପରେ ଗୁରୁବନ୍ଦନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥଲା। ଆଶ୍ରମ ସମ୍ପାଦକ ଆଶୋକା ନନ୍ଦ ମହାରାଜଙ୍କ ସଭାପତିରେ ଆୟୋଜିତ ସଭାରେ କଳାହାଣ୍ଡି ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟର ଉପରକ୍ଷକ ତଥା ଇଂଲିଶ ବିଭାଗ ମୁଖ୍ୟ ମେଜର ଡ଼ା ଜୟଦେବ ସାହୁ ମୁଖ୍ୟଅତିଥି, କଣ୍ଟପଡ଼ା ମହାବିଦ୍ୟାଳୟ ଅଧାପକ ଅଜିତ ବେହେରା ମୁଖ୍ୟବକ୍ତା, ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଫୁଲବାଣୀ ଅଧ୍ୟକ୍ଷ କିଶୋର ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାରେ ଆଧ୍ୟାତ୍ମିକତା ସନ୍ନିବେଶିତ ହେଇ ଶିକ୍ଷ୍ୟା ସାଧନ ହେଲେ ସମାଜ ଶୃଙ୍ଖଳିତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ମକଇନ ଚାର୍ଜ ଶୁକଦେବ ନନ୍ଦ, ଧିରେଶା ନନ୍ଦ, ଅଧ୍ୟକ୍ଷ ସୁରେନ୍ଦ୍ର ମହାଖୁଡ, ଅନ୍ନଦା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନଥିଲେ। ରାମପୁର ଅଞ୍ଚଳରେ ସିବିଏସସି ମାଧ୍ୟମ ସ୍କୁଲ ଆବଶ୍ୟକତା ରହିଛି, ଯାହାକି ଆଶ୍ରମ କର୍ତ୍ତୃପକ୍ଷ ଦ୍ୱାରା ଆରମ୍ଭ ହୋଇ ସୁଚାରୁ ରୂପେ ସ୍କୁଲ ପରିଚାଳନା ହେବା ନେଇ ଅତିଥିମାନେ ପ୍ରଶଂସା କରିଥିଲେ। ସ୍କୁଲ ଛାତ୍ରୀଛାତ୍ର ଦ୍ୱାରା ସାଂସ୍କୃତିକ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବିକାଶ ଆବାସିକ ବିଦ୍ୟାଳୟରେ ଶିକ୍ଷକ ଦକ୍ଷତା ବୃଦ୍ଧି ତାଲିମ

ଭବାନୀପାଟଣା,୩।୪(ଉତ୍ତମ କୁମାର ଦାଶ)



ଅତିଥିଙ୍କ ଗହଣରେ ତାଲିମ ନେଇଥିବା ୭୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ।

**ସାମିଲ ହେଲେ ୭୦ଜଣ ଶିକ୍ଷୟିତ୍ରୀଶିକ୍ଷକ**

ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଶିକ୍ଷକ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତିନ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ଓଡିଶା ପୀତାମ୍ବର ଦାସ ଓ ଆରଏସଭି କ୍ରିଷ୍ଣା (ଜେସିଆଇ ଇଣ୍ଡିଆ) ତାଲିମ ଦାତା ଭାବେ ଯୋଗଦେଇଥିଲେ। ଅତିଥି ଭାବେ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ଭବାନୀପାଟଣାର ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମକୁମାର, ଏକାଡେମୀକ ଇନଚାର୍ଜ ଡି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି.ପଦ୍ମିନୀ, ବିକାଶ ବିବିଏ ବିସିଏ ବିଭାଗ ଅଧ୍ୟକ୍ଷ ଡ଼. ସୁଦୀପ୍ତ କୁମାର ଜେନା, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ମଞ୍ଚାସୀନଥିଲେ। କାର୍ଯ୍ୟକ୍ରମରେ ଭବାନୀପାଟଣା ଶାଖା ସମେତ ଜୟପୁର ଓ କଣ୍ଟାବାଞ୍ଜି ଶାଖାର ପ୍ରାୟ ୭୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ତାଲିମ ନେଇଁଥିଲେ। ଏତଦ ବ୍ୟତୀତ ବିଷୟ ମୁଖ୍ୟ ଭାବେ ସାମନ୍ତ ବର୍ଗର୍ତ୍ତି, ଅନିରୁଦ୍ଧ ଭଟ୍ଟାଚାର୍ଯ୍ୟ, ଅବ୍ୟୟ ପାତ୍ର, ହୃଦୟାନନ୍ଦ ଚନ୍ଦନ, ଅନିତା ପାତ୍ର ପ୍ରମୁଖ ବିଷୟ ଭିତ୍ତିକ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରିୟଙ୍କା ପଣ୍ଡା ପରିଚାଳନା କରିଥିଲେ ।

## ରୋଷେୟାଙ୍କ ମାସିକ ପାରିଶ୍ରମିକ ବୃଦ୍ଧି ଦାବି

ଖଡ଼ିଆଳ,୩।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଅଧୀନରେ ପରିଚାଳିତ ଶିକ୍ଷାନୁଷ୍ଠାନ ଛାତ୍ରାବାସ ଛାତ୍ରୀନିବାସରେ ୧୯୯୩ଠାରୁ ନିଯୁକ୍ତ ଓ ନିୟୋଜିତ ରୋଷେୟା ତଥା ସେବାୟତମାନେ ସବୁବେଳେ ଜରୁରୀକାଳୀନ ପରିସ୍ଥିତିରେ ରହିଛନ୍ତି। ସେମାନଙ୍କ କୌଣସି ଦିନଟିଏ ହେଲେ ସରକାରୀ ଛୁଟି ନାହିଁ କିମ୍ବା ସରକାରୀ କର୍ମଚାରୀମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ନାହିଁ, ହେଲେ ଦାୟିତ୍ୱ ଅନେକ ରହିଛି। ବିଦ୍ୟାଳୟ ପରିବେଶ ଛାତ୍ରାବାସ ଛାତ୍ରୀନିବାସ ସଫାସୁତୁରା, ରକ୍ଷଣାବେକ୍ଷଣ ଦୈନିକ ଦୁଇ ପ୍ରହର ଖାଦ୍ୟ ରନ୍ଧନ ଓ ପରିବେଷଣ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଦିନରାତି କାମ କରୁଛନ୍ତି। କେବଳ ମାତ୍ର ଟଙ୍କା ୧୨ ହଜାର ପାଇଁ କାର୍ଯ୍ୟରେ ଥାଇ ମରିଗଲେ କିଛି ନାହିଁ। ରୋଷେୟା ତଥା ସେବାୟତମାନଙ୍କୁ ପେନସନ ମିଳିବା ତ ଦୁରର କଥା ଇପିଏଫ/ଇଏସଆଇ ମଧ୍ୟ ଲାଗୁ ନାହିଁ। ଷାଠିଏ ବର୍ଷ ପୁରିଗଲେ ରିଟାରମେଣ୍ଟ ନୋଟିସ ଖାଲି ହାତରେ ସିସିଏ ଯିବେ କାହିଁ। ଅର୍ଦ୍ଧକୁଶଳି ଶ୍ରମିକ ଭାବେ ମାସିକ ନିଶ୍ଚିତ ପାରିଶ୍ରମିକ ପ୍ରଦାନ ବଦଳରେ ହଜାର ହଜାର (ସିସିଏ) ରୋଷେୟା ତଥା ସେବାୟତଙ୍କୁ ମୌଳିକ ଓ ସାମାଜିକ ଅଧିକାରରୁ ବଞ୍ଚିତ । ରୋଷେୟା ତଥା ସେବାୟତଙ୍କ ଜୀବନରେ ତଥାପି କୌଣସି ପଲିସି ଡିସିଜନ ନାହିଁ । ବିଭାଗୀୟ ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରି ସିସିଏମାନଙ୍କୁ ମାସିକ ପାରିଶ୍ରମିକ ଅନ୍ତତଃ ପକ୍ଷେ ୧୨ହଜାରରୁ ୨୪ ହଜାରକୁ ବୃଦ୍ଧି ନିମନ୍ତେ ପଲିସି ଡିସିଜନ ପାଇଁ ମୁଖ୍ୟ ଶାସନ ସଚିବଙ୍କଠାରେ ସିସିଏମାନଙ୍କ ନ୍ୟାର୍ଯ୍ୟ ଦାବି ଉପସ୍ଥାପନ ନିମନ୍ତେ ନୂଆପଡା ଜିଲା ରୋଷେୟା ତଥା ସେବାୟତ ସଂଘ ସଭାପତି ଭୈରବ କୁମାର ସାହୁ ଦାବି କରିଛନ୍ତି।

## ଓଡ଼ିଶା ପାଇଁ ପଦକ ଆଣିଲେ କଳାହାଣ୍ଡିର ଭୌମିକ

ଭବାନୀପାଟଣା,୩।୪(ଉତ୍ତମ କୁମାର ଦାଶ)

**୨୩ତମ ଉପ କନିଷ୍ଠ ଜାତୀୟ ଉଷୁ ପ୍ରତିଯୋଗିତା**

ଜମ୍ମୁ ବିଶ୍ୱବିଦ୍ୟାଳୟରେ ଗତ ୨୬ ରୁ ୩୧ ତାରିଖ ପର୍ଯ୍ୟନ୍ତ ୨୩ତମ ଉପକନିଷ୍ଠ ଜାତୀୟ ଉଷୁ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଦଳରେ ୩୯ ଦଳ ଖେଳାଳି ସାମିଲ ହୋଇଥିଲେ। ସେଥିମଧ୍ୟରୁ କଳାହାଣ୍ଡିର ଜଣେ ଖେଳାଳି ଭାବେ ଭୌମିକ ଭାରଦ୍ୱାଜ ଭୋଇ ରହିଥିଲେ। ଭୌମିକ ପାରମ୍ପରିକ ତାଓଲୁ ବିଭାଗରେ କାଂସ୍ୟ ପଦକ ହାସଲ କରି ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏଥିରେ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ବିଚାରକ ଓ କୃଷ୍ଣଚନ୍ଦ୍ର ସାହୁ ଓଡିଶା ଟିମ ପରିଚାଳକ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଭୌମିକଙ୍କୁ ରାଜ୍ୟ ଉଷୁ ସଂଘ ଅଧ୍ୟକ୍ଷ ଇ. ଏସଏସ ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ କଳାହାଣ୍ଡି ଜିଲା ଉଷୁ ସଭାପତି ଜତୀନ୍ଦ୍ର ସାହୁ ଉପସଭାପତି ଚିଣ୍ଟୁ ପ୍ରସାଦ ନାଏକ, ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଓ ଭିଭିନ୍ନ କ୍ରୀଡା ମହଲରୁ ଶୁଭେଚ୍ଛା ଜଣାଇଛନ୍ତି। ପଦକ ବିଜେତା ଭୌମିକଙ୍କୁ କେସିଙ୍ଗା ରେଳ ଷ୍ଟେଶନରେ ସମର୍ଥକମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ ।



କେସିଙ୍ଗା ରେଳ ଷ୍ଟେଶନରେ ସମର୍ଥକମାନେ ଭୌମିକଙ୍କୁ ସ୍ୱାଗତ କରୁଛନ୍ତି।

## ବେଦାନ୍ତ–ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହିତ ଏମ୍‌ଓୟୁ ସ୍ୱାକ୍ଷର

ଲାଞ୍ଜିଗଡ଼,୩।୪(ରମେଶ ଚନ୍ଦ୍ର ନାୟକ)

**୩ ବର୍ଷରେ ୧୩ ଶହରୁ ଅଧିକ ଯୁବତୀଯୁବକଙ୍କ ଦକ୍ଷତା ବଢାଇବା ଲକ୍ଷ୍ୟ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓ ସ୍କିଲ ଡେଭଲପମେଣ୍ଟ ଅଥରିଟି) ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଆଗାମି ୩ ବର୍ଷ ମଧ୍ୟରେ ୧୩ ଶହରୁ ଅଧିକ ଯୁବକ ଯୁବତୀଙ୍କ ଦକ୍ଷତା ବଢାଇବାକୁ ଲକ୍ଷ୍ୟ ରଖିଛି। ଏହାର ଦକ୍ଷତା ତାଲିମ ପଦକ୍ଷେପ କଳାହାଣ୍ଡି ଜିଲାର ଗ୍ରାମାଞ୍ଚଳର ବେକାର ଯୁବକଯୁବତୀମାନଙ୍କୁ ସାମାଜିକ ଓ ଅର୍ଥନୈତିକ ପ୍ରତିବନ୍ଧକ ହେତୁ ବିଦ୍ୟାଳୟ ଛାଡିଥିବା ନିରନ୍ତର ଜୀବିକା ନିର୍ବାହ ପାଇଁ ସହାୟତା କରି ଆସୁଅଛି। ନାବାର୍ଡ (ନ୍ୟାଶନାଲ ବ୍ୟାଙ୍କ ଫର କୃଷି ଏବଂ ଗ୍ରାମୀଣ ବିକାଶ) ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ଅନୁଷ୍ଠାନ ସହିତ ବିଭିନ୍ନ ସହଭାଗିତା ମାଧ୍ୟମରେ ଏହି ପଦକ୍ଷେପର ପରିସରକୁ ବ୍ୟାପକ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ୨୦୨୨ଠାରୁ ଏହି କାର୍ଯ୍ୟକ୍ରମ ଜିଲାର ଗ୍ରାମାଞ୍ଚଳର ଯୁବକ ଯୁବତୀମାନଙ୍କୁ ଖାଦ୍ୟ ଏବଂ ପାନୀୟ, ଟେକ୍ସଟାଇଲ, ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଶିଳ୍ପ ସହିତ ରୋଜଗାରର ସୁଯୋଗ ପାଇଁ ତାଲିମ ଦେଇଛି। ବିଭିନ୍ନ ଚାକିରି ଭୂମିକାରେ ସେମାନଙ୍କୁ ଅଭିଜ୍ଞତା ପ୍ରଦାନ କରିବାକୁ ଶିଳ୍ପ ପରିଦର୍ଶନ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏପର୍ଯ୍ୟନ୍ତ ୨ଶହରୁ ଅଧିକ ଯୁବକ ଯୁବତୀମାନଙ୍କୁ ଷ୍ଟିୱାର୍ଡଶିପ, ସିଲେଇ ମେଶିନ ଅପରେସନ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ପରି ବିଭିନ୍ନ କୌଶଳ ଉପରେ ତାଲିମ ଦିଆଯାଇଛି। ନିଯୁକ୍ତିଦାତାମାନଙ୍କ ସହିତ ସଂଯୋଗ ସ୍ଥାପନ ପାଇଁ ଜାରି ପ୍ରତିବଦ୍ଧତା, ୭୫% ପ୍ଲେସମେଣ୍ଟ ରେକର୍ଡ ହାସଲ କରି ଯୁବକଯୁବତୀଙ୍କୁ ରାମୋଜି ଫିଲ୍ମସିଟି ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଂସ୍ଥାରେ ସ୍ଥାନିତ କରାଯାଇଛି। ବେଦାନ୍ତ ସିଇଓ ଆଲୁମିନା ବ୍ୟବସାୟ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯୁବକମାନଙ୍କୁ ଆତ୍ମ ନିର୍ଭରଶୀଳତା ପାଇଁ ସଶକ୍ତିକରଣ କରିବା ଆମର ପ୍ରତିବଦ୍ଧତା ଅଟେ। ଆମେ କେବଳ ବ୍ୟକ୍ତିଗତ ଭବିଷ୍ୟତ ଗଠନ କରୁନାହୁଁ ବରଂ ସେମାନଙ୍କୁ ଉଦ୍ୟୋଗୀ କୌଶଳ ଏବଂ ଆର୍ଥିକ ରୂପେ କୁଶଳୀ କରାଇବା ସହିତ ସମଗ୍ର ସମ୍ପ୍ରଦାୟର ବିକାଶ ଦିଗରେ କାର୍ଯ୍ୟ କରୁଛୁ। କଳାହାଣ୍ଡି ଜିଲା ନିଯୁକ୍ତି ଅଧିକାରୀ ଅଜିତ କୁମାର ରାଉତରାୟ କହିଛନ୍ତି ଯେ ଆମର ଏଠାରେ ଥିବା କୌଶଳ ବିକାଶ ପ୍ରତିଭା ଦ୍ୱାରା କଳାହାଣ୍ଡିର ଭବିଷ୍ୟତକୁ ସୁରକ୍ଷିତ ରଖିବା ଦିଗରେ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଏକ ସକରାତ୍ମକ ପଦକ୍ଷେପ। ଏହି ସହଯୋଗ ମାଧ୍ୟମରେ ଆମେ ସାମାଜିକ-ଅର୍ଥନୈତିକ ଉନ୍ନତି ଏବଂ ସମଗ୍ର ଜିଲାର ସମ୍ପ୍ରଦାୟର ଉନ୍ନତି ପାଇଁ ଉନ୍ନତ ସୁଯୋଗକୁ ସକ୍ଷମ କରିପାରିବା।



ଯୁବତୀଯୁବକମାନେ ସିଲେଇ ତାଲିମ ନେଉଛନ୍ତି।

# ପ୍ରାର୍ଥୀ ଘୋଷଣା ପରେ ଆଶାୟୀଙ୍କ ଅସନ୍ତୋଷ

ନୂଆପଡ଼ା,୩।୪(ମକାରୁ ବେମାଲ)




ପ୍ରତିବାଦ ସଭା ଏବଂ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

■ଭାଜପା ପ୍ରାର୍ଥୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ନୋହିଲା

■ଗୋଟିଏ ଦିନରେ ୨ଟି ସ୍ଥାନରେ ପୃଥକ୍ ସଭା

ନୂଆପଡା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଘୋଷଣା ପରେ ଖୁସିରଲହର ଖେଳି ଯାଇ ପାର୍ଟି କାର୍ଯ୍ୟାୟାଳୟଠାରେ ବୁଧବାର ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଦଳୀୟ ଅସନ୍ତୋଷ ଗୋଷ୍ଠି ମଧ୍ୟରେ କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଘାଟିପଡା ସାଇ କଲେଜରେ ଏକ ସଭା କରି ପ୍ରତିବାଦ କରିଥିବାରୁ ମନାଇବା ପାଇଁ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ଯୋଗଦେଇଥିବାରୁ ସ୍ୱାଗତ ସମ୍ବର୍ଦ୍ଧନା ନ ହୋଇ କର୍ମୀମାନଙ୍କୁ ମୋଦି ସରକାରଙ୍କ ଜନହିତକାରୀ କାର୍ଯ୍ୟ ଉପରେ ଅବଗତ କରିବା ସଙ୍ଗେ ନୂଆପଡା ନିର୍ବାଚନମଣ୍ଡଳୀରେ ଭୋଟ ହାତଇବା ପାଇଁ ଉତ୍ସାହିତ କରାଯାଇଥିଲା। ଭାଜପା ଜିଲା ସଭାପତି ସୁବ୍ରତ ଠାକୁରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ସାଧାରଣ ସମ୍ପାଦକ ତୁଳସ ପଟେଲ, ଖରିଆର ରୋଡ ଏନଏସି ଅଧ୍ୟକ୍ଷା ସୋନିଆ ଜୈନ, ସୁଶାନ୍ତ କୁମାର ପତି, ବିଜୟ ଚନ୍ଦ୍ରପାର, କମଲେସ ଦୀକ୍ଷିତ, ଗୋଲଡି ଅଗ୍ରୱାଲ, ରାଜେଶ୍ୱରୀ ସାହୁ, ସରିତା ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ନୂଆପଡା ନିର୍ବାଚନମଣ୍ଡଳୀରେ ବିଜେଡି ଗଡକୁ ଭାଙ୍ଗି ଭାଜପା ଆସନକୁ ଆସି ଜନସାଧାରଣଙ୍କ ସେବା କରିବ। ଭାଜପା ଶାସନକୁ ଆସିଲେ ପ୍ରତ୍ୟେକ ପଞ୍ଚାୟତରେ ଯୁକ୍ତ୨ ପର୍ଯ୍ୟନ୍ତ ବିଦ୍ୟାଳୟ, ବେକାରୀ ଯୁବତୀଯୁବକଙ୍କୁ ନିଯୁକ୍ତି, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଇତ୍ୟାଦି ସୁବିଧା ଉପରେ ଗୁରୁତ୍ୱ ଦେବ ବୋଲି କହିଥିଲେ। ସେହିପରି ଅସନ୍ତୋଷ ଗୋଷ୍ଠିଙ୍କ ଆୟୋଜିତ ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀଙ୍କ ସମେତ ୮ଟି ମଣ୍ଡଳ ସଭାପତି ଓ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ୨୪ ବର୍ଷର ନବୀନ ସରକାର ଜଣେ ତାମିଲ ହାତରେ ଦେଶକୁ ବିକ୍ରୟ କରିବା ପାଇଁ ଯାଉଛି। ବିଜେଡି ସରକାରଙ୍କୁ ଶେଷ କରିବାର ଅଛି। ଜଣେ ଦକ୍ଷ ପ୍ରାର୍ଥୀ ଦେଇଥିଲେ ବିଜେଡି ପ୍ରାର୍ଥୀ ସହ ଲଢି ବିଜୟୀ ହୋଇ ପାରିଥାନ୍ତା। ଜଣେ ସୁଦକ୍ଷ ପ୍ରାର୍ଥୀଙ୍କୁ ଭାଜପାରୁ ଦିଆଯାଉ ବୋଲି ଦାବି କରିଛନ୍ତି। ଟାଣୁଆ ଓ ସୁଦକ୍ଷ ନ ହେଲେ ନୂଆପଡା ନିର୍ବାଚନମଣ୍ଡଳୀରେ ଯୁଦ୍ଧ କରିବା ସମ୍ଭବ ପର ହେବନାହିଁ। ଟାଣୁଆ ଓ ସୁଦକ୍ଷ ପ୍ରାର୍ଥୀ ଚୟନ କରି ନୂଆପଡା ନିର୍ବାଚନ ମଣ୍ଡଳୀରେ ଦିଆଯାଉ ବୋଲି ଦାବି କରିଛନ୍ତି।

## ସଂକ୍ଷେପରେ

### ୫ରୁ ବଲାଙ୍ଗୀର, ୬ରୁ ସୋନପୁର ଜିଲାରେ ବିବାଦୀୟ ବିଦ୍ୟୁତ୍ ବିଲ୍ ସମାଧାନ

ସମ୍ବଲପୁର,୩।୪(ବି.ଶଙ୍କର)

ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ଲାଗି ଅଭିଯୋଗ ପ୍ରତିବିଧାନ କାର୍ଯ୍ୟ ହାତକୁ ନେଇଛି। ଚଳିତ ମାସ ବଲାଙ୍ଗୀର ଓ ସୋନପୁର ଜିଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଦ୍ୟୁତ ଉପଭୋକ୍ତା ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ବିବାଦୀୟ ବିଦ୍ୟୁତ୍ ବିଲ୍‌କୁ ନେଇ ଅଭିଯୋଗ ପଞ୍ଜିକୃତ କରିପାରିବେ। ବଲାଙ୍ଗୀର ସବ୍‌ଡିଭିଜନ ଅଫିସ-୧ଠାରେ ଏପ୍ରିଲ ୫, ଖପ୍ରାଖୋଲ ଓ ଧାନ୍ଦମୁଣ୍ଡାଠାରେ ଏପ୍ରିଲ ୮, ସାଲେଭଟ୍ଟା ଓ କୁଟସିଂହାଠାରେ ଏପ୍ରିଲ ୧୦, ସିନ୍ଧେକେଲା ଓ ଟିଟିଲାଗଡ଼ଠାରେ ଏପ୍ରିଲ ୧୨ ଓ କାଂସବାହାଲ ସବ୍‌ଡିଭିଜନ ଅଫିସ-୨ ଠାରେ ଏପ୍ରିଲ ୨୩ରେ ଅଭିଯୋଗ ପ୍ରତିବିଧାନ ପୀଠ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ସେହିପରି ସୋନପୁର ଜିଲାର ସୋନପୁର ଓ ଖାରିଠାରେ ଏପ୍ରିଲ ୬ ତାରିଖ, ସୁବଳୟା ଓ ମୁରସୁଣ୍ଡିଠାରେ ଏପ୍ରିଲ ୧୯, ବିନିକା ଓ ଏସ. ରାମପୁରଠାରେ ଏପ୍ରିଲ ୨୦, ବିରମହାରାଜପୁର ଓ ଉଲୁଣ୍ଡାଠାରେ ଏପ୍ରିଲ ୨୨ରେ ଅଭିଯୋଗ ପ୍ରତିବିଧାନ ପୀଠ ହେବ।

### ବିବେକାନନ୍ଦ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ

ଏମ୍.ରାମପୁର,୩।୪(ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ଏମ. ରାମପୁର ଶ୍ରୀରାମକୃଷ୍ଣ ଦ୍ୱାରା ପରିଚାଳିତ ବିବେକାନନ୍ଦ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଓ କର୍ମକର୍ତ୍ତାଙ୍କ ଦ୍ୱାରା ସ୍ୱାମୀ ବିବେକାନନ୍ଦ, ଶ୍ରୀରାମକୃଷ୍ଣ, ମାସାରଦା ଦେବିଙ୍କଠାରେ ପୁଷ୍ପମାଲ୍ୟ ପ୍ରଦାର୍ପଣ ପରେ ଗୁରୁବନ୍ଦନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥଲା। ଆଶ୍ରମ ସମ୍ପାଦକ ଆଶୋକା ନନ୍ଦ ମହାରାଜଙ୍କ ସଭାପତିରେ ଆୟୋଜିତ ସଭାରେ କଳାହାଣ୍ଡି ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟର ଉପରକ୍ଷକ ତଥା ଇଂଲିଶ ବିଭାଗ ମୁଖ୍ୟ ମେଜର ଡ଼ା ଜୟଦେବ ସାହୁ ମୁଖ୍ୟଅତିଥି, କର୍ଣ୍ଣପଡ଼ା ମହାବିଦ୍ୟାଳୟ ଅଧାପକ ଅଜିତ ବେହେରା ମୁଖ୍ୟବକ୍ତା, ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଫୁଲବାଣୀ ଅଧକ୍ଷ କିଶୋର ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାରେ ଆଧାତ୍ମିକତା ସନ୍ନିବେଶିତ ହେଇ ଶିକ୍ଷ୍ୟା ସାଧନ ହେଲେ ସମାଜ ଶୃଙ୍ଖଳିତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ମକଇନ ଚାର୍ଜ ଶୁକଦେବ ନନ୍ଦ, ଧିରେଶା ନନ୍ଦ, ଅଧକ୍ଷ ସୁରେନ୍ଦ୍ର ମହାଖୁଡ ପ୍ରମୁଖ ମଞ୍ଚାସୀନଥିଲେ।

### ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

କୋମନା,୩।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ବିଶ୍ୱନାଥପୁରଠାରେ ଚାଲିଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦଯାପିତ ହୋଇଯାଇଛି। ଏଥିରେ ବିଶ୍ୱନାଥପୁର, ଟିକ୍ରାପଡ଼ା, କୋମନା, କୋଟ୍ରିବାହାଲ, ଥପାପଡା, ବଘାମୁଣ୍ଡା ଓ ବଲାଙ୍ଗୀର ଜିଲାର ଗରଗଡ଼ବାହାଲ ୮ଟି ସଂକୀର୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଶାନ୍ତିଶୃଙ୍ଖଳାର ସହିତ ନାମଯଜ୍ଞ ସମ୍ପନ୍ନ ହୋଇଛି।

# ପରିଶ୍ରମ ତୁଳନାରେ ମିଳୁନି ପ୍ରାପ୍ୟ




ଜଣେ ମହିଳା ମହୁଲ ଫୁଲ ଗୋଟାଉଥିବା ବେଳେ ଜଣେ ବ୍ୟକ୍ତି ଖରାରେ ଶୁଖାଉଛନ୍ତି ।

କୋକସରା,୩।୪(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

- ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଗୋଟାଳି
- ସରକାରୀସ୍ତରରେ ବିକ୍ରି ଦାବି

କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ଜଙ୍ଗଲ ନିକଟବର୍ତ୍ତୀ ଆମପାଣି, ବରାଡ଼ଙ୍ଗା, ପୋ ଗୋତମୁଣ୍ଡା, ଡୁଡୁକାଠେଙ୍ଗା, ମହିମା ପଞ୍ଚାୟତର ଊଣାଅଧିକ ସମସ୍ତ ଗାଁରେ ଏବେ ମହୁଲ ଫୁଲ ସଂଗ୍ରହ ହେଉଛି। ଚୈତ୍ର ମାସରେ ଆଦିବାସୀ ଅଧୁଷିତ ଅଞ୍ଚଳରେ ମହୁଲ ଫୁଲ ମହିଳାମାନେ ଗୋଟାଇ ଘରକୁ ନେଇ ଖରାରେ ଶୁଖାଇ ପରେ ବିକ୍ରି କରୁଛନ୍ତି। ମହୁଲ ଫୁଲ ସହ ଆଦିବାସୀ ଜନଜୀବନର ନିବିଡ଼ ସମ୍ପର୍କ ମଧ୍ୟ ରହିଛି। ସେମାନଙ୍କ ଦେବଦେବୀଙ୍କ ଯାତ୍ରା ହେଉ ଅବା ପର୍ବପର୍ବାଣୀ, ବିବାହରେ ମହୁଲର ବ୍ୟବହାର ଅପରିହାର୍ଯ୍ୟ। ଏହା ବ୍ୟତୀତ ଚୈତ୍ର ମାସରେ ହେଉଥିବା ଠାକୁରାଣୀଙ୍କ ଘଟଯାତ୍ରା, କୃଷି ଭିତ୍ତିକ ପର୍ବବିହନ ଛିନାରେ ମହୁଲ ଫୁଲକୁ ମା'ଙ୍କ ପ୍ରିୟ ଫୁଲ ଭାବେ ଅର୍ପଣ କରାଯାଏ। ମହୁଲ ଫୁଲରୁ ତିଆରି ହେଉଥିବା ମହୁଲି ମଦ ରାଜ୍ୟ ରାଜସ୍ୱରେ ପ୍ରମୁଖ ଉପାର୍ଜନର ମାଧ୍ୟମ ହୋଇଥିବା ବେଳେ ମହୁଲ ଫୁଲ ଗୋଟାଳି ପରିଶ୍ରମ ତୁଳନାରେ ପ୍ରାପ୍ୟ ପାଉନାହାନ୍ତି। ଗ୍ରାମାଞ୍ଚଳରୁ ମଦ ଭାଟିର ଏଜେଣ୍ଟ ଓ ଗାଁ ସାହୁକାରମାନେ ମହୁଲ ଫୁଲ କେଜି ପ୍ରତି ୨୦/୨୫ ଟଙ୍କାରେ କିଣୁଥିବା ଗୋଟାଳିମାନେ ଅଭିଯୋଗ କରିଛନ୍ତି। ମହୁଲ ଫୁଲକୁ ନନ ଟିମ୍ବର ଜଙ୍ଗଲ ଦ୍ରବ୍ୟ ଭାବେ ଗ୍ରହଣ କରାଯାଇଛି। ପଞ୍ଚାୟତ ନିୟମ ୧୯୯୬ର ୭୬ ତମ ସଂଶୋଧନ ଫଳରେ ମହୁଲ ଗଛକୁ ମାଇନର ଫରେଷ୍ଟ ପ୍ରଡକ୍ଟ ଭାବେ ଘୋଷଣା କରାଯାଇ ଏହାର କିଣାବିକା ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଛି। ହେଲେ ପ୍ରଶାସନର ଅବହେଳା କାରଣରୁ କୌଣସି ପଞ୍ଚାୟତରେ ମଧ୍ୟ ମହୁଲ ଫୁଲ କିଣାବିକା ନେଇ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ। ଫଳରେ ମହୁଲ ଗୋଟାଳିମାନେ ଶାଗ ମାଛ ଦରରେ ସ୍ଥାନୀୟ ମଦ ଭାଟି ଓ ସାହୁକାରଙ୍କ ନିକଟରେ ବିକ୍ରି କରୁଛନ୍ତି। ଏବେ ମଧ୍ୟ ଆଦିବାସୀ ଅଧୁଷିତ ଅଞ୍ଚଳର ଅଧିବାସୀମାନେ ଜଙ୍ଗଲରୁ ମହୁଲ, ଚାର, ଶାଳପତ୍ର, କାଠ, ଝୁଣା, କେନ୍ଦୁ, ହରିଡା, ବାହାଡ଼ା ସଂଗ୍ରହ କରି ଜୀବନ ଜୀବିକା ନିର୍ବାହ କରୁଛନ୍ତି। ତେବେ ଏସବୁ ବନଜାତ ଦ୍ରବ୍ୟ ବିକ୍ରି କରିବା ପାଇଁ କୌଣସି ବଜାର ବ୍ୟବସ୍ଥା ନ ଥିବାରୁ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। କୋକସରା ବ୍ଲକରୁ ବାର୍ଷିକ ଶହ ଶହ ଟନ ମହୁଲ ଫୁଲ ସଂଗ୍ରହ ହେଉଥିବା ବେଳେ ପଞ୍ଚାୟତରେ ବିକ୍ରି ସୁବିଧା ମିଳିଲେ ଉଚିତ ମୂଲ୍ୟ ପାଇ ପାରିବେ ବୋଲି ଗୋଟାଳିମାନେ କହନ୍ତି। ପଞ୍ଚାୟତସ୍ତରରେ ଜଙ୍ଗଲ ଜାତ ଦ୍ରବ୍ୟ କିଣିବିକା ଉପରେ ସରକାର ଦୃଷ୍ଟି ଦେବାକୁ ସଂଗ୍ରହକାରୀମାନେ ଦାବି କରିଛନ୍ତି।

# ବେଦାନ୍ତ-ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହିତ ଏମ୍‌ଓୟୁ ସ୍ୱାକ୍ଷର

ଲାଞ୍ଜିଗଡ଼,୩।୪(ରମେଶ ଚନ୍ଦ୍ର ନାୟକ)

**୩ ବର୍ଷରେ ୧୩ ଶହରୁ ଅଧିକ ଯୁବତୀଯୁବକଙ୍କ ଦକ୍ଷତା ବଢାଇବା ଲକ୍ଷ୍ୟ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓ ସ୍କିଲ ଡେଭଲପମେଣ୍ଟ ଅଥରିଟି) ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଆଗାମି ୩ ବର୍ଷ ମଧ୍ୟରେ ୧୩ ଶହରୁ ଅଧିକ ଯୁବକ ଯୁବତୀଙ୍କ ଦକ୍ଷତା ବଢାଇବାକୁ ଲକ୍ଷ୍ୟ ରଖିଛି। ଏହାର ଦକ୍ଷତା ତାଲିମ ପଦକ୍ଷେପ କଳାହାଣ୍ଡି ଜିଲାର ଗ୍ରାମାଞ୍ଚଳର ବେକାର ଯୁବକଯୁବତୀମାନଙ୍କୁ ସାମାଜିକ ଓ ଅର୍ଥନୈତିକ ପ୍ରତିବନ୍ଧକ ହେତୁ ବିଦ୍ୟାଳୟ ଛାଡିଥିବା ନିରନ୍ତର ଜୀବିକା ନିର୍ବାହ ପାଇଁ ସହାୟତା କରି ଆସୁଅଛି। ନାବାର୍ଡ (ନ୍ୟାଶନାଲ ବ୍ୟାଙ୍କ ଫର କୃଷି ଏବଂ ଗ୍ରାମୀଣ ବିକାଶ) ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ଅନୁଷ୍ଠାନ ସହିତ ବିଭିନ୍ନ ସହଭାଗିତା ମାଧ୍ୟମରେ ଏହି ପଦକ୍ଷେପର ପରିସରକୁ ବ୍ୟାପକ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ୨୦୨୨ଠାରୁ ଏହି କାର୍ଯ୍ୟକ୍ରମ ଜିଲାର ଗ୍ରାମାଞ୍ଚଳର ଯୁବକ ଯୁବତୀମାନଙ୍କୁ ଖାଦ୍ୟ ଏବଂ ପାନୀୟ, ଟେକ୍ସଟାଇଲ, ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଶିଳ୍ପ ସହିତ ରୋଜଗାରର ସୁଯୋଗ ପାଇଁ ତାଲିମ ଦେଇଛି। ବିଭିନ୍ନ ଚାକିରି ଭୂମିକାରେ ସେମାନଙ୍କୁ ଅଭିଜ୍ଞତା ପ୍ରଦାନ କରିବାକୁ ଶିଳ୍ପ ପରିଦର୍ଶନ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏପର୍ଯ୍ୟନ୍ତ ୨ଶହରୁ ଅଧିକ ଯୁବକ ଯୁବତୀମାନଙ୍କୁ ଷ୍ଟିୱାର୍ଡଶିପ, ସିଲେଇ ମେଶିନ ଅପରେସନ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ପରି ବିଭିନ୍ନ କୌଶଳ ଉପରେ ତାଲିମ ଦିଆଯାଇଛି। ନିଯୁକ୍ତିଦାତାମାନଙ୍କ ସହିତ ସଂଯୋଗ ସ୍ଥାପନ ପାଇଁ ଜାରି ପ୍ରତିବଦ୍ଧତା, ୭୫% ପ୍ଲେସମେଣ୍ଟ ରେକର୍ଡ ହାସଲ କରି ଯୁବକଯୁବତୀଙ୍କୁ ରାମୋଜି ଫିଲ୍ମସିଟି ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଂସ୍ଥାରେ ସ୍ଥାନିତ କରାଯାଇଛି। ବେଦାନ୍ତ ସିଇଓ ଆଲୁମିନା ବ୍ୟବସାୟ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯୁବକମାନଙ୍କୁ ଆତ୍ମ ନିର୍ଭରଶୀଳତା ପାଇଁ ସଶକ୍ତିକରଣ କରିବା ଆମର ପ୍ରତିବଦ୍ଧତା ଅଟେ। ଆମେ କେବଳ ବ୍ୟକ୍ତିଗତ ଭବିଷ୍ୟତ ଗଠନ କରୁନାହୁଁ ବରଂ ସେମାନଙ୍କୁ ଉଦ୍ୟୋଗୀ କୌଶଳ ଏବଂ ଆର୍ଥିକ ରୂପେ କୁଶଳୀ କରାଇବା ସହିତ ସମଗ୍ର ସମ୍ପ୍ରଦାୟର ବିକାଶ ଦିଗରେ କାର୍ଯ୍ୟ କରୁଛୁ। କଳାହାଣ୍ଡି ଜିଲା ନିଯୁକ୍ତି ଅଧିକାରୀ ଅଜିତ କୁମାର ରାଉତରାୟ କହିଛନ୍ତି ଯେ ଆମର ଏଠାରେ ଥିବା କୌଶଳ ବିକାଶ ପ୍ରତିଭା ଦ୍ୱାରା କଳାହାଣ୍ଡିର ଭବିଷ୍ୟତକୁ ସୁରକ୍ଷିତ ରଖିବା ଦିଗରେ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଏକ ସକରାତ୍ମକ ପଦକ୍ଷେପ। ଏହି ସହଯୋଗ ମାଧ୍ୟମରେ ଆମେ ସାମାଜିକ-ଅର୍ଥନୈତିକ ଉନ୍ନତି ଏବଂ ସମଗ୍ର ଜିଲାର ସମ୍ପ୍ରଦାୟର ଉନ୍ନତି ପାଇଁ ଉନ୍ନତ ସୁଯୋଗକୁ ସକ୍ଷମ କରିପାରିବା।



ଯୁବତୀଯୁବକମାନେ ସିଲେଇ ତାଲିମ ନେଉଛନ୍ତି।

# ସ୍ୱାଧୀନ ପ୍ରାର୍ଥୀଭାବେ ଲଢ଼ିବେ ନନ୍ଦନ




କୋସଲବାଦୀ ସଙ୍ଗଠନର ଖବରଦାତା ସମ୍ମିଳନୀ ।

ବରଗଡ଼,୩।୪(ପ୍ରେମାନନ୍ଦ ଖମାରୀ)

**କୋସଲବାଦୀ ସଙ୍ଗଠନର ସମର୍ଥନ ଘୋଷଣା**

ବରଗଡ଼ ବିଧାନସଭା କ୍ଷେତ୍ର ପାଇଁ ୩ପ୍ରମୁଖ ଦଳ କଂଗ୍ରେସ, ଭାଜପା ଏବଂ ବିଜେଡ଼ି ପ୍ରାର୍ଥି ଘୋଷଣା କରି ସାରିଛନ୍ତି। କଂଗ୍ରେସରୁ ନିପନ ଦାଶ, ଭାଜପାରୁ ଅଶ୍ୱିନୀ ଷଡ଼ଙ୍ଗୀ ଏବଂ ବିଜେଡ଼ିରୁ ଦେବେଶ ଆଚାର୍ଯ୍ୟ ଏଠାରେ ପ୍ରାର୍ଥି ରହିଛନ୍ତି । ତେବେ ଏହି ଆସନରୁ ସ୍ୱାଧୀନ ପ୍ରାର୍ଥିଭାବେ ସ୍ଥାନୀୟ କୋସଲ ମଜଦୁର ସଂଘର ପ୍ରତିଷ୍ଠାତା ନନ୍ଦନ ମହାନନ୍ଦ ଲଢ଼ିବେ ବୋଲି ବୁଧବାର ଘୋଷଣା କରିଛନ୍ତି। ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ନନ୍ଦନ ଏହି ସୂଚନା ଦେବା ସହିତ କହିଥିଲେ, ପଶ୍ଚିମ ଓଡ଼ିଶାର କୋସଲବାଦୀ ସଙ୍ଗଠନ ଗୁଡ଼ିକର ସମର୍ଥନରେ ସେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ଏବଂ ତାଙ୍କ ବିଜୟ ନିଶ୍ଚିତ ବୋଲି ସେ କହିଥିଲେ। କୋସଲାଞ୍ଚଳ ପ୍ରତି କ୍ରମାଗତ ଅବହେଳା କରାଯାଉଛି। ଦିନକୁ ଦିନ କୋସଲାଞ୍ଚଳ ଶିଳ୍ପବିହୀନ ହୋଇପଡୁ ଥିବାବେଳେ ବେରୋଜଗାରୀ ବୃଦ୍ଧି ପାଉଛି। ତେବେ ସେ ନିର୍ବାଚିତ ହେଲେ କୋସଲାଞ୍ଚଳର ସମସ୍ୟା ଗୁଡ଼ିକୁ ବିଧାନସଭାରେ ଉପସ୍ଥାପନ ସହିତ ଅଞ୍ଚଳବାସୀଙ୍କ ହକ୍ ପାଇଁ ଲଢ଼େଇ କରିବେ ବୋଲି ନନ୍ଦନ କହିଛନ୍ତି। ଖବରଦାତା ସମ୍ମିଳନୀରେ କୋସଲ ୟୁନାଇଟେଡ୍ ଫ୍ରଣ୍ଟର ଅଂଶୁମାନ ନନ୍ଦ, କୋସଲ କ୍ରାନ୍ତୀ ସେନାର ଅର୍ପଣ ଦାଶ ନାୟକ, କୋସଲ ସେନାର ରମଣୀ ଦନ୍ତା, କୋଶଲ ସଂଗ୍ରାମୀ ନେତ୍ରାନନ୍ଦ ସାହୁ, ସୁଶାନ୍ତ ମିଶ୍ର, ରୀମା ସାହୁ, ଦିଶା ସୁରଜାଲ, ସାରସ୍ୱତ ସୁନା, ପ୍ରଦୀପ ଧିଣ୍ଡିୟା ପ୍ରମୁଖ ଉପସ୍ଥିତ ଥିଲେ ।

# ରୋଷେୟାଙ୍କ ମାସିକ ପାରିଶ୍ରମିକ ବୃଦ୍ଧି ଦାବି

ଖଡ଼ିଆଲ,୩।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଅଧୀନରେ ପରିଚାଳିତ ଶିକ୍ଷାନୁଷ୍ଠାନ ଛାତ୍ରାବାସ ଛାତ୍ରୀନିବାସରେ ୧୯୯୩ଠାରୁ ନିଯୁକ୍ତ ଓ ନିୟୋଜିତ ରୋଷେୟା ତଥା ସେବାୟତମାନେ ସବୁବେଳେ ଜରୁରୀକାଳୀନ ପରିସ୍ଥିତିରେ ରହିଛନ୍ତି। ସେମାନଙ୍କ କୌଣସି ଦିନଟିଏ ହେଲେ ସରକାରୀ ଛୁଟି ନାହିଁ କିମ୍ବା ସରକାରୀ କର୍ମଚାରୀମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ନାହିଁ, ହେଲେ ଦାୟିତ୍ୱ ଅନେକ ରହିଛି। ବିଦ୍ୟାଳୟ ପରିବେଶ ଛାତ୍ରାବାସ ଛାତ୍ରୀନିବାସ ସଫାସୁତୁରା, ରକ୍ଷଣାବେକ୍ଷଣ ଦୈନିକ ଦୁଇ ପ୍ରହର ଖାଦ୍ୟ ରନ୍ଧନ ଓ ପରିବେଷଣ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଦିନରାତି କାମ କରୁଛନ୍ତି। କେବଳ ମାତ୍ର ଟଙ୍କା ୧୨ ହଜାର ପାଇଁ କାର୍ଯ୍ୟରେ ଥାଇ ମରିଗଲେ କିଛି ନାହିଁ। ରୋଷେୟା ତଥା ସେବାୟତମାନଙ୍କୁ ପେନସନ ମିଳିବା ତ ଦୁରର କଥା ଇପିଏଫ/ଇଏସଆଇ ମଧ୍ୟ ଲାଗୁ ନାହିଁ। ଷାଠିଏ ବର୍ଷ ପୁରିଗଲେ ରିଟାରମେଣ୍ଟ ନୋଟିସ ଖାଲି ହାତରେ ସିସିଏ ଯିବେ କାହିଁ। ଅର୍ଦ୍ଧକୁଶଳି ଶ୍ରମିକ ଭାବେ ମାସିକ ନିଶ୍ଚିତ ପାରିଶ୍ରମିକ ପ୍ରଦାନ ବଦଳରେ ହଜାର ହଜାର (ସିସିଏ) ରୋଷେୟା ତଥା ସେବାୟତଙ୍କୁ ମୌଳିକ ଓ ସାମାଜିକ ଅଧିକାରରୁ ବଞ୍ଚିତ । ବିଭାଗୀୟ ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରି ସିସିଏମାନଙ୍କୁ ମାସିକ ପାରିଶ୍ରମିକ ଅନ୍ତତଃ ପକ୍ଷେ ୧୨ହଜାରରୁ ୨୪ ହଜାରକୁ ବୃଦ୍ଧି ନିମନ୍ତେ ପଲିସି ଡିସିଜନ ପାଇଁ ମୁଖ୍ୟ ଶାସନ ସଚିବଙ୍କଠାରେ ସିସିଏମାନଙ୍କ ନ୍ୟାର୍ଯ୍ୟ ଦାବି ଉପସ୍ଥାପନ ନିମନ୍ତେ ନୂଆପଡା ଜିଲା ରୋଷେୟା ତଥା ସେବାୟତ ସଂଘ ସଭାପତି ଭୈରବ କୁମାର ସାହୁ ଦାବି କରିଛନ୍ତି।

# ବିକାଶ ଆବାସିକ ବିଦ୍ୟାଳୟରେ ଶିକ୍ଷକ ଦକ୍ଷତା ବୃଦ୍ଧି ତାଲିମ

ଭବାନୀପାଟଣା,୩।୪(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଶିକ୍ଷକ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତିନ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ଓଡିଶା ପୀତାମ୍ବର ଦାସ ଓ ଆରଏସଭି କ୍ରିଷ୍ଣା (ଜେସିଆଇ ଇଣ୍ଡିଆ) ତାଲିମ ଦାତା ଭାବେ ଯୋଗଦେଇଥିଲେ। ଅତିଥି ଭାବେ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ଭବାନୀପାଟଣାର ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମକୁମାର, ଏକାଡେମୀକ ଇନଚାର୍ଜ ଡି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି.ପଦ୍ମିନୀ, ବିକାଶ ବିବିଏ ବିସିଏ ବିଭାଗ ଅଧକ୍ଷ ଡ଼. ସୁଦୀପ୍ତ କୁମାର ଜେନା, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ମଞ୍ଚାସୀନଥିଲେ। କାର୍ଯ୍ୟକ୍ରମରେ ଭବାନୀପାଟଣା ଶାଖା ସମେତ ଜୟପୁର ଓ କଣ୍ଟାବାଞ୍ଜି ଶାଖାର ପ୍ରାୟ ୭୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ତାଲିମ ନେଇଥିଲେ। ଏତଦ ବ୍ୟତୀତ ବିଷୟ ମୁଖ୍ୟ ଭାବେ ସାମନ୍ତ ବଗର୍ତ୍ତି, ଅନିରୁଦ୍ଧ ଭଟ୍ଟାଚାର୍ଯ୍ୟ, ଅବ୍ୟୟ ପାତ୍ର, ହୃଦୟାନନ୍ଦ ଚନ୍ଦନ, ଅନିତା ପାତ୍ର ପ୍ରମୁଖ ବିଷୟ ଭିତ୍ତିକ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରିୟଙ୍କା ପଣ୍ଡା ପରିଚାଳନା କରିଥିଲେ ।

# ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ସରଣ୍ଡା,୩।୪(ଯୁଧିଷ୍ଠିର ମହାପାତ୍ର)

ବରଗଡଜିଲା ଅତାବିରା ବ୍ଲକ ଗଡତିଆପାଲି କ୍ଲଷ୍ଟର ଭାଲୁଡୁଙ୍ଗୁରି ସରକାରୀ ପ୍ରାଥମିକ ବିଦ୍ୟାଳୟ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ବୁଧବାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ୨୦୨୩-୨୪ ଶିକ୍ଷାବର୍ଷରେ ଏହି ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ଆରୁଶି ମେହେର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ତଥା ନବୋଦୟ ପ୍ରବେଶିକା ପରୀକ୍ଷାରେ ଯୋଗ୍ୟତା ଅର୍ଜନ କରିଥିବାରୁ ତାଙ୍କୁ ବିଦ୍ୟାଳୟ ତରଫରୁ ଏହି ଅବସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମେନ ମୋହନ ରାଓ, ସମ୍ମାନୀତ ଅତିଥି ଶିକ୍ଷକ ନିର୍ମଳ ନନ୍ଦ, ମନୋରଞ୍ଜନ ବାଗ, ବୁଗବୁଗା ସିଆରସିସି ନନ୍ଦିଘୋଷ ଭୁଏ, କାଦୋବାହାଲ ସିଆରସିସି ତ୍ରିଲୋଚନ ସେଠ ଛନ୍ଦପାଲି ସିଆରସିସି କେଶବ ଛନ୍ଦ, ଶିକ୍ଷକ କୈଳାସ ଭୁଏ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ବଳରାମ ମେହେର ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁକାନ୍ତି ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ ।



ଛାତ୍ରୀ ଆରୁଶି ମେହେରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ପାଇକମାଳ ହାଇସ୍କୁଲରେ ପ୍ରବେଶ ଉତ୍ସବ

ପାଇକମାଳ, ୩।୪(ବଢ ଶତପଥୀ)

ବରଗଡ ଜିଲା ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳରେ ନବମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ୧୭ଜଣ ଛାତ୍ରୀଛାତ୍ରଙ୍କୁ ଫୁଲଚନ୍ଦନ ଦେଇ, ମିଷ୍ଟାନ୍ନ ବଣ୍ଟନ କରି ପ୍ରବେଶ ଉତ୍ସବରେ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନ ଉପସ୍ଥିତ ଥିଲେ। ତ୍ରିଲୋଚନ ନାଏକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍ୱାଗତ କରୁଛନ୍ତି।

# ସୁରକ୍ଷା ବ୍ୟବସ୍ଥା ପାଇଁ ଏସ୍‌ପିଙ୍କୁ ଫେରାଦ

ବରଗଡ଼,୩।୪(ପ୍ରେମାନନ୍ଦ ଖମାରୀ)



ଅତିରିକ୍ତ ଏସ୍‌ପି ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ବରଗଡ଼ ସହରର କାଳୀମନ୍ଦିର ଛକରୁ ପଞ୍ଚାୟତ କଲେଜ ରାସ୍ତାରେ ସୁରକ୍ଷା ବ୍ୟବସ୍ଥା ଢ଼ିଲା ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ବୁଧବାର ପୌର ପରିଷଦ ଅଧିନ ୱାର୍ଡ଼ ନଂ. ୧୨, ୧୩, ୧୪, ୧୪ ଏବଂ ୩ ସମେତ ସ୍ଥାନୀୟ ଲୋକେ ଏସ୍‌ପିଙ୍କୁ ଫେରାଦ ହୋଇଥିଲେ। ଏସ୍‌ପି ପି.ଏସ୍ ମିନାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସମ୍ପୃକ୍ତ ଅଞ୍ଚଳ ପାଇଁ ଏକ ପୋଲିସ ଫାଣ୍ଡି ନିର୍ମାଣ ସହିତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, କାଳୀ ମନ୍ଦିର ଛକରୁ ପଞ୍ଚାୟତ କଲେଜ ରାସ୍ତା ବ୍ୟସ୍ତବହୁଳ। ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ଏହି ରାସ୍ତା ବିଭିନ୍ନ ଗ୍ରାମ ତଥା ରେଳଷ୍ଟେଶନକୁ ସଂଯୋଗ କରୁଥିବା ଯୋଗୁ ନିୟମିତ ଅନେକ ଲୋକେ ଯାତାୟାତ କରିଥାନ୍ତି। ତେବେ ରାସ୍ତାରେ ସୁରକ୍ଷା ବ୍ୟବସ୍ଥା ଢ଼ିଲା ରହୁଥିବା ସୁଯୋଗ ନେଇ ଅନେକ ସମୟରେ ଲୋକେ ଲୁଟ୍‌ପାଟ୍‌ର ସମ୍ମୁଖୀନ ହେଉଛନ୍ତି। ଏପରିକି ଗତ କିଛିଦିନ ତଳେ ଜଣେ ଶିକ୍ଷୟିତ୍ରୀଙ୍କ ସୁନାଚେନ୍ ଲୁଟ୍ ଉଦ୍ୟମ କରିବାକୁ ଯାଇ କିଛି ଦୁର୍ବୃତ୍ତ ବାଇକ୍‌ରେ ଧକ୍କା ଦେବା ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ସ୍ମାରକପତ୍ରରେ ଅଭିଯୋଗ କରିଛନ୍ତି। ସେହିପରି ରାସ୍ତାପାର୍ଶ୍ୱରେ ଆଲୋକ ବ୍ୟବସ୍ଥା ଠିକ୍ ନ ଥିବାବେଳେ ଟ୍ରାଫିକ ବ୍ୟବସ୍ଥା ମଧ୍ୟ ଭୁଷୁଡ଼ି ପଡ଼ିଥିବା ଅଭିଯୋଗ ହୋଇଛି। ଏଭଳିସ୍ଥଳେ ସ୍ଥାନୀୟ ଲୋକେ ନିଜକୁ ଅସୁରକ୍ଷିତ ମଣିଛନ୍ତି।

ଏହି କ୍ରମରେ ଉପରୋକ୍ତ ୱାର୍ଡ଼ବାସୀ ୪ଦଫା ଦାବି କରିଛନ୍ତି। କଲେଜ ରାସ୍ତାର ଆଖପାଖ ଅଞ୍ଚଳରେ ଜନବସତି ବଢ଼ିଚାଲିଥିବା ଯୋଗୁ ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏକ ପୋଲିସ ଫାଣ୍ଡି ନିର୍ମାଣ କରିବାକୁ ଦାବି ହୋଇଛି। ସେହିପରି ପଞ୍ଚାୟତ କଲେଜ ମୁଖ୍ୟରାସ୍ତା ପାର୍ଶ୍ୱରେ ପର୍ଯ୍ୟାପ୍ତଭାବେ ସିସିଟିଭି ସ୍ଥାପନ କରାଯାଇ ପୋଲିସ କଣ୍ଟ୍ରୋଲ ରୁମ୍‌ରୁ ସିଧାସଳଖ ନିୟନ୍ତ୍ରଣ କରାଯିବା, ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ଏବଂ ଆବଶ୍ୟକସ୍ଥଳେ ରାସ୍ତାରେ ସ୍ପିଡ୍ ବ୍ରେକର ନିର୍ମାଣ ପାଇଁ ଦାବି ହୋଇଛି। କବିତା ବେହେରା, କାଳୀଚରଣ ଦାଶ, ଅକ୍ରୁର ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଅନେକ ଲୋକେ ସ୍ମାରକପତ୍ର ପ୍ରଦାନ ପାଇଁ ଏସପିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଲହୁଣୀପଡ଼ା,୩।୪(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ଉଲୁସୁରେଇ ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ବୁଧବାର ଜବତ ହୋଇଛି। ମୃତା ମହିଳା ହେଲେ ଅମିତା ଷଣ୍ଢ(୨୫)। ଲହୁଣୀପଡା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପାରିବାରିକ କଳହକୁ କେନ୍ଦ୍ର କରି ଅମିତା ଶାଢ଼ି ବେକରେ ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ଜାଣିବା ପରେ କବାଟ ଭାଙ୍ଗି ଅମିତାଙ୍କୁ ଉଦ୍ଧାର କରି ବଣେଇଁ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଯୁବକଙ୍କୁ ପନିକିରେ ଆକ୍ରମଣ

ଲହୁଣୀପଡା,୩।୪(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଭୁତୁଡା ପଞ୍ଚାୟତ ରଣ୍ଡା ଗ୍ରାମର ଜଣେ ଯୁବକଙ୍କ ପନିକି ଆକ୍ରମଣରେ ସେହି ଗ୍ରାମର ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ପୋଲିସ ଅଭିଯୁକ୍ତ ମନ ବାଗ(୨୨)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଏନେଇ ଲହୁଣୀପଡା ପୋଲିସ ଥାନାରେ ଏକ ମାମଲା ରୁଜୁ କରିଛି। ମିଳଥିବା ସୂଚନା ଅନୁଯାୟୀ, ମନଙ୍କ ପାଖରୁ କିଛିଦିନ ତଳେ ପଡୋଶୀ ଭୋଲା ଧନୱାର(୨୨) କିଛି ଟଙ୍କା ଧାର ନେଇଥିଲେ। ମନ ବାରମ୍ବାର ମାଗିଲେ ସୁଦ୍ଧା ଭୋଲା ବିଭିନ୍ନ ଆଳ ଦେଖାଇ ସମୟ ଗଡେଇ ଚାଲିଥିଲେ। ଫଳରେ ମନ ଏକ ପନିକୀରେ ଭୋଲାଙ୍କୁ ଆକ୍ରମଣ କରିଥିଲେ। ପନିକି ଚୋଟରେ ଭୋଲାଙ୍କ କାନ ଛିଣ୍ଡି ଯାଇଛି। ବଣେଇଁ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଛନ୍ତି।

### ଗଛରେ ପିଟି ହେଲା ବାଇକ୍, ଜଣେ ମୃତ

ଲହୁଣୀପଡା,୩।୪(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଜାମୁଡ଼ିହି ସ୍ୱୟଂବା ରାସ୍ତାର ମୋଟୁ ହନୁମାନ ଗ୍ରାମ ନିକଟସ୍ଥ ରାସ୍ତା କଡ଼ ଗଛରେ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ଏକ ବାଇକ ପିଟି ହୋଇ ଘଟଣା ସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ସେହିପରି ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କାଲଟା ଝିରପାଣି ଅଞ୍ଚଳର ଲାଖଣ ମୁଣ୍ଡା (୧୯) ଏବଂ ବାତାରା ମୁଣ୍ଡା (୨୨)। କେ. ବଲାଙ୍ଗ ପୋଲିସ ମୃତଦେହକୁ ବଣେଇଁ ଉପଖଣ୍ଡ ଡାକ୍ତରଖାନାର ମର୍ଗ ହାଉସରେ ରଖିଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଉକ୍ତ ୩ ଜଣ ଯୁବକ ବାଇକ୍ ଯୋଗେ କୌଣସି କାମରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଥିଲେ। ଫଳରେ ଘଟଣା ସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୨ ଗୁରୁତରଙ୍କୁ ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରିଛି।

# ୪ ବିଧାନସଭା ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା

**ସୁନ୍ଦରଗଡରେ ଯୋଗେଶ, ତଳସରାରେ ବିନୟ, ରାଜଗାଙ୍ଗପୁରରେ ମଙ୍ଗଳା କିଷାନଙ୍କ ପୁଅ ଅନୀଲ, ବଣାଁଇରେ ଭୀମସେନଙ୍କୁ ଟିକେଟ**

ସୁନ୍ଦରଗଡ,୩।୪(ଜୟ ନାରାୟଣ ମେଣ୍ଟୁଳି)


ଯୋଗେଶ କୁମାର ସିଂହ


ଅନିଲ ବରୁଆ


ଭୀମସେନ ଚୌଧୁରୀ


ବିନୟ କୁମାର ଟପ୍ପୋ

ବିଜେଡିର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ବୁଧବାର ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କରିଥିବା ଏହି ତାଲିକାରେ ସୁନ୍ଦରଗଡ ଜିଲାର ମୋଟ ୭ଟି ବିଧାନସଭା ଆସନରୁ ୪ଟି ଆସନରୁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ଏହା ମଧ୍ୟରେ ସୁନ୍ଦରଗଡ ସଦର ବିଧାନସଭା ଆସନ ନିମନ୍ତେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହଙ୍କୁ ପୁଣି ଥରେ ପ୍ରାର୍ଥୀ କରାଯାଇଛି। ୨୦୧୯ରେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ପରେ ବିଜେଡି ଟିକେଟରେ ନିର୍ବାଚନ ଲଢି ଭାଜପା ପ୍ରାର୍ଥୀ କୁସୁମ ଟେଟେଙ୍କଠାରୁ ପରାଜିତ ହୋଇଥିଲେ। ପୁଣି ଥରେ ତାଙ୍କ ଉପରେ ଭରସା କରି ଦଳ ଟିକେଟ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କଠାରେ କୃତଜ୍ଞତା ଜଣାଇଛନ୍ତି। ସୁନ୍ଦରଗଡର ବିକାଶକୁ ଆଗେଇ ନେବାପାଇଁ ସମସ୍ତଙ୍କ ଆର୍ଶୀବାଦରେ ସେ ବିଜୟୀ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଆସନରୁ ଯୋଗେଶ କଂଗ୍ରେସ ଟିକେଟରେ ୨ଥର ବିଧାୟକ ହୋଇଥିଲେ। ତଳସରା ଆସନରେ ବିନୟ କୁମାର ଟପ୍ପୋଙ୍କୁ ଟିକେଟ ମିଳିଛି। ଏଠାରେ କଂଗ୍ରେସ ଛାଡି ବିଜେଡି ଟିକେଟ ଆଶାୟୀ ଡ. ପ୍ରଫୁଲ୍ଲ ମାଝିଙ୍କୁ ନିରାଶ ହେବାକୁ ପଡିଛି। ଏଥର ରାଜଗାଙ୍ଗପୁର ଆସନରେ ବରିଷ୍ଠ ବିଜେଡି ନେତା, ପୂର୍ବତନ ବିଧାୟକ ମଙ୍ଗଳା କିଷାନଙ୍କ ପୁଅ ଅନୀଲ ବରୁଆଙ୍କୁ ଟିକେଟ ମିଳିଛି। ସେହିପରି ବଣାଇଁ ଆସନ ପାଇଁ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀଙ୍କୁ ଟିକେଟ ମିଳିଛି। ବର୍ତ୍ତମାନ ସୁଦ୍ଧା ୩ ଦଳ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ହେଲେ ରାଉରକେଲା, ରଘୁନାଥପାଲୀ ଓ ବୀରମିତ୍ରପୁର ବିଧାନସଭା ଆସନ ନିମନ୍ତେ ବିଜେଡିର ପ୍ରାର୍ଥୀ ତାଲିକା ଘୋଷଣା ହୋଇନାହିଁ। ହେଲେ ବୀରମିତ୍ରପୁର ଆସନ ପାଇଁ ପୂର୍ବତନ ବିଧାୟକ ଜଜ ତିର୍କୀଙ୍କ ପୁଅଙ୍କୁ ଟିକେଟ ମିଳିବା ନେଇ ସମ୍ଭାବନା ରହିଛି।

# ସହରରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି

କୁଆଁରମୁଣ୍ଡା,୩।୪(ମହେନ୍ଦ୍ର କୁମାର ସାହୁ)

**ଗୁପ୍ତେଶ୍ୱର ମେଳାରେ ଗୋଷ୍ଠୀଗତ ଆକ୍ରମଣ ଘଟଣା**

ବୀରମିତ୍ରପୁର ଗୁପ୍ତେଶ୍ୱର ମେଳାରେ ଗତ ସୋମବାର ରାତିରେ ୨ ଗୋଷ୍ଠୀ ମଧ୍ୟରେ କୌଣସି କାରଣକୁ ନେଇ ଛୁରା ମାଡ଼ ହୋଇଥିଲା। ଏହାପରେ ପୋଲିସ ଗୋଟିଏ ଗୋଷ୍ଠୀର ୩ ଜଣଙ୍କୁ ଓ ଅନ୍ୟ ଗୋଷ୍ଠୀର ଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ହେଲେ ଏହାକୁ ନେଇ ସ୍ଥାନୀୟ ଲୋକେ ଗୋଟିଏ ଗୋଷ୍ଠୀର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରି ବୁଧବାର ବଜାର ବନ୍ଦ କରିବା ପାଇଁ ଜଣାଇଥିଲେ। ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚେଷ୍ଟା ଚଳାଇଛି ବୋଲି ଅଭିଯୋଗକାରୀଙ୍କୁ ପୋଲିସ କହିଥିଲା। ମାତ୍ର ଏବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ବଜାର ବନ୍ଦକୁ କୌଣସି ପ୍ରକାରେ ଅନୁମତି ଦିଆଯାଇପାରିବ ନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ମାତ୍ର ପୋଲିସ ନିର୍ଦ୍ଦେଶକୁ ବେଖାତିର କରି ବୁଧବାର ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବୀରମିତ୍ରପୁର ସହରର ଅଧିକାଂଶ ଦୋକାନ ବନ୍ଦ ଥିଲା। ଗାଡ଼ି ଚଳାଚଳ,ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଆଦି ସେବା ସ୍ୱାଭାବିକ ଥିଲା ବେଳେ ବିଭିନ୍ନ ସ୍ଥାନରେ ପୋଲିସ ପାଟ୍ରୋଲିଂ କରି ଶାନ୍ତି ଶୃଙ୍ଖଳା ବଜାୟ ରଖିଛି। ସେହିପରି ମଙ୍ଗଳବାର ରାତିରେ ଏକ ଗୋଷ୍ଠୀର କେତେ ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ଜଣେ ଦୋକାନୀଙ୍କୁ ମାଡ଼ ମାରି ଥିବା ଅଭିଯୋଗରେ ପୋଲିସ ଏକାଧିକ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି ଓ ଖୁବ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ବନ୍ଦନା ପାତ୍ର ସୂଚନା ଦେଇଛନ୍ତି। ସେହିପରି ଘଟଣା ପରଠାରୁ ଗୁପ୍ତେଶ୍ୱର ମେଳା ପୋଲିସ ଉପସ୍ଥିତିରେ ଚାଲୁ ରହିଛି ବୋଲି ଆଇଆଇସି ପାତ୍ର କହିଛନ୍ତି।

# ମୋ ବିରୋଧରେ ଅପପ୍ରଚାର କରାଯାଉଛି: ପ୍ରଫୁଲ୍ଲ

ସୁନ୍ଦରଗଡ,୩।୫(ଜୟ ନାରାୟଣ ମେଣ୍ଟୁଳି)


ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମୀବୃନ୍ଦ।

ମୁଁ ବିଜୁ ଜନତା ଦଳର ଜଣେ ଶୃଙ୍ଖଳିତ କର୍ମୀ। ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଲୋକଙ୍କ ସହିତ ଯୋଡିହୋଇ କାର୍ଯ୍ୟ କରୁଛି। ମାତ୍ର କିଛି ରାଜନୈତିକ ପ୍ରତିଦ୍ୱନ୍ଦୀ ମାନେ ମୋ ବିରୋଧରେ ଅପପ୍ରଚାର କରି ମୁଁ କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରୁଥିବା କହୁଛନ୍ତି। ଏହାକୁ ମୁଁ ଦୃଢ଼ ଭାବେ ଖଣ୍ଡନ କରୁଛି ବୋଲି ତଳସରାର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡା. ପ୍ରଫୁଲ୍ଲ ମାଝି ମଙ୍ଗଳବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଭଳି ଅପପ୍ରଚାରରେ ସେ ମର୍ମାହତ ବୋଲି କହିବା ସହ ପ୍ରତିଦ୍ୱନ୍ଦୀଙ୍କ ହୀନ ଉଦ୍ୟମକୁ ସେ ନିନ୍ଦା କରିଛନ୍ତି। ବିଗତ ଦିନରେ ବିଧାନସଭାରେ ତାଙ୍କର କାର୍ଯ୍ୟ ଦକ୍ଷତା, ତଳସରା ନିର୍ବାଚନ ମଣ୍ଡଳୀର ଉନ୍ନତି ତଥା ଲୋକ ସମ୍ପର୍କ ଦେଖି ମୁଖ୍ୟମନ୍ତ୍ରୀ ୨୦୧୨ରେ ଶ୍ରେଷ୍ଠ ବିଧାୟକ ସମ୍ମାନ, ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଷ୍ଟାଣ୍ଡିଂ କମିଟି ଅଧକ୍ଷଭାବେ ମନୋନୀତ କରିଥିଲେ। ଗତ ୨ବର୍ଷ ହେଲା ବିଜୁ ଜନତା ଦଳରେ ଯୋଗ ଦେଲା ପରେ ତଳସରା ନିର୍ବାଚନ ମଣ୍ଡଳୀର ଅନେକ ଗୁଡିଏ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସଫଳ ହୋଇଛି। ଏହାକୁ ଦେଖି ମୋର ରାଜନୈତିକ ପ୍ରତିଦ୍ୱନ୍ଦୀମାନେ ସହ୍ୟ କରି ନ ପାରି ଏଭଳି ଅପପ୍ରଚାର କରିବା ପରିତାପର ବିଷୟ ବୋଲି ଡ. ମାଝି କହିଛନ୍ତି। ସେ ପରୋକ୍ଷରେ ଆରୋପ କରିଛନ୍ତି ଯେ, ବିଗତ ଦିନରେ ବିଜୁ ଜନତା ଦଳ ଟିକେଟରେ ତଳସରା ଆସନରେ ପରାଜିତ ହୋଇଥିବା ଜଣେ ଏଥର ମଧ୍ୟ ବିଧାୟକ ହେବା ଆଶାରେ ଟିକେଟ ଦୌଡରେ ଅଛନ୍ତି। ଯିଏକି ସାଧାରଣ ଲୋକଙ୍କ ଫୋନ କଲି ମଧ୍ୟ ରିସିଭ କରନ୍ତି ନାହିଁ, କି କଲ ବ୍ୟାକ ମଧ୍ୟ କରନ୍ତି ନାହିଁ। ଯାହାକି ଜଣେ ଜନ ପ୍ରତିନିଧିର ଲକ୍ଷଣ ନୁହଁ। ତେଣୁ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ସୁଖ ଦୁଃଖରେ ଜଡ଼ିତ ଥିବା ବ୍ୟକ୍ତିଙ୍କୁ ଟିକେଟ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବାଲିଶଙ୍କରା ବ୍ଲକର ପୂର୍ବତନ ଅଧକ୍ଷା ତ୍ରିବେଣୀ ମାଝି, ସବ୍‌ଡେଗା ବ୍ଲକ ଅଧକ୍ଷା କୁନ୍ତୀ ପ୍ରଧାନ ଓ ଅଖଣ୍ଡ ଭୂୟାଁ ସମାଜର ସାଧାରଣ ସମ୍ପାଦକ ଦାମୋଦର ମାଝି ଓ ଡା. ଶଶୀଭୂଷଣ ନାଏକ ଉପସ୍ଥିତ ଥିଲା। ଏହି ଖବରଦାତା ସମ୍ମିଳନୀରେ ବାଲିଶଙ୍କରା ବ୍ଲକର ପୂର୍ବତନ ଅଧକ୍ଷା ତ୍ରିବେଣୀ ମାଝି, ସବ୍‌ଡେଗା ବ୍ଲକ ଅଧକ୍ଷା କୁନ୍ତୀ ପ୍ରଧାନ ଓ ଅଖଣ୍ଡ ଭୂୟାଁ ସମାଜର ସାଧାରଣ ସମ୍ପାଦକ ଦାମୋଦର ମାଝି ଓ ଡ. ଶଶୀଭୂଷଣ ନାଏକ ଉପସ୍ଥିତ ଥିଲେ।

### ଅନିଲଙ୍କୁ ଟିକେଟ ମିଳିବା ପରେ ଅଞ୍ଚଳରେ ଖୁସିର ଲହରି

ରାଜଗାଙ୍ଗପୁର,୩।୪(ଅଶୋକ ପାଣି): ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ଟିକେଟ ପାଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଷାନଙ୍କ ପୁତ୍ର ଅନିଲ ବରୁଆ। ଟିକେଟ ନେଇ ଅନିଲଙ୍କ ନାମ ଘୋଷଣା ପରେ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସମର୍ଥକମାନେ ଅନିଲଙ୍କୁ ସାଙ୍ଗରେ ନେଇ ସ୍ଲୋଗାନ ଦେଇ ବିଭିନ୍ନ ସ୍ଥାନ ଭ୍ରମଣ କରିଥିଲେ।

### ଶଙ୍କର ଓରାମଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ

କୁଆଁରମୁଣ୍ଡା,୩।୪(ମହେନ୍ଦ୍ର କୁମାର ସାହୁ) ବୀରମିତ୍ରପୁର ବିଧାନସଭା କ୍ଷେତ୍ର ପାଇଁ ଭାଜପା ପୁଣି ଥରେ ବିଧାୟକ ପ୍ରାର୍ଥୀଭାବେ ଶଙ୍କର ଓରାମଙ୍କ ନାମ ଘୋଷଣା କରିଛି। ଏହା ପରେ ଶଙ୍କରଙ୍କୁ ଲୋକେ ବିଭିନ୍ନ ସ୍ଥାନରେ ବାଜା ବଜାଇ ବାଣ ଫୁଟାଇ ସ୍ୱାଗତ କରୁଛନ୍ତି। ମଙ୍ଗଳବାର କୁଆଁରମୁଣ୍ଡା ତହସିଲ ଛକରୁ ଶଙ୍କରଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ପଦମପୁର ରୋଡ ପର୍ଯ୍ୟନ୍ତ ନେଇଥିଲେ। ବୁଧବାର ରାଏବୋଗା ଅଞ୍ଚଳରେ ଶଙ୍କରଙ୍କୁ ଅଞ୍ଚଳବାସୀ ଫୁଲତୋଡ଼ା ଦେଇ ସ୍ୱାଗତ କରିଛନ୍ତି।

# ସୁଧାରାଣୀଙ୍କ ପ୍ରଚାର ଆରମ୍ଭ



ହେମଗିର,୩।୪(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳ ତରଫରୁ ସୁଧାରାଣୀ ରାଉଡିଆକୁ ଟିକେଟ ପ୍ରଦାନ କରାଯାଇଛି। ଶୁକ୍ରବାର ସୁଧାରାଣୀ ହେମଗିର ରାଜମହଲରେଠାରେ ଥିବା ମାଣିକେଶ୍ୱରୀ ମନ୍ଦିର ଓ ଝାଡେଶ୍ୱର ମନ୍ଦିରଠାରେ ପୂଜାର୍ଚ୍ଚନା କରି ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀରେ ପ୍ରଥମ ଥର କଂଗ୍ରେସ ଜଣେ ମହିଳାଙ୍କୁ ଟିକେଟ ପ୍ରଦାନ କରିଥିବାରୁ ହେମଗିର ବ୍ଲକ କଂଗ୍ରେସ ଦଳର ସଭାପତି କାଙ୍ଗାବିହାରି ଧନ୍ୟବାଦ ଅର୍ପଣ କରିବା ସହିତ ଅଞ୍ଚଳର ବିକାଶ କଂଗ୍ରେସ ଦଳର ମୂଳ ଉଦେଶ୍ୟ ବୋଲି କହିଛନ୍ତି। ଏହି ଅବସରରେ ଜୀବନ ରଞ୍ଜନ ପଟ୍ଟନାୟକ,ସୁନିଲ ପଣ୍ଡା,ମୁକେଶ କର,ତିଲକ ସିଂ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୃଜନ ଏକାଡେମୀର ବାର୍ଷିକ ଉତ୍ସବ

ବଡ଼ଗାଁ.୩।୪(ଅଶୋକ ଷଡ଼ଙ୍ଗୀ)



ବାର୍ଷିକ ଉତ୍ସବରେ କୁନି କୁନି ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବାଇବାଇ ଗ୍ରାମାସ୍ଥିତ ସୃଜନ ଏକାଡେମୀର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କାନ ଷ୍ଟିଲ କାରଖାନାର ମ୍ୟାନେଜର ଅଭୟ ସିଂ ମୁଖ୍ୟ ଅତିଥି ଓ ସ୍କାନ ଷ୍ଟିଲର ପବ୍ଲିକ ରିଲେସନ ଅଫିସର୍ ଦୀପକ ଶର୍ମା, ସ୍ଥାନୀୟ ସରପଞ୍ଚ ସୁଦୀପ ବାଡା, ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ଦାସ, ବିପିନ ବିହାରୀ ବେହେରା, ଭେଷଜ ବାରିକ, ସୃଜନ ଏକାଡେମୀର ଟ୍ରଷ୍ଟି ସଭ୍ୟ ସୁରେନ୍ଦ୍ର କୁମାର ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୃଜନ ଏକାଡେମୀର ଅଧକ୍ଷ ସମୀର କୁମାର ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ପରମାନନ୍ଦ ଦାସ ପିଲାଙ୍କ ପଢା ପ୍ରତି ଦୃଷ୍ଟିକୋଣ କ'ଣ ରହିଛି ଓ ଆଭିମୁଖ୍ୟ କ'ଣ ରହିବା କଥା ସେ ନେଇ ମାର୍ଗଦର୍ଶନ ଦେଇଥିଲେ। ସରପଞ୍ଚ ବାଡ଼ା ସ୍କୁଲର ବିକାଶ ଦିଗରେ ଯାହା କିଛି ସହଯୋଗ ହୋଇପାରିବ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପିଆରଓ ଦୀପକ ଶର୍ମା ପିଲାମାନେ କିପରି ଭଲ ପାଠ ପଢି ଭବିଷ୍ୟତରେ ଉତ୍ତମ ନିଗରିକ ହେବେ ସେ ନେଇ ବୁଝାଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷା କ୍ଷେତ୍ରରେ ଥିବା ତାଙ୍କର ଅନୁଭୂତି ଉପରେ ଆଲୋକପାତ କରି ପିଲାଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସୃଜନ ଏକାଡେମୀର ଶିକ୍ଷୟିତ୍ରୀ ଦୀପାଞ୍ଜଳୀ ପାଣିଗ୍ରାହୀ, ସୁନୀତା ଡୁଙ୍ଗଡୁଙ୍ଗ, ମାଧୁରୀ ଏକ୍କା ମଞ୍ଚ ପରିଚାଳନା କରିଥିଲାବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ସ୍କୁଲର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ସହ ନୃତ୍ୟ ଗୁରୁ ଭୋଜରାଜ ନାଏକଙ୍କ ନିର୍ଦ୍ଦେଶନାରେ ନୃତ୍ୟ ନାଟିକା ଓ ରେକର୍ଡ ଡାନ୍ସ ପରିବେଷଣ କରିଥିଲେ। ଶେଷରେ ଅଧକ୍ଷ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦ ଘର କୈବର୍ତ୍ତ ସମାଜର ଆରାଧ୍ୟ ଦେବୀଙ୍କ ବାର୍ଷିକ ପୂଜା

ବଡ଼ଗାଁ,୩।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବାଉଁସେନ ଗ୍ରାମରେ ୨୦ ଘର କୈବର୍ତ୍ତ ସମାଜର ଆରାଧ୍ୟ ଦେବୀ ମା' ସମଲେଇଙ୍କ ୨୫ତମ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ବଡ଼ଗାଁ ବ୍ଲକ କମିଟି ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ପୂଜକ ଚିନ୍ତାମଣି ଡନସନା ପୂଜାର୍ଚ୍ଚନା କଲାପରେ ସମାଜର ବରିଷ୍ଠ ସଭ୍ୟ ହରିହର ବାରିକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ସମାଜର ବ୍ଲକ ସମ୍ପାଦକ ସୁରେଶ ସେଠ ସ୍ୱାଗତ ଅଭିଭାଷଣ ଦେଇ ବାର୍ଷିକ ବିବରଣୀ ପାଠ କରିଥଲେ। ଜିଲା ସମ୍ପାଦକ ଧନଞ୍ଜୟ ନାଏକ ସମାଜର ଭଉଣୀ ଭାଇମାନେ ସାମାଜିକ ସଂଘ ମାଧ୍ୟମରେ ଏକତା ବଜାୟ ରଖି ସମାଜର ବହୁବିଧ ବିକାଶ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମାଜର ଜିଲା ଉପ ସଭାପତି ଭେଷଜ ବାରିକ ସମାଜର କାର୍ଯ୍ୟରେ ହାତକୁ ହାତ ମିଳାଇ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଗତ ବର୍ଷର ଆୟ ବ୍ୟୟ ଉପରେ ଆଲୋଚନା ହେବା ସହ ଆସନ୍ତା ବର୍ଷ କିପରି ବାର୍ଷିକ ପୂଜା ପାଳନ କରାଯିବା ସେ ନେଇ କର୍ମକର୍ତ୍ତାମାନେ ମତ ଉପସ୍ଥାପନ କରିଥିଲେ। ନୂତନ କମିଟି ଗଠନ ପାଇଁ ପ୍ରସ୍ତାବ ଗୃହୀତ ହେବା ସହ ନିଶା ମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ କରାଯାଇଥିଲା। କଳ୍ପ ସେଠ, ରୀତା ବଡେଇ, ରାଜିନ ଡନସନା, ଚକ୍ରଧର ଡନସନା, ଖଡୁ କାଲୋ, ହରେକୃଷ୍ଣ ସେଠ, ପ୍ରମିଳା ବାରିକ, ଦିଲ୍ଲୀପ ବଡେଇ, ଗୋବିନ୍ଦ ସେଠ, ଗୀତ ସେଠ, ଅଭିମନ୍ୟୁ ଡନସନା ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

# ଓଡ଼ିଶା ପାଇଁ ପଦକ ଆଣିଲେ କଳାହାଣ୍ଡିର ଭୌମିକ

ଭବାନୀପାଟଣା,୩।୪(ଉତ୍ତମ କୁମାର ଦାଶ)

**୨୩ତମ ଉପ କନିଷ୍ଠ ଜାତୀୟ ଉଷୁ ପ୍ରତିଯୋଗିତା**



ଜମ୍ମୁ ବିଶ୍ୱବିଦ୍ୟାଳୟରେ ଗତ ୨୬ ରୁ ୩୧ ତାରିଖ ପର୍ଯ୍ୟନ୍ତ ୨୩ତମ ଉପକନିଷ୍ଠ ଜାତୀୟ ଉଷୁ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଦଳରେ ୩୯ ଦଳ ଖେଳାଳି ସାମିଲ ହୋଇଥିଲେ। ସେଥିମଧ୍ୟରୁ କଳାହାଣ୍ଡିର ଜଣେ ଖେଳାଳି ଭାବେ ଭୌମିକ ଭାରଦ୍ୱାଜ ଭୋଇ ରହିଥିଲେ। ଭୌମିକ ପାରମ୍ପରିକ ତାଓଲୁ ବିଭାଗରେ କାଂସ୍ୟ ପଦକ ହାସଲ କରି ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏଥିରେ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ବିଚାରକ ଓ କୃଷ୍ଣଚନ୍ଦ୍ର ସାହୁ ଓଡିଶା ଟିମ ପରିଚାଳକ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଭୌମିକଙ୍କୁ ରାଜ୍ୟ ଉଷୁ ସଂଘ ଅଧକ୍ଷ ଇ. ଏସଏସ ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ କଳାହାଣ୍ଡି ଜିଲା ଉଷୁ ସଭାପତି ଜତୀନ୍ଦ୍ର ସାହୁ ଉପସଭାପତି ଚିଣ୍ଟୁ ପ୍ରସାଦ ନାଏକ, ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଓ ଭିଭିନ୍ନ କ୍ରୀଡା ମହଲରୁ ଶୁଭେଚ୍ଛା ଜଣାଇଛନ୍ତି। ପଦକ ବିଜେତା ଭୌମିକଙ୍କୁ କେସିଙ୍ଗା ରେଳ ଷ୍ଟେଶନରେ ସମର୍ଥକମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ ।

# ପ୍ରଚାର ଆରମ୍ଭ କଲେ ଜୁଏଲ, କୁସୁମ, ଭବାନୀ

ସୁନ୍ଦରଗଡ,୩।୪(ଜୟ ନାରାୟଣ ମେଣ୍ଟୁଳି)



ସୁନ୍ଦରଗଡ ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ, ସୁନ୍ଦରଗଡ ବିଧାନସଭା ପ୍ରାର୍ଥନୀ କୁସୁମ ଟେଟେ ଓ ତଳସରା ବିଧାନସଭା ପ୍ରାର୍ଥୀ ଭବାନୀ ଶଙ୍କର ଭୋଇ ବୁଧବାରଠାରୁ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଛନ୍ତି। ଏହାପରେ ଜିଲା ଭାଜପା କାର୍ଯ୍ୟାଳୟକୁ ଯାଇ ସେଠାରେ ଏକ ମିଶ୍ରଣ ପର୍ବରେ ଯୋଗଦେଇ ଥିଲେ। ଏହାପରେ ହେମଗିର ବ୍ଲକ ବିଲେଇମୁଣ୍ଡାରେ ଏକ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ସେଠାରେ ଏକ ବାଇକ ରାଲିରେ ପରିକ୍ରମା କରିବା ସହିତ ପଦଯାତ୍ରାରେ ପ୍ରଚାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ଓ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରି ଭୋଟ ଭିକ୍ଷା କରିଥିଲେ। ପରେ ଟାଙ୍ଗରପାଲି ବ୍ଲକ ଉଜ୍ୱଳପୁର ଠାରେ ସେମାନଙ୍କୁ ଦଳୀୟ କର୍ମୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସନ୍ଧ୍ୟାରେ ସୁନ୍ଦରଗଡ କଲେଜ ଛକଠାରୁ ଏକ ବାଇକ ରାଲିରେ ସହର ପରିକ୍ରମା କରିଥିଲେ। ସୁନ୍ଦରଗଡଠାରେ ଗଣମାଧ୍ୟମ ଆଗରେ ଜୁଏଲ କହିଛନ୍ତି, ସୁନ୍ଦରଗଡବାସୀ ତାଙ୍କୁ ଭଲ ପାଆନ୍ତି, ଏଥର ମଧ୍ୟ ତାଙ୍କ ଆର୍ଶୀବାଦରେ ଲୋକସଭା ଆସନ ସମେତ ୭ଟି ଯାକ ବିଧାନସଭା ଆସରେ ଭାଜପା ବାଜିମାତ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଥର ସେ ଶେଷ ନିର୍ବାଚନ ଲଢିବେ। ଆସନ୍ତା ଥର ଆଉ ନିର୍ବାଚନ ଲଢିବେ ନାହିଁ ବୋଲି ଜୁଏଲ କହିଛନ୍ତି। ସେହିପରି ବିଧାୟିକା ପ୍ରାର୍ଥୀନୀ କୁସୁମ ଦେଶରେ ସବୁ ବର୍ଗର ଲୋକଙ୍କ ପାଇଁ ମୋଦିଙ୍କ ଗ୍ୟାରେଣ୍ଟି ଓ ସୁଶାସନ ଯୋଗୁ ନିଶ୍ଚିତ ଭାବେ ଭାଜପାର ବିପୁଳ ବିଜୟ ହେବ। ଏ ଲଢ଼େଇ ମୋର ନୁହେଁ, ସୁନ୍ଦରଗଡ ବାସୀଙ୍କ ଲଢ଼େଇ। ସୁନ୍ଦରଗଡରେ ବିକାଶ ପାଇଁ ତାଙ୍କ ସହିତ ଲୋକଙ୍କ ସ୍ନେହ ଶ୍ରଦ୍ଧା ରହିଥିବା କହିଛନ୍ତି। ଯେମିତି ଗତଥର ଜିତାଇଥିଲେ, ଏଥର ମଧ୍ୟ ସେଭଳି ଜିତାଇବେ ବୋଲି ତାଙ୍କର ବିଶ୍ୱାସ ରହିଛି ବୋଲି ସେ କହିଥିଲେ। ଏହି ପ୍ରଚାର ବେଳେ ସୁନ୍ଦରଗଡ ପୌରାଧକ୍ଷା ତନୟା ମିଶ୍ର, ଭାଜପା ନେତା ରଞ୍ଜନ ପଟେଲ, ବଟକିଶୋର ମିଶ୍ର, ଆଜୟ ପଟେଲଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ବିଭିନ୍ନ ସ୍ଥାନରେ ଜୁଏଲ, କୁସୁମ ଓ ଭବାନୀଙ୍କୁ ଦଳୀୟ କର୍ମୀ ଓ ମହିଳା ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ସଂକ୍ଷେପରେ

### ଅଟୋ ଧକ୍କାରେ ବାଇକ୍ ଆରୋହୀ ମୃତ

ଗୋଲାମୁଣ୍ଡା,୩।୪(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଯୋର ନିକଟରେ ବୁଧବାର ଅପରାହ୍ନରେ ଏକ ଅଜଣା ଅଟୋ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଲାମୁଣ୍ଡା ଗ୍ରାମର ଘନଶ୍ୟାମ ବରାଟ (୫୫)। ସୂଚନା ଅନୁସାରେ ଗୋଲାମୁଣ୍ଡା ଗ୍ରାମର ଘନଶ୍ୟାମ ଏବଂ ବିଦୁର କୁମାର ଭୋଇ ଯୋରକୁ ବାଇକ ଯୋଗେ ଗାଧୋଇବାକୁ ଯାଉଥିବା ବେଳେ ଏକ ଅଟୋ ଆସି ପଛପଟୁ ଧକ୍କା ଦେଇଥିଲା। ୨ ବାଇକ୍ ଆରୋହୀ ଛିଟିକି ପଡ଼ିଥିବା ବେଳେ ଘନଶ୍ୟାମ ଅଧିକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଘନଶ୍ୟାମଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଘନଶ୍ୟାମଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇବା ପରେ ଅଟୋ ଚାଳକ ଫେରାର ହୋଇଥିବା ଜଣାପଡିଛି। ଏ ନେଇ ଗୋଲାମୁଣ୍ଡା ଥାନାରେ ଏକ ମାମଲା (ନଂ.୬୧/୨୦୨୪)ରେ ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଅଧିକାରୀ ଶ୍ୱେତପଦ୍ମା ସୂଚନା ଦେଇଥିଲେ।

### ଚୈତ୍ର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ରିଷିଡ଼ା,୩।୪(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବ ଶକ୍ତି ମନ୍ଦିରଠାରୁ ଆଗାମୀ ଚୈତ୍ର ଝାମୁଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଶୈବ ଶକ୍ତି ପୀଠ ପରିସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶକ୍ତି ପୀଠର ସେବାୟତ କର୍ମକର୍ତ୍ତା ଏବଂ ଗ୍ରାମର ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିବାବେଳେ ମନ୍ଦିର ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବାକୁ ଆଲୋଚନା କରିଥିଲେ। ପ୍ରସିଦ୍ଧ ଝାମୁଯାତ୍ରା ୧୦ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ହେବ। ପ୍ରଥମ ଦିନ ଦେବୀଙ୍କ ନଗର ପରିକ୍ରମା, ଦ୍ୱିତୀୟ ଦିବସରେ ଝାମୁଯାତ୍ରା, ତୃତୀୟ ଦିନରେ ପଣା ସଂକ୍ରାନ୍ତି ହନୁମାନ ଜୟନ୍ତୀ, ଚତୁର୍ଥ ଦିବରେ ଷୋହଳ ପ୍ରହର ନାମ ଯଜ୍ଞ ପାଳନ କରିବା କାର୍ଯକ୍ରମ ରହିଥିବା ଶକ୍ତି ପୀଠର ପରିଚାଳନା କମିଟି ଜଣାଇଛନ୍ତି। ଏଥି ସହିତ ମିନା ବଜାର ଏହି ଉତ୍ସବ କୁ ଆକର୍ଷଣୀୟ କରିବ ବୋଲି ଆୟୋଜକ ପକ୍ଷରୁ ଜଣାଯାଇଛି।

### ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

କୋମନା,୩।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ବିଶ୍ୱନାଥପୁରଠାରେ ଚାଲିଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦଯାପିତ ହୋଇଯାଇଛି। ଏଥିରେ ବିଶ୍ୱନାଥପୁର, ଟିକ୍ରାପଡ଼ା, କୋମନା, କୋଟ୍ରିବାହାଲ, ଥପାପଡା, ବଘାମୁଣ୍ଡା ଓ ବଲାଙ୍ଗୀର ଜିଲାର ଗରଗଡ଼ବାହାଲ ୮ଟି ସଂକୀର୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଶାନ୍ତିଶୃଙ୍ଖଳାର ସହିତ ନାମଯଜ୍ଞ ସମ୍ପନ୍ନ ହୋଇଛି।

### ପଥଚାରୀଙ୍କୁ ଥଣ୍ଡା, ଦହି ପାଣି, ବିସ୍କୁଟ ବଣ୍ଟନ

ଥୁଆମୂଳ ରାମପୁର,୩।୪(ଦୁର୍ଗା କୀର୍ତ୍ତି)

ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପଥଚାରୀଙ୍କ ପାନୀୟ ଜଳର ଆବଶ୍ୟକ ରହିଛି। ଏହାକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ମା' ମାଣିକେଶ୍ୱରୀ ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ଏକ ଜଳଛତ୍ର ଖୋଲାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଯିବାଆସିବା କରୁଥିବା ପଥଚାରୀଙ୍କୁ ଥଣ୍ଡା, ଦହିପାଣି, ବିସ୍କୁଟ ବଣ୍ଟନ କରାଯାଇଛି। ମା' ମାଣିକେଶ୍ୱରୀ ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ସଭାପତି ବଳଭଦ୍ର ବାଗଙ୍କ ତତ୍ତ୍ୱାବଧାନରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସମ୍ବିତ କୁମାର ବିଶ୍ୱାଳ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଡାକ୍ତର ସୌମ୍ୟ ରଞ୍ଜନ ମାଝି ଯୋଗଦାନ କରି ପଥଚାରୀଙ୍କୁ ଥଣ୍ଡା, ଦହିପାଣି ଓ ବିସ୍କୁଟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ତଥା ସଂଘ ଉପଦେଷ୍ଟା ମଣ୍ଡଳୀ, ସଂଘ ଆଇନ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ରହିଥିଲେ।

# ପରିଶ୍ରମ ତୁଳନାରେ ମିଳୁନି ପ୍ରାପ୍ୟ





ଜଣେ ମହିଳା ମହୁଲ ଫୁଲ ଗୋଟାଉଥିବା ବେଳେ ଜଣେ ବ୍ୟକ୍ତି ଖରାରେ ଶୁଖାଉଛନ୍ତି

କୋକସରା,୩।୪(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ)

■ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଗୋଟାଳି
■ସରକାରୀସ୍ତରରେ ବିକ୍ରି ଦାବି

କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ଜଙ୍ଗଲ ନିକଟବର୍ତ୍ତୀ ଆମପାଣି, ବରାଡ଼ଙ୍ଗା, ପୋ ଗୋତମୁଣ୍ଡା, ଡୁଡୁକାଠେଙ୍ଗା, ମହିମା ପଞ୍ଚାୟତର ଊଣାଅଧିକ ସମସ୍ତ ଗାଁରେ ଏବେ ମହୁଲ ଫୁଲ ସଂଗ୍ରହ ହେଉଛି। ଚୈତ୍ର ମାସରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହୁଲ ଫୁଲ ମହିଳାମାନେ ଗୋଟାଇ ଘରକୁ ନେଇ ଖରାରେ ଶୁଖାଇ ପରେ ବିକ୍ରି କରୁଛନ୍ତି। ମହୁଲ ଫୁଲ ସହ ଆଦିବାସୀ ଜନଜୀବନର ନିବିଡ଼ ସମ୍ପର୍କ ମଧ୍ୟ ରହିଛି। ସେମାନଙ୍କ ଦେବଦେବୀଙ୍କ ଯାତ୍ରା ହେଉ ଅବା ପର୍ବପର୍ବାଣୀ, ବିବାହରେ ମହୁଲର ବ୍ୟବହାର ଅପରିହାର୍ଯ୍ୟ। ଏହା ବ୍ୟତୀତ ଚୈତ୍ର ମାସରେ ହେଉଥିବା ଠାକୁରାଣୀଙ୍କ ଘଟଯାତ୍ରା, କୃଷି ଭିତ୍ତିକ ପର୍ବବିହନ ଛିନାରେ ମହୁଲ ଫୁଲକୁ ମା'ଙ୍କ ପ୍ରିୟ ଫୁଲ ଭାବେ ଅର୍ପଣ କରାଯାଏ। ମହୁଲ ଫୁଲରୁ ତିଆରି ହେଉଥିବା ମହୁଲି ମଦ ରାଜ୍ୟ ରାଜସ୍ୱରେ ପ୍ରମୁଖ ଉପାର୍ଜନର ମାଧ୍ୟମ ହୋଇଥିବା ବେଳେ ମହୁଲ ଫୁଲ ଗୋଟାଳି ପରିଶ୍ରମ ତୁଳନାରେ ପ୍ରାପ୍ୟ ପାଉନାହାନ୍ତି। ଗ୍ରାମାଞ୍ଚଳରୁ ମଦ ଭାଟିର ଏଜେଣ୍ଟ ଓ ଗାଁ ସାହୁକାରମାନେ ମହୁଲ ଫୁଲ କେଜି ପ୍ରତି ୨୦/୨୫ ଟଙ୍କାରେ କିଣୁଥିବା ଗୋଟାଳିମାନେ ଅଭିଯୋଗ କରିଛନ୍ତି। ମହୁଲ ଫୁଲକୁ ନନ ଟିମ୍ବର ଜଙ୍ଗଲ ଦ୍ରବ୍ୟ ଭାବେ ଗ୍ରହଣ କରାଯାଇଛି। ପଞ୍ଚାୟତ ନିୟମ ୧୯୯୬ର ୭୬ ତମ ସଂଶୋଧନ ଫଳରେ ମହୁଲ ଗଛକୁ ମାଇନର ଫରେଷ୍ଟ ପ୍ରଡକ୍ଟ ଭାବେ ଘୋଷଣା କରାଯାଇ ଏହାର କିଣାବିକା ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଛି। ହେଲେ ପ୍ରଶାସନର ଅବହେଳା କାରଣରୁ କୌଣସି ପଞ୍ଚାୟତରେ ମଧ୍ୟ ମହୁଲ ଫୁଲ କିଣାବିକା ନେଇ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ। ଫଳରେ ମହୁଲ ଗୋଟାଳିମାନେ ଶାଗ ମାଛ ଦରରେ ସ୍ଥାନୀୟ ମଦ ଭାଟି ଓ ସାହୁକାରଙ୍କ ନିକଟରେ ବିକ୍ରି କରୁଛନ୍ତି। ଏବେ ମଧ୍ୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅଧିବାସୀମାନେ ଜଙ୍ଗଲରୁ ମହୁଲ, ଚାର, ଶାଳପତ୍ର, କାଠ, ଝୁଣା, କେନ୍ଦୁ, ହରିଡା, ବାହାଡ଼ା ସଂଗ୍ରହ କରି ଜୀବନ ଜୀବିକା ନିର୍ବାହ କରୁଛନ୍ତି। ତେବେ ଏସବୁ ବନଜାତ ଦ୍ରବ୍ୟ ବିକ୍ରି କରିବା ପାଇଁ କୌଣସି ବଜାର ବ୍ୟବସ୍ଥା ନ ଥିବାରୁ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। କୋକସରା ବ୍ଲକରୁ ବାର୍ଷିକ ଶହ ଶହ ଟନ ମହୁଲ ଫୁଲ ସଂଗ୍ରହ ହେଉଥିବା ବେଳେ ପଞ୍ଚାୟତରେ ବିକ୍ରି ସୁବିଧା ମିଳିଲେ ଉଚିତ ମୂଲ୍ୟ ପାଇ ପାରିବେ ବୋଲି ଗୋଟାଳିମାନେ କହନ୍ତି। ପଞ୍ଚାୟତସ୍ତରରେ ଜଙ୍ଗଲ ଜାତ ଦ୍ରବ୍ୟ କିଣିବିକା ଉପରେ ସରକାର ଦୃଷ୍ଟି ଦେବାକୁ ସଂଗ୍ରହକାରୀମାନେ ଦାବି କରିଛନ୍ତି।

# ଶୀତ ତାପ ନିୟନ୍ତ୍ରଣ ମେଶିନ ସଚଳ ଦାବି

ଦେବଗଡ଼,୩।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ କିଡନୀ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଡାଇଲିସିସ କେନ୍ଦ୍ର ସମେତ ଏକାଧିକ କ୍ୟାବିନରେ ଶୀତତାପ ନିୟନ୍ତ୍ରଣ ମେଶିନ ଅଚଳ ହୋଇପଡିଛି। ଫଳରେ ରୋଗୀମାନେ ଅସୁବିଧା ଭୋଗୁଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସନ୍ଧ୍ୟାରେ ଭାଜପା ଯୁବନେତା ସୁଧିର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ମନ୍ମଥ କୁମାର ରଣା, ଲିପନ କୁମାର ବାରିକ,ତାପସ କୁମାର ନନ୍ଦ, ସିଲି ମୁଖି, ଅଜୟ କୁମାର ଦାସ,ଗୋବିନ୍ଦ ଭେଲେଇ ଓ ରୁଦ୍ର ନାରାୟଣ ନାଏକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱ ମୋହନ ମିଶ୍ରଙ୍କୁ ତାଙ୍କ ସରକାରୀ ବାସ ଭବନରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।



ଜିଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କୁ ଦାବିପତ୍ର ଦିଆଯାଉଛି।

# ବେଦାନ୍ତ-ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହିତ ଏମ୍‌ଓୟୁ ସ୍ୱାକ୍ଷର

ଲାଞ୍ଜିଗଡ଼,୩।୪(ରମେଶ ଚନ୍ଦ୍ର ନାୟକ)

୩ ବର୍ଷରେ ୧୩ ଶହରୁ ଅଧିକ ଯୁବତୀଯୁବକଙ୍କ ଦକ୍ଷତା ବଢାଇବା ଲକ୍ଷ୍ୟ

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓ ସ୍କିଲ ଡେଭଲପମେଣ୍ଟ ଅଥରିଟି) ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଆଗାମି ୩ ବର୍ଷ ମଧ୍ୟରେ ୧୩ ଶହରୁ ଅଧିକ ଯୁବକ ଯୁବତୀଙ୍କ ଦକ୍ଷତା ବଢାଇବାକୁ ଲକ୍ଷ୍ୟ ରଖିଛି। ଏହାର ଦକ୍ଷତା ତାଲିମ ପଦକ୍ଷେପ କଳାହାଣ୍ଡି ଜିଲାର ଗ୍ରାମାଞ୍ଚଳର ବେକାର ଯୁବକଯୁବତୀମାନଙ୍କୁ ସାମାଜିକ ଓ ଅର୍ଥନୈତିକ ପ୍ରତିବନ୍ଧକ ହେତୁ ବିଦ୍ୟାଳୟ ଛାଡିଥିବା ନିରନ୍ତର ଜୀବିକା ନିର୍ବାହ ପାଇଁ ସହାୟତା କରି ଆସୁଅଛି। ନାବାର୍ଡ (ନ୍ୟାଶନାଲ ବ୍ୟାଙ୍କ ଫର କୃଷି ଏବଂ ଗ୍ରାମୀଣ ବିକାଶ) ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ଅନୁଷ୍ଠାନ ସହିତ ବିଭିନ୍ନ ସହଭାଗିତା ମାଧ୍ୟମରେ ଏହି ପଦକ୍ଷେପର ପରିସରକୁ ବ୍ୟାପକ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ୨୦୨୨ଠାରୁ ଏହି କାର୍ଯ୍ୟକ୍ରମ ଜିଲାର ଗ୍ରାମାଞ୍ଚଳର ଯୁବକ ଯୁବତୀମାନଙ୍କୁ ଖାଦ୍ୟ ଏବଂ ପାନୀୟ, ଟେକ୍ସଟାଇଲ, ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଶିଳ୍ପ ସହିତ ରୋଜଗାରର ସୁଯୋଗ ପାଇଁ ତାଲିମ ଦେଇଛି। ବିଭିନ୍ନ ଚାକିରି ଭୂମିକାରେ ସେମାନଙ୍କୁ ଅଭିଜ୍ଞତା ପ୍ରଦାନ କରିବାକୁ ଶିଳ୍ପ ପରିଦର୍ଶନ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏପର୍ଯ୍ୟନ୍ତ ୨ଶହରୁ ଅଧିକ ଯୁବକ ଯୁବତୀମାନଙ୍କୁ ଷ୍ଟିୱାର୍ଡଶିପ, ସିଲେଇ ମେଶିନ ଅପରେସନ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ପରି ବିଭିନ୍ନ କୌଶଳ ଉପରେ ତାଲିମ ଦିଆଯାଇଛି। ନିଯୁକ୍ତିଦାତାମାନଙ୍କ ସହିତ ସଂଯୋଗ ସ୍ଥାପନ ପାଇଁ ଜାରି ପ୍ରତିବଦ୍ଧତା, ୭୫% ପ୍ଲେସମେଣ୍ଟ ରେକର୍ଡ ହାସଲ କରି ଯୁବକଯୁବତୀଙ୍କୁ ରାମୋଜି ଫିଲ୍ମସିଟି ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଂସ୍ଥାରେ ସ୍ଥାନିତ କରାଯାଇଛି। ବେଦାନ୍ତ ସିଇଓ ଆଲୁମିନା ବ୍ୟବସାୟ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯୁବକମାନଙ୍କୁ ଆତ୍ମ ନିର୍ଭରଶୀଳତା ପାଇଁ ସଶକ୍ତିକରଣ କରିବା ଆମର ପ୍ରତିବଦ୍ଧତା ଅଟେ। ଆମେ କେବଳ ବ୍ୟକ୍ତିଗତ ଭବିଷ୍ୟତ ଗଠନ କରୁନାହୁଁ ବରଂ ସେମାନଙ୍କୁ ଉଦ୍ୟୋଗୀ କୌଶଳ ଏବଂ ଆର୍ଥିକ ରୂପେ କୁଶଳୀ କରାଇବା ସହିତ ସମଗ୍ର ସମ୍ପ୍ରଦାୟର ବିକାଶ ଦିଗରେ କାର୍ଯ୍ୟ କରୁଛୁ। କଳାହାଣ୍ଡି ଜିଲା ନିଯୁକ୍ତି ଅଧିକାରୀ ଅଜିତ କୁମାର ରାଉତରାୟ କହିଛନ୍ତି ଯେ ଆମର ଏଠାରେ ଥିବା କୌଶଳ ବିକାଶ ପ୍ରତିଭା ଦ୍ୱାରା କଳାହାଣ୍ଡିର ଭବିଷ୍ୟତକୁ ସୁରକ୍ଷିତ ରଖିବା ଦିଗରେ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଏକ ସକରାତ୍ମକ ପଦକ୍ଷେପ। ଏହି ସହଯୋଗ ମାଧ୍ୟମରେ ଆମେ ସାମାଜିକ-ଅର୍ଥନୈତିକ ଉନ୍ନତି ଏବଂ ସମଗ୍ର ଜିଲାର ସମ୍ପ୍ରଦାୟର ଉନ୍ନତି ପାଇଁ ଉନ୍ନତ ସୁଯୋଗକୁ ସକ୍ଷମ କରିପାରିବା।



ଯୁବତୀଯୁବକମାନେ ସିଲେଇ ତାଲିମ ନେଉଛନ୍ତି।

# ଜିଲା କଂଗ୍ରେସ କମିଟିର ମିଶ୍ରଣ ପର୍ବ



କଂଗ୍ରେସରେ ସାମିଲ ହୋଇଥିବା କର୍ମୀ।

ଦେବଗଡ଼,୩।୪(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ମଧୁପୁର ପଞ୍ଚାୟତ ଲାଣ୍ଡିଝରୀ ଗ୍ରାମରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାବଗ୍ରାହୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଉପସ୍ଥିତ ରହି କଂଗ୍ରେସ ଦଳର ନୀତି ଓ ଆଦର୍ଶ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସମ୍ପୃକ୍ତ ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନିରଞ୍ଜନ ସେଠୀ, ଦେବକୀ ସାହୁ ଓ ନିରୂପମା ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଯୁବକ ଓ ବୟସ୍କ ବ୍ୟକ୍ତି ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ସେମାନଙ୍କୁ ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ସଞ୍ଜୀବ ପ୍ରଧାନ, ଦିବାକର ସାହୁ, ଦେବେନ୍ଦ୍ର ଗଡନାୟକ,ନାଥକୃଷ୍ଣ ଜାଲ, କ୍ଷମାନିଧି ପ୍ରଧାନ, ନଳିନୀ ପ୍ରଧାନ, ଶ୍ରୀତମ ସାହୁ ଓ ଅଲେଖ ନାଏକଙ୍କ ସମେତ ଲୁଲଙ୍ଗ ପଞ୍ଚାୟତର ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ନବାଗତଙ୍କ ଯୋଗଦାନ କଂଗ୍ରେସ ଦଳର ସଂଗଠନକୁ ଅଧିକ ସୁଦୃଢ କରିବ ବୋଲି ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ପ୍ରକାଶ କରିଛନ୍ତି।

# ରୋଷେୟାଙ୍କ ମାସିକ ପାରିଶ୍ରମିକ ବୃଦ୍ଧି ଦାବି

ଖଡ଼ିଆଳ,୩।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଅଧୀନରେ ପରିଚାଳିତ ଶିକ୍ଷାନୁଷ୍ଠାନ ଛାତ୍ରାବାସ ଛାତ୍ରୀନିବାସରେ ୧୯୯୩ଠାରୁ ନିଯୁକ୍ତ ଓ ନିୟୋଜିତ ରୋଷେୟା ତଥା ସେବାୟତମାନେ ସବୁବେଳେ ଜରୁରୀକାଳୀନ ପରିସ୍ଥିତିରେ ରହିଛନ୍ତି। ସେମାନଙ୍କ କୌଣସି ଦିନଟିଏ ହେଲେ ସରକାରୀ ଛୁଟି ନାହିଁ କିମ୍ବା ସରକାରୀ କର୍ମଚାରୀମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ନାହିଁ, ହେଲେ ଦାୟିତ୍ୱ ଅନେକ ରହିଛି। ବିଦ୍ୟାଳୟ ପରିବେଶ ଛାତ୍ରାବାସ ଛାତ୍ରୀନିବାସ ସଫାସୁତୁରା, ରକ୍ଷଣାବେକ୍ଷଣ ଦୈନିକ ଦୁଇ ପ୍ରହର ଖାଦ୍ୟ ରନ୍ଧନ ଓ ପରିବେଷଣ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଦିନରାତି କାମ କରୁଛନ୍ତି। କେବଳ ମାତ୍ର ଟଙ୍କା ୧୨ ହଜାର ପାଇଁ କାର୍ଯ୍ୟରେ ଥାଇ ମରିଗଲେ କିଛି ନାହିଁ। ରୋଷେୟା ତଥା ସେବାୟତମାନଙ୍କୁ ପେନସନ ମିଳିବା ତ ଦୁରର କଥା ଇପିଏଫ/ଇଏସଆଇ ମଧ୍ୟ ଲାଗୁ ନାହିଁ। ଷାଠିଏ ବର୍ଷ ପୂରିଗଲେ ରିଟାରମେଣ୍ଟ ନୋଟିସ ଖାଲି ହାତରେ ସିସିଏ ଯିବେ କାହିଁ। ଅର୍ଦ୍ଧକୁଶଳି ଶ୍ରମିକ ଭାବେ ମାସିକ ନିଶ୍ଚିତ ପାରିଶ୍ରମିକ ପ୍ରଦାନ ବଦଳରେ ହଜାର ହଜାର (ସିସିଏ) ରୋଷେୟା ତଥା ସେବାୟତଙ୍କୁ ମୌଳିକ ଓ ସାମାଜିକ ଅଧିକାରରୁ ବଞ୍ଚିତ । ରୋଷେୟା ତଥା ସେବାୟତଙ୍କ ଜୀବନରେ ତଥାପି କୌଣସି ପଲିସି ଡିସିଜନ ନାହିଁ । ବିଭାଗୀୟ ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରି ସିସିଏମାନଙ୍କୁ ମାସିକ ପାରିଶ୍ରମିକ ଅନ୍ତତଃ ପକ୍ଷେ ୧୨ହଜାରରୁ ୨୪ ହଜାରକୁ ବୃଦ୍ଧି ନିମନ୍ତେ ପଲିସି ଡିସିଜନ ପାଇଁ ମୁଖ୍ୟ ଶାସନ ସଚିବଙ୍କଠାରେ ସିସିଏମାନଙ୍କ ନ୍ୟାର୍ଯ୍ୟ ଦାବି ଉପସ୍ଥାପନ ନିମନ୍ତେ ନୂଆପଡା ଜିଲା ରୋଷେୟା ତଥା ସେବାୟତ ସଂଘ ସଭାପତି ଭୈରବ କୁମାର ସାହୁ ଦାବି କରିଛନ୍ତି।

# ଭେରୁବଣି ଗ୍ରାମବାସୀ ପ୍ରଶାସନର ଯୁଗ୍ମ ବୈଠକ

ଦେବଗଡ,୪।୩
(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଦୁଧିଆନାଳି ପଞ୍ଚାୟତର ଜାମୁନାଳୀ କଲୋନୀ(ଭେରୁବଣି)ପଡା ଗ୍ରାମରେ ପ୍ରଶାସନ-ଗ୍ରାମବାସୀଙ୍କ ମଧ୍ୟରେ ଏକ ଯୁଗ୍ମ ସମନ୍ୱୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭେରୁବଣି ଗ୍ରାମ କମିଟିର ସଭାପତି ସ୍ୱପ୍ନେଶ୍ୱର ସାହୁ ଓ ସମ୍ପାଦକ ରଞ୍ଜନ କୁମାର ବିଶ୍ୱାଳଙ୍କ ସମେତ ଗ୍ରାମର ବହୁ ମହିଳା ଓ ପୁରୁଷ ଯୋଗଦେଇ ଗାଁକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ଓ ଭେରୁବଣି ପଡା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ନିମନ୍ତେ ଦାବି କରିଥିଲେ। ଏହି ବୈଠକରେ ପ୍ରଶାସନ ପକ୍ଷରୁ ତିଲେଇବଣି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀ ଓ ଦେବଗଡ ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ସମେତ ସମ୍ପୃକ୍ତ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ପ୍ରମୁଖ ଯୋଗଦେଇ ଗ୍ରାମବାସୀଙ୍କ ସହିତ ପାଦରେ ଚାଲି ଗ୍ରାମର ପରିସୀମା ପରିଦର୍ଶନ କରିଥିଲେ। ଏଥିସହ ଗ୍ରାମବାସୀଙ୍କ ଦାବିକୁ ବିଚାରକୁ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ପ୍ରାର୍ଥୀ ଘୋଷଣା ପରେ ଆଶାୟୀଙ୍କ ଅସନ୍ତୋଷ

ନୂଆପଡ଼ା,୩।୪(ମକାରୁ ବେମାଲ)





ପ୍ରତିବାଦ ସଭା ଏବଂ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

■ଭାଜପା ପ୍ରାର୍ଥୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ନୋହିଲା
■ଗୋଟିଏ ଦିନରେ ୨ଟି ସ୍ଥାନରେ ପୃଥକ୍ ସଭା

ନୂଆପଡା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଘୋଷଣା ପରେ ଖୁସିରଲହର ଖେଳି ଯାଇ ପାର୍ଟି କାର୍ଯ୍ୟାଳୟଠାରେ ବୁଧବାର ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଦଳୀୟ ଅସନ୍ତୋଷ ଗୋଷ୍ଠି ମଧ୍ୟରେ କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଘାଟିପଡା ସାଇ କଲେଜରେ ଏକ ସଭା କରି ପ୍ରତିବାଦ କରିଥିବାରୁ ମନାଇବା ପାଇଁ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ଯୋଗଦେଇଥିବାରୁ ସ୍ୱାଗତ ସମ୍ବର୍ଦ୍ଧନା ନ ହୋଇ କର୍ମୀମାନଙ୍କୁ ମୋଦି ସରକାରଙ୍କ ଜନହିତକାରୀ କାର୍ଯ୍ୟ ଉପରେ ଅବଗତ କରିବା ସଙ୍ଗେ ନୂଆପଡା ନିର୍ବାଚନମଣ୍ଡଳୀରେ ଭୋଟ ହାତଇବା ପାଇଁ ଉତ୍ସାହିତ କରାଯାଇଥିଲା। ଭାଜପା ଜିଲା ସଭାପତି ସୁବ୍ରତ ଠାକୁରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ସାଧାରଣ ସମ୍ପାଦକ ତୁଳସ ପଟେଲ, ଖରିଆର ରୋଡ ଏନଏସି ଅଧକ୍ଷା ସୋନିଆ ଜୈନ, ସୁଶାନ୍ତ କୁମାର ପତି, ବିଜୟ ଚନ୍ଦ୍ରପାର, କମଳେସ ଦୀକ୍ଷିତ, ଗୋଲଡି ଅଗ୍ରୱାଲ, ରାଜେଶ୍ୱରୀ ସାହୁ, ସରିତା ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ନୂଆପଡା ନିର୍ବାଚନମଣ୍ଡଳୀରେ ବିଜେଡି ଗଡକୁ ଭାଙ୍ଗି ଭାଜପା ଆସନକୁ ଆସି ଜନସାଧାରଣଙ୍କ ସେବା କରିବ। ଭାଜପା ଶାସନକୁ ଆସିଲେ ପ୍ରତ୍ୟେକ ପଞ୍ଚାୟତରେ ଯୁକ୍ତ୨ ପର୍ଯ୍ୟନ୍ତ ବିଦ୍ୟାଳୟ, ବେକାରୀ ଯୁବତୀଯୁବକଙ୍କୁ ନିଯୁକ୍ତି, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଇତ୍ୟାଦି ସୁବିଧା ଉପରେ ଗୁରୁତ୍ୱ ଦେବ ବୋଲି କହିଥିଲେ। ସେହିପରି ଅସନ୍ତୋଷ ଗୋଷ୍ଠିଙ୍କ ଆୟୋଜିତ ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢ଼ୀ, ଯଦୁମଣି ପାଣିଗ୍ରାହୀଙ୍କ ସମେତ ୮ଟି ମଣ୍ଡଳ ସଭାପତି ଓ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ୨୪ ବର୍ଷର ନବୀନ ସରକାର ଜଣେ ତାମିଲ ହାତରେ ଦେଶକୁ ବିକ୍ରୟ କରିବା ପାଇଁ ଯାଉଛି। ବିଜେଡି ସରକାରଙ୍କୁ ଶେଷ କରିବାର ଅଛି। ଜଣେ ଦକ୍ଷ ପ୍ରାର୍ଥୀ ଦେଇଥିଲେ ବିଜେଡି ପ୍ରାର୍ଥୀ ସହ ଲଢି ବିଜୟୀ ହୋଇ ପାରିଥାନ୍ତା। ଜଣେ ସୁଦକ୍ଷ ପ୍ରାର୍ଥୀଙ୍କୁ ଭାଜପାରୁ ଦିଆଯାଉ ବୋଲି ଦାବି କରିଛନ୍ତି। ଟାଣୁଆ ଓ ସୁଦକ୍ଷ ନ ହେଲେ ନୂଆପଡା ନିର୍ବାଚନମଣ୍ଡଳୀରେ ଯୁଦ୍ଧ କରିବା ସମ୍ଭବ ପର ହେବନାହିଁ। ଟାଣୁଆ ଓ ସୁଦକ୍ଷ ପ୍ରାର୍ଥୀ ଚୟନ କରି ନୂଆପଡା ନିର୍ବାଚନ ମଣ୍ଡଳୀରେ ଦିଆଯାଉ ବୋଲି ଦାବି କରିଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବାଳକ ମୃତ

**ପାଟଣାଗଡ଼ ୩।୪(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ତଥା ବନେଇମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଦଲଦଲି ଗାଁରେ ବୁଧବାର ସକାଳେ ପୋଖରୀରେ ବୁଡି ଜଣେ ବାଳକର ମୃତ୍ୟୁ ଘଟିଛି। ମୃତକ ଉକ୍ତ ଗାଁର ସୁରେନ୍ଦ୍ର ଷାଣ୍ଢଙ୍କ ଏକମାତ୍ର ପୁଅ କରମ(୫)। ସକାଳେ ସୁରେନ୍ଦ୍ରଙ୍କ ସ୍ତ୍ରୀ ପୁଅ କରମ ଓ ଘରକୁ ବୁଲିବାକୁ ଆସିଥିବା ତାଙ୍କ ଭାଇଙ୍କ କୁନି ଝିଅକୁ ନେଇ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୁଆ ତୁଠରେ ସେ ଉଭୟଙ୍କୁ ଛାଡିଦେଇ ଶୌଚପାଇଁ ଯାଇଥିଲେ। ଏହି ସମୟରେ ଏହି ଦୁଇ ପିଲା ପୋଖରୀ ଭିତରେ ପଶି ଗାଧୋଇବା ଆରମ୍ଭ କରିଥିଲେ। ସୁରେନ୍ଦ୍ରଙ୍କ ସ୍ତ୍ରୀ ଶୌଚ ସାରି ଫେରିଲା ବେଳକୁ ପୁଅ ପାଣିରେ ବୁଡି ଯାଉଥିବା ଦେଖିଥିଲେ। ତାଙ୍କ ଚିତ୍କାର ଶୁଣି ଅନ୍ୟ କେଜେଣ ସେଠାରେ ପହଞ୍ଚି ଥିଲେ। ବୁଡି ଯାଉଥିବା ପୁଅକୁ ପାଣିରୁ ଉଦ୍ଧାର କରି ପାଟଣାଗଡ ଡାକ୍ତରଖାନା ନିଆଯାଇଥିଲା। ହେଲେ ଡାକ୍ତର କରମକୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଟଣାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (୮/୨୫)ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ଅପରାହ୍ନରେ ପୋଲିସ ମୃତଦେହ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

### ଜେସିବି ଲଗାଇ ସଂରକ୍ଷିତ ଜମି ଜବରଦଖଲ

**କଣ୍ଟାବାଞ୍ଜି, ୨।୪(ଗୁରୁଦୟାଳ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ମହୁଲପାଟି ବିଟ୍ ଅନ୍ତର୍ଗତ ରାଜୁ ସଂରକ୍ଷିତ ଜଙ୍ଗଲ ଜମି ଜବରଦଖଲ ପାଇଁ ଜେସିବରେ ମାଟି ସମତୁଲ କରିବା ବେଳେ ବନ ବିଭାଗ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ବୁଢିବାହାଲର ଜେସିବି ଡ୍ରାଇଭର ପ୍ରେମାନନ୍ଦ ଷାଣ୍ଢ (୩୨) ଏବଂ ମହୁଲପାଟିର ମାଧବ ପାଣ୍ଡେ (୩୧)। ଜଙ୍ଗଲ ସମତୁଲରେ ବ୍ୟବହୃତ ଜେସିବିକୁ ଜବତ କରାଯାଇଛି। ଏ ନେଇ କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜରେ ଏକ ମାମଲା (୧/୨୪-୨୫)ରୁଜୁ ହୋଇଛି। ମଙ୍ଗଳବାର ରାତିରେ ରାଜୁ ସଂରକ୍ଷିତ ଜଙ୍ଗଲ ଜମିକୁ ଜେସିବି ଲଗାଇ ସମତୁଲ କରାଯାଉଥିବା ନେଇ ବିଭାଗକୁ ଖବର ମିଳିଥିଲା।

### ବସ୍ରେନ ଫୁଟବଲ ଟୁର୍ନାମେଣ୍ଟ: ଜରାସିଂହା ସେମିରେ

**ମୁରିବାହାଲ, ୩।୪(ଶ୍ରୀବସ୍ତ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ଖେଳପଡ଼ିଆରେ ଆଦିବାସୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ବସ୍ରେନ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଖଲିଆଖମାର ଓ ଜରାସିଙ୍ଗା ମଧ୍ୟରେ ଖେଳ ହୋଇଥିଲା ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ୫-୩ ଗୋଲରେ ଜରାସିଂହା ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଶିକ୍ଷାବିତ୍ ଭଗତ ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହଲ ବ୍ଲକ ଆମ୍ବା ଅଧ୍ୟକ୍ଷ ସୁରେଶ କୁମାର ଭୋଇ, ଦାନର୍ଦ୍ଧନ ବଗର୍ତ୍ତା, ସୁଦାମ ଚରଣ ବଘାର ଉପସ୍ଥିତ ଥିଲେ। ଉକ୍ତ ମ୍ୟାଚକୁ ଶ୍ରୀବସ୍ତ ବେହେରା, ଗଣେଶ ଭୋଇ, ଯୁବରାଜ ଭୋଇ ଓ ସାନ ଭୋଇ ପରିଚାଳନା କରିଥିଲେ।

### ବିଜେଡିରେ ଯୋଗଦେଲେ ଶତାଧିକ ବ୍ୟକ୍ତି

**ଟିଟିଲାଗଡ, ୩।୪(ଶରତ ମିଶ୍ର)**

ଟିଟିଲାଗଡ଼ ବିଜେଡି କାର୍ଯ୍ୟାଳୟରେ ବୁଧବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଖୋଲାନ ପଞ୍ଚାୟତର ବିଭିନ୍ନ ରାଜନୈତିକ ଦଳର କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଦଳରେ ଯୋଗଦେଇଥିଲେ। ମନ୍ତ୍ରୀ ଟୁକୁନି ସାହୁ, ଖୋଲାନ ଗ୍ରାମ ପଞ୍ଚାୟତର ସରପଞ୍ଚ ନରେଶ ଅଗ୍ରୱାଲ ଉପସ୍ଥିତ ଥିଲେ। ସେହିପରି ବିନେକେଲା ପଞ୍ଚାୟତ ସାଲେଡିଗ୍ରୀର ଦୀନବନ୍ଧୁ ଛୁରା, ନିରାକ ଛୁରା, ଜଗଦୀଶ ଛୁରା, ମକରଧ୍ୱଜ ଛୁରା, କୁଣ୍ଡଳ ଛୁରା, ସଂକୀର୍ତ୍ତନ ଛୁରା, ତପଶ ଛୁରା, କୁଷ୍ଣ ବେନିଆ, ନିଁଲେନ୍ଦ୍ରି ଛୁରା, ଟିକେ ବେନିଆ, ମୁକ୍ତା ଛୁରା, ଜେନା ଛୁରା ପ୍ରମୁଖ ଦଳରେ ଯୋଗ ଦେଇଥିଲେ। ବରିଷ୍ଠ ନେତା ପ୍ରେମ ଜୈନଙ୍କ ଅଧ୍ୟକ୍ଷତାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ନୂତନ ସଦସ୍ୟମାନଙ୍କୁ ମନ୍ତ୍ରୀ ସ୍ୱାଗତ କରିଥିଲେ।

# ସୁରେନ୍ଦ୍ର ବଲାଙ୍ଗୀର ଲୋକ ସଭା ବିଜେଡି ପ୍ରାର୍ଥୀ

**ବଲାଙ୍ଗୀର/ସଇଁତଳା,୩।୪(ବୀରେନ୍ଦ୍ର କୁମାର ଝାଙ୍କର/ରାଖାଲ ପ୍ରସାଦ ଶତପଥୀ)**



**'ଧରିତ୍ରୀ' ପୂର୍ବାନୁମାନ ସତ ହେଲା**

କିଛିଦିନର କଳ୍ପନାଜଳ୍ପନାର ଅବସାନ ଘଟାଇ ବୁଧବାର ବିଜେଡି ପକ୍ଷରୁ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ଘୋଷଣା କରାଯାଇଛି। କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ଦଳ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ଘୋଷଣା କରିଛି। ଏହି ଘୋଷଣା ପରେ ଧରିତ୍ରୀର ପୂର୍ବନୁମାନ୍ ସତ ହୋଇଛି। ସୁରେନ୍ଦ୍ରଙ୍କୁ ବିଜେଡି ଲୋକ ସଭା ପ୍ରାର୍ଥୀ ଘୋଷଣା ପରେ ସଇଁତଳା ଅଞ୍ଚଳରେ ତାଙ୍କ ସମର୍ଥକମାନେ ଖୁସି ବ୍ୟକ୍ତ କରିଛନ୍ତି। ସମର୍ଥକ ମାନେ ବାଣ ଫୁଟାଇ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପ୍ରାର୍ଥୀ ଘୋଷଣା ହେବା ପରେ ସୁରେନ୍ଦ୍ର ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମ, ଲୋୟର ସୁକତେଲ ପ୍ରକଳ୍ପ, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାରେ ବିଭିନ୍ନ ନଦୀ ଉପରେ ପୋଲ ନିର୍ମାଣ, ରାସ୍ତା ନିର୍ମାଣ ଭଳି ଅନେକ ଉନ୍ନୟନ କାର୍ଯ୍ୟପାଇଁ ଭୋଟରମାନେ ବିଜେଡି ଆଡ଼କୁ ମୁହାଇଁଛନ୍ତି ବୋଲି ସିଂଭୋଇ କହିଛନ୍ତି। ଉଭୟ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ଭୋଟରମାନେ ତାଙ୍କୁ ନିଶ୍ଚିତ ଭାବେ ସମର୍ଥନ କରିବେ ବୋଲି ସେ ଆଶା ପୋଷଣ କରିଥିଲେ। ସୁରେନ୍ଦ୍ର ସିଂଭୋଇଙ୍କୁ ପ୍ରାର୍ଥୀ କରାଯିବା ପରେ ଜିଲାର ଆଦିବାସୀ ସମ୍ପ୍ରଦାୟ, ବିଜେଡି ସମର୍ଥକ, କର୍ମୀ ଏବଂ ବିଶେଷକରି ପୁରୁଣା କଂଗ୍ରେସ କର୍ମୀଙ୍କୁ ସମର୍ଥନ ବଢ଼ିବ ବୋଲି ଆକଳନ କରାଯାଉଛି। ଏଭଳିକି ସୁରେନ୍ଦ୍ରଙ୍କୁ ଲୋକ ସଭା ପ୍ରାର୍ଥୀ କରାଯିବା ପରେ ଟିଟିଲାଗଡରେ ବିଧାୟିକା ପ୍ରାର୍ଥୀ ତଥା ମନ୍ତ୍ରୀ ଟୁକୁନୀ ସାହୁଙ୍କ ଗଡ ଆହୁରି ଶକ୍ତିଶାଳୀ ହେଲା ବୋଲି ଆକଳନ କରାଯାଉଛି। ସୁରେନ୍ଦ୍ରଙ୍କୁ ପ୍ରାର୍ଥୀ ଘୋଷଣା ପରେ ଟିଟିଲାଗଡ଼ ବିଧାୟିକାଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜ କିଶୋର ଡ଼ାଙ୍ଗ, ସୁରେନ୍ଦ୍ର ସାହୁ, ରାଜା ସାହୁ, ଅମିତ ରଥ, ସଇଁତଲା ବ୍ଲକ ସାମ୍ବାଦିକ ସଂଘ ସଭାପତି ତରୁଣ ବେହେରା, ସରୋଜ ସାହୁ, ରାଜା ଅଗ୍ରୱାଲ, ଅସୀମ ବେହେରା, ଉମେଶ ସାହୁ, ଚନ୍ଦ୍ର ଚନ୍ଦନ, ଗଦାଧର ସାହୁ, ଶିବ ସାହୁ, ତପନ ଦାସ, ଶେଷଦେବ ଜାନୀ, ଡ଼ିକି କୁଅଁର, ଓକିଲ ସଂଘ ସଭାପତି ସୁବୋଧ କୁମାର ମିଶ୍ର, କିଶାନ ପଟ୍ଟନାୟକ, ସମାଜସେବୀ ମଦନଲାଲ ଅଗ୍ରୱାଲ, ରୋହିତ ମହାନନ୍ଦଙ୍କ ସମେତ ଶତାଧିକ ସମର୍ଥକ ସିଂଭୋଇଙ୍କ ବାସଭବନକୁ ଯାଇ ଶୁଭେଚ୍ଛା ଜଣାଇଥିଲେ।

# ଭାଜପାର ବୁଥସ୍ତରୀୟ କାର୍ଯ୍ୟକ୍ରମ



ଭାଜପା ବୁଥସ୍ତରୀୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ନେତୃବର୍ଗ।

**ମୁରିବାହାଲ,୩।୪(ଶ୍ରୀବସ୍ତ ବେହେରା)**

**ବିଜେଡି,କଂଗ୍ରେସର ଶତାଧିକ ଦଳରେ ମିଶିଲେ**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗଁରେଇ ମଣ୍ଡଳର ପତ୍ରାପାଲି(କ) ଗ୍ରାମ ସମଲେଶ୍ୱରୀ ମନ୍ଦିରର ପ୍ରାଙ୍ଗଣରେ ଭାଜପାର ବୁଥସ୍ତରୀୟ ସମାବେଶ ଓ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗଁରେଇ ମଣ୍ଡଳ ସଭାପତି ମହାଦେବ ଟାହାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଲୋକ ସଭା ପାଇଁ ଭାଜପା ପ୍ରାର୍ଥୀ ସଙ୍ଗୀତ କୁମାରୀ ସିଂଦେଓ ଯୋଗଦେଇ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ବର୍ଷ ମଧ୍ୟରେ ଦେଶରେ ଓ ବଲାଙ୍ଗୀର ସଂସଦୀୟ କ୍ଷେତ୍ରରେ ହୋଇଥିବା ବିକାଶମୂଳକ କାମ ବିଷୟରେ କହିଥିଲେ।

ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, କଣ୍ଟାବାଞ୍ଜି ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ, ଜିଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀବସ୍ତ ବେହେରା, ଜିଲ୍ଲା କମିଟି ସଭ୍ୟ ସୁରେଶ ଚନ୍ଦ୍ର ନେଉରା, ବରିଷ୍ଠ ନେତା କିଶୋର ମେହେର ବକ୍ତବ୍ୟ ରଖି ଆଗାମୀ ସାଧାରଣ ନିର୍ବାଚନରେ ଜିଲାରେ ଦଳୀୟ ପ୍ରାର୍ଥୀଙ୍କୁ କିପରି ବିପୁଳ ଭୋଟରେ ବିଜୟୀ କରାଯିବ ଓ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ତାହା ଉପରେ କହିଥିଲେ। ଏହି ଅବସରରେ ଗୁଲାପ ସାହୁ, ଧନଞ୍ଜୟ ସାହୁଙ୍କ ନେତୃତ୍ୱରେ ବିଜେଡିରୁ ପ୍ରାୟ ୭୦ଜଣ, ପ୍ରସନ୍ନ ଛୁରା ଓ ମାଧବ ଛୁରାଙ୍କ ନେତୃତ୍ୱଙ୍ରେ କଂଗ୍ରେସ ଦଳ ଛାଡି ୪୦ ଜଣ କର୍ମୀ ଭାଜପାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗଁରେଇ ମଣ୍ଡଳ ସାଧାରଣ ସମ୍ପାଦକ ପଦ୍ମନାଭ ସାହୁ ସଂଯୋଜନା କରିଥିଲେ। ପ୍ରଦୀପ ବଛା, ତହସିଲ ନାଗ, ଫକୀର ଲୁହା, ବିଶ୍ୱନାଥ ପୁଟେଲ, ସୁଧର ସାହୁ, ବୈଶାକୁ ସାହୁ, ଉପେନ୍ଦ୍ର ସରାଫ ଏଥିରେ ସହଯୋଗ କରିଥିଲେ।

### ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ପୁରୀରୁ ଆସିଲା ଆଜ୍ଞାମାଳ

**ପାଟଣାଗଡ,୩।୪(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଦନ୍ଦ୍ରାବାହାଲ ଗାଁକୁ ପୁରୀରୁ ବୁଧବାର ଆଜ୍ଞାମାଳ ପହଞ୍ଚିଛି। ଆଜ୍ଞାମାଳ ପହଞ୍ଚିବା ପରେ ଗ୍ରାମବାସୀ ଭବ୍ୟ ସ୍ୱାଗତ କରିଛନ୍ତି। ଦନ୍ଦ୍ରାବାହାଲ ଗାଁରେ ଜଗନ୍ନାଥ ମନ୍ଦିରକୁ ଭାଙ୍ଗି ନୂତନ ମନ୍ଦିର ନିର୍ମାଣ ପାଇଁ ସ୍ଥିରୀକୃତ କରାଯାଇଥିଲା। ମନ୍ଦିର ନିର୍ମାଣ ପୂର୍ବରୁ ଗାଁର କେତେଜଣ ଶ୍ରଦ୍ଧାଳୁ ପୁରୀକୁ ଆଜ୍ଞାମାଳ ପାଇଁ ଯାଇଥିଲେ। ପୁରୀରୁ ଆଜ୍ଞାମାଳ ପାଇ ଗାଁକୁ ଫେରିବା ବେଳେ ଗାଁ ଲୋକେ ସେମାନଙ୍କୁ ଘର ସମ୍ମୁଖ ମାନଙ୍କରେ ଝୋଟିକାଟି ଭବ୍ୟ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଗାଁରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ବିଧାୟକ ସରୋଜ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।

# ହତ୍ୟା ପରେ କବାଟ ବନ୍ଦ କରି ପଳାଇଥିଲେ




ଗିରଫ ୨ ଅଭିଯୁକ୍ତ ଓ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ।

**ଖପ୍ରାଖୋଲ,୩।୪(ଅଭୟ ତ୍ରିପାଠୀ)**

**ବନ୍ଦ ଘରୁ ବୃଦ୍ଧଙ୍କ ମୃତଦେହ ଜବତ ଘଟଣା**

**■ ୨ଗିରଫ, ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ପଞ୍ଚାୟତ ମାଲପଡ଼ା ଗାଁରେ ବନ୍ଦ କୋଠରିରୁ ମଙ୍ଗଳବାର ଛତ୍ରପାଲ ମଲ୍ଲିକ(୬୮)ଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଏହି ଘଟଣାରେ ତଦନ୍ତ କରି ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଲପଡ଼ାର ଅନିରୁଦ୍ଧ କୁଅଁର ଓରଫ ଅନି(୧୯)ଓ ଗଜାନନ୍ଦ ଭୋଇ ଓରଫ ଗଜା(୧୯)। ବୁଧବାର ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ପୋଲିସ ସିନ୍ ରିକ୍ରିଏସନ କରିଥିଲା।

ସୂଚନା ଅନୁସାରେ ଅଭିଯୁକ୍ତ ଅନି ଓ ମୃତ ଛତ୍ରପାଲଙ୍କ ମଧ୍ୟରେ ଗତ ଶନିବାର କୌଣସି କଥାକୁ ନେଇ ବଚସା ହୋଇଥଲା। ଏଥିରେ ଅନି ଉତ୍ୟକ୍ତ ହୋଇ ପଡିଥିଲେ। ଛତ୍ରପାଲ ଘରେ ଥିବା ବେଳେ ଅନି ଓ ତାଙ୍କ ସହଯୋଗୀ ଗଜାନନ ସେଠାକୁ ଯାଇଥିଲେ। ଘର ଭିତରକୁ ଯାଇ ଅନି ଏକ ଟାଙ୍ଗିଆରେ ତାଙ୍କ ଆକ୍ରମଣ କରିଥିଲେ। ତାଙ୍କର ମୃତ୍ୟୁ ହୋଇ ଯାଇଥିବା ଜାଣିଲା ପରେ ଉଭୟେ ବାହାର ପଟୁ କବାଟ ବନ୍ଦ କରି ସେଠାରୁ ପଳାଇ ଆସିଥିଲେ। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ନିକଟସ୍ଥ ଏକ ଜମିରେ ଫିଙ୍ଗି ପଳାଇ ଯାଇଥିଲେ। ପରେ ଏହି ଘଟଣା ସମ୍ପର୍କରେ କିଛି ନଜାଣିବା ଭଳି ଅଭିନୟ କରିଥିଲେ। ଘଟଣାକ୍ରମରେ ଘର ଭିତରୁ ଦୁର୍ଗନ୍ଧ ବାହାରିଲା ପରେ ଘଟଣା ସାମନାକୁ ଆସିଥିଲା। ମୃତକଙ୍କ ପୁଅ ଟେସନ ମଲ୍ଲିକ ପ୍ରାରମ୍ଭରୁ ଅନି ଓ ଗଜାନନଙ୍କ ସହ ପୂର୍ବରୁ ହୋଇଥିବା ଗଣ୍ଡଗୋଳ ସମ୍ପର୍କରେ କହିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉଭୟଙ୍କୁ ମଙ୍ଗଳବାର ଥାନାକୁ ଆଣି ପଚରାଉଚରା କରିଥିଲା। ଶେଷରେ ଉଭୟେ ସେମାନଙ୍କ ଦୋଷ ସ୍ୱୀକାର କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି। ଏନେଇ ଖପ୍ରଖୋଲ ଥାନାରେ ଦଫା ୩୦୨, ୨୦୧ ଓ ୧୨୦ବିରେ ଏକ ମାମଲା(୯୧/୨୪) ରୁଜୁ ହୋଇଛି।

### ନୂତନ ଉଚ୍ଚ ବିଦ୍ୟାଳୟରେ ନାମଲେଖା ଶୁଭାରମ୍ଭ ଉତ୍ସବ



ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

**ପାଟଣାଗଡ଼,୩।୪(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଚକାମାଲ ସରକାରୀ ଉନ୍ନୀତ ନୂତନ ଉଚ୍ଚବିଦ୍ୟାଳୟରେ ନବମ ଶ୍ରେଣୀରେ ନାମଲେଖା ଆରମ୍ଭ ହୋଇଛି। ଏଥିପାଇଁ ବୁଧବାର ବିଦ୍ୟାଳୟରେ ନାମଲେଖା ଶୁଭାରମ୍ଭ ଉତ୍ସବ ପାଳନ କରାଯାଇଥିଲା। ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଅଷ୍ଟମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲାପରେ ଚକାମାଲ, କଳାଙ୍ଗାପାଲି, ଡୁର୍ଲାମାଲ, ଖଲିଆ ଓ ନୀଳଜୀବହାଲ ଗ୍ରାମର ଛାତ୍ରୀଛାତ୍ର ଚକାମାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିବାର ସୁଯୋଗ ପାଇବେ। ଚକାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢିବା ସୁବିଧା ଥିଲା। ଏଠାରେ ନବମ ଶ୍ରେଣୀ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ରାଜ୍ୟ ସଭା ସଦସ୍ୟ ବିଶି ସୁପାରିଶ କରିଥିଲେ। ଚଳିତଶିକ୍ଷା ବର୍ଷରୁ ଏଠାରେ ନବମ ଶ୍ରେଣୀରେ ପାଠପଢା ଆରମ୍ଭ ପାଇଁ ସରକାର ଆଦେଶ ଦେଇଛନ୍ତି। ଏହିକ୍ରମରେ ବିଦ୍ୟାଳୟ ପରିସରରେ ନବମ ଶ୍ରେଣୀରେ ନାମଲେଖା ଶୁଭାରମ୍ଭ ଉତ୍ସବ ଉପଲକ୍ଷେ ଏକ ଚକାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତବ୍ୟ ରଖି ରାଜ୍ୟ ସଭା ସଦସ୍ୟ ବିଶି ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଆଣିଥିବା ୫-ଟିଉଚ୍ଚବିଦ୍ୟାଳୟ ରୂପାନ୍ତରୀକରଣ, ସ୍ମାର୍ଟ କ୍ଲାସରୁମ, ସାଇନ୍ସ ଲାବରେଟୋରି, ଇ-ଲାଇବ୍ରେରୀ, ଅନଲାଇନ ଶିକ୍ଷାଦାନ, ଆମ ଓଡ଼ିଶା ଯୁବ ଓଡ଼ିଶା, ଛାତ୍ରୀଛାତ୍ର ବୃତ୍ତି ବୃଦ୍ଧି ବିଷୟରେ କହିଥିଲେ। ସଭାମଞ୍ଚରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବାଶିଷ ମେହେର, ସମାଜସେବୀ ମନୋଜ ଲୁହା, ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ।

## ଆଗଲପୁରରେ ବିଜେଡି ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା

# ଏକଜୁଟ ହୋଇ କାମକଲେ ବିଜୟ ସୁନିଶ୍ଚିତ

**ଲୋଇସିଂହା,୩।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ନିହାର ରଞ୍ଜନ ବେହେରାଙ୍କ ନାମ ଘୋଷଣା ହୋଇଛି। ନାମ ଘୋଷଣା ପରେ ତାଙ୍କ ସମର୍ଥକ ଏବଂ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବୁଧବାର ବେହେରାଙ୍କୁ ନିର୍ବାଚନ ମଣ୍ଡଳୀ ଅଧୀନ ଆଗଲପୁରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ପର୍ବରେ ବିଧାୟକ ପ୍ରାର୍ଥୀ ବେହେରା କହିଥିଲେ, ୨୦୧୯ ମସିହାରୁ ନିର୍ବାଚନ ମଣ୍ଡଳୀରେ ସାଙ୍ଗଠନିକ ଦାୟିତ୍ୱ ନିର୍ବାହ କରୁଛି। ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଛି। ବିଜେଡି ସରକାରର ବିକାଶମୂଳକ କାମ ସମାଜର ସବୁବର୍ଗର ଲୋକଙ୍କ ପାଖରେ ପହଞ୍ଚିଛି। ଏଣୁ ଏହି ଅଞ୍ଚଳର ଲଢୁଆ କର୍ମୀମାନେ ଏକଜୁଟ ହୋଇ କାମକଲେ ଏହି ନିର୍ବାଚନରେ ବିଜୟ ସୁନିଶ୍ଚିତ। ମୁଁ କେବଳ ଏକ ମାଧ୍ୟମ ବୋଲି ସେକହିଥିଲେନ୍। ସଭାରେ ବ୍ଲକ ସଭାପତି ପଞ୍ଚି ପଧାନ ଅଧ୍ୟକ୍ଷତା କରି ଚଳିତ ନିର୍ବାଚନରେ ଜନତାଙ୍କ ଆର୍ଶୀବାଦରେ ବିଜେଡି ପ୍ରାର୍ଥୀ ବେହେରା ଏଠାରୁ ବିପୁଳ ଭୋଟରେ ବିଜୟୀ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଜିଲା ପରିଷଦ ସଭ୍ୟା ବିଣାପାଣୀ ଦାସ ମଧ୍ୟ ଦଳର ବିଜୟ ନେଇ ଆଶାବ୍ୟକ୍ତ କରିଥିଲେ। ପରେ ପ୍ରାର୍ଥୀ ବେହେରା ଭରସୁଜାରେ ପହଞ୍ଚିବା ପରେ କର୍ମୀମାନେ ବାଇକ ରାଲିରେ ତାଙ୍କୁ ପାଛୋଟି ନେଇଥିଲେ। ସେଠାରୁ ଭରସୁଜା ମା' ଛେଲିଆପାଟ, ଆଗଲପୁର ଜଗନ୍ନାଥ ମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଅର୍ଶୀବାଦ ଭିକ୍ଷା କରିଥିଲେ ବେହେରା।



ଜଗନ୍ନାଥ ମନ୍ଦିରରୁ ଦର୍ଶନ ସାରି କର୍ମୀଙ୍କ ସହ ଫେରୁଛନ୍ତି ବିଜେଡି ପ୍ରାର୍ଥୀ।

### ଷାଠିଏଘର ଡୁମାଳ ସମାଜ ମୁରିବାହାଲ ଚକର ବୈଠକ

**ମୁରିବାହାଲ,୩।୪(ଶ୍ରୀବସ୍ତ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଷାଠିଏ ଘର ଡୁମାଳ ସମାଜ ମୁରିବାହାଲ ଚକ ସାଧାରଣ ପରିଷଦ ବୈଠକ ବୁଧୁବାର ସ୍ଥାନୀୟ ମହେଶ୍ୱର ପୀଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ଚକ ସଭାପତି ପ୍ରଫୁଲ ବଘାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମଜ ବାର୍ଷିକ ସାଧାରଣ ଅଧିବେଶନରେ ମୁରିବାହାଲ ଚକ ଅନ୍ତର୍ଗତ ସମସ୍ତ ଗ୍ରାମର ଜାତିଗଙ୍ଗା, କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମାଜର ରୀତିନୀତି, ସଂସ୍କାର, ଶିକ୍ଷା, ବିବାହ ପଞ୍ଜିକରଣ ଓ ପରିସଂଖ୍ୟାନ ବିଷୟରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ କମିଟି ସାଙ୍ଗଠନିକ ସମ୍ପାଦକ ଅଭିମନ୍ୟୁ ପଧାନ ସଭା ପରିଚାଳନା କରିଥିବା ବେଳେ ସମ୍ପାଦଜ ଉପେନ୍ଦ୍ର ପଧାନ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। କମିଟି ଉପଦେଷ୍ଟା ହରେକୃଷ୍ଣ ବଘାର, ପ୍ରଭାକର ବଘାର, କୁମାର ଚନ୍ଦ୍ର ଖମାରୀ, ମକୁନ୍ଦ ପଧାନ, ଗୌରାଙ୍ଗ ମହାକୁର, ଭୀମ ପଧାନ, ଆଦିବାସ ମାହାର, ଉପସଭାପତି ବାସୁଦେବ ପଧାନ, କୋଷାଧକ୍ଷ ଦେବରାଜ ପଧାନ, କମିଟି ସଦସ୍ୟ ନରୋତ୍ତମ ପଧାନ, ଭୀମ ମହାକୁର, ମା ମାହେଶ୍ୱରୀ ପୀଠରେ ପୂଜକ ତ୍ରିସିଂ ବଘାର, ବରୁଆ ଭକ୍ତ ବଘାର ଓ ସେବକମାନେ ବୈଠକରେ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ସମାଜର କର୍ମକର୍ତ୍ତା।

# ଆଶାନୁରୂପ ଉନ୍ନତି ହୋଇ ନ ଥିବାରୁ ଉଦ୍‌ବେଗ

**ବଲାଙ୍ଗୀର,୩।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ରେଳ ଉପଭୋକ୍ତ ସଂଘର ଏକ ପ୍ରତିନିଧି ଦଳ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ବଲାଙ୍ଗୀର ରେଳ ଷ୍ଟେଶନ ପରିଦର୍ଶନ କରିଥିଲେ। ଷ୍ଟେଶନ୍‌ରେ ଯାତ୍ରୀମାନଙ୍କ କ'ଣ ସୁବିଧା ଅସୁବିଧା ରହିଛି ସେନେଇ ପଚାରି ବୁଝିଥିଲେ। ଅମୃତ ଭାରତ ଯୋଜନାରେ ଅନ୍ୟାନ୍ୟ ଷ୍ଟେଶନ ଗୁଡିକରେ ଭିତ୍ତିଭୂମି ନିର୍ମାଣ ହୋଇଥିବା ବେଳେ ୬୦ ବର୍ଷ ତଳର ବଲାଙ୍ଗୀର ରେଳ ଷ୍ଟେଶନର ବିଶେଷ ଉନ୍ନତି ହୋଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଶେଷକରି ଖରାଦିନରେ ରେଳଯାତ୍ରୀମାନେ ତାପମାତ୍ରା ବୃଦ୍ଧି ପରେ ଡହଳ ବିକଳ ହେଉଛନ୍ତି। ଷ୍ଟେଶନ୍‌ରେ ବାତାନୁକୂଳ ପ୍ରତୀକ୍ଷା ଘର ନଥିବାରୁ ଟ୍ରେନ୍‌କୁ ଅପେକ୍ଷାରତ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଗାତାର ଦୁଇ ବର୍ଷ ଧରି ବାରମ୍ବାର ପତ୍ରାଳାପ ପରେ ଡିଆରଏମ୍‌ଙ୍କ କାର୍ଯ୍ୟାଳୟରୁ ବିଲଡିଂ ପ୍ଲାନ ଅନୁମୋଦିତ ହୋଇ ଆସିଥିବା ଜଣାପଡିଛି। ପ୍ରଥମେ କାର୍ଯ୍ୟାଳୟ ଗୁଡିକ ସ୍ଥାନାନ୍ତରିତ ହେବ, ପରେ ଷ୍ଟେଶନ ଘର ଭଙ୍ଗା ଯିବ, ତାପରେ ନୂଆ କାମ ଆରମ୍ଭ ହେବ ବୋଲି କୁହାଯାଇଛି। ସିନିୟର ଇଞ୍ଜିନିୟର ପ୍ରତିନିଧି ଦଳଙ୍କୁ ନୂଆ ପାଦଚଲା ଓଭରବ୍ରିଜ ଓ ଲିଫ୍ଟ କେଉଁଠି ସ୍ଥାନିତ ହେବ ତାହା ଦେଖାଇଥିଲେ। ବରଗଡ ଷ୍ଟେଶନ୍‌ରେ ଲିଫ୍ଟ କାମ ସରିଲା ପରେ ବଲାଙ୍ଗୀର ରେଳଷ୍ଟେଶନ୍ କାମ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ। ଦୀର୍ଘଦିନର ଅବହେଳା ପରେ ମଧ୍ୟ ବଲାଙ୍ଗୀର ଷ୍ଟେଶନରେ ଶୀଘ୍ର କାମ ହେଉ ନ ଥିବାରୁ ନେଇ ପ୍ରଫେସର ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରତିନିଧି ଦଳରେ ସମ୍ପାଦକ ଦିବାକର ହୋତା, କୋଷାଧ୍ୟକ୍ଷ ଅଶୋକ ଚାନ୍ଦ, ହରେକୃଷ୍ଣ ତ୍ରିପାଠୀ, ମୋତିଲାଲ ସାହୁ, ବାସୁଦେବ ନାଗ, ନରେନ୍ଦ୍ର କବାଟ, ବ୍ରଜରାଜ ପୁରୋହିତ, ଡ. ଗୋଦାବରୀଶ ରଥ ଉପସ୍ଥିତ ଥିଲେ।



ବଲାଙ୍ଗୀର ରେଳ ଉପଭୋକ୍ତା ସଂଘ ପ୍ରତିନିଧି ଦଳ ରେଳ ଷ୍ଟେଶନ୍ ପରିଦର୍ଶନ କରୁଛନ୍ତି।

**ରେଳ ଉପଭୋକ୍ତା ସଂଘ ପ୍ରତିନିଧି ଦଳର ରେଳ ଷ୍ଟେଶନ ପରିଦର୍ଶନ**

# ନିର୍ଣ୍ଣାୟକ ହେବେ ନୂଆ ଭୋଟର

ସୋନପୁର,୩।୪(ମୃତ୍ୟୁଞ୍ଜୟ ଶତପଥୀ)

ସାଧାରଣ ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ଶାସକ ବିଜେଡି ଓ ମୁଖ୍ୟ ବିରୋଧି ଦଳ ଭାଜପା ଦଳୀୟ ପ୍ରାର୍ଥୀ ଘୋଷଣା କରିଛନ୍ତି। ସୁବର୍ଣ୍ଣପୁର ଜିଲାର ୨ ବିଧାନସଭା ନିର୍ବାଚନମଣ୍ଡଳୀ ସୋନପୁର ଓ ବୀରମହାରାଜପୁରରେ ନୂଆ ତଥା ଯୁବ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣାୟକ କରିବା ନେଇ ଅନୁମାନ କରାଯାଉଛି। ନିର୍ବାଚନରେ ବିଜୟ ଭୋଟ ବ୍ୟବଧାନ ହ୍ରାସ ପାଉଥିବାରୁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନୂଆ ଭୋଟରଙ୍କ ଗୁରୁତ୍ୱ ବୃଦ୍ଧି ପାଇଛି।

## ହ୍ରାସ ପାଉଛି ବିଜୟ ଭୋଟ ବ୍ୟବଧାନ

ସୋନପୁର ନିର୍ବାଚନମଣ୍ଡଳୀରେ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଭାଜପା ପ୍ରାର୍ଥୀଙ୍କ ଠାରୁ ରେକର୍ଡ ୫୧ ହଜାର ୪୮୫ ଖଣ୍ଡ ଅଧିକ ଭୋଟ ପାଇ ଜିତିଥିଲେ। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ନିରଞ୍ଜନ ଭାଜପା ପ୍ରାର୍ଥୀ ଅଶୋକ ପୂଜାରୀଙ୍କ ଠାରୁ ୨୫ ହଜାର ୭୨୬ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲା। ୫ ବର୍ଷ ଭିତରେ ନିରଞ୍ଜନଙ୍କ ବିଜୟ ଭୋଟ ବ୍ୟବଧାନ ପ୍ରାୟ ୨୫ ହଜାର ହ୍ରାସ ପାଇଥିଲା। ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପଦ୍ମନାଭ ବେହେରା ଭାଜପା ପ୍ରାର୍ଥୀ ଆନନ୍ଦ ବାରିକଙ୍କ ଠାରୁ ୩୧ ହଜାର ୨୯୦ ଖଣ୍ଡ ଅଧିକ ଭୋଟ ପାଇ ଜିତିଥିଲେ। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବେହେରା ଭାଜପା ପ୍ରାର୍ଥୀ ଇଂ ରଘୁନାଥ ଜଗଦଲାଙ୍କ ଠାରୁ ୧୩ ହଜାର ୫୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ୫ ବର୍ଷ ଭିତରେ ପଦ୍ମନାଭଙ୍କ ବିଜୟ ଭୋଟ ବ୍ୟବଧାନ ପ୍ରାୟ ୧୮ ହଜାର ହ୍ରାସ ପାଇଥିଲା। ୨୦୨୪ ସାଧାରଣ ନିର୍ବାଚନ ପାଇଁ ୨ ନିର୍ବାଚନମଣ୍ଡଳୀରେ ୪ ଲକ୍ଷ ୭୦ ହଜାର ୪୯ ଭୋଟର ରହିଥିବା ଜିଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ୨ ଲକ୍ଷ ୨୬ ହଜାର ୬୦୦ ମହିଳା, ୨ ଲକ୍ଷ ୪୩ ହଜାର ୪୩୪ ପୁରୁଷ ଓ ୧୫ ଅନ୍ୟ ବର୍ଗର ଭୋଟର ରହିଛନ୍ତି। ୩ ହଜାର ୫୨୦ ଦିବ୍ୟାଙ୍ଗ ଭୋଟର ରହିଥିବା ବେଳେ ୧୮ରୁ ୧୯ ବର୍ଷ ମଧ୍ୟରେ ୧୨ ହଜାର ୨୨ ନୂଆ ଭୋଟର ରହିଥିବା ଜଣାପଡିଛି। ସୋନପୁର ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୫୪ ହଜାର ୬୯୬ ଭୋଟର ରହିଛନ୍ତି। ଏଥିରୁ ୧ ଲକ୍ଷ ୨୩ ହଜାର ୨୪୪ ମହିଳା, ୧ ଲକ୍ଷ ୩୧ ହଜାର ୪୪୦ ପୁରୁଷ ଓ ୧୨ ଅନ୍ୟ ବର୍ଗର ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରୁ ୨ ହଜାର ୨୧୧ ଜଣ ଦିବ୍ୟାଙ୍ଗ ଭୋଟର ରହିଥିବା ବେଳେ ୬ ହଜାର ୮୩୬ ନୂତନ ତଥା ୧୮ ରୁ ୧୯ ବର୍ଷର ଭୋଟର ଅଛନ୍ତି। ଗତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ବିଜୟ ବ୍ୟବଧାନ ୨୫ ହଜାର ୭୨୬ ରହିଥିଲା। ବୀରମହାରାପୁର ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୧୫ ହଜାର ୩୫୩ ଭୋଟର ରହିଛନ୍ତି। ଏଥିରୁ ୧ ଲକ୍ଷ ୩ ହଜାର ୩୫୬ ମହିଳା, ୧ ଲକ୍ଷ ୧୧ ହଜାର ୯୯୪ ପୁରୁଷ ଓ ୩ ଅନ୍ୟ ବର୍ଗର ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରୁ ୧ ହଜାର ୩୦୯ ଦିବ୍ୟାଙ୍ଗ ଭୋଟର ରହିଥିବା ବେଳେ ୫ ହଜାର ୧୮୬ ନୂତନ ତଥା ୧୮ ରୁ ୧୯ ବର୍ଷର ଭୋଟର ରହିଥିବା ସୂଚନା ମିଳିଛି। ଗତ ନିର୍ବାଚନର ଫଳାଫଳକୁ ଦେଖିଲେ ଏହି ନିର୍ବାଚନମଣ୍ଡଳୀରେ ବିଜୟର ଭୋଟ ବ୍ୟବଧାନ ୧୩ ହଜାର ୫୭ ଖଣ୍ଡ ରହିଥିଲା। ଗତ ନିର୍ବାଚନ ଫଳାଫଳକୁ ଦେଖିଲେ ଜିଲାରେ ମୁଖ୍ୟ ବିରୋଧି ପ୍ରାର୍ଥୀଙ୍କ ଭୋଟ ହାର ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ତେଣୁ ଆସନ୍ତା ନିର୍ବାଚନରେ ନୂଆ ଭୋଟର ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଜିଲାର ରାଜନୈତିକ ସମୀକ୍ଷକ ଆକଳନ କରୁଛନ୍ତି।

# କନ୍ହେଇ ଚରଣ ଡାଙ୍ଗଙ୍କୁ ଖୁଣ୍ଟିଗୋରାରେ ସ୍ୱାଗତ



ଭାଜପା ପ୍ରାର୍ଥୀ କନ୍ହେଇ ଚରଣ ଡାଙ୍ଗଙ୍କୁ ଖୁଣ୍ଟିଗୋରାଠାରେ ସ୍ୱାଗତ କରାଯାଉଛି।

ଖୁଣ୍ଟିଗୋରା/ଘଣ୍ଟାପଡ଼ା,୩।୪
(ମକରନ୍ଦ ସାହୁ/ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବିଧାନସଭା ଆସନ ପାଇଁ ଭାଜପା ଗତ ମଙ୍ଗଳବାର ବରିଷ୍ଠ ନେତା କନ୍ହେଇ ଚରଣ ଡାଙ୍ଗଙ୍କୁ ପ୍ରାର୍ଥୀ କରିବା ପରେ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବୁଧବାର ଦିନ ଡାଙ୍ଗ ଖୁଣ୍ଟିଗୋରା ଅଞ୍ଚଳକୁ ଯାଇଥିଲେ। ସେଠାରେ ତାଙ୍କୁ ଶତାଧିକ କର୍ମୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ସେ ଖୁଣ୍ଟିଗୋରା ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ପରେ ରୁଗୁଡିପାଲି, ଧବଳେଶ୍ୱର ମନ୍ଦିର, ଘଣ୍ଟପଡା ସମଲେଶ୍ୱରୀ ମନ୍ଦିର, କଣ୍ଟାମାଳ ଶିବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଗସ୍ତ ସମୟରେ ମଣ୍ଡଳ ସଭାପତି ଅନିଲ ପ୍ରଧାନ, ଚିତ୍ତ ପାତ୍ର, ପିନାକ ରଣା, ଜିଲା ସଭାପତି ବିପ୍ରଚରଣ ମହାନ୍ତି, ଚଞ୍ଚଳ ରଣା, ଜିଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ଖୁଣ୍ଟିଗୋରା ପଞ୍ଚାୟତ ସମିତି ସଭ୍ୟ ଭାରତୀ ସାହୁ, ସୁଧୀର ସାହୁ, ଶଙ୍କର ସାହୁ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଶକ୍ତି ପ୍ରଦର୍ଶନ କଲେ ଭାଜପା ପ୍ରାର୍ଥୀ ସରୋଜ




ଶୋଭାଯାତ୍ରାରେ ସାମିଲ ନେତା ଓ କର୍ମୀ।

ବୌଦ୍ଧ,୩।୪(ଅଜିତ କୁମାର ବାରିକ)

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବୌଦ୍ଧ ଓ କଣ୍ଟାମାଳ ବିଧାନସଭା ଆସନ ପାଇଁ ତିନ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିଛନ୍ତି। ଗତ ୨୭ ତାରିଖରେ ବିଜେଡି ବୌଦ୍ଧ ବିଧାନସଭା ପାଇଁ ପ୍ରଦୀପ ଅମାତଙ୍କୁ ପ୍ରାର୍ଥୀ କରିଥିବା ବେଳେ କଣ୍ଟାମାଳ ବିଧାନସଭା ପାଇଁ ମହୀଧର ରଣାଙ୍କୁ ପ୍ରାର୍ଥୀ କରିଛି । କିନ୍ତୁ ଭାଜପା ଓ କଂଗ୍ରେସର କିଏ ପ୍ରାର୍ଥୀ ହେବ ସେନେଇ ଆଲୋଚନା ଜୋର ଧରିଥିବା ବେଳେ ଗତ ମଙ୍ଗଳବାର ଦିନ ଭାଜପା ଏବଂ କଂଗ୍ରେସ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା । ବୌଦ୍ଧ ବିଧାନସଭା ପାଇଁ ଭାଜପାରୁ ସରୋଜ କୁମାର ପ୍ରଧାନ ଏବଂ କଂଗ୍ରେସରୁ ନବ କୁମାର ମିଶ୍ରଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ କଣ୍ଟାମାଳ ଆସନ ପାଇଁ ଭାଜପାରୁ କନ୍ହେଇ ଚରଣ ଡାଙ୍ଗ ଓ କଂଗ୍ରେସରୁ ମନୋଜ କୁମାର ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରାଯାଇଛି । ପ୍ରାର୍ଥୀ ଘୋଷଣା ପରେ ବୌଦ୍ଧରେ ତିନ ରାଜନୈତିକ ଦଳ ପକ୍ଷରୁ ଜୋରଦାର ଲଢେଇ ହେବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ଗତ ମଙ୍ଗଳବାର ପ୍ରାର୍ଥୀ ଘୋଷଣା ପରେ ବୁଧବାର ଭାଜପାର ଯୁବ ପ୍ରାର୍ଥୀ ସରୋଜ ପ୍ରଧାନ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ସକାଳେ ସରୋଜ ପୁରୁଣାକଟକସ୍ଥିତ ମା' ଭୈରବୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ପରେ ନିଜର ସମର୍ଥକଙ୍କ ସହ ଏକ ବିରାଟ ମୋଟରସାଇକେଲ ଶୋଭାଯାତ୍ରାରେ ପୁରୁଣାକଟକ ବଜାର ପରିକ୍ରମା କରି ତିଳେଶ୍ୱର ବଜାର ଦେଇ ରାମଗଡଠାରେ ଥିବା ଜଗନ୍ନାଥ ବନ ପ୍ରକଳ୍ପରେ ପହଞ୍ଚି ଥିଲେ । ସେଠାରେ ସମର୍ଥକଙ୍କ ସହ ବୈଠକ କରିଥିଲେ। ଶୋଭାଯାତ୍ରାରେ ବରିଷ୍ଠ ନେତା ରବି ନାରାୟଣ ପ୍ରଧାନ, ଧର୍ମୁଧର ପୋଢ, ସୁବାସ ପ୍ରଧାନଙ୍କ ସମେତ ୩ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ସାମିଲ ଥିଲେ।

# ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଘଣ୍ଟାପଡ଼ା,୩।୪(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାସ୍ଥିତ ଆଞ୍ଚଳିକ ଗ୍ରାମ ପଞ୍ଚାୟତ ଡିଗ୍ରୀ କଲେଜରେ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ କଲେଜର ଅଧ୍ୟାପକ ସୁନିଲ ଗୁରୁଙ୍କ ତତ୍ତ୍ୱାବଧାନରେ ଏବଂ ପ୍ରଥମ ବର୍ଷର ଛାତ୍ରୀ ନିକିତା ଦାସଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ କଲେଜର ସଭାପତି କାର୍ତ୍ତିକେଶର ବେହେରା ,ମୁଖ୍ୟବକ୍ତା ଭାବେ ସ୍ଥାନୀୟ କଲେଜର ପ୍ରତିଷ୍ଠାତା ସଦସ୍ୟ ପ୍ରଭାତ କୁମାର ସାହୁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, କଲେଜ ଅଧ୍ୟକ୍ଷ ଗିରିଧର ଦେହୁରୀ, ଅଧ୍ୟାପକ ରିଚପାଲ ବର୍ଗତି, ହୃଷିକେଶ ଭୋଇ, ଅଧ୍ୟାପିକା ମଧୁସ୍ମିତା ଭୋଇ, ଗୀତାଞ୍ଜଳି ରଣା, ସଙ୍ଗୀତା ଭୋଇ, କବିତା ସାହୁ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦାୟୀ ଛାତ୍ରୀଛାତ୍ର ନିଜ ନିଜର ଅନୁଭୂତି ବଖାଣିଥିଲେ। ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ସହ ବିଭିନ୍ନ ଉପହାର ଦେଇ ବିଦାୟ ଦେଇଥିଲେ। ବିଦାୟୀ ଛାତ୍ରୀଛାତ୍ରଙ୍କ ତରଫରୁ ସ୍ମୃତି ଉଦ୍ଦେଶ୍ୟରେ କଲେଜକୁ ୫୦ ହଜାର ଟଙ୍କା କଲେଜ ପରିଚାଳନା କମିଟିର ସଭାପତିଙ୍କୁ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ରଣା, ଶ୍ରୀକାନ୍ତ ରଣା, କୁଶ ସାହୁ, ନରେନ୍ଦ୍ର ମଲିକ, ସୁଦର୍ଶନ ନାଏକ, କ୍ଷୀରଧର ରଣା ସହଯୋଗ କରିଥିଲେ।

# ପୁରୀ ରଥ ନିର୍ମାଣ ପାଇଁ କାଠ କଟା ଶୁଭାରମ୍ଭ

ତଳଗାଁ,୩।୪(କୁନା ବେହେରା)



ରଥ କାଠ କଟାର ଶୁଭାରମ୍ଭ ଅବସରରେ ପୂଜାର୍ଚ୍ଚନା।

ବିଶ୍ୱ ପ୍ରସିଦ୍ଧ ଘୋଷ ଯାତ୍ରା ପାଇଁ ବୁଧବାର ବୌଦ୍ଧ ଜିଲା ମାଧପୁର ରେଞ୍ଜ ଅନ୍ତର୍ଗତ ମୁଣ୍ଡେଶ୍ୱର ଜଙ୍ଗଲରୁ କାଠକଟା ଶୁଭାରମ୍ଭ ହୋଇଛି। ଗତ କିଛି ବର୍ଷ ହେବ ପୁରୀ ରଥଯାତ୍ରା ପାଇଁ ବୌଦ୍ଧ ବନଖଣ୍ଡରୁ ରଥ କାଠ ଯାଉଛି। ଚଳିତବର୍ଷ ମଧ୍ୟ ପୁରୀ ରଥଯାତ୍ରା ପାଇଁ ପୂଜାର୍ଚ୍ଚନା କରାଯାଇ ରଥ କାଠ କଟାର ଶୁଭାରମ୍ଭ କରାଯାଇଛି। ପ୍ରଥମ ଦିନ ଅସିନ ଗଛ ୮୦ ଖଣ୍ଡ କଟା ହୋଇଛି। ଏହି ଅବସରରେ ଡିଏଫଓ ଦେବପ୍ରିୟ କମ୍ପ, ରେଞ୍ଜର ଆଶିଷ କୁମାର ଦିଗାଲ, ଫରେଷ୍ଟର ସୁନିଲ ଖେତୀ, ସୁମନ୍ତ ମଲ୍ଲିକ, ସମସ୍ତ ଫରେଷ୍ଟର ଓ ଗାର୍ଡଙ୍କ ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ । ଏହି ଅବସରରେ ନାମ ସଂକୀର୍ତ୍ତନ କରାଯାଇଥିଲା। ପ୍ରକାଶଥାଉ କି, ପୁରୀ ରଥଯାତ୍ରାରେ ତିନି ରଥ ପାଇଁ ବୌଦ୍ଧ ବନଖଣ୍ଡରୁ ୨୦୧୮ମସିହାରୁ ଲଗାତାର ଧଉଡ଼ା, ଅସିନ ,ଫାଶୀ କାଠ ଯୋଗାଇ ଦିଆଯାଉଛି।

# ଯୁବ ଆଇନଜୀବୀଙ୍କ ବିୟୋଗରେ ଓକିଲ ସଂଘ ପକ୍ଷରୁ ଶୋକସଭା

ବୌଦ୍ଧ,୩।୪(ଅଜିତ କୁମାର ବାରିକ)



ଶୋକସଭାରେ ଜିଲା ଓକିଲ ସଂଘର ସଦସ୍ୟ ।

ବୌଦ୍ଧର ଯୁବ ଆଇନଜୀବୀ ସୋମେଶ ଦତ୍ତ ବିଶ୍ୱାଳଙ୍କ ଗତ ମଙ୍ଗଳବାର ଦିନ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଥିବା ବେଳେ ବୁଧବାର ଜିଲା ଓକିଲ ସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘର ସଭାପତି ଧୂରୀଣ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ସ୍ୱର୍ଗତ ବିଶ୍ୱାଳଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଓକିଲ ସଂଘର ବରିଷ୍ଠ ସଦସ୍ୟମାନେ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରି ସେ ଜଣେ ଆମାୟିକ , ମେଳାପି ଓ ପରୋପକାରୀ ବ୍ୟକ୍ତି ଥିଲେ ଏବଂ ତାଙ୍କର ଅକାଳ ବିୟୋଗ ଜିଲା ଓକିଲ ସଂଘର ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିବା ସହିତ ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ପରଲୋକଗତ ଓକିଲଙ୍କ ପରିବାର ପାଇଁ ରହିଥିବା ସହାୟତା ରାଶି ତାଙ୍କ ପରିବାରକୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ସୁଧୀର କୁମାର କର୍ଣ୍ଣ, ତାରେଣି ମହାପାତ୍ର ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ । ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରସାଦ ପରିଜା, ଦେବରଞ୍ଜନ ମହାକୁଳ, ଅଶୋକ କୁମାର ସାହୁ, ଅଶୋକ କୁମାର ମିଶ୍ର, ଚିତ୍ତରଞ୍ଜନ ପାଣିଗ୍ରାହୀ, ଯୋଗେଶ ପ୍ରସାଦ ନାୟକ, ଜୁଲିୟସ ସିଜର ମହାକୁଳ, ଅମ୍ରିତ ପ୍ରଧାନ, ଆଶିଷ ମହାକୁଳ, ଦେବରଞ୍ଜନ ବିଶି, ଶାଳିନୀ ଷଡଙ୍ଗୀ ଓ ଜିଲା ଓକିଲ ସଂଘର ସଂପାଦକ ଜ୍ଞାନରଞ୍ଜନ ପଟ୍ଟନାୟକଙ୍କ ସମେତ ଓକିଲ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ବୌଦ୍ଧ ସିଭିଲ ଏଣ୍ଡ କ୍ରିମିନାଲ ବାର ପରିସରରେ ସଭାପତି ଶାନ୍ତନୁ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଯୁବ ଆଇନଜୀବୀ ସ୍ୱର୍ଗତ ବିଶ୍ୱାଳଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ସଂଘର ସାଧାରଣ ସମ୍ପାଦକ ନିକୁ ମାଧବ ବେହେରା, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ମେହେର, ଦେବେନ୍ଦ୍ରନାଥ ଗୁରୁ, ରାଜୀବ ଦଲାଲ, କେଦାରନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ: ଜଣେ ଗିରଫ

ଖୁଣ୍ଟିଗୋରା,୩।୪(ମକରନ୍ଦ ସାହୁ)

ବୌଦ୍ଧ ଜିଲା ଘଣ୍ଟାପଡା ଥାନା ଅନ୍ତର୍ଗତ ସିନ୍ଧୁଗୋରା ଚାରିଛକ ନିକଟରେ ବୁଧବାର ପୂର୍ବାହ୍ନରେ ପୋଲିସ ଚଢାଉ କରି ୬ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି । ପ୍ରକାଶ ଯେ, କନ୍ଧମାଳ ଜିଲା ବାଲିଗୁଡା ଥାନା ଖମନଖୋଲ ଗ୍ରାମର ପ୍ରେମଚାନ୍ଦ ଛଟିଆ(୨୦) ତାଙ୍କର ଜଣେ ସହଯୋଗୀଙ୍କ ସହ ଏକ ବାଇକ୍ ଯୋଗେ ଗଞ୍ଜେଇ ଚୋରାଚାଲାଣ କରୁଥିବା ପୋଲିସ ଖବର ପାଇଥିଲା। ଏହାପରେ ପୋଲିସ ସଦଳବଳେ ସିନ୍ଧୁଗୋରା ଛକରେ ଜଗି ରହି ସନ୍ଦେହରେ ଏକ ବାଇକ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା। ହେଲେ ବାଇକ୍ ଚଳାଉଥିବା ଯୁବକ ଜଣକ କୌଶଳକ୍ରମେ ଫେରାର ହୋଇଯାଇ ଥିବା ବେଳେ ଏକ ବସ୍ତାରେ ଗଞ୍ଜେଇ ଧରି ପଛପଟେ ବସିଥିବା ପ୍ରେମଚାନ୍ଦଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। ଏନେଇ ଘଣ୍ଟାପଡା ଥାନାରେ ୫୯/୨୦୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।

# ବିଜୁ ଯୁବ ଓ ଛାତ୍ର ଜନତା ଦଳ ସମାବେଶ

ଡୁଙ୍ଗୁରିପାଲି,୩।୪(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ଶୁଖା ଜିଲା ପରିଷଦ ଜୋନସ୍ତରୀୟ ବିଜୁ ଯୁବ ଓ ଛାତ୍ର ଜନତା ଦଳ ସମାବେଶ ବୁଧବାର କର୍ଲାପୁରୀ ଗ୍ରାମପଞ୍ଚାୟତର ସାପ୍ତାହିକ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ସଭାପତିତ୍ୱ କରିଥିଲେ। ସୁବର୍ଣ୍ଣପୁର ଜିଲାର ସୋନପୁର ନିର୍ବାଚନମଣ୍ଡଳୀ ପାଇଁ ନିରଞ୍ଜନ ପୂଜାରୀଙ୍କୁ ବିଜେଡି ପୁଣି ଦଳୀୟ ଟିକେଟ ଦେଇଛି। ଏହି ପରିପ୍ରେକ୍ଷୀରେ ବିଜେଡି ପ୍ରାର୍ଥୀ ନିରଞ୍ଜନ ବିଜୁ ଯୁବ ଓ ଛାତ୍ର ଜନତା ଦଳ ସମାବେଶରେ ଯୋଗଦେଇ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଥମେ ସୋନପୁର ବିଧାନସଭା ପାଇଁ ବିଧାୟକ ପ୍ରାର୍ଥୀ ପୂଜାରୀଙ୍କୁ କର୍ମୀମାନେ ଭବ୍ୟ ସ୍ୱାଗତ ଜଣାଇଥିଲେ। ସମାବେଶରେ ଜିଲା ବିଜେଡି ଉପସଭାପତି ରମେଶ ଚନ୍ଦ୍ର ପୂଜାରୀ, ସୁବର୍ଣ୍ଣପୁର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ତଥା ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷା ମକରଧ୍ୱଜ ସାହୁ, ଛାତ୍ର ସଂସଦ ବିଜେଡି ସଭାପତି ବିଭୁଦତ୍ତ ରାଜହଂସ, କର୍ଲାପୁରୀ ସରପଞ୍ଚ ସୁଜାତା ସେଠୀ, ଶୁଖା ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସ୍ୱାଧୀନ ବିଶ୍ୱାଳ, ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ, ପ୍ରଶାନ୍ତ କୁମାର ସାହୁ, ବୈଦୁପାଲି ସମିତି ସଭ୍ୟାଙ୍କ ପ୍ରତିନିଧି ବଦ୍ରୀ ନାରାୟଣ ପାଣ୍ଡିଆ, ବିଜେଡି ମିଡ଼ିଆ ସେଲର ଗୁଣନିଧି ଦୀପ, ଜିତେନ୍ଦ୍ରୀୟ ସାହୁ, ରୋଶନ ବିଶ୍ୱାଳ, ଜୟ ପ୍ରକାଶ ତ୍ରିପାଠୀ, ପ୍ରଦୀପ ମହାନନ୍ଦ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଜେଡି ପ୍ରାର୍ଥୀ ପୂଜାରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିବା ସହ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜିତେଇବା ପାଇଁ ନିବେଦନ କରିଥିଲେ। ସଭା କାର୍ଯ୍ୟ ସଂଯୋଜନା ରଞ୍ଜନ ଠେଲା କରିଥିଲେ। ବ୍ଲକ ବିଜେଡି ଯୁବ ସଭାପତି ଧର୍ମେନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ।



ସମାବେଶରେ ବିଜେଡି ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଓ ଅନ୍ୟ ଅତିଥି ବୃନ୍ଦ।

# କଣ୍ଟେନରରେ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ:୨ ଗିରଫ



କଣ୍ଟେନର ଭିତରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜରି ବସ୍ତା।



ଜବତ କଣ୍ଟେନର।



ସୁବର୍ଣ୍ଣପୁର ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସୋନପୁର,୩।୪(ମୃତ୍ୟୁଞ୍ଜୟ ଶତପଥୀ)

- କଣ୍ଟେନର, ୭.୫ କୁଇଣ୍ଟାଲ ଗଞ୍ଜେଇ ଜବତ
- ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୭୫ ଲକ୍ଷ

ସୋନପୁର ଟାଉନ ପୋଲିସକୁ ବୁଧବାର ବଡ ସଫଳତା ମିଳିଛି। ଏକ କଣ୍ଟେନରରେ ବୌଦ୍ଧ ଜିଲାର କଣ୍ଟାମାଳରୁ ଉତ୍ତରପ୍ରଦେଶକୁ ବିପୁଳ ପରିମାଣର ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ପୋଲିସ ଟିମ୍ ହାତରେ ଧରାପଡିଛି। ଏହି ଘଟଣାରେ କଣ୍ଟେନର ଡ୍ରାଇଭର ତଥା ଛତିଶଗଡର ରାୟପୁର ଜିଲା ତାଟିବନ୍ଧ ଅଞ୍ଚଳର ଶୈଳେଶ କୁମାର ମିଶ୍ର(୪୦) ଓ ଉତ୍ତରପ୍ରଦେଶର ଆହ୍ଲାବାଦ ଜିଲା ବାମେଲା ଅଞ୍ଚଳର ଉମାଶଙ୍କର ପାଣ୍ଡେ(୫୪)ଙ୍କୁ ଗିରଫ କରାଯାଇଛି। ଜବତ କଣ୍ଟେନର (ନଂ ସିଜି୦୪ଜେସି-୯୦୮୫)ର ସିକ୍ରେଟ୍ ଚ୍ୟାମ୍ବରରୁ ଜରି ବସ୍ତାରେ ଥିବା ମୋଟ ୭ କୁଇଣ୍ଟାଲ ୫୦କିଲୋ ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୭୫ ଲକ୍ଷ ଟଙ୍କା ହେବ ବୋଲି ସୁବର୍ଣ୍ଣପୁର ଏସ୍‌ପି ଯଶପ୍ରତାପ ଶ୍ରୀମାଲ୍ ବୁଧବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗଞ୍ଜେଇ ଚାଷ ଓ ଚୋରାଚାଲଣ ପଛରେ ପଡୋଶୀ ଜିଲାରେ ଏକ ବଡ ର୍ୟାକେଟ୍ କାମ କରୁଛି। ପୋଲିସ ସେ ଦିଗରେ ତଦନ୍ତ ଜାରି ରଖିଥିବା କହିଛନ୍ତି । ସୋନପୁର ଆଇଆଇସି ଲୋକନାଥ ସାହୁଙ୍କୁ ବୁଧବାର ସକାଳେ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ, କେତେଜଣ ଆନ୍ତଃ ରାଜ୍ୟ ଅପରାଧୀ ଏକ ବଡ କଣ୍ଟେନରରେ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚୋରାଚାଲାଣ କରୁଛନ୍ତି। ବୌଦ୍ଧ ଜିଲାରୁ ସୋନପୁର ରାସ୍ତା ଦେଇ ଏହି ଗଞ୍ଜେଇ ଚାଲାଣ କରା ଯାଉଥିବା ସମ୍ପର୍କରେ ଆଇଆଇସି ସାହୁ ଏସ୍‌ପିକୁ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ଅର୍ଜୁନପୁର-ବୁର୍ଦା ରାସ୍ତାରେ ଜଗି ରହିଥିଲା। କଣ୍ଟେନରଟି ବୁର୍ଦା ଅଭିମୁଖେ ଯାଉଥିବା ସମୟରେ ପୋଲିସ ଟିମ୍ ମଲ୍ଲିକମୁଣ୍ଡା ଛକ ନିକଟରେ ଅଟକ ରଖି ତନଖି କରିବା ପରେ ଚାମ୍ବରରୁ ଗଞ୍ଜେଇ ବସ୍ତା ମିଳିଥିଲା। ଏହି ଘଟଣାରେ ତଦନ୍ତ ଜାରି ରହିଛି । ଗଞ୍ଜେଇ କ୍ରେତା ଓ ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଏହି ସମ୍ମିଳନୀରେ ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଓ ସୋନପୁର ଆଇଆଇଆସି ଲୋକନାଥ ସାହୁ ଉପସ୍ଥିତ ଥିଲେ।

## ୩୧ ଦିନରେ ଜବତ ହେଲାଣି ୧.୪ ଟନ

ସୁବର୍ଣ୍ଣପୁର ଜିଲାର ରାସ୍ତାଗୁଡିକ ଗଞ୍ଜେଇ ଚୋରାଚାଲାଣର କରିଡର ପାଲଟିଥିଲା। ଆନ୍ତଃ ରାଜ୍ୟ ବ୍ୟବସାୟୀ ଓ ଅପରାଧୀମାନେ ବୌଦ୍ଧ ଜିଲାରେ ଉତ୍ପାଦିତ ହେଉଥିବା ଗଞ୍ଜେଇକୁ ଜିଲାର ବିଭିନ୍ନ ରାସ୍ତା ଦେଇ ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ତେବେ ଯଶପ୍ରତାପ ଶ୍ରୀମାଲ୍ ସୁବର୍ଣ୍ଣପୁର ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗଞ୍ଜେଇ ଚୋରାଚାଲାଣକାରୀମାନେ ଏବେ ପ୍ରମାଦ ଗଣିବା ଆରମ୍ଭ କଲେଣି। ଜିଲାର ରାସ୍ତା ସେମାନଙ୍କ ପାଇଁ ଆଉ ପୂର୍ବ ଭଳି ସହଜ ହୋଇନାହିଁ। ପୋଲିସ ପାଟ୍ରୋଲିଂକୁ କଡାକଡି କରାଯାଇଛି। ଗତ ୩୧ ଦିନ ଭିତରେ ଜିଲା ପୋଲିସ ପ୍ରାୟ ୧.୪ ଟନ୍ ଗଞ୍ଜେଇ ଜବତ କଲାଣି। ଗଞ୍ଜେଇ ଚାଲାଣରେ ବ୍ୟବହୃତ ଟ୍ରାକ୍ଟର, କାର୍ ଓ ଅନେକ ଯାନ ଜବତ ହେଲାଣି। ସେହିପରି ଜିଲାରେ ବେଧଡକ ଭାବେ ଚାଲିଥିବା ଜୁଆ ଓ ସଟ୍ଟା ଖେଳ ପ୍ରାୟତଃ ବନ୍ଦ ହୋଇଥିବା ଚର୍ଚ୍ଚା ହେଉଛି। ଏଥିପାଇଁ ନୂତନ ଯୁବ ଏସ୍‌ପିଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

# ଦିବ୍ୟାଙ୍ଗ ମତଦାତାଙ୍କ ଅଂଶଗ୍ରହଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ରାଉରକେଲା,୩।୪(ବିପ୍ଳବରଞ୍ଜନ ଦାଶ)**

**ରାଉରକେଲା, ରଘୁନାଥପାଲ୍ଲୀ ଓ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ୬୪୫୫ ଦିବ୍ୟାଙ୍ଗ ସାଧାରଣ ନିର୍ବାଚନରେ କରିବେ ମତଦାନ**

୨୦୨୪ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ଏପ୍ରିଲ ୧୯ରୁ ଜୁନ ୧ ତାରିଖ ଯାଏଁ ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କ୍ରମରେ ସୁନ୍ଦରଗଡ଼ ଜିଲାରେ ମେ ୨୦ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଲୋକସଭା ଓ ବିଧାନସଭା ପାଇଁ ମତଦାନ ହେବ। ଏଣୁକରି ଜିଲାରେ ୨୦୨୪ ସାଧାରଣ ନିର୍ବାଚନ କିଭଳି ଏକ ସମ୍ମିଳିତ ମତଦାନ ପର୍ବ ଭାବେ ପରିଗଣିତ ହୋଇପାରିବ ସେ ନେଇ ଜିଲା ପ୍ରଶାସନ ତତ୍ପର ହୋଇପଡ଼ିଛି। ୨୦୨୪ ସାଧାରଣ ନିର୍ବାଚନ ପ୍ରକ୍ରିୟାରେ ରାଉରକେଲା, ରଘୁନାଥପାଲ୍ଲୀ ଏବଂ ବୀରମିତ୍ରପୁରର ସବୁବର୍ଗର ମତଦାତା ଯେଭଳି ଭାବରେ ସାମିଲ ହୋଇପାରିବେ ସେ ନେଇ ପାନପୋଷ ଉପଜିଲାପାଳଙ୍କ ନିର୍ବାଚନ କାର୍ଯ୍ୟାଳୟରେ ଚାଲିଛି ଯୋରସୋର ପ୍ରସ୍ତୁତି କାର୍ଯ୍ୟ। ରାଉରକେଲା ନିର୍ବାଚନ ମଣ୍ଡଳୀର ୧୮୦୧ ଦିବ୍ୟାଙ୍ଗ ମତଦାତା, ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀରେ ୧୪୭୪ ଓ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ୩୨୧୭ଜଣ ଦିବ୍ୟାଙ୍ଗ ମତଦାତା ମତଦାନ ସାବ୍ୟସ୍ତ କରିବାକୁ ଯାଉଛନ୍ତି। ପ୍ରକାଶ ଥାଉକି ସାଧାରଣ ନିର୍ବାଚନ ୨୦୨୪ରେ ରାଉରକେଲା ନିର୍ବାଚନ ମଣ୍ଡଳୀରେ ସୁନ୍ଦରଗଡ଼ ଲୋକସଭା ଓ ରାଉରକେଲା ବିଧାନସଭା ଆସନ ନିମନ୍ତେ ୩୦୧ଟି ମତଦାନ କେନ୍ଦ୍ରରେ ୨ଲକ୍ଷ ୪୧ହଜାର ୩୦୩ ଜଣ ମତଦାତା ମତ ସାବ୍ୟସ୍ତ କରିବେ। ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ୧୯୩ ବୁଥରେ ୧ଲକ୍ଷ ୭୯ହଜାର ୪୮୦ଜଣ ମତଦାତା ସୁନ୍ଦରଗଡ ଲୋକସଭା ଓ ରଘୁନାଥପାଲ୍ଲୀ ବିଧାନସଭା ଆସନ ପାଇଁ ମତ ସାବ୍ୟସ୍ତ କରିବେ। ଠିକ ସେଭଳି ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ୩୦୧ଟି ବୁଥରେ ୨ଲକ୍ଷ ୪୧ହଜାର ୩୦୩ଜଣ ମତଦାତା ସୁନ୍ଦରଗଡ ଲୋକସଭା ଏବଂ ବିଧାନସଭା ଆସନ ପାଇଁ ମତ ସାବ୍ୟସ୍ତ କରିବେ। ତେବେ ରାଉରକେଲା ନିର୍ବାଚନ ମଣ୍ଡଳୀର ୧୮୦୧ ଦିବ୍ୟାଙ୍ଗ ମତଦାତା, ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ୧୪୭୪ ଦିବ୍ୟାଙ୍ଗ ମତଦାତା ଓ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ୩୨୧୭ଜଣ ଦିବ୍ୟାଙ୍ଗ ମତଦାତାଙ୍କ ମତଦାନ କେନ୍ଦ୍ରରେ ନିରଙ୍କୁଶ ମତଦାନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଦୃଢୀଭୂତ କରାଯିବା ଲକ୍ଷ୍ୟ ରହିଛି। ତେବେ ପାନପୋଷ ଉପ-ଜିଲାପାଳଙ୍କ ଅଫିସରୁ ମିଳିଥିବା ସୂଚନା କ୍ରମରେ ଚଳିତ ବର୍ଷ ସାଧାରଣ ନିର୍ବାଚନ-୨୦୨୪ରେ ଉପରୋକ୍ତ ତିନୋଟି ନିର୍ବାଚନ ମଣ୍ଡଳୀର ଦିବ୍ୟାଙ୍ଗ ମତଦାତାମାନଙ୍କୁ ସେମାନଙ୍କ ଘରୁ ମତଦାନ କେନ୍ଦ୍ରକୁ ଓ ମତଦାନ କେନ୍ଦ୍ରରୁ ତାଙ୍କ ଘରକୁ ନେଇ ଛାଡିବା ପାଇଁ ସ୍ୱତନ୍ତ୍ର ସକ୍ଷମ ଯାନ ବ୍ୟବସ୍ଥା ହେବ। ମତଦାନ କେନ୍ଦ୍ରରେ ଭିନ୍ନକ୍ଷମମାନଙ୍କ ନିମନ୍ତେ ହ୍ୱିଲ ଚେୟାର ବନ୍ଦୋବସ୍ତ, ଭିନ୍ନକ୍ଷମମାନଙ୍କୁ ମତଦାନ କେନ୍ଦ୍ରରେ ମତାଦାନ ଜନିତ ସାହାଯ୍ୟରେ ସ୍ୱେଚ୍ଛାସେବୀ ମୁତୟନ କରାଯିବ। ଅଗ୍ରାଧିକାର ଭିତ୍ତିରେ ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ଧାଡି ବ୍ୟବସ୍ଥା, ଦୃଷ୍ଟି ବାଧିତ ମତଦାତାଙ୍କ ପାଇଁ ବ୍ରେଲି ଅକ୍ଷରରେ ମୁଦ୍ରିତ ବାଲାଟ ପେପର ବ୍ୟବସ୍ଥା, ଏଥିସହିତ ଯେଉଁ ଭିନ୍ନକ୍ଷମ ମତଦାତା ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ବେଞ୍ଚମାର୍କ ଭିନ୍ନକ୍ଷମ ଥିବେ ସେମାନେ ଫର୍ମ ୧୨ଡି ମାଧ୍ୟମରେ ଆବେଦନ କରି ନିଜ ଘରେ ପୋଷ୍ଟାଲ ବାଲାଟ୍‌ରେ ମତଦାନ କରିବେ। ତେବେ ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ମତଦାତାମାନଙ୍କ ପାଇଁ ଏସବୁ ବନ୍ଦୋବସ୍ତ ଚଳିତ ବର୍ଷ ସୁଗମ ମତଦାନ ପରିବେଶ ସୃଷ୍ଟି କରିବ ବୋଲି ବୁଦ୍ଧିଜିବୀ ମହଲରେ କୁହାଯାଉଛି। ଏନେଇ ପାନପୋଷ ସହକାରୀ ଜିଲାପାଳ ଗୋପବନ୍ଧୁ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲା, ରଘୁନାଥପାଲ୍ଲୀ ସହିତ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ଜଣେ ସୁଦ୍ଧା ଭିନ୍ନକ୍ଷମ ଯେଭଳି ନିଜ ବହୁମୁଲ୍ୟ ମତ ସାବ୍ୟସ୍ତ କରିବା ଅଧିକାରରୁ ବାଦ ନ ପଡନ୍ତି ସେ ଦିଗରେ ବିହିତ ବ୍ୟବସ୍ଥା ହେବା ସହ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ବିହିତ ପଦକ୍ଷେପ ଗ୍ରହଣ ହେବ ବୋଲି ଉଲ୍ଲେଖ କରିଥିଲେ। ଏନେଇ ଭିନ୍ନକ୍ଷମ ଅନୁଷ୍ଠାନ ଶ୍ରଦ୍ଧାର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ କୁହନ୍ତି, ଚଳିତ ବର୍ଷ ସାଧାରଣ ନିର୍ବାଚନ ବାଧା ବିହୀନ ନିର୍ବାଚନ ବୋଲି ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତିଟି ଭୋଟ ମୂଲ୍ୟବାନ। ଭାରତୀୟ ସମ୍ବିଧାନ ଦେଇଥିବା ଗଣତାନ୍ତ୍ରିକ ଅଧିକାରକୁ ସୁବିନିଯୋଗ କରି ଦେଶ ଓ ରାଜ୍ୟରେ ସୁଶାସକ ଚୟନ କରିବା ପାଇଁ ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କର ଅଧିକରୁ ଅଧିକ ଅଂଶଗ୍ରହଣ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ।

# ସ୍ଥାନୀୟ ସମସ୍ୟାର ସମାଧାନ କରାଯିବ

**ରାଉରକେଲା, ୩।୪(ସଙ୍ଗୀତା ଜେନା)**

**କଂଗ୍ରେସ ରାଉରକେଲା ବିଧାନସଭା ପ୍ରାର୍ଥୀ**



ମଙ୍ଗଳବାର ରାଉରକେଲା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପକ୍ଷରୁ ବିରେନ୍ଦ୍ରନାଥ ପଟ୍ଟନାୟକଙ୍କ ନାମ ଘୋଷଣା ହୋଇଛି। ପୂର୍ବରୁ ୨ ଥର ରାଉରକେଲା ଡିସିସି କମିଟି ସଭାପତି ପଦବୀ ଅଳଙ୍କୃତ କରିଥିବା ପଟ୍ଟନାୟକ ପ୍ରଥମ କରି ବିଧାୟକ ଟିକେଟ୍ ପାଇଥିବା ଯୋଗୁ ଦଳୀୟ ନେତାଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ। ଜାତୀୟ ଏଜେଣ୍ଡା ସହିତ ରାଉରକେଲା ମହାନଗର ନିଗମରରେ ବନ୍ଦ ପଡ଼ିଥିବା ନିର୍ବାଚନ, ଶିକ୍ଷା, ସ୍ୱାସ୍ଥ୍ୟ, ବେକାରୀ ସମସ୍ୟା ଯଥା ସ୍ଥାନୀୟ ବନ୍ଦ ପଡିଥିବା ଶିଳ୍ପ ଗୁଡ଼ିକର ପୁନରୁଦ୍ଧାର ଓ ଜିଲାର କୁଶଳୀ ରୋଜଗାରଙ୍କୁ ଚାକିରୀ ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ମନୋନିବେଶ କରିବେ ବୋଲି କହିଛନ୍ତି। ବୁଧବାର ସିଭିଲଟାଉନସିପ୍ ଠାରେ ଆୟୋଜିତ ସଭାରେ ସେ ଗଣମାଧ୍ୟମକୁ ଏହି ସୂଚନା ପ୍ରଦାନ କରିଥିଲେ। ପଟ୍ଟନାୟକ କହିଲେ, ରାଉରକେଲା ଶିଳ୍ପାଞ୍ଚଳରେ ଇଡ଼କୋ ପ୍ରଦତ୍ତ ଜମିରେ ଶିଳ୍ପ ପରିବର୍ତ୍ତେ ମ୍ୟାରେଜ ହଲ୍, ଗୋଦାମ ଆଦିକୁ ନିର୍ମାଣ ହେଉଛି। ଏଠାରେ ରୋଜଗାର ନ ପାଇ ସ୍ଥାନୀୟ ଯୁବକମାନେ ବାହାର ରାଜ୍ୟକୁ ଯାଉଛନ୍ତି। ତେଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶ ସହିତ ସ୍ଥାନୀୟ ରୋଜଗାର ସମସ୍ୟା ସମାଧାନ କରିବାକୁ ପ୍ରାଥମିକତା ଦିଆଯିବ। ସେହିପରି ବସ୍ତି ସମସ୍ୟାର ସ୍ଥାୟୀ ପ୍ରତିକାର ଗ୍ରହଣ କରାଯିବ। ଆଗାମୀ ଦିନରେ କଂଗ୍ରେସକୁ ଲୋକେ ଭରସା କରିବେ ବୋଲି ସେ ମତବ୍ୟକ୍ତ କରିଥିଲେ।

# ଶ୍ରଦ୍ଧା ପକ୍ଷରୁ ବିଶ୍ୱ ସ୍ୱପରାୟଣତା ଦିବସ

**ରାଉରକେଲା,୩।୪(ବିପ୍ଳବରଞ୍ଜନ ଦାଶ)**

ରାଉରକେଲା ଶ୍ରଦ୍ଧା ଆନୁକୂଲ୍ୟରେ ଓ ଟାଟା ପାୱାର ପଶ୍ଚିମାଞ୍ଚଳ ଶାଖା ସହାୟତାରେ ଶ୍ରଦ୍ଧା ଅନୁଷ୍ଠାନ ପରିସରରେ ବୁଧବାର ବିଶ୍ୱ ସ୍ୱପରାୟଣତା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲା ଏନଆଇଟିର ମନସ୍ତତ୍ତ୍ୱ ବିଭାଗର ଏସୋସିଆଟ ପ୍ରଫେସର ଡକ୍ଟର ରାମକୃଷ୍ଣ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ପ୍ରଫେସର ବିଶ୍ୱାଳ କହିଥିଲେ ଯେ, ଅଟିଜିମ ବା ସ୍ୱପରାୟଣତା ଦିବସ ଏବେ ବହୁଳ ଭାବରେ ପାଳନ ହେଉଛି। ଯାହା ଅଭିଭାବକ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ଅଟିଜିମ କ୍ଷେତ୍ରରେ କାମ କରୁଥିବା ପ୍ରମାଣ କରୁଛି। ସର୍ବୋପରି ଏହି ଅବସରରେ ପିଲାଙ୍କୁ ପ୍ରାଥମିକ ସ୍ତରରେ ଚିହ୍ନଟ କରି ଅଟିଜିମ ମ୍ୟାନେଜମେଂଟ କ୍ଷେତ୍ରରେ ଧ୍ୟାନ ଦେବା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ ରାଉରକେଲା ଅଭିଭାବକ ସଂଘ ଉପସଭାପତି ଗଗନ ବିହାରୀ ଧଳ ଯୋଗଦେଇ ଅଭିଭାବକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ସ୍ୱାଗତ ଭାଷଣ ଦେବା ସହିତ ସ୍ୱପରାୟଣତା ଦିବସ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଜାତୀୟ ସ୍ତରରେ ଥିବା ଅଭିଭାବକ ମହାସଂଘ ପରିବାରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ନ୍ୟାସନାଲ ଟ୍ରଷ୍ଟର କାର୍ଯ୍ୟକ୍ରମ ଉପରେ ସୂଚନା ଏବଂ ସରକାରଙ୍କର ଏମାନଙ୍କ ପାଇଁ ଥିବା ସୁବିଧା ସୁଯୋଗ ଉପରେ ସୂଚନା ଦେଇଥିଲେ। ଅନୁଷ୍ଠାନର ସଭାପତି ପଶୁପତିନାଥ ଚାଟାର୍ଜୀ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସ୍ୱତନ୍ତ୍ର ପ୍ରଶିକ୍ଷକ ସିପୁନ ବେହେରା ଓ ପ୍ରୋଗ୍ରାମ ମ୍ୟାନେଜରର ଅମୃତ ଆଚାର୍ଯ୍ୟ ପ୍ରାସଙ୍ଗିକ ବକ୍ତବ୍ୟ ରଖିଥିଲେ। ଉପସଭାପତି ଅଶୋକ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଭାବକ ଓ ଭିନ୍ନକ୍ଷମ ପିଲାମାନେ, ବିଶ୍ରା ବ୍ଲକ ବିଭିନ୍ନ ଗ୍ରାପରୁ ସ୍ୱେଚ୍ଛାସେବୀ, ଶ୍ରଦ୍ଧାର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଧିରେନ୍ଦ୍ର ଓଝା, ସିପୁନ ବେହେରା, ସନ୍ତୋଷ କୁମ୍ଭାର, ସୁକୁମାର ପାଣ୍ଡବ, ଦୁର୍ଯ୍ୟୋଧନ ଛତ୍ରିଆ, ସୁଜାତା ରାଉତ, ପ୍ରିତି ବାରିକ, ଅଳୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଶ୍ରଦ୍ଧା ଆନୁକୂଲ୍ୟରେ କାର୍ଯ୍ୟକ୍ରମରେ ସମ୍ମିଳିତ ଅତିଥି।

# ସିପିଆଇଏମ୍ ପକ୍ଷରୁ ବଣାଇ ଆସନ ପାଇଁ ପ୍ରାର୍ଥୀ ଘୋଷଣା




ଶକ୍ତିନଗର କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଦସ୍ୟ।

**ରାଉରକେଲା,୩।୪(ସଙ୍ଗୀତା ଜେନା)**

ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କସବାଦୀ) ସୁନ୍ଦରଗଡ଼ ଜିଲା ପକ୍ଷରୁ ବୁଧବାର ଅପରାହ୍ନରେ ବଣାଇ ବିଧାନ ସଭା ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏ ନେଇ ଶକ୍ତିନଗରସ୍ଥିତ ସିପିଆଇ(ଏମ୍) ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ପ୍ରମୋଦ ସାମଲ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସୁନ୍ଦରଗଡ଼ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନ, ଶ୍ରୀମନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସମ୍ପାଦକ ପଟ୍ଟନାୟକ କହିଲେ, ଚଳିତ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପ୍ରାର୍ଥୀ ତାଲିକା ଘୋଷଣା କରିଥିବା ବେଳେ ଅନ୍ୟ କିଛି ଏବେ ପର୍ଯ୍ୟନ୍ତ କରିନାହାନ୍ତି। ସିପିଆଇ(ଏମ୍) ଇଣ୍ଡିଆ ମେଣ୍ଟର ଏକ ପ୍ରମୁଖ ଅଂଶ। ଇଣ୍ଡିଆ ମେଣ୍ଟ ସମର୍ଥନରେ ପୁଣି ବଣାଇ ଆସନରୁ ପୁନଃ ଲକ୍ଷ୍ମଣ ମୁଣ୍ଡାଙ୍କୁ ସୁଯୋଗ ପ୍ରଦାନ କରାଯାଇଛି। ତାଙ୍କର ରେକର୍ଡ ବିଜୟ ହେବ ବୋଲି ଆଶା କରାଯାଉଛି। ସେହିପରି ଜିଲାରେ ବିରମିତ୍ରପୁରରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ମେଣ୍ଟରେ ପ୍ରାର୍ଥୀ ଘୋଷଣା କରାଯାଇଛି। ବଳକା ୫ଟି ଆସନରୁ କଂଗ୍ରେସ ଓ ଲୋକସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ପ୍ରଦାନ କରିଛି। ତେବେ ପ୍ରାର୍ଥୀରେ ନାମ ଘୋଷଣା ଅଦ୍ୟାବଧି କରାଯାଇନାହିଁ। ଇଣ୍ଡିଆ ମେଣ୍ଟକୁ ସମସ୍ତ ଆସନରେ ପୂର୍ଣ୍ଣ ସମର୍ଥନ କରାଯିବ ବୋଲି ପଟ୍ଟନାୟକ ସୂଚନା ପ୍ରଦାନ କରିଥିଲେ। ସେହିପରି ବଣାଇ ବିଧାୟକ ମୁଣ୍ଡା କହିଲେ, ବଣାଇ ଆସନରୁ ପୁଣି ସୁଯୋଗ ମିଳିଥିବାରୁ କୃତଜ୍ଞତା ଅର୍ପଣ କରିଥିଲେ। ସ୍ଥାନୀୟ ଶିକ୍ଷିତ ଯୁବକଙ୍କ ପାଇଁ ରୋଜଗାର ଅବସର ଉତ୍ପନ୍ନ କରାଯିବ । ସେହିପରି ଚାଷୀଙ୍କ ବିଭିନ୍ନ ଯୋଜନାକୁ ଅଗ୍ରାଧିକାର ଦିଆଯିବ। ବଣାଇର ଲୋକେ ପୁଣି ସିପିଆଇଏମ୍‌କୁ ଭରସା କରିବେ ବୋଲି ମୁଣ୍ଡା ମତବ୍ୟକ୍ତ କରିଥିଲେ।

# ଡିଆଇସିଙ୍କ ଆର୍‌ଏସ୍‌ପିର ବିଭିନ୍ନ ବିଭାଗ ଗସ୍ତ

**ରାଉରକେଲା,୩।୪(ବିପ୍ଳବରଞ୍ଜନ ଦାଶ)**

ଆରଏସପିର ବିଭିନ୍ନ ବିଭାଗ ଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷରେ ଚିତାକର୍ଷକ ପ୍ରଦଶନ ସହିତ ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ହାସଲ କରିଛି ଆରଏସପି। ଏ ପରିପ୍ରେକ୍ଷୀରେ ଅଭିନନ୍ଦନ ଜଣାଇବା ନିମନ୍ତେ ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନା ଭାରାପ୍ରାପ୍ତ ନିର୍ଦ୍ଦେଶକ(ଡିଆଇସି) ଅତନୁ ଭୌମିକ ଆରଏସପିର ବିଭିନ୍ନ ୟୁନିଟ ଗସ୍ତ କରିଛନ୍ତି। ଗତ ଆର୍ଥିକ ବର୍ଷରେ ଆରଏସପି ସର୍ବକାଳୀନ ଶ୍ରେଷ୍ଠ ଉତ୍ତପ୍ତ ଧାତୁ, ଅଶୋଧିତ ଇସ୍ପାତ ଓ ବିକ୍ରି ଯୋଗ୍ୟ ଇସ୍ପାତ ଉତ୍ପାଦନ ହାସଲ କରିଛି। ଏଣୁ ବୁଧବାର ଡିଆଇସିଙ୍କ ଗହଣରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରୀଆ ମଧ୍ୟ ସାମିଲ ହୋଇଥିଲେ। ଏଥିସହିତ ବିଭିନ୍ନ ବିଭାଗରେ ସାମୁହିକଙ୍କ ସହିତ ମତବିନିମୟ ଅବସରରେ ଡିଆଇସି ବିଭାଗୀୟ ଦଳଙ୍କୁ ପୁଷ୍ପଗୁଚ୍ଛ ଏବଂ ମିଷ୍ଟାନ୍ନ ଭେଟି ଦେଇଥିଲେ। ବିଭିନ୍ନ ବିଭାଗରେ ଆର୍‌ଏସ୍‌ପି ସାମୁଦାୟିକଙ୍କ ସହିତ ମତବିନିମୟ କାର୍ଯ୍ୟକ୍ରମରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଡିଆଇସି ଦଳ ଗୁଡିକ ପ୍ରଚେଷ୍ଟାର ଉଚ୍ଚ ପ୍ରଶଂସା କରିବା ସହିତରେ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆରଏସ୍‌ପି ୨୦୨୩-୨୪ ଆର୍ଥିକ ବର୍ଷରେ ବିଭିନ୍ନ କ୍ଷେତ୍ରରେ ମାଇଲଖୁଣ୍ଟ ଅତିକ୍ରମ କରିଛି। ଫଳ ସ୍ୱରୁପରେ କେତେକ କ୍ଷେତ୍ରରେ ଧାର୍ଯ୍ୟ ଏବିପି ଲକ୍ଷ୍ୟ ଅତିକ୍ରମ କରିଛୁ ଓ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛୁ। ଚଳିତ ଆର୍ଥିକ ବର୍ଷରେ ଅନ୍ୟ କେତେକ କ୍ଷେତ୍ରରେ ଆମକୁ ଅଧିକ ପ୍ରୟାସ ପୂର୍ବକ ଅତ୍ୟଧିକ ମାତ୍ରା ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବାକୁ ହେବ ବୋଲି ଉଲ୍ଲେଖ କରିଥିଲେ। ପରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏବିପି ଲକ୍ଷ୍ୟ ବିଷୟରେ ବର୍ଣ୍ଣନା କରି ସୂର୍ଯ୍ୟବଂଶୀ ସକାରାତ୍ମକ ଭାବନା ସହିତ ଆଗକୁ ବଢି ଲକ୍ଷ୍ୟ ହାସଲ କରିବା ପାଇଁ ଆରଏସପି ସାମୁହିକଙ୍କୁ ଉତ୍ସାହିତ କରିଥିଲେ। ବିଗତ ଆର୍ଥିକ ବର୍ଷରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲରେ ପ୍ରତ୍ୟେକ ବିଭାଗର ଅବଦାନ ବିଷୟରେ ମଧ୍ୟ ସେ ଆଲୋକପାତ କରିଥିଲେ। ଡିଆଇସି ଏବଂ ସମସ୍ତ ନିର୍ବାହୀ ନିର୍ଦ୍ଦେଶକ ୧୦ଟି ବିଭାଗ ଗସ୍ତ କରି ଆରଏସପିର ଅଭିବୃଦ୍ଧିରେ ସହଯୋଗ କରିଥିବା ସମସ୍ତ ସଂପୃକ୍ତ ବିଭାଗ ସାମୂହିକଙ୍କୁ ସାକ୍ଷାତ କରିଥିଲେ।




ଡିଆଇସି ଓ ନିର୍ବାହୀ ନିର୍ଦ୍ଦେଶକମାନେ ଅଭିନନ୍ଦନ ଜଣାଉଛନ୍ତି।

# ଚଳନ୍ତା ଟ୍ରେନ ଧକ୍କାରେ ଯୁବକ ମୃତ

**ରାଉରକେଲା, ୩।୪(ସଙ୍ଗୀତା ଜେନା):** ବୁଧବାର ଅପରାହ୍ନରେ ରାଉରକେଲା ଜିଆରପି ଅନ୍ତର୍ଗତ କାଂଶବାହାଲ ଅଞ୍ଚଳରେ ଜଣେ ଯୁବକ ରେଳଧାରଣା ଅତିକ୍ରମ କରୁଥିବାବେଳେ ଚଳନ୍ତା ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ ହେଉଛନ୍ତି କୁତ୍ରା ଅଞ୍ଚଳର ବିକାଶ ଶାହା(୩୬)। ଜିଆରପି ଶବ ଜବତ କରି ମାମଲା(ନଂ. ୨୬/୨୪) ରୁଜୁ କରି ତଦନ୍ତ କରୁଛି।

# ସେକ୍ଟର-୩ ରୁ ଏୟାରକଣ୍ଡିସନର ଚୋରି

**ରାଉରକେଲା, ୩।୪(ସଙ୍ଗୀତା ଜେନା)**

ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୩ ବି ବ୍ଲକରୁ ଜଣେ ବ୍ୟକ୍ତଙ୍କ ଘରୁ ଏୟାରକଣ୍ଡିସନର ଚୋରି ହୋଇଥିବା ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ ଏହାକୁ ଚୋରି କରିନେଇଥିବା ଅଭିଯୋଗକାରୀ ଜୁଲୁ ମହାନ୍ତି ବୁଧବାର ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା (ନଂ.୬୮/୨୪) ରୁଜୁ କରି ତଦନ୍ତ କରୁଛି।

# ସୀମାନ୍ତରୁ ୩ଟି ଆଇଇଡ଼ି ଜବତ

**ରାଉରକେଲା, ୩।୪(ସଙ୍ଗୀତା ଜେନା):** ଓଡ଼ିଶା ସୀମାନ୍ତରୁ ୩ଟି ଜୀବନ ଆଇଇଡ଼ି ଜବତ ହୋଇଛି। ଝାଡଖଣ୍ଡ ଟୋଂଟୋ ଗୋୟଲକେରା ଥାନା ବନଗ୍ରାମ ସରଜୋମବୁର ଓ ମରୋଦରୀ ମଧ୍ୟରେ ଥିବା ଜଙ୍ଗଲରୁ ବୁଧବାର ପୂର୍ବାହ୍ନରେ ୩ଟି ଜୀବନ ଆଇଇଡ଼ି ଜବତ କରାଯାଇଛି। ସୁରକ୍ଷାବଳଙ୍କୁ ହାନି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ଏହି ଆଇଇଡ଼ିଗୁଡ଼ିକୁ ବୋମା ନିରୋଧକ ଦଳ ନିଷ୍କ୍ରିୟ କରିଥିଲେ। ୨ କେଜିର ଗୋଟିଏ, ୬ କେଜିର ଗୋଟିଏ ଓ ୧୦ କେଜିର ଗୋଟିଏ ଆଇଇଡ଼ି ଜବତ କରାଯାଇଥିଲା। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଟିପିଡବ୍ଲ୍ୟୁଓଡ଼ିଏଲ୍‌ର ଗ୍ରାହକ ଭାବବିନିମୟ କାର୍ଯ୍ୟକ୍ରମ

**ରାଉରକେଲା,୩।୪(ସଙ୍ଗୀତା ଜେନା)**

ଟିପିଡ଼ବ୍ଲ୍ୟୁଓଡ଼ିଏଲ ଓ ରାଉରକେଲା ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ ପକ୍ଷରୁ ମିଳିତ ସହଯୋଗରେ ବ୍ରାହ୍ମଣୀକ୍ଲବଠାରେ ଗ୍ରାହକ ଭାବବିନମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଟିପିଡ଼ବ୍ଲ୍ୟୁଓଡ଼ିଏଲର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ସୁନୀଲ ଶର୍ମା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ପାଟ୍ଟଯୋଶୀ, ଗ୍ରାହକ ସାମୂହିକ ଅଧିକାରୀ ବିଲୁରି ଏନ୍ ପ୍ରସନ୍ନା, ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ସୁଶାନ୍ତ ପଣ୍ଡା, ଆର୍‌ଏସ୍‌ଇଡ଼ି ଶିଭାଶିଷ ନାୟକ, ଆର୍‌ଇଡ଼ି ପାର୍ଥଚକ୍ରବର୍ତ୍ତୀ, ରାଜଗାଙ୍ଗପୁର ନିର୍ବାହୀ ଯନ୍ତ୍ରୀ ସମରେଶ ପାଲ, ସୁନ୍ଦରଗଡ଼ ନିର୍ବାହୀ ଯନ୍ତ୍ରୀ ଆଲୋକ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନର ବିଦ୍ୟୁତ୍ ସମ୍ପର୍କିତ ଯଥା ତ୍ରୁଟିପୂର୍ଣ୍ଣ ବିଲ୍, ଲାଇନ୍ ସଂଯୋଗରେ ସମସ୍ୟା, ଘରୋଇ ଜମିରେ ଖୁଣ୍ଟରେ ସମସ୍ୟା, ସ୍ମାର୍ଟ ମିଟରରେ ତ୍ରୁଟି ଆଦି ସମ୍ପର୍କରେ ଅଧିକାରୀମାନେ ଉତ୍ତର ରଖିଥିଲେ। ଏହି ଅବସରରେ ଏକ ପ୍ରୋଜେକ୍ଟ ଉପସ୍ଥାପନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ସୂର୍ଯ୍ୟଘର ଯାଜନା ସମ୍ପର୍କରେ ଦାୟନନ୍ଦ ଭାନମୋର ତଥ୍ୟ ପ୍ରଦାନ କରିଥିଲେ। ସେହିପରି ଟାଟାପାୱାର ପକ୍ଷରୁ ଆଗାମୀ ଦିନରେ ବିଜୁଳି ଯୋଗାଣରେ ବିକାଶକୁ ନେଇ ଆଲୋଚନା ଓ ତଥ୍ୟ ପ୍ରଦାନ କରାଯାଇଥିଲା।



ବ୍ରାହ୍ମଣୀ କ୍ଲବରେ ଆୟୋଜିତ କାର୍ଯ୍ୟକ୍ରମ।

# ଆର୍‌ଏସ୍‌ପିର ଦାୟିତ୍ୱଶୀଳ ଇସ୍ପାତ ପ୍ରମାଣପତ୍ର ହାସଲ

**ମାର୍ଗଦର୍ଶନ ସହିତ ଆରଏସପିର ସର୍ବଦା ସହଯୋଗରେ ନିୟୋଜିତ ରହିଛି ମେଷର୍ସ ବ୍ୟୁରୋ ଭେରିଟାସ ଇଣ୍ଡଷ୍ଟ୍ରିଆଲ ସର୍ଭିସେସ**




ଇସ୍ପାତ ପ୍ରମାଣପତ୍ର ସଂକ୍ରାନ୍ତୀୟ ବୈଠକରେ ସମ୍ମିଳିତ ଅତିଥି।

**ରାଉରକେଲା,୩।୪(ବିପ୍ଳବରଞ୍ଜନ ଦାଶ)**

ଆରଏସପି ଦାୟିତ୍ୱଶୀଳ ଇସ୍ପାତ ପ୍ରମାଣପତ୍ର ପାଇବା ଦିଗରେ ଅଗ୍ରସର ହେବା ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ ଯେ ଦାୟିତ୍ୱଶୀଳ ଇସ୍ପାତ ପ୍ରମାଣପତ୍ର ମୂଲ୍ୟ ଶୃଙ୍ଖଳରେ ଉତ୍ତମ ସାମାଜିକ ଓ ପରିବେଶ ପ୍ରଦର୍ଶନ ସମସ୍ତ ବିଷୟାବଳୀକୁ ଏକତ୍ର କରୁଛି ଏବଂ ଶିଳ୍ପକ୍ଷେତ୍ରରେ ଏହା ଅନ୍ୟତମ କଠୋର ସାମାଜିକ ଏବଂ ପରିବେଶ ମାନଦଣ୍ଡ ରୂପେ ପରିଚିତ ହେଉଛି। ସମଗ୍ର ବିଶ୍ୱରେ କେବଳ ମାତ୍ର ୨୮ ଟି ଇସ୍ପାତ ଶିଳ୍ପସାଇଟ ଏହି ସମ୍ମାନଜନକ ପ୍ରମାଣପତ୍ର ହାସଲ କରିବାରେ ସକ୍ଷମ ହୋଇପାରିଛନ୍ତି। ଏହି ସାର୍ଟିଫିକେଟ ହାସଲରେ ମାର୍ଗଦର୍ଶନ ତଥା ସହାୟତା ପ୍ରଦାନ କରିବାକୁ ଆରଏସପି ପ୍ରତିଷ୍ଠିତ ବହୁରାଷ୍ଟ୍ରୀୟ କମ୍ପାନୀ ମେଷର୍ସ ବ୍ୟୁରୋ ଭେରିଟାସ ଇଣ୍ଡଷ୍ଟ୍ରିଆଲ ସର୍ଭିସେସକୁ ନିୟୋଜିତ କରିଛି। ଏଥିନିମନ୍ତେ ଅନବୋର୍ଡ ତଥା ପ୍ରାରମ୍ଭିକ ବୈଠକ ଏପ୍ରିଲ ୩ ତାରିଖରେ ଡିଆଇସି କାର୍ଯ୍ୟାଳୟର ମନ୍ଥନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ବୈଠକରେ ଅଧକ୍ଷତା କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍‌ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଏବଂ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରୀଆ, ବହୁ ସିଜିଏମ, ବିଭାଗ ମୁଖ୍ୟ ଏବଂ ଆରଏସପି ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବ୍ୟୁରୋ ଭେରଟାସ ଇଣ୍ଡିଆ ସର୍ଭିସେସ ଲିମିଟେଡ ପକ୍ଷରୁ ବିଭିଆଇଏସର ପୂର୍ବ ଓ ଦକ୍ଷିଣ ମଧ୍ୟ ଆଞ୍ଚଳିକ ମୁଖ୍ୟ ରୁପମ ବରୁଆ, ପ୍ରୋଜେକ୍ଟ ମ୍ୟାନେଜର ଏସ.ଏସ ଦେ ଓ ମାର୍କେଟିଂ ମୁଖ୍ୟ ଏସ୍ଟାଟାର୍ଜୀ ପ୍ରତିନିଧିତ୍ୱ କରିଥିଲେ। ଦାୟିତ୍ୱଶୀଳ ଇସ୍ପାତ ପ୍ରମାଣପତ୍ରର ବିଭିନ୍ନ ଦିଗ ଉପରେ ବରୁଆ ଓ ଦେଙ୍କ ଦ୍ୱାରା ଏକ ଉପସ୍ଥାପନା ପ୍ରସ୍ତୁତ ହୋଇଥିଲା। ପରେ ଏକ ମତ ବିନିମୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ବହୁ ବରିଷ୍ଠ ଅଧିକାରୀ ପ୍ରମାଣପତ୍ରର ଉପଯୋଗିତା ଏବଂ ପ୍ରକ୍ରିୟା ନେଇ ଆଲୋଚନା କରିଥିଲେ। ଚୂଡାନ୍ତ ବକ୍ତବ୍ୟରେ ଭୌମିକ ପ୍ରମାଣପତ୍ର ପ୍ରକ୍ରିୟା ସମାପ୍ତ ନେଇ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ଏମ୍‌ଏସ ବିଭାଗର ସିଜିଏମ ପି.କେ ସାହୁ ସ୍ୱାଗତ ଜଣାଇବା ସହିତ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦାୟିତ୍ୱଶୀଳ ଇସ୍ପାତ ଦ୍ୱାରା ଧାର୍ଯ୍ୟ କଠୋର ମାନଦଣ୍ଡକୁ ପାଳନ କରି ଆରଏସପି ସ୍ୱଚ୍ଛତା, ଉତର ଦାୟିତ୍ୱ ଓ ନିରନ୍ତର ଉନ୍ନତୀ ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରିବାକୁ ଆଗ୍ରହୀ ଅଟେ। ଦାୟିତ୍ୱଶୀଳ ଇସ୍ପାତ ପ୍ରମାଣପତ୍ର ନା କେବଳ ଅନୁପାଳନର ବିଷୟ ଅଟେ ବରଂ ଦୀର୍ଘକାଳୀନ ସଫଳତା ଓ ସ୍ଥିରତା ପାଇଁ ଏକ ରଣନୀତିକ ଆବଶ୍ୟକତା ମଧ୍ୟ ଅଟେ। ସ୍ଥାୟୀ ଅଭ୍ୟାସରେ ବିନିଯୋଗ କରି ଏବଂ ଏକ ବୃତକାର ଅର୍ଥନିତୀ ମାନସିକତାକୁ ଗ୍ରହଣ କରି ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ଉନ୍ମୁକ୍ତ କରିବାକୁ ଏକ ଦାୟିତ୍ୱଶୀଳ କର୍ପୋରେଟ ନାଗରିକ ଭାବେ ସୁନାମରେ ଉନ୍ନତୀ ଆଣିବାକୁ ଓ ଗ୍ରାହକ ପଣଧାରୀଙ୍କ ବିଶ୍ୱାସ ଓ ବିଶ୍ୱସ୍ତତାକୁ ସୁରକ୍ଷିତ ରଖିବାକୁ ସୁଯୋଗ ପ୍ରଦାନ କରିବ।

## ସଂକ୍ଷେପରେ

### ଓଡ଼ିଶା ମୁଖ୍ୟ ନିର୍ବାଚନ କମିଶନରଙ୍କ ସମ୍ବଲପୁର ଗସ୍ତ ଆଜି

ସମ୍ବଲପୁର,୩।୪ (ଭବାନୀ ଶଙ୍କର ଭୋଇ) ସାଧାରଣ ନିର୍ବାଚନ ପାଇଁ ସାରା ଦେଶରେ ପ୍ରସ୍ତୁତି ଚାଲିଛି। ନିର୍ବାଚନ କମିଶନ ତରଫରୁ ନିର୍ବାଚନ କିଭଳି ଅବାଧ ଓ ନିରପେକ୍ଷ କରାଯାଇ ପାରିବ ସେ ନେଇ ସମସ୍ତ ପ୍ରସ୍ତୁତି କରାଯାଉଛି। ଓଡ଼ିଶାରେ ଏକା ସାଙ୍ଗରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଗୁରୁବାର ସମ୍ବଲପୁର ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ନିର୍ବାଚନ କମିଶନର ପାଢ଼ୀ ପ୍ରଶାସନ ପକ୍ଷରୁ ନିର୍ବାଚନ ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ନିରୀକ୍ଷଣ କରିବା ସହ ଜିଲାର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପରାମର୍ଶ ଦେବେ। ଏହାସହ ସାଧାରଣ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଅପରାହ୍ନ ୫ଟା ୩୦ରେ ସମ୍ବଲପୁର ମହାନଗର ନିଗମର ଓସୱାନ ହଲରେ ଖବରଦାତାମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ସୂଚନା ଦେଇଛନ୍ତି।

### ୫ରୁ ବଲାଙ୍ଗୀର, ୬ରୁ ସୋନପୁର ଜିଲାରେ ବିବାଦୀୟ ବିଦ୍ୟୁତ୍ ବିଲ୍ ସମାଧାନ

ସମ୍ବଲପୁର,୩।୪(ବି.ଶଙ୍କର)– ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ଲାଗି ଅଭିଯୋଗ ପ୍ରତିବିଧାନ କାର୍ଯ୍ୟ ହାତକୁ ନେଇଛି। ଚଳିତ ମାସ ବଲାଙ୍ଗୀର ଓ ସୋନପୁର ଜିଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଦ୍ୟୁତ ଉପଭୋକ୍ତା ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ବିବାଦୀୟ ବିଦ୍ୟୁତ୍ ବିଲ୍‌କୁ ନେଇ ଅଭିଯୋଗ ପଞ୍ଜିକୃତ କରିପାରିବେ। ବଲାଙ୍ଗୀର ସବ୍‌ଡିଭିଜନ ଅଫିସ-୧ଠାରେ ଏପ୍ରିଲ ୫, ଖପ୍ରାଖୋଲ ଓ ଧାନ୍ଦମୁଣ୍ଡାଠାରେ ଏପ୍ରିଲ ୮, ସାଲେଭଟ୍ଟା ଓ କୁଟେସିଂହାଠାରେ ଏପ୍ରିଲ ୧୦, ସିନ୍ଧେକେଲା ଓ ଟିଟିଲାଗଡ଼ଠାରେ ଏପ୍ରିଲ ୧୨ ଓ କାଂସବାହାଲ ସବ୍‌ଡିଭିଜନ ଅଫିସ-୨ ଠାରେ ଏପ୍ରିଲ ୨୩ରେ ଅଭିଯୋଗ ପ୍ରତିବିଧାନ ପୀଠ ଆୟୋଜନ କରାଯିବାକୁ ସ୍ଥିର ହୋଇଛି । ସେହିପରି ସୋନପୁର ଜିଲାର ସୋନପୁର ଓ ଖାରିଠାରେ ଏପ୍ରିଲ ୬ ତାରିଖ, ସୁବଲୟା ଓ ମୁରସୁଣ୍ଡିଠାରେ ଏପ୍ରିଲ ୧୯, ବିନିକା ଓ ଏସ. ରାମପୁରଠାରେ ଏପ୍ରିଲ ୨୦, ବିରମହାରାଜପୁର ଓ ଉଲୁଣ୍ଡାଠାରେ ଏପ୍ରିଲ ୨୨ରେ ଅଭିଯୋଗ ପ୍ରତିବିଧାନ ପୀଠ ହେବ।

### ଗଞ୍ଜେଇ ଜବତ: ଜଣେ ଗିରଫ

ଖୁଣ୍ଟିଗୋରା,୩।୪(ମକରନ୍ଦ ସାହୁ) ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ସିନ୍ଧୁଗୋରା ଚାରିଛକ ନିକଟରେ ବୁଧବାର ପୂର୍ବାହ୍ନରେ ପୋଲିସ ଚଢ଼ାଉ କରି ୬ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି । ପ୍ରକାଶ ଯେ, କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଖମନଖୋଲ ଗ୍ରାମର ପ୍ରେମଚାନ୍ଦ ଛତିଆ(୨୦) ତାଙ୍କର ଜଣେ ସହଯୋଗୀଙ୍କ ସହ ଏକ ବାଇକ୍ ଯୋଗେ ଗଞ୍ଜେଇ ଚୋରାଚାଲାଣ କରୁଥିବା ପୋଲିସ ଖବର ପାଇଥିଲା।

# କ୍ଷମତା ନୁହେଁ, ଜନସେବା ପାଇଁ ରାଜନୀତି କରୁଛି: ଗିରିଶ

ସମ୍ବଲପୁର,୪।୩(ପ୍ରମୋଦ ବହିଦାର):

ଇତିମଧ୍ୟରେ ଭାଜପା ଓଡ଼ିଶାର ୧୧୨ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ସେଥିରେ ସମ୍ବଲପୁର ବିଧାନସଭା ଆସନରେ ବିଧାୟକ ତଥା ବିରୋଧୀଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ପୁନର୍ବାର ପ୍ରାର୍ଥୀ କରାଯାଇଛି। ଏହା ଘୋଷଣା ହେବା ପରେ ସମ୍ବଲପୁରରେ ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଥିବାବେଳେ ଆଶାୟୀଙ୍କ ମଧ୍ୟରେ ନୈରାଶ୍ୟ ଦେଖାଦେଇଛି। ଦଳୀୟ କାର୍ଯ୍ୟାଳୟରେ ମଙ୍ଗଳବାର ଜୟନାରାୟଣଙ୍କ ପ୍ରାର୍ଥିତ୍ୱକୁ ନେଇ କର୍ମୀ ଓ ସମର୍ଥକମାନେ ଉତ୍ସବ ମନାଯାଉଥିବା ବେଳେ ଜିଲା ସଭାପତି ଗିରିଶ ପଟେଲଙ୍କ ଅନୁପସ୍ଥିତି ସମ୍ବଲପୁର ଭାଜପାରେ ରହିଥିବା ଗୋଷ୍ଠୀବିବାଦକୁ ଇଙ୍ଗିତ କରିଥିଲା। କେହି କେହି ଏହାକୁ



ଭାଜପା ଜିଲା ସଭାପତି ଗିରିଶ ପଟେଲ।

ବିଦ୍ରୋହର ସଙ୍କେତ ବୋଲି ଚର୍ଚ୍ଚା କରୁଥିଲେ। କାରଣ ୨୦୧୯ ନିର୍ବାଚନ ପରଠାରୁ ସ୍ୱାସ୍ଥ୍ୟଗତ ହେଉ ବା ଅନ୍ୟ କାରଣ ପାଇଁ ଜୟନାରାୟଣ ଅନୁପସ୍ଥିତ ରହୁଥିବାବେଳେ ଜିଲା ସଭାପତି ପଟେଲ ସମ୍ବଲପୁର ବିଧାନସଭା

## ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ଚର୍ଚ୍ଚାକୁ ଖଣ୍ଡନ

ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହେବାକୁ ପ୍ରାୟ ୧ ବର୍ଷ ହେଲା ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ଜୟନାରାୟଣଙ୍କ ଅନୁପସ୍ଥିତିରେ ସେ ବିଭିନ୍ନ ସଭାସମିତି ଆୟୋଜନ କରି ଦଳୀୟ ସମର୍ଥକମାନଙ୍କୁ ସୁସଂଗଠିତ କରିବାରେ ଲାଗିଥିଲେ। ତେଣୁ ପ୍ରାର୍ଥୀ ଭାବେ ଜୟନାରାୟଣଙ୍କ ପରେ ପଟେଲଙ୍କୁ ମୁଖ୍ୟ ଦାବିଦାର ବୋଲି କୁହାଯାଉଥିଲା। କିଛିଦିନ ତଳେ ସମ୍ବଲପୁର ଗସ୍ତରେ ଆସିଥିବା ଭାଜପାର ଦୁଇ ପ୍ରଭାରୀଙ୍କ ସମ୍ମୁଖରେ ପ୍ରାର୍ଥୀ ଚୟନକୁ ନେଇ ଜୟନାରାୟଣ ଓ ଗିରିଶଙ୍କ ସମର୍ଥକମାନେ ମହାଁମୁହିଁ ହୋଇଥିଲେ। ତେବେ ମଙ୍ଗଳବାର ବିଧାୟକ ଜୟନାରାୟଣଙ୍କ ନାମ ଘୋଷଣା ହୋଇଥିବାରୁ କେତେକ ଆଶାୟୀ ପ୍ରାର୍ଥୀ ସ୍ୱାଧୀନ ଭାବେ ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଏହି ତାଲିକାରେ ଜିଲା ସଭାପତି ଗିରିଶଙ୍କ ନାମ ମଧ୍ୟ ଶୁଣିବାକୁ ମିଳିଥିଲା। ମାତ୍ର ଏଭଳି ଚର୍ଚ୍ଚାକୁ ଗିରିଶ ସିଧାସଳଖ ଖଣ୍ଡନ କରି ଏହା ଏକ ଗୁଜବ ବୋଲି କହିଛନ୍ତି। ସେ ନିଜକୁ ଭାଜପାର ଜଣେ ଶୃଙ୍ଖଳିତ କର୍ମୀ ବୋଲି କହିବା ସହ ଦୀର୍ଘ ୪୦ବର୍ଷ ଧରି ଦଳୀୟ ହିତରେ କାର୍ଯ୍ୟ କରି ଆସିଛନ୍ତି ଓ ଆଗକୁ ଏହା ଜାରି ରଖିବେ ବୋଲି କହଛନ୍ତି। ଦଳୀୟ ଟିକେଟ୍ ମୋ ପାଇଁ ବଡ଼କଥା ନୁହେଁ। କ୍ଷମତା ନୁହେଁ ବରଂ ଜନସେବା ପାଇଁ ରାଜନୀତି କରୁଛି। ଦଳ ଯେଉଁ ଦାୟିତ୍ୱ ଦେବ ତାହାକୁ ଶୃଙ୍ଖଳାର ସହିତ ନିର୍ବାହ କରିବାକୁ ପ୍ରୟାସ କରିବି ବୋଲି ଗିରିଶ କହିଛନ୍ତି।



ସମ୍ବଲପୁର ଜିଲା ତବଲା ଗ୍ରାମରେ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ସକାଶେ ଭବ୍ୟ କଳସ ଯାତ୍ରା।

# ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୩।୪ (ଭବାନୀ ଶଙ୍କର ଭୋଇ)

ମାନେଶ୍ୱର ବ୍ଲକର ସୁବନପୁର ଗାଁରେ ନବନିର୍ମିତ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୦ ବର୍ଷ ହେବ ଅଞ୍ଚଳବାସୀଙ୍କ ସହଯୋଗରେ ମନ୍ଦିର ନିର୍ମାଣ ଜାରି ରହିଥିବା ବେଳେ ସମ୍ପୂର୍ଣ୍ଣ ହେବା ପରେ ଗତ ୩୧ ତାରିଖରୁ ପ୍ରତିଷ୍ଠା ଉତ୍ସବ ଚାଲୁରହିଛି। ୩୧ରେ କଳସ ଯାତ୍ରା କରାଯାଇଥିବା ବେଳେ ଏପ୍ରିଲ ୧ରେ ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ପ୍ରଦୀପ ରଞ୍ଜନ ଭୋଇ ଓ ଚନ୍ଦ୍ରମା ଭୋଇ, ଲକ୍ଷ୍ମୀ ନାରାୟଣ ବାରିକ ଓ ମମତା ବାରିକ, ଅଶୋକ ବେହେରା ଓ ମିନତି ବେହେରା କର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାଣପ୍ରତିଷ୍ଠା ଉତ୍ସବରେ ପଣ୍ଡିତ ବ୍ୟାସଦେବ ପଣ୍ଡା, ଗୋପବନ୍ଧୁ ରଥ, ଆନନ୍ଦ ପଣ୍ଡା, ସନ୍ତୋଷ କୁମାର



ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ମକର୍ତ୍ତାଗଣ।

ଦାସ ଓ ସମ୍ବିତ ପଣ୍ଡା ପୌରୋହିତ୍ୟ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିସିଡେରା, ଡକରା ବିରଘାଟ, ଧମା, ବରଗାଁରୁ ସାଂସ୍କୃତିକ ଦଳ ସାମିଲ ହୋଇଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ବୁଧବାର କୁଲତା ସମାଜର ବନ୍ଧୁମିଳନ ଆୟୋଜନ ହୋଇଥିଲା। ମନ୍ଦିର କମିଟି ସଭାପତି ବନମାଳୀ ପଧାନଙ୍କ ନେତୃତ୍ୱରେ ଆୟୋଜିତ ବନ୍ଧୁମିଳନରେ ବିଭିନ୍ନ ଗ୍ରାମରୁ କୁଲତା ସମାଜର କର୍ମକର୍ତ୍ତା ସାମିଲ ହୋଇଥିଲେ। ଏଥିରେ ମନ୍ଦିର କମିଟି ଉପସଭାପତି ଦୁର୍ଗାଚରଣ ଭୋଇ, ସମ୍ପାଦକ ରୋହିତାସ୍ୱ ସାହୁ, ସଦାନନ୍ଦ ପଧାନ, ମିଳନ ଭୋଇ, ଟୁକୁ ଭୋଇ, ବାବୁଲି ଭୋଇ, ପୁଟଲ ପଧାନ ପ୍ରମୁଖ ସହଯୋଗ କରିଥିଲେ। ଗୁରୁବାର ମନ୍ଦିରରେ ବିଗ୍ରହ ସ୍ଥାପନ ସମାପନ ହେବାର କାର୍ଯ୍ୟକ୍ରମ ରହିଛି।

# ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଘଣ୍ଟାପଡ଼ା,୩।୪(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାସ୍ଥିତ ଆଞ୍ଚଳିକ ଗ୍ରାମ ପଞ୍ଚାୟତ ଡିଗ୍ରୀ କଲେଜରେ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ କଲେଜର ଅଧ୍ୟାପକ ସୁନିଲ ଗୁରୁଙ୍କ ତତ୍ତ୍ୱାବଧାନରେ ଏବଂ ପ୍ରଥମ ବର୍ଷର ଛାତ୍ରୀ ନିକିତା ଦାସଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ କଲେଜର ସଭାପତି କାର୍ତ୍ତିକେଶର ବେହେରା ,ମୁଖ୍ୟବକ୍ତା ଭାବେ ସ୍ଥାନୀୟ କଲେଜର ପ୍ରତିଷ୍ଠାତା ସଦସ୍ୟ ପ୍ରଭାତ କୁମାର ସାହୁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, କଲେଜ ଅଧ୍ୟକ୍ଷ ଗିରିଧର ଦେହୁରୀ, ଅଧ୍ୟାପକ ରିଚପାଲ ବର୍ଗର୍ତ୍ତି, ହୃଷିକେଶ ଭୋଇ, ଅଧ୍ୟାପିକା ମଧୁସ୍ମିତା ଭୋଇ, ଗୀତାଞ୍ଜଳି ରଣା, ସଙ୍ଗୀତା ଭୋଇ, କବିତା ସାହୁ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦାୟୀ ଛାତ୍ରୀଛାତ୍ର ନିଜ ନିଜର ଅନୁଭୂତି ବଖାଣିଥିଲେ। ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ସହ ବିଭିନ୍ନ ଉପହାର ଦେଇ ବିଦାୟ ଦେଇଥିଲେ। ବିଦାୟୀ ଛାତ୍ରୀଛାତ୍ରଙ୍କ ତରଫରୁ ସ୍ମୃତି ଉଦ୍ଦେଶ୍ୟରେ କଲେଜକୁ ୫୦ ହଜାର ଟଙ୍କା କଲେଜ ପରିଚାଳନା କମିଟିର ସଭାପତିଙ୍କୁ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ରଣା, ଶ୍ରୀକାନ୍ତ ରଣା, କୁଶ ସାହୁ, ନରେନ୍ଦ୍ର ମଲିକ, ସୁଦର୍ଶନ ନାଏକ, କ୍ଷୀରଧର ରଣା ସହଯୋଗ କରିଥିଲେ।

# ଗୌରଚନ୍ଦ୍ର ହାଇସ୍କୁଲର ବାର୍ଷିକୋତ୍ସବ




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

ରେଢ଼ାଖୋଲ,୩।୪(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସହିତ ଜାତୀୟ ଯୁବ ଓ ସବୁଜ ବାହିନୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବେଣୁଧର ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ରେଢ଼ାଖୋଲ ବ୍ଲକ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର ମୁଖ୍ୟବକ୍ତା ଓ ସିଆର୍‌ସିସି ଅନୀଲ କୁମାର ମେହେର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଧ୍ରୁବଚରଣ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁବ୍ରତ କୁମାର ବେହେରା ସଭା ପରିଚାଳନା କରିଥିବାବେଳେ ନମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତ୍ୟୁ ପରେ ମହିଳାଙ୍କ ଶରୀର ଦାନ



ଲବଙ୍ଗଲତାଙ୍କ ଫାଇଲ୍ ଫଟୋ।

ସମ୍ବଲପୁର,୩।୪(ପ୍ରମୋଦ ବହିଦାର): ସମ୍ବଲପୁର ଫାଟକ ଜିଏମ୍ କଲେଜ ରୋଡ଼ ବାସିନ୍ଦା ଧର୍ମପ୍ରାଣା ମହିଳା ଲବଙ୍ଗଲତା ପତି(୮୨)ଙ୍କ ମୃତ ଶରୀରକୁ ବୁଧବାର ବୁର୍ଲା ଭିମ୍‌ସାରକୁ ଦାନ କରାଯାଇଛି। ୨୦୧୪ ସେପ୍ଟେମ୍ବର ୭ରେ ସ୍ୱାମୀ ବଂଶୀଧର ପତିଙ୍କ ସହିତ ମିଳିତ ଭାବେ ଶରୀର ଦାନ ପାଇଁ କରିଥିବା ସତ୍ୟପାଠ ଅନୁସାରେ ପରିବାର ଲୋକଙ୍କ ପକ୍ଷରୁ ତାଙ୍କ ଶରୀରକୁ ଭିମ୍‌ସାରକୁ ଦାନ କରାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ତାଙ୍କ ସ୍ୱାମୀ ବଂଶୀଧର ପତିଙ୍କ ମୃତ ଶରୀରକୁ ମଧ୍ୟ ଭିମ୍‌ସାର ଆନାଟୋମି ବିଭାଗକୁ ଦାନ କରା ଯାଇଥିଲା। ମଙ୍ଗଳବାର ନିଜ ବାସଭବନରେ ଲବଙ୍ଗଲତାଙ୍କ ପରଲୋକ ହୋଇଥିଲା। ସେ ଜଣେ ଧର୍ମପ୍ରାଣା, ପରୋପକାରୀ ମହିଳା ଭାବେ ଅଞ୍ଚଳର ବେଶ୍ ଜଣାଶୁଣା। ତାଙ୍କର ତିନିଝିଅ ଗୀତାରାଣୀ, ମମତା ଓ ଜୟନ୍ତିଙ୍କ ସମେତ ପରିବାରବର୍ଗଙ୍କ ଉପସ୍ଥିତିରେ ଉତ୍ସର୍ଗ ଅନୁଷ୍ଠାନର ପ୍ରଶାନ୍ତ ପାଢ଼ଯୋଷୀ, ରଜନୀକାନ୍ତ ନାଗ, ପ୍ରଣବାନନ୍ଦ ଦାନି ଓ ପ୍ରବିଣ ଦିକ୍ଷିତଙ୍କ ତତ୍ତ୍ୱାବଧାନରେ ଭିମ୍‌ସାର ଆନାଟୋମି ବିଭାଗକୁ ଲବଙ୍ଗଲତାଙ୍କ ମୃତ ଶରୀରକୁ ଦାନ କରାଯାଇଥିଲା।

# ୫ରୁ ହିତାଧିକାରୀଙ୍କୁ ୩ୟ ପର୍ଯ୍ୟାୟ ଏଲ୍‌ଆର୍‌ସି ବଣ୍ଟନ

ସମ୍ବଲପୁର,୩।୪(ପ୍ରମୋଦ ବହିଦାର): ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ପ୍ରାୟ ୪୧ ବସ୍ତିରେ ହିତାଧିକାରୀଙ୍କୁ ଆସନ୍ତା ୫ ତାରିଖରୁ ତୃତୀୟ ପର୍ଯ୍ୟାୟ ଜମି ଅଧିକାର ପ୍ରମାଣପତ୍ର (ଏଲ୍‌ଆର୍‌ସି) ବଣ୍ଟନ ଶୁଭାରମ୍ଭ କରାଯିବ। ଏଥିପାଇଁ ହିତାଧିକାରୀଙ୍କ ଲାଗି ମହାନଗର ନିଗମ କାର୍ଯ୍ୟାଳୟରେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଏଲ୍‌ଆର୍‌ସି ବଣ୍ଟନ ସହିତ ହିତାଧିକାରୀଙ୍କଠାରୁ ଆବଶ୍ୟକ ପ୍ରିମିୟମ ସଂଗ୍ରହ କରାଯିବ ବୋଲି ମହାନଗର ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୫ରୁ ୯ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏବଂ ୧୦ ତାରିଖରୁ ସକାଳ ସାଢ଼େ ୭ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ମହାନଗର ନିଗମ କାର୍ଯ୍ୟାଳୟର ନୂତନ କୋଠାରେ ଏଲ୍‌ଆର୍‌ସି ବଣ୍ଟନ ଓ ପ୍ରିମିୟମ ସଂଗ୍ରହ କରାଯିବ। ଏଥିପାଇଁ ମହାନଗର ନିଗମର ୩୨ ଜଣ ୱାର୍ଡ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ମହାନଗର ନିଗମ ପକ୍ଷରୁ ସୂଚନା ଦିଆଯାଇଛି।

# ଜଳସଙ୍କଟ ଦୂର ଲାଗି ପ୍ରଶାସନିକ ତତ୍ପରତା



ନଳକୂଅରୁ ପାଣି ସଂଗ୍ରହ କରୁଛନ୍ତି ଜଣେ ମହିଳା।

କୁଚିଣ୍ଡା,୩।୪(ବିରଞ୍ଚି ଦର୍ଶୀ)

ଏପ୍ରିଲ ପ୍ରଥମ ସପ୍ତାହ ଆରମ୍ଭ ହେଉଣୁ କୁଚିଣ୍ଡା ଉପଖଣ୍ଡରେ ପାରଦ ୪୦ଡିଗ୍ରୀ ଛୁଇଁଛି। ଏବେଠାରୁ ବିଭିନ୍ନ ସ୍ଥାନରେ ଜଳ ସଂକଟ ଦେଖାଦେଇଛି। ଜଳକଷ୍ଟକୁ ଏଡାଇବା ନିମନ୍ତେ ଉପଜିଲାପାଳ ହେମସାଗର ଭୋଇ ଗୁରୁବାରଠାରୁ ଉପଖଣ୍ଡର ସମସ୍ତ ପଞ୍ଚାୟତରେ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଅଚଳଥିବା ନଳକୂଅକୁ ତୁରନ୍ତ ମରାମତି ପାଇଁ ପଦକ୍ଷେପ ନେବାକୁ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗକୁ ପରାମର୍ଶ

## ଆଜିଠୁ ଆରମ୍ଭ ହେବ ଜଳଛତ୍ର

ଦେଇଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଉପଖଣ୍ଡର ବିଭିନ୍ନ ପଞ୍ଚାୟତରେ ଥିବା ଛକଗୁଡ଼ିକରେ ଜଳଛତ୍ର ଖୋଲିବାକୁ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଟାଇଁ ଟାଇଁ ଖରାରେ ଲୋକେ ପାଣି ପାଇଁ ଯେଭଳି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥି ସକାଶେ ଚଳିତ ବର୍ଷ ଆଗତୁରା ଏଭଳି ପଦକ୍ଷେପ ନେଇଥିବା ଉପଜିଲାପାଳ ଭୋଇ କହିଛନ୍ତି। ଉପଖଣ୍ଡର ୫୫ଗୋଟି ପଞ୍ଚାୟତ ଏବଂ କୁଚିଣ୍ଡା ଏନ୍‌ଏସିରେ ଥିବା ଅଚଳ ନଳକୂଅ ଗୁଡ଼ିକର ତୁରନ୍ତ ମରାମତି ପାଇଁ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିବା ସେ କହିଛନ୍ତି। ପ୍ରବଳ ଖରା ଯୋଗୁ ଏବେଠାରୁ ନଈ ନାଳ ପୋଖରୀ ସବୁ ଶୁଖିବାକୁ ବସିଲାଣି। ବିଗତ ବର୍ଷରେ ଲୋକେ ପାଣିପାଇଁ ଉଦ୍‌ବେଳିକଳ ହୋଇଥିବା ବେଳେ କେତେକ ସ୍ଥାନରେ ନଈରେ ଚୂଆ, ଚହଲା ଉପରେ ନିର୍ଭର କରିଥିବା ନଜିର ରହିଛି। ତେଣୁ ଜଳ ସଂକଟ ଦୂର କରିବା ପାଇଁ ପ୍ରଶାସନ ଚଳିତ ବର୍ଷ ଆଗତୁରା ଏଭଳି ପଦକ୍ଷେପ ନେଇଥିବା କୁହାଯାଇଛି।

# ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ



ଭଙ୍ଗାଘର ଆଗରେ ଜଗବନ୍ଧୁ।



ଚାଳ ନ ଥିବା ବିନୋଦଙ୍କ ଘର।

କୁଚିଣ୍ଡା,୩।୪(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବହୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ବକ୍ସମା ପଞ୍ଚାୟତ ଲାଡ ଗ୍ରାମର (ଡୁଙ୍ଗାଘାଟ) ପଡ଼ାରେ ଜଗବନ୍ଧୁ ମାଝି ସପରିବାର ଏକ ମାଟି ଘରେ ରହୁଥିଲେ। ଅନେକ ଥର ପଞ୍ଚାୟତରେ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଆବେଦନ କରିବା ସହ ନିର୍ବାଚିତ ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କୁ ଗୁହାରି କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ତାଙ୍କୁ ଘରଖଣ୍ଡିଏ ମିଳିପାରି ନାହିଁ। ତାଙ୍କ ମାଟି ଘର କାନ୍ଥ ଗତ ମାର୍ଚ୍ଚ ମାସରେ ହୋଇଥିବା ବର୍ଷାରେ ଭାଙ୍ଗିଯିବା ସହ ଅନ୍ୟ କାନ୍ଥ ଫାଟି ଆଁ କରିଛି। ନିଜର ଜୀବନ ପ୍ରତି ବିପଦ ଥିବା ଜାଣି ପରିବାର ଅନ୍ୟ ଘରେ ଆଶ୍ରୟ ନେଉଛନ୍ତି। ସେହିପରି ଉକ୍ତ ପଡ଼ାର ବିନୋଦ ମାଝିଙ୍କ ଘରର ଅବସ୍ଥା ମଧ୍ୟ ଅତି ଶୋଚନୀୟ। ଝଡ ପବନରେ ତାଙ୍କ ଘର ଚାଳ ଉଡିଯାଇଥିବା ବେଳେ ପରିବାର ଲୋକେ ଜୀବନକୁ ବାଜି ଲଗାଇ ଏଭଳି ବିପଦପୂର୍ଣ୍ଣ ଘରେ ରହୁଛନ୍ତି।ଏ ସମ୍ପର୍କରେ କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରେ ଜଗବନ୍ଧୁଙ୍କ ନାମ ତାଲିକାରେ ଥିଲା କି ନାହିଁ ଯାଞ୍ଚ କରିବା ପରେ ପଦକ୍ଷେପ ନିଆଯିବ। ତେବେ ତାଙ୍କ ପରିବାରକୁ ତୁରନ୍ତ ପଲିଥିନ ଯୋଗାଇ ଦେବାକୁ ପଦକ୍ଷେପ ନେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଚର୍ଚ୍ଚାରେ ସମ୍ବଲପୁରରୁ ରାସେଶ୍ୱରୀ, ରେଢ଼ାଖୋଲରୁ ରୋହିତ

ସମ୍ବଲପୁର,୩।୪ (ଭବାନୀ ଶଙ୍କର ଭୋଇ)


ଡା. ରାସେଶ୍ୱରୀ ପାଣିଗ୍ରାହୀ


ରୋହିତ ପୂଜାରୀ

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ବାତାବରଣ ସେତିକି ଉଷ୍ମ ହେବାରେ ଲାଗିଛି। ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ଭାଜପା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଉପରେ ଭରସା କରି ପୁନର୍ବାର ଟିକେଟ ଦେଇଥିବା ବେଳେ ବିଜେଡି ଓ କଂଗ୍ରେସ ପକ୍ଷରୁ ଏଯାଏ ପ୍ରାର୍ଥୀ ଘୋଷଣା ହୋଇନାହିଁ। ସମ୍ବଲପୁର ଲୋକ ସଭା କ୍ଷେତ୍ରରୁ ଭାଜପାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡିରୁ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ନାମ ଘୋଷଣା ହେବା ପରେ କର୍ମୀ ମହଲରେ ହାରଜିତକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ତେବେ ବିଜେଡିର ବିଧାନସଭା ଅଙ୍କ ଏଯାଏ ଛିଣ୍ଡିପାରି ନ ଥିବାରୁ କାହାକୁ ଟିକେଟ ମିଳିବ ସେ ନେଇ କର୍ମୀମାନଙ୍କ ମଧ୍ୟରେ ଉତ୍କଣ୍ଠା ଲାଗିରହିଛି।

ସମ୍ବଲପୁର ସଂସଦୀୟ କ୍ଷେତ୍ର ପାଇଁ ବବିଙ୍କ ନାମ ଘୋଷଣା ହୋଇ ସେ ସମ୍ବଲପୁର ଆସିବା ପର୍ଯ୍ୟନ୍ତ ବିଜେଡି ଜିଲା ସଭାପତି ରୋହିତ ପୂଜାରୀଙ୍କ ନାମ ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ସବୁଠାରୁ ଆଗରେ ରହିଥିଲା। ରୋହିତଙ୍କ ସମର୍ଥକ ସମ୍ବଲପୁର ବିଧାନସଭା ଟିକେଟ ଫାଇନାଲ ହୋଇସାରିଥିବା ଦାବି କରୁଥିଲେ। ଏପରି କି ବବି ରୋହିତଙ୍କୁ ନେଇ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଘରକୁ ଦେଖା କରିବା ପାଇଁ ଯାଇଥିଲେ। ଏହି ସମୟରେ ରାସେଶ୍ୱରୀଙ୍କ ସମର୍ଥକ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ସାଂସଦ ପ୍ରାର୍ଥୀ ବବିଙ୍କ ସାମ୍ନାରେ ଡା. ପାଣିଗ୍ରାହୀଙ୍କୁ ଟିକେଟ ନ ଦେଲେ ସେମାନେ ସକ୍ରିୟ ଭାବେ ପ୍ରଚାର କାମରେ ଲାଗିବେ ନାହିଁ ବୋଲି ସ୍ପଷ୍ଟ କରିବା ସହ ରୋହିତଙ୍କୁ ସିଧାସଳଖ ବିରୋଧ କରିଥିଲେ। ଏହା ପରେ ବିଜେଡି ରୋହିତଙ୍କୁ ସମ୍ବଲପୁର ବିଧାନସଭା ପାଇଁ ଟିକେଟ ଦେବା ନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲା। ରୋହିତ ପରିସ୍ଥିତି ଦେଖି ପୁଣିଥରେ ରେଢାଖୋଲ ମୁହାଁ ହୋଇଥିବା ଚର୍ଚ୍ଚା ହେଉଛି। ଏହାପରେ ସମର୍ଥକମାନେ ଡା. ରାସେଶ୍ୱରୀ ପାଣିଗ୍ରାହୀ ସମ୍ବଲପୁର ବିଧାନସଭା ପାଇଁ ପୁଣିଥରେ ଟିକେଟ ପାଇବେ ବୋଲି ଦାବି କରୁଛନ୍ତି। ସେମାନଙ୍କ କହିବା କଥା ଡା. ପାଣିଗ୍ରାହୀଙ୍କ ସମୟରେ ସମ୍ବଲପୁରରେ ଅନେକ ବିକାଶମୂଳକ କାମ ହୋଇଛି। ସମ୍ବଲପୁର ଜନସାଧାରଣଙ୍କ ନିକଟରେ ତାଙ୍କର ଲୋକପ୍ରିୟତା ମଧ୍ୟ ଅଛି। ସେ ଜୟନାରାୟଣଙ୍କୁ କଡ଼ା ଟକ୍କର ଦେବେ ଓ ସଂସଦୀୟ ନିର୍ବାଚନରେ ମଧ୍ୟ ଏହାର ଫାଇଦା ମିଳିବ ବୋଲି ସମର୍ଥକ ଦାବି କରୁଛନ୍ତି। ତେବେ ବିଜେଡିର ଦ୍ୱିତୀୟ ତାଲିକାରେ ମଧ୍ୟ ସମ୍ବଲପୁରର କୌଣସି ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା ହୋଇନାହିଁ। ଜିଲାରେ ବିଜେଡି ପ୍ରାର୍ଥୀ ଜିତିବା ସମ୍ଭାବନାକୁ ନେଇ ଦଳ ଭିତରେ ଆଲୋଚନା ପର୍ଯ୍ୟାଲୋଚନା ଜାରି ରହିଥିବା ବେଳେ ହାତୀ କାହାମୁଣ୍ଡରେ ସୁନାକଳସ ଢାଳୁଛି ତାହା ଦେଖିବାକୁ ବାକି ରହିଲା।

# ଚନ୍ଦ୍ରଶେଖର ବିଜେଡି ଇସ୍ତାହାର କମିଟି ଅଧ୍ୟକ୍ଷ

ଭୁବନେଶ୍ୱର, ୩।୪(ସୁନିତ୍ ମିଶ୍ର)

■ଦଳର ରାଜ୍ୟ ଉପସଭାପତି ପଦ ବି ପାଇଲେ

■ବିଜେଡି ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ପରାମର୍ଶଦାତା ହେଲେ ରାଜୀବ

ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ବିଜେଡି ନିର୍ବାଚନୀ ଇସ୍ତାହାର କମିଟି ଅଧ୍ୟକ୍ଷ ଦାୟିତ୍ୱ ନ୍ୟସ୍ତ କରିଛି। ଏହାସହ ଚନ୍ଦ୍ରଶେଖରଙ୍କୁ ଦଳ ରାଜ୍ୟ ଉପସଭାପତି ପଦ ପ୍ରଦାନ କରିଛି। ତେବେ ଚନ୍ଦ୍ରଶେଖରଙ୍କୁ ଦଳ ଇସ୍ତାହାର କମିଟି ଅଧ୍ୟକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ପ୍ରଦାନ କରିଥିଲେ ମଧ୍ୟ ତାଙ୍କୁ ଏଥର ଟିକେଟରୁ ବଞ୍ଚିତ କରିଛି। ୨୦୧୯ ନିର୍ବାଚନ ସମୟରେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ ଚନ୍ଦ୍ରଶେଖରଙ୍କୁ ଦଳ ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ କରିଥିଲା। ହେଲେ ଚଳିତ ଥର ଚନ୍ଦ୍ରଶେଖରଙ୍କୁ ଲୋକ ସଭା ଟିକେଟ ଦିଆଯାଇ ନାହିଁ। ଭାଜପାରୁ ଗତଥର ଚନ୍ଦ୍ରଶେଖରଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ଭୃଗୁ ବକ୍ସିପାତ୍ରଙ୍କୁ ବିଜେଡି ଏଥର ଦଳରେ ସାମିଲ କରିବା ସଙ୍ଗେସଙ୍ଗେ ଲୋକ ସଭା ଟିକେଟ ମଧ୍ୟ ପ୍ରଦାନ କରିଛି। ଏହାପରେ ଉଭୟ ଭୃଗୁ ଏବଂ ଚନ୍ଦ୍ରଶେଖର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିଛନ୍ତି। ଚଳିତଥର ଭାଜପା ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭାବେ ପ୍ରଦୀପ ପାଣିଗ୍ରାହୀଙ୍କୁ ମଇଦାନକୁ ଓହ୍ଲାଇଛି। ପାଣିଗ୍ରାହୀଙ୍କ ସହ ମୁକାବିଲା କରିବା ଲାଗି ଚନ୍ଦ୍ରଶେଖରଙ୍କ ବଦଳରେ ଭୃଗୁ ବକ୍ସିପାତ୍ରଙ୍କୁ ମଇଦାନକୁ ବିଜେଡି ଓହ୍ଲାଇଛି। ସେହିପରି କଟକର ରାଜୀବ ମହାନ୍ତିଙ୍କୁ ଦଳ ବିଜେଡି ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦେଇଛି।

# ଭାଜପାରେ ଯୋଗଦେଲେ ବିଭିନ୍ନ ନିର୍ବାଚନମଣ୍ଡଳୀର କର୍ମୀ, ନେତା

ଭୁବନେଶ୍ୱର, ୩।୪(ସୁନିତ୍ ମିଶ୍ର)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଜୟନଗର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସ୍ଥାନୀୟ ବରିଷ୍ଠ ବିଜେଡି ନେତା ରଜତ କୁମାର ସାହୁ ଆନୁଷ୍ଠାନିକଭାବେ ଭାଜପାରେ ସାମିଲ ହୋଇଛନ୍ତି। ରଜତ ସାହୁଙ୍କ ସମେତ ବିଜେଡିର ପୂର୍ବତନ ପଞ୍ଚାୟତ ସଭାପତି ଅନିରୁଦ୍ଧ ନାଥ, ପୂର୍ବତନ ନାଏବ ସରପଞ୍ଚ ଅରୁଣ କୁମାର ସାହୁ, ବିଷ୍ଣୁ ଚରଣ ନାଥ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି କେନ୍ଦୁଝର ଜିଲା ଘସିପୁରା ନିର୍ବାଚନମଣ୍ଡଳୀର କୃଷକ କ୍ରିୟାନୁଷ୍ଠାନ କମିଟି, ଆଞ୍ଚଳିକ ବିକାଶ ମଞ୍ଚ, ଦୁର୍ଗାପୂଜା କମିଟି ସଭାପତି ତଥା ସ୍ଥାନୀୟ ବିଜେଡି ନେତା ବ୍ରହ୍ମାନନ୍ଦ ପଟ୍ଟନାୟକ ଶତାଧିକ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ବିଜେଡିର ତୃଣମୂଳସ୍ତର ଦୁର୍ବଳ ହୋଇସାରିଛି। ଯେକୌଣସି ମୁହୂର୍ତ୍ତରେ ବିଜେଡି ଭୁଶୁଡି ଯିବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି କାରଣରୁ ବିଜେଡିରୁ ପ୍ରତ୍ୟେକ ଦିନ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନେ ବିମୁଖ ହେଲେଣି। ଭାଜପା ବଢୁଛି ଏବଂ ଜୁନ୍‌ରେ ଓଡ଼ିଶାରେ ଭାଜପାର ଡବଲ୍ ଇଞ୍ଜିନ ସରକାର ଗଠନ ହେବା ସୁନିଶ୍ଚିତ ବୋଲି ମନମୋହନ କହିଛନ୍ତି।

# ଡାକେଶ୍ୱରୀଙ୍କ ଆଶୀର୍ବାଦ ନେଇ ଧର୍ମେନ୍ଦ୍ରଙ୍କ ପ୍ରଚାର ଆରମ୍ଭ


ମହିମା ସାଧୁ ସନ୍ନ୍ୟାସୀଙ୍କଠାରୁ ଆଶୀର୍ବାଦ ନେଉଛନ୍ତି ଭାଜପାର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ।

ଅନୁଗୋଳ, (ଅମିତ କୁମାର ସାମଲ)/ ଛେଣ୍ଡିପଦା,୩।୪ (ଅଜିତ ଧଳ)

ଭାଜପାର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ତଥା ବରିଷ୍ଠ ନେତା ଧର୍ମେନ୍ଦ୍ର ପ୍ରଧାନ ବୁଧବାରଠାରୁ ବିଧିବଦ୍ଧ ଭାବେ ତାଙ୍କର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ଅନୁଗୋଳ ଜିଲାର ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମରେ ନୂତନ ଭାବେ ପ୍ରତିଷ୍ଠିତ ମା' ଡାକେଶ୍ୱରୀଙ୍କ ଦର୍ଶନ କରିବା ସହ ବହୁ ସାଧୁସନ୍ଥ, ମହିମା ଧର୍ମାବଲମ୍ବୀ ଓ କୀର୍ତ୍ତନମଣ୍ଡଳୀଙ୍କ ଗହଣରେ ପ୍ରଧାନ ପ୍ରଚାରକୁ ଓହ୍ଲାଇଥିଲେ।

ଏହି ଅବସରରେ ପ୍ରଧାନ କହିଥିଲେ, ମା' ଡାକେଶ୍ୱରୀଙ୍କ ଆଶୀର୍ବାଦ ନେଇ 'ମୋଦି ପ୍ରଚାର ଅଭିଯାନ' ଆରମ୍ଭ କରାଗଲା। ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ଏବଂ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ଏହି ପବିତ୍ର ଭୂମିରୁ ନିର୍ବାଚନ ପ୍ରଚାରର ଶୁଭାରମ୍ଭ ହେଲା। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗରିବ କଲ୍ୟାଣ, ଆତ୍ମନିର୍ଭର ଭାରତ, ଭବିଷ୍ୟତରେ ଭାରତକୁ ନୂଆ ଶିଖରକୁ ନେବା ହେଉଛି ନିର୍ବାଚନର ମୂଳ ପ୍ରସଙ୍ଗ। ମୋଦିଙ୍କ ନେତୃତ୍ୱରେ ଭାରତ ନିଜର ସ୍ଥାନ ନିରୂପଣ କରିସାରିଛି। ଗରିବଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା ଆରମ୍ଭ ହୋଇଛି। ବିରୋଧୀ ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଦେଉଥିବା ବେଳେ ମୋଦି ସେମାନଙ୍କୁ ହଟାଇବାରେ ଲାଗିଛନ୍ତି। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ବାଚନର ମୂଳ ବିଷୟ। ଦୀର୍ଘ ୨୫ ବର୍ଷ ଧରି ଓଡ଼ିଶା ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ଗାଁ ଗାଁରେ ସ୍ୱଚ୍ଛ ପିଇବା ପାଣି ନାହିଁ। ସମ୍ବଲପୁର ଜିଲାର ହୀରାକୁଦ ଭଳି ଅଞ୍ଚଳରେ ଡାଇରିଆ ବ୍ୟାପୀ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଲୋକ ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଦୀର୍ଘ ୨୫ ବର୍ଷ ସରକାରରେ ନାଗରିକଙ୍କୁ ସ୍ୱଚ୍ଛ ପାନୀୟ ଜଳ ମିଳିନାହିଁ। ଯୁବବର୍ଗଙ୍କୁ ରୋଜଗାର ନାହିଁ। ଭ୍ରଷ୍ଟାଚାର ଚରମ ସୀମାରେ ପହଞ୍ଚିଛି। ମହିଳା ଅତ୍ୟାଚାରରେ ଓଡ଼ିଶା ଜାତୀୟସ୍ତରରେ ବଦନାମ ହେଉଛି। ଓଡ଼ିଶାକୁ ଏଥିରୁ ମୁକ୍ତି ଦେବା ପାଇଁ ମୋଦିଙ୍କ ଡବଲ ଇଞ୍ଜିନ ସରକାର ଆଣିବାକୁ ପଡିବ ବୋଲି ଧର୍ମେନ୍ଦ୍ର ପ୍ରକାଶ କରିଥିଲେ।

# ଧନୁର୍ଜୟ ବିଜେଡି ପ୍ରାର୍ଥୀ, ଚନ୍ଦ୍ରାଣୀଙ୍କ ଟିକେଟ କଟିଲା

କେନ୍ଦୁଝର,୩।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

**କେନ୍ଦୁଝର ଲୋକ ସଭା କ୍ଷେତ୍ର**


ଧନୁର୍ଜୟ ସିଦ୍ଧୁ

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବୁଧବାର କେନ୍ଦୁଝର ଲୋକସଭା ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କ ନାମକୁ ଘୋଷଣା କରିଛି। ଘୋଷଣା ପରେ ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପୁଣି ଥରେ ଆଶା ରଖିଥିବା ଏମପି ଚନ୍ଦ୍ରାଣୀ ମୁର୍ମୁଙ୍କ ଟିକେଟ କଟିଯାଇଛି।

ଧନୁର୍ଜୟ ୨୦୦୪ରେ ଚମ୍ପୁଆ ସଂରକ୍ଷିତ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଦଳର ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ। ଉକ୍ତ ସିଟ୍ ଅଣ ସଂରକ୍ଷିତ ହେବା ପରେ ୨୦୦୯ ବିଧାନସଭା କ୍ଷେତ୍ରରେ କେନ୍ଦୁଝର ଲୋକ ସଭା ପାଇଁ କଂଗ୍ରେସ ଟିକେଟରୁ ଲଢ଼ି ବିଜେଡିର ଯଶୋବନ୍ତ ସିଂ ଲାଗୁରୀଙ୍କଠାରୁ ହାରିଥିଲେ। ପରବର୍ତ୍ତୀ ସମୟରେ ସେ ତେଲକୋଇ ଯାଇ କଂଗ୍ରେସ ପରେ ଭାଜପାରେ ସାମିଲ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଟିକେଟରୁ ଲଢ଼ି ହାରିଯାଇଥିଲେ। ପରେ ଦଳ ତାଙ୍କୁ ଅଣଦେଖା କରିବାରୁ ସେ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। କେନ୍ଦୁଝର ଲୋକ ସଭା କିମ୍ବା ତେଲକୋଇ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ହେଉଥିଲା। ଦଳ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କ ଉପରୁ ଆସ୍ଥା ହରାଇ ଧନୁର୍ଜୟଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ତେବେ ଧନୁର୍ଜୟଙ୍କ ପାଇଁ ବହୁ ଚ୍ୟାଲେଞ୍ଜ ରହିଛି। ବାରମ୍ବାର ଦଳ ପରିବର୍ତ୍ତନ କରି ଅସଫଳ ହେବା ଏବଂ ଭାଜପାରୁ ବିଜେଡିକୁ ଯାଇ କିଛି ବର୍ଷ ପରେ ଲୋକ ସଭା ପାଇଁ ଟିକେଟ ପାଇବା ତାଙ୍କ ପାଇଁ ପ୍ରମୁଖ ସମସ୍ୟା ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ସିଧାସଳଖ ଭାଜପାର ସାଂସଦ ପ୍ରାର୍ଥୀ ଅନନ୍ତ ନାୟକଙ୍କ ସହିତ ହେବା ସମ୍ଭାବନା ରହିଛି। ମୋଦିଙ୍କ ଗ୍ୟାରେଣ୍ଟି ଓ ବିଜେଡିର ଜନ କଲ୍ୟାଣ କାର୍ଯ୍ୟ ମଧ୍ୟରେ ଲଢ଼େଇ ହେବାକୁ ଯାଉଥିବା ବେଳେ ଭୋଟର କାହାକୁ ଭରସିବେ ତାହା ଭୋଟ ଫଳାଫଳ ଘୋଷଣା ପରେ ଜଣାପଡ଼ିବ।

# ବିଜେଡିମୁହାଁ ଜୟଦେବଙ୍କ ପୁଅ

ସୋସୋ,୩।୪(ସତ୍ୟବ୍ରତ ଜେନା)

**ଆନନ୍ଦପୁର ନିର୍ବାଚନ ମଣ୍ଡଳୀ**


ମନୋଜ କୁମାର ଯେନା

ନିର୍ବାଚନ ଯେତିକି ପାଖଉଛି କେନ୍ଦୁଝର ଜିଲାରେ ରାଜନୀତି ପାଣିପାଗ ସେତିକି ସରଗରମ ହେଉଛି। ରାଜ୍ୟର ପ୍ରମୁଖ ନେତା ଓ ତାଙ୍କ ପୁଅ ଦଳ ବଦଳରେ ଲାଗି ରହିଥିବା ବେଳେ ଜିଲାରେ ମଧ୍ୟ ତାହାର ପ୍ରଭାବ ପଡ଼ିବ ବୋଲି ଆଲୋଚନା ହେଉଛି। ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀରର ଟାଣୁଆ କଂଗ୍ରେସ ନେତା ଜୟଦେବ ଯେନାଙ୍କ ପୁଅ ମନୋଜ ବିଜେଡି ଆଡ଼େ ମୁହାଁଇଥିବା ଚର୍ଚ୍ଚା ଜୋର ଧରିଛି।

ଆନନ୍ଦପୁର ବିଧାନସଭା କ୍ଷେତ୍ରରୁ କଂଗ୍ରେସ ଦଳ ପକ୍ଷରୁ ଜୟଦେବ ଯେନା ୪ ଥର ବିଧାୟକ ହୋଇଥିବା ବେଳେ ୨ ଥର ମନ୍ତ୍ରୀ ପଦ ହାତେଇଥିଲେ। ଏଥର ଭାଜପା ଆଲୋକ ସେଠୀଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଥିବା ବେଳେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ତେବେ ଏଠାରେ ଜୟଦେବ ଯେନାଙ୍କ ସହ ତାଙ୍କ ବଡ଼ ପୁଅ ସଂଗ୍ରାମ କଂଗ୍ରେସକୁ ମଜବୁତ କରି ଆସିଥିଲେ ସୁଦ୍ଧା ସଂଗ୍ରାମଙ୍କ ହଠାତ୍ ଦେହାନ୍ତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ବଡ଼ ପୁଅଙ୍କ ଦେହାନ୍ତ ପରେ ରାଜନୀତିରେ ଜୟଦେବଙ୍କ କାନ୍ଧରେ କାନ୍ଧ ମିଳାଇ ସାନପୁଅ ମନୋଜ ସହଯୋଗ କରିଆସୁଛନ୍ତି। ଆନନ୍ଦପୁରରେ ହୋଇ ଆସିଥିବା ବିଭିନ୍ନ କଂଗ୍ରେସ ସଭା, ସମାବେଶ, ବିକ୍ଷୋଭ ଆଦି କାର୍ଯ୍ୟକ୍ରମରେ ସାମିଲ ହୋଇ ବିଜେଡି ଶାସନ ବିରୋଧରେ ଗର୍ଜିବା ସହ ଚଳିତ ବର୍ଷ ଆନନ୍ଦପୁର ବାସୀ କଂଗ୍ରେସକୁ ଭୋଟ ଦେଇ ଜୟଯୁକ୍ତ କରିଲେ ଅଞ୍ଚଳର ସମସ୍ତ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଉଥିଲେ। ମାତ୍ର କିଛି ଦିନ ହେବ ସେ ନିରବ ରହୁଥିବାରୁ ବିଜେଡିର ସର୍ପରାଇଜ କାର୍ଡକୁ ଲକ୍ଷ୍ୟ କରି ମନୋଜଙ୍କ ନାଁକୁ ଯୋଡି ବହୁ କଥା ଶୁଣିବାକୁ ମିଳୁଛି। ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ଏ ପର୍ଯ୍ୟନ୍ତ ବିଜେଡି ତାର ପ୍ରାର୍ଥୀ ଘୋଷଣା କରି ନ ଥିବା ବେଳେ ମନୋଜ ଉପଯୁକ୍ତ ସମୟରେ ବିଜେଡିରେ ସାମିଲ ହୋଇ ଟିକେଟ ହାତେଇ ପାରନ୍ତି ବୋଲି ବିଧାନସଭା କ୍ଷେତ୍ରରେ ଚର୍ଚ୍ଚା ଜୋର ଧରିଛି।

# ସମ୍ପ୍ରଦାୟ ଭୋଟ ବଦଳାଇପାରେ ସମୀକରଣ

ଭବାନୀପାଟଣା,୩।୪(ଉତ୍ତମ କୁମାର ଦାଶ)

ଚଳିତ ନିର୍ବାଚନରେ କଳାହାଣ୍ଡି ଜିଲା ଜୁନାଗଡ ଓ ଧର୍ମଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି। ଜୁନାଗଡରେ ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ଦିବ୍ୟଶଙ୍କର ମିଶ୍ର, ଭାଜପା ପକ୍ଷରୁ ମନୋଜ କୁମାର ମେହେର ଓ କଂଗ୍ରେସ ପକ୍ଷରୁ ଦୁଲେଶ୍ୱର ନାଏକଙ୍କୁ ଦଳ ଟିକେଟ ଦେଇଛି। ସେହିପରି ଧର୍ମଗଡ ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ପୁଷ୍ପେନ୍ଦ୍ର ସିଂଦେଓ, ଭାଜପା ପକ୍ଷରୁ ସୁଧୀର ପଟ୍ଟଯୋଷୀ ଓ କଂଗ୍ରେସ ପକ୍ଷରୁ ରଶ୍ମିରେଖା ରାଉତଙ୍କୁ ଟିକେଟ ମିଳିଛି। କଂଗ୍ରେସର ଦୁଲେଶ୍ୱର ଓ ରଶ୍ମିରେଖା ପ୍ରଥମ ଥର ପାଇଁ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ଦୁଲେଶ୍ୱର ପଣ୍ଡରାମାଲି ସମ୍ପ୍ରଦାୟର ହୋଇଥିବାବେଳେ ରଶ୍ମିରେଖା ଯାଦବ ସମ୍ପ୍ରଦାୟର। ନିଜ ନିର୍ବାଚନମଣ୍ଡଳୀରେ ଉଭୟ ସମ୍ପ୍ରଦାୟର ଭୋଟର ସଂଖ୍ୟା ଅଧିକ ରହିଥିବାରୁ ସମ୍ପ୍ରଦାୟର ଭୋଟ ହାତେଇବାକୁ ପ୍ରଥମେ ସେମାନେ ପ୍ରୟାସ କରୁଛନ୍ତି। ଯଦି ସେମାନଙ୍କୁ ନିଜ ସମ୍ପ୍ରଦାୟର ଭୋଟ ମିଳେ ତେବେ ସେମାନେ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କୁ ଟକ୍କର ଦେବା ସହ କଣ୍ଟା ମଧ୍ୟ ସାଜିପାରନ୍ତି ବୋଲି ଆଲୋଚନା ହେଉଛି। ଯଦି ଏହା ହୁଏ ତାହାହେଲେ ଉଭୟ ନିର୍ବାଚନମଣ୍ଡଳୀରେ ସମୀକରଣ ମଧ୍ୟ ବଦଳିପାରେ ବୋଲି ଆକଳନ କରାଯାଉଛି। ଚଳିତ ସାଧାରଣ ନିର୍ବାଚନରେ ଜୁନାଗଡ ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୪୫ ହଜାର ୫୫୫ ଭୋଟର ରହିଛନ୍ତି। ସେଥିମଧ୍ୟରୁ ପଣ୍ଡରାମାଲି ସମ୍ପ୍ରଦାୟର ଭୋଟର ପ୍ରାୟ ୪୨ ହଜାର ରହିଥିବା ଜଣାପଡିଛି। ସେହିପରି ଧର୍ମଗଡ ନିର୍ବାଚନମଣ୍ଡଳୀରେ ଯାଦବ ସମ୍ପ୍ରଦାୟର ଭୋଟର ପ୍ରାୟ ୯୦ ହଜାର ରହିଥିବା ଜଣାପଡିଛି।

# ଟିକେଟ ପାଇଁ ଟଙ୍କା ମାଗିଲେ ରାଜ୍ୟ ପ୍ରଭାରୀ

ମାଲକାନଗିରି, ୩।୪(ଦୁର୍ଯ୍ୟୋଧନ ପାତ୍ର)

**ଶରତଙ୍କ ଅଭିଯୋଗକୁ ଜିଲା କଂଗ୍ରେସ କମିଟିର ଖଣ୍ଡନ**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଟିକଟ ପାଇଁ ଶରତ ବୁରୁଦା ଆଶାୟୀ ଥିଲା ବେଳେ ଭୁବନେଶ୍ୱରଠାରେ ଏକ ଘରୋଇ ହୋଟେଲରେ ରାଜ୍ୟ ପ୍ରଭାରୀ ଅଜୟ କୁମାର ଶରତଙ୍କୁ ଟିକଟ ଦେବା ପାଇଁ ୪୦ ଲକ୍ଷ ଟଙ୍କା ମାଗିଥିବା ଘଟଣାକୁ ନେଇ ଏକ ପତ୍ର ମାଧ୍ୟମରେ ଜିଲା ସଭାପତିଙ୍କୁ ଲିଖିତ ଭାବେ ଶରତ ଜଣାଇବା ସହ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ସୂଚନା ଦେଇଥିଲେ। ବୁଧବାର ଏହାକୁ ଜିଲା ସଭାପତି ଗୋବିନ୍ଦ ପାତ୍ର ଏକ ଖବରଦାତା ସମ୍ମିଳନୀରେ ଖଣ୍ଡନ କରିବା ସହ ଶରତଙ୍କ ଏପରି ମିଥ୍ୟା ଖବର ଆଦୌ ଗ୍ରହଣୀୟ ନୁହେଁ । ଯେଉଁମାନେ ଦଳୀୟ ଟିକଟ ପାଇବେ, ସେଥିପାଇଁ ୪ ମାସ ପୂର୍ବରୁ ପ୍ରତି ୱାର୍ଡ, ପଞ୍ଚାୟତ, ଜିଲାସ୍ତରରେ କେନ୍ଦ୍ର ତରଫରୁ ସର୍ଭେ କରାଯାଇଥିଲା। ତିନୋଟି ପର୍ଯ୍ୟାୟରେ ଏହି ସର୍ଭେ ରିପୋର୍ଟକୁ ଆଧାରକରି ଜାତୀୟ ଏବଂ ରାଜ୍ୟ ନେତୃବୃନ୍ଦ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ମଙ୍ଗୁ ଖିଲଙ୍କୁ ପ୍ରାର୍ଥୀ ଘୋଷଣା କରିଛନ୍ତି। ଶରତ ଟିକଟ ନ ପାଇବାରୁ ଏପରି ଏକ ମିଥ୍ୟା ଅଭିଯୋଗ କରିବା ଦଳର ସମ୍ମାନ ଉପରେ ଆଞ୍ଚ ଆସିଛି। କଂଗ୍ରେସର ସମସ୍ତ କର୍ମୀ ଓ କର୍ମକର୍ତ୍ତାମାନେ ଏହାକୁ ନିନ୍ଦା କରିବା ସହ ଏପରି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭିତ୍ତିହୀନ ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବିଧାୟକ ପ୍ରାର୍ଥୀ ମଙ୍ଗୁ ଖିଲ, ମାଲକାନଗିରି ପୌର ପରିଷଦ ଦଳୀୟ ସଭାପତି ଜି. ଶ୍ରୀନିବାସ ରାଓ, ପି. କେଶୁ, ପ୍ରାଣକୃଷ୍ଣ ମଣ୍ଡଳ, ପର୍ଶୁରାମ ଭକ୍ତ ଓ ଇସାକ ଖୋସଲା ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଶରତ ବୁରୁଦା ଓ ଅନ୍ୟମାନେ।

# କଂଗ୍ରେସରୁ ଇସ୍ତଫା ଦେଲେ ଯଜ୍ଞେଶ୍ୱର

ବଲାଙ୍ଗୀର, ୩।୪ (ବୀରେନ୍ଦ୍ର କୁମାର ଝାଙ୍କର)


ଯଜ୍ଞେଶ୍ୱର ବାବୁ

ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଯଜ୍ଞେଶ୍ୱର ବାବୁ କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। ବୁଧବାର ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଡାକି ସେ ଏହି ସୂଚନା ଦେଇଛନ୍ତି। ଯଜ୍ଞେଶ୍ୱର କହିଛନ୍ତି ଯେ, ଦେଓଗାଁରେ ବନ୍ଦ ପଡିଥିବା ବିଜୟାନନ୍ଦ ସମବାୟ ଚିନିକଲକୁ ଚଳାଇବା ପାଇଁ ସେ କଂଗ୍ରେସ ସହ ସବୁ ପ୍ରକାର ସମ୍ପର୍କ ଛିନ୍ନ କରିଛନ୍ତି। କୌଣସି ଲାଭଲୋଭ ପାଇଁ ସେ କଂଗ୍ରେସକୁ ଆସି ନ ଥିଲେ। ବନ୍ଦ ପଡିଥିବା ଚିନିକଳ ଚଳାଇବାକୁ ହେଲେ ଏହାହିଁ ପ୍ରକୃଷ୍ଟ ସମୟ। ଏବେଠୁ ଚାଷୀମାନଙ୍କୁ ପ୍ରସ୍ତୁତ କଲେ ପ୍ରାୟ ଏକ ବର୍ଷ ପରେ ଚିନିକଳ ଚାଲିବ ବୋଲି ସେ କହିଥିଲେ। ଚାଷୀମାନେ ଚିନିକଳ ଚଳାଇବାକୁ ବାରମ୍ବାର ଅନୁରୋଧ କରିଛନ୍ତି। ବଲାଙ୍ଗୀର ଜିଲାର ଚାଷୀଙ୍କ ଅର୍ଥନୈତିକ ଉନ୍ନତି କରିବାକୁ ହେଲେ ଚିନିକଳ ଚଳାଇବାକୁ ହେବ। କଂଗ୍ରେସ ଦଳ ଟିକେଟ ନଦେବାରୁ ନିର୍ବାଚନ ଠିକ୍ ପୂର୍ବରୁ ଇସ୍ତଫା ଦେଉଛନ୍ତି କି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ପ୍ରଶ୍ନ କରିବାରୁ ସେ ଚଳିତ ନିର୍ବାଚନରେ କୌଣସି ପଦରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଆବେଦନ କରି ନ ଥିଲେ। ବରଂ ୪ଦିନ ତଳେ କଂଗ୍ରେସ ଦଳରୁ ତାଙ୍କୁ ଟିଟିଲାଗଡ଼ରେ ବିଧାୟକ ପ୍ରାର୍ଥୀ ହେବାକୁ କୁହାଯାଇଥିଲା। ତାକୁ ସେ ମନା କରିଦେଇଥିବା କହିଥିଲେ। ତେବେ ସେ ରାଜନୀତିରୁ ସନ୍ନ୍ୟାସ ନେବେ ନାହିଁ। ଏଥର ନିର୍ବାଚନରେ କୌଣସି ଆସନରେ ସେ ନିର୍ବାଚନ ଲଢ଼ିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିବା କହିଥିଲେ। ନିର୍ବାଚନ ଅବ୍ୟବହିତ ପୂର୍ବରୁ ଯଜ୍ଞେଶ୍ୱରଙ୍କ କଂଗ୍ରେସ ଦଳରୁ ଇସ୍ତଫା ଦେବା ଏବଂ ବିଶେଷକରି ଚିନିକଳ ଚଳାଇବା ପାଇଁ ସେ ଇସ୍ତଫା ଦେଉଥିବା କହିବା ଚର୍ଚ୍ଚାର ବିଷୟ ହୋଇଛି। ଖବରଦାତା ସମ୍ମିଳନୀ ପରେ ସେ ଦଳ ସଭାପତିଙ୍କୁ ଇସ୍ତଫା ପତ୍ର ପଠାଇବେ ବୋଲି ସୂଚନା ଦେଇଥିଲେ।

# ଭାଜପାରୁ ଇସ୍ତଫା ଦେଲେ ରାମଚନ୍ଦ୍ର ପାଙ୍ଗି

ନନ୍ଦପୁର, ୩।୪(ଶଙ୍କର ପୂଜାରୀ)

**ଟିକେଟ ମିଳିଲାନି**


ରାମଚନ୍ଦ୍ର ପାଙ୍ଗି

ପଟାଙ୍ଗି ବିଧାନସଭା ଆସନ ପାଇଁ ଭାଜପା ଟିକେଟ ନ ମିଳିବାରୁ ଆଶାୟୀ ପ୍ରାର୍ଥୀ ତଥା ରାଜ୍ୟ ଭାଜପାର କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ପାଙ୍ଗି ବୁଧବାର ପାର୍ଟିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇଥିବା କହିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ସେ ୨୦୧୯ ନିର୍ବାଚନରେ ପଟାଙ୍ଗି ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। ଚଳିତ ନିର୍ବାଚନରେ ପ୍ରାର୍ଥୀ ହେବା ଆଶାରେ ଗତ ୫ବର୍ଷ ଧରି ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାରେ ଲାଗିଥିଲେ। ଅଥଚ ଦଳ ତାଙ୍କୁ ଉପେକ୍ଷା କରି ଜଣେ ନବାଗତ ଚୈତନ୍ୟ ହନ୍ତାଳଙ୍କୁ ପ୍ରାର୍ଥୀ କରିଛି। ଏହା ତାଙ୍କୁ ବ୍ୟଥିତ କରିଛି। ଫଳରେ ସେ ଦଳର ପ୍ରାଥମିକ ସଦସ୍ୟ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦରୁ ଇସ୍ତଫା ଦେଉଥିବା ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଇସ୍ତଫାପତ୍ର ଗ୍ରହଣ ସମ୍ପର୍କରେ ଜାଣିବାକୁ ଜିଲା ସଭାପତି ସୁମନ୍ତ ପ୍ରଧାନଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ସୁଦ୍ଧା ଫୋନ ନ ଲାଗିବାରୁ ପ୍ରଧାନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ପୁରୁଖାଙ୍କ ସହିତ ନବାଗତଙ୍କ ଲଢ଼େଇ

## ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ

ବରଗଡ଼,୩।୪(ପ୍ରେମାନନ୍ଦ ଖମାରୀ)


ପରିଣିତା ମିଶ୍ର


ସଞ୍ଜୟ ଭୋଇ


ପ୍ରଦୀପ ପୁରୋହିତ

ବରଗଡ଼ ଲୋକସଭା ଆସନ ପାଇଁ ବୁଧବାର ବିଜେଡ଼ି ଦଳୀୟ ପ୍ରାର୍ଥି ଘୋଷଣା କରିଛି । ଏଥର ଦଳ ଏଠାରୁ ପ୍ରଥମଥର ପାଇଁ ଜଣେ ମହିଳାଙ୍କୁ ନିର୍ବାଚନ ମଇଦାନକୁ ଆଣିଛି। ବରଗଡ଼ ଜିଲା ସୋହେଲା ନିବାସୀ ପରିଣିତା ମିଶ୍ର ଦଳୀୟ ପ୍ରାର୍ଥିନୀ ହୋଇଛନ୍ତି। ପରିଣିତା ନୂଆ ଚେହେରା । ରାଜନୀତିରେ ପାଦ ଥାପୁଥାପୁ ରାଜ୍ୟର ଶାସକ ବିଜେଡ଼ିର ଲୋକସଭା ପ୍ରାର୍ଥିନୀ ହେବାର ସୁଯୋଗ ପାଇଛନ୍ତି। ଏହି ସୁଯୋଗକୁ ସେ ଉପଯୋଗ କରିବାରେ କେତେଦୂର ସଫଳ ହେବେ, ତାହା ନିର୍ବାଚନ ଫଳାଫଳ ପରେ ଜଣାପଡ଼ିବ।

ତେବେ ପରିଣିତା ରାଜନୀତିରେ ନୂଆ ହେଲେ ମଧ୍ୟ ତାଙ୍କ ସ୍ୱାମୀ ସୁଶାନ୍ତ ମିଶ୍ର ଜଣେ ପୁରୁଖା ନେତା। ଯୁବାବସ୍ଥାରୁ ରାଜନୀତିକୁ ଓହ୍ଲାଇ ସୁଶାନ୍ତ କଂଗ୍ରେସରେ ସାମିଲ ହୋଇଥିଲେ ଏବଂ ଜିଲାର ଭଟଲି ନିର୍ବାଚନ ମଣ୍ଡଳୀରେ ତାଙ୍କର ପ୍ରଭାବ ରହିଛି। ତେବେ ଏଠାରେ କଂଗ୍ରେସରୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ କ୍ରମାଗତ ପରାଜୟ ପରେ ଦଳ ଗତ ୨୦୧୪ରେ ତାଙ୍କୁ ଟିକେଟ୍ ଦେବ ବୋଲି ସୁଶାନ୍ତ ଦୃଢ଼ ଆଶାବାଦୀ ଥିଲେ। ମାତ୍ର ତାହା ହୋଇ ନ ଥିଲା ଏବଂ ସେହି ନିର୍ବାଚନରେ କଂଗ୍ରେସ ପୁଣି ପ୍ରକାଶଙ୍କୁ ଦଳୀୟ ପ୍ରାର୍ଥି କରିଥିଲା । ସେତେବେଳେ କଂଗ୍ରେସ ଛାଡ଼ି ସୁଶାନ୍ତ ସ୍ୱାଧୀନ ପ୍ରାର୍ଥିଭାବେ ନିର୍ବାଚନକୁ ଓହ୍ଲାଇଥିଲେ ଏବଂ ସୁଶାନ୍ତ ଭାଜପା, କଂଗ୍ରେସକୁ ପଛରେ ପକାଇ ୩୭ହଜାର ୪୯୬ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ।

ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୯ ନିର୍ବାଚନର ବହୁପୂର୍ବରୁ ସୁଶାନ୍ତ ଭାଜପାରେ ଯୋଗଦେଇଥିଲେ ଏବଂ ଭଟଲି ନିର୍ବାଚନ ମଣ୍ଡଳୀରୁ ଦଳ ତାଙ୍କୁ ପ୍ରାର୍ଥି କରିବ ବୋଲି ସେ ଆଶା ବାନ୍ଧିଥିଲେ । ଭାଜପା ତାଙ୍କୁ ଦଳର ଜିଲା ଉପସଭାପତି ପଦବୀରେ ରଖିଥିଲା ସତ, କିନ୍ତୁ ୨୦୧୯ ନିର୍ବାଚନ ଭଳି ଦଳ ତାଙ୍କୁ ପ୍ରାର୍ଥି କଲେ ନାହିଁ। କଂଗ୍ରେସ ଭଳି ଭାଜପାରେ ମଧ୍ୟ କୋଣଠେସା ହେବା ପରେ ସୁଶାନ୍ତ ବୁଧବାର ଦଳରୁ ଇସ୍ତଫା ଦେଇଥିଲେ। ଇସ୍ତଫା ଦେବାର ଅଳ୍ପ କିଛି ସମୟ ପରେ ସ୍ତ୍ରୀ ପରିଣିତାଙ୍କ ସହିତ ଶଙ୍ଖ ଭବନକୁ ଯାଇ ବିଜେଡ଼ିରେ ମିଶିଥିଲେ ଏବଂ ଏହାପରେ ପରିଣିତାଙ୍କୁ ବିଜେଡ଼ି ଲୋକସଭା ପ୍ରାର୍ଥିନୀ କରିଥିଲା ।

ଏହାପୂର୍ବରୁ ଭାଜପା ପୂର୍ବତନ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଏବଂ କଂଗ୍ରେସ ପୂର୍ବତନ ଲୋକସଭା ସାଂସଦ ସଞ୍ଜୟ ଭୋଇଙ୍କୁ ଏଠାରୁ ଲୋକସଭା ପ୍ରାର୍ଥିଭାବେ ଘୋଷଣା କରି ସାରିଛି । ଭାଜପା ପ୍ରାର୍ଥି ପ୍ରଦୀପ ପ୍ରଥମଥର ପାଇଁ ଲୋକସଭା ନିର୍ବାଚନକୁ ଓହ୍ଲାଇ ଥିବାବେଳେ ସେ ପଦ୍ମପୁର ବିଧାନସଭା ଆସନରୁ ଦଳୀୟ ପ୍ରାର୍ଥିଭାବେ କ୍ରମାଗତ ଲଢ଼ି ଆସୁଥିଲେ । ୨୦୧୪ ନିର୍ବାଚନରେ ସେ ସେଠାରୁ ନିର୍ବାଚିତ ମଧ୍ୟ ହୋଇଥିଲେ । ମାତ୍ର ଏଥର ଦଳ ତାଙ୍କୁ ଲୋକସଭା ପ୍ରାର୍ଥିଭାବେ ନିର୍ବାଚନ ମଇଦାନକୁ ଆଣିଛି। ସେହିପରି କଂଗ୍ରେସ ପ୍ରାର୍ଥି ସଞ୍ଜୟ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କୃପାସିନ୍ଧୁ ଭୋଇଙ୍କ ପୁଅ ହୋଇଥିବାବେଳେ ୨୦୦୯ ନିର୍ବାଚନରେ କଂଗ୍ରେସରୁ ଲୋକସଭା ପ୍ରାର୍ଥି ହୋଇ ନିର୍ବାଚିତ ହୋଇଥିଲେ । ସେହିପରି୨୦୧୪ ରେ ଦଳ ଏଠାରୁ ତାଙ୍କୁ ପୁଣି ସୁଯୋଗ ଦେଇଥିଲେ ହେଁ ସେ ଫେଲ୍ ମାରିଥିଲେ । ଫଳରେ ୨୦୧୯ ନିର୍ବାଚନରେ ଦଳ ଆଉ ଏଠାରୁ ସୁଯୋଗ ନ ଦେଇ ପ୍ରଦୀପ ଦେବତାଙ୍କୁ ପ୍ରାର୍ଥି କରିଥିଲା ଏବଂ ସେ ମଧ୍ୟ ହାରିଥିଲେ । ଅବଶ୍ୟ ସଞ୍ଜୟଙ୍କ ଉପରେ ଭରସା ରଖି କଂଗ୍ରେସ ଏଠାରୁ ପୁଣି ତାଙ୍କୁ ପ୍ରାର୍ଥି କରିଛି। ତେବେ ଉପରୋକ୍ତ ୩ପ୍ରାର୍ଥି ବରଗଡ଼ ଜିଲାର ହୋଇଥିବାବେଳେ ପ୍ରତ୍ୟକ୍ଷ ରାଜନୀତିରେ ପାଦ ଦେଉଦେଉ ବିଜେଡ଼ି ପ୍ରାର୍ଥିନୀ ହୋଇଥିବା ପରିଣିତାଙ୍କ ସହିତ ୨ପୁରୁଖା ନେତା ଭାଜପାର ପ୍ରଦୀପ ଏବଂ କଂଗ୍ରେସର ସଞ୍ଜୟଙ୍କ ମଧ୍ୟରେ ଲଢ଼େଇ ଯେଭଳି ରୋଚକ ସ୍ଥିତିରେ ରହିଛି, ଏଥର ଏହି ଆସନକୁ କିଏ ହାତେଇବାରେ ସକ୍ଷମ ହେବ, ତାହା ଉପରେ ସଭିଁଙ୍କ ସେଭଳି ନଜର ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ, ବରଗଡ଼ ଜିଲାର ୫ବିଧାନସଭା ଆସନ ବରଗଡ଼, ଅତାବିରା, ବିଜେପୁର, ଭଟଲି, ପଦ୍ମପୁର ସମେତ ଝାରସୁଗୁଡ଼ା ଜିଲାର ଝାରସୁଗୁଡ଼ା ଏବଂ ବ୍ରଜରାଜନଗର ବିଧାନସଭା ଆସନକୁ ନେଇ ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଗଠିତ ।

# ୨ ନେତ୍ରୀଙ୍କ ସହ ଭାଜପା ଛାଡ଼ିଲେ ନିରୋଜ ନଳିନୀ


ଖବରଦାତା ସମ୍ମିଳନୀରେ ଅନିତା ଦାସ, ନିରୋଜ ନଳିନୀ ମହାଲିକ ଓ ସସ୍ମିତା ସାମଲ।

ଢେଙ୍କାନାଳ,୩।୪(ରତନ ନାୟାର)

ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟା ନିରୋଜ ନଳିନୀ ମହାଲିକ ବୁଧବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ତାଙ୍କ ସହିତ ଢେଙ୍କାନାଳ ଜିଲା ଭାଜପା ସମ୍ପାଦିକା ଅନିତା ଦାସ ଓ ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସସ୍ମିତା ସାମଲ ମଧ ଦଳ ଛାଡ଼ିଛନ୍ତି। ଏ ସମ୍ପର୍କରେ ନିରୋଜ ନଳିନୀ ମହାଲିକ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟକୁ ନିଜର ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ଏଥିସହ ଅପରାହ୍ଣ ୪ଟାରେ ଏକ ଖବରଦାତା ସମ୍ମିଳନୀ କରି ଦଳ ବିରୋଧରେ ମୁହଁ ଖୋଲିଛନ୍ତି।

ଖବରଦାତା ସମ୍ମିଳନୀରେ ନିରୋଜ ନଳିନୀ କହିଛନ୍ତି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରଥମେ ରାଷ୍ଟ୍ରସେବିକା ସମିତିରେ କାମ କରିଥିଲେ। ୨୦୦୫ରେ ପ୍ରତ୍ୟେକ୍ଷ ଭାବେ ଭାଜପାରେ ଯୋଗଦେଇ ଜଣେ ନିଷ୍ଠାବାନ କାର୍ଯ୍ୟକର୍ତ୍ତା ଭାବେ କାର୍ଯ୍ୟ କରିଆସୁଥିଲେ। ତେବେ ପରିବାରବାଦକୁ ବିରୋଧ କରୁଥିବା ଭାଜପା ଗୋଟିଏ ପରିବାର ହାତରେ ଦଳକୁ ୩୦ ବର୍ଷ ହେଲା ଟେକି ଦେଇଛି। ଭାଜପାରେ ଅଧିକ ନିର୍ଯାତିତ ଓ ନିଷ୍ପେସିତ ହୋଇଛି। ଏଠାରେ ମହିଳାଙ୍କୁ ସମ୍ମାନ ନାହିଁ। ମଙ୍ଗଳବାର ଦଳର ମିଶ୍ରଣ ପର୍ବରେ କରାଯାଇଥିବା ବିଶୃଙ୍ଖଳ ଆଚରଣରେ ସମସ୍ତେ ଦେଖିଥିବେ। ଚଳିତ ନିର୍ବାଚନରେ ପ୍ରାର୍ଥୀ ହେବାକୁ ସେ ଆଶାୟୀ ଥିଲେ। ଓଡ଼ିଶା ପାଇଁ ପ୍ରଭାରୀ ଥିବା ଦଳର ବରିଷ୍ଠ ନେତା ବିଜୟସିଂପାଲ ତୋମାର ୩ଥର

### ଗୋଟିଏ ପରିବାର ହାତରେ ଦଳକୁ ୩୦ ବର୍ଷ ହେଲା ଟେକି ଦିଆଯାଇଛି

ହାରିଥିବା ବ୍ୟକ୍ତିଙ୍କୁ ଟିକେଟ ମିଳିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। କିନ୍ତୁ ଏଠାରେ ୩ଥରରୁ ଅଧିକ ଥର ହାରିଥିବା ବ୍ୟକ୍ତିଙ୍କୁ ଟିକେଟ୍ ଦିଆଗଲା। ଏହାକୁ ନେଇ କେବଳ ସେ ନୁହେଁ, ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ବହୁ କାର୍ଯ୍ୟକର୍ତ୍ତାଙ୍କ ମଧରେ ଅସନ୍ତୋଷ ରହିଛି। ଏଠି ଦଳକୁ ଉଠାଇ ଦିଆଯିବ ନାହିଁ। କେବଳ ଭାଷଣବାଜିରେ ଦଳ ଚାଲୁଛି, କାର୍ଯ୍ୟରେ ନୁହେଁ। ଏ ପ୍ରକାର କୁତ୍ସିତ ରାଜନୀତି କରିବା ଅପେକ୍ଷା ତାଠାରୁ ଦୂରେଇ ରହି ସାମାଜିକ କାର୍ଯ୍ୟରେ ଲିପ୍ତ ରହିବା ଶ୍ରେୟସ୍କର ମନେକରି ସେ ଦଳରୁ ଇସ୍ତଫା ଦେଇଛନ୍ତି। ତାଙ୍କ ସହ ଜିଲା ସମ୍ପାଦିକା ଅନିତା ଦାସ ଓ ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସସ୍ମିତା ସାମଲ ମଧ ଇସ୍ତଫା ଦେଇଛନ୍ତି ବୋଲି ନିରୋଜ ନଳିନୀ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦଳରୁ ଇସ୍ତଫା ଦେଇଥିବା ଜିଲା ସମ୍ପାଦିକା ଅନିତା ଦାସ କହିଲେ, ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟଠାରେ ଜିଲା ସଭାପତି ତାଙ୍କ ପ୍ରତି କରିଥିବା ଅପମାନଜନିତ ବ୍ୟବହାରର ଶେଷ ପରିଣତି ଭାବେ ସେ ଇସ୍ତଫା ଦେଉଛନ୍ତି। ଖବରଦାତା ସମ୍ମିଳନୀରେ ଦଳରୁ ଇସ୍ତଫା ଦେଇଥିବା ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସସ୍ମିତା ସାମଲ ମଧ ଉପସ୍ଥିତ ଥିଲେ।

# ବାପ ବଦଳରେ ପୁଅଙ୍କୁ ଟିକେଟ

## ମାହାଙ୍ଗା ବିଧାନସଭା ଆସନ


ପ୍ରତାପ ଜେନା


ଅଙ୍କିତ ପ୍ରତାପ ଜେନା

ନିଶ୍ଚିନ୍ତକୋଇଲି,୩।୪
(ଅଶୋକ କୁମାର ମହାପାତ୍ର)

ମାହାଙ୍ଗା ବିଧାନସଭା କ୍ଷେତ୍ର ପାଇଁ ଭାଜପା ପ୍ରାର୍ଥୀ ଘୋଷଣା ପରେ ବୁଧବାର ବିଜେଡି ତାର ପ୍ରାର୍ଥୀ ଘୋଷଣା କରିଛି। ତେବେ ମାହାଙ୍ଗାର ବିଧାୟକ ପ୍ରତାପ ଜେନାଙ୍କୁ ଟିକେଟ ନ ଦେଇ ପୁଅ ଅଙ୍କିତ ପ୍ରତାପ ଜେନାଙ୍କ ନାମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋହର ମାରିବା ପରେ ମାହାଙ୍ଗା ରାଜନୀତିରେ ନୂଆ ସମୀକରଣ ସୃଷ୍ଟି ନେଇ ଚର୍ଚ୍ଚା ହେଉଛି। ତେବେ ବାପ ବଦଳରେ ପୁଅଙ୍କୁ ଟିକେଟ ମିଳିବା ଘଟଣା ପ୍ରଚାରିତ ହେବା ପରେ ଯୁବ ଗୋଷ୍ଠୀ ଉତ୍ସାହିତ ହେଉଥିବା ବେଳେ ବରିଷ୍ଠ କର୍ମକର୍ତ୍ତା ବାଧରେ ହଁ କହିବା ନ୍ୟାୟରେ ସମର୍ଥନ ଦେଇଛନ୍ତି। ତେବେ ଭାଜପା ଶାରଦା ପ୍ରଧାନଙ୍କ ପରିବର୍ତ୍ତେ ଯୁବନେତା ସୁମନ୍ତ ଘଡେଇଙ୍କୁ ଟିକେଟ ଦେଇଥିବାରୁ ବିଜେଡି ଅଙ୍କିତଙ୍କୁ ପ୍ରାର୍ଥୀ କରିଛି ବୋଲି ରାଜନୈତିକ ସମୀକ୍ଷକଙ୍କ ମହଲରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି କୁହନ୍ତି, ମୁଖ୍ୟମନ୍ତ୍ରୀ ମାହାଙ୍ଗା ପ୍ରତି ସଦାବେଳେ ଶୁଭ ଦୃଷ୍ଟି ରହିଆସିଛି। ତାଙ୍କ ନିର୍ଦ୍ଦେଶ ସମସ୍ତେ ମାନି ନେବେ। ଅଙ୍କିତ ଓ ପ୍ରତାପଙ୍କ ମଧ୍ୟରେ ମାହାଙ୍ଗାରେ କୌଣସି ଫରକ ନାହିଁ। ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା କହିଛନ୍ତି, ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ମାହାଙ୍ଗାରେ ଯୁବ ପ୍ରତିଭାକୁ ସୁଯୋଗ ଦେଇଛନ୍ତି। ଏଠାକାର ଯୁବକମାନେ ଅଙ୍କିତଙ୍କୁ ବିଜୟ ତିଳକ ଲଗାଇବେ। ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ କହିଛନ୍ତି, ମାହାଙ୍ଗାରେ ଯୁବ ଫାଇଟ ହେବାକୁ ଯାଉଛି। ଏଥିରେ ଅଙ୍କିତ ନିଜ ବାପାଙ୍କ ଅଭିଯାନକୁ ତ୍ୱରାନ୍ୱିତ କରିବା ସହ ମାହାଙ୍ଗାକୁ ଅଧିକ ବିକଶିତ କରିବାରେ ସହାୟକ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ବିଜେଡିରେ ଭୃଗୁ, ପ୍ରକାଶ


ଶଙ୍ଖ ଭବନଠାରେ ବିଜେଡି ବରିଷ୍ଠ ନେତାଙ୍କ ଗହଣରେ ଭୃଗୁ ବକ୍ସିପାତ୍ର।

ଭୁବନେଶ୍ୱର, ୩।୪(ସୁନିତ୍ ମିଶ୍ର)

- ମିଶିବାର କେଇ ଘଣ୍ଟା ଭିତରେ ଭୃଗୁ ହେଲେ ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ
- କଟକ-ବାରବାଟୀରୁ ଟିକେଟ ପାଇପାରନ୍ତି ଚିରଞ୍ଜୀବ
- ପ୍ରକାଶଙ୍କୁ ସାଲେପୁର ନା ଅନ୍ୟ ଆସନ ତାକୁ ନେଇ ଚର୍ଚ୍ଚା

ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର ବୁଧବାର ଭାଜପାର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେବା ପରେ ବିଜେଡିରେ ଯୋଗ ଦେଇଛନ୍ତି। ସେ ଶଙ୍ଖ ଭବନ ଆସି ଆନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ସକାଳେ ଭୃଗୁ ଭାଜପାରୁ ଇସ୍ତଫା ଦେଇଥିଲେ। କିଛିଦିନ ହେବ ଦଳରେ ତାଙ୍କର ଆବଶ୍ୟକତା ନ ଥିବାଭଳି ଅନୁଭବ କରି ସେ ଆଗକୁ ବଢ଼ିବାକୁ ସ୍ଥିର କରିଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଥିଲେ। ସେ ତାଙ୍କ ଇସ୍ତଫାପତ୍ର ସକାଳେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପଠାଇବା ପରେ ଅପରାହ୍ଣରେ ବିଜେଡିରେ ଯୋଗ ଦେଇଛନ୍ତି। ଅନ୍ୟପଟେ ଭୃଗୁ ମଧ ବିଜେଡିରେ ଯୋଗଦେବାର କିଛି ସମୟ ପରେ ବିଜେଡିରୁ ବ୍ରହ୍ମପୁର ଲୋକ ସଭା ଆସନ ପାଇଁ ଏମ୍‌ପି ପ୍ରାର୍ଥୀ ହୋଇଛନ୍ତି। ୨୦୧୯ ନିର୍ବାଚନରେ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ଭାବେ ଭୃଗୁ ଲଢ଼ିଥିଲେ। ଭୃଗୁ ୩ ଲକ୍ଷ ୪୮ ହଜାର ୯୯୯ ଭୋଟ୍ ପାଇଥିବାବେଳେ ବିଜେଡିରୁ ଚନ୍ଦ୍ରଶେଖର ସାହୁଙ୍କୁ ୪ ଲକ୍ଷ ୪୩ ହଜାର ୮୪୩ ଭୋଟ୍ ମିଳିଥିଲା। ଅନ୍ୟପଟେ ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ବେହେରା ମଧ ବିଜେଡିରେ ସାମିଲ ହୋଇଛନ୍ତି। ଶଙ୍ଖ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ସେ ବିଜେଡିରେ ମିଶିଛନ୍ତି। ଗତ ୨୯ରେ ପ୍ରକାଶ ଭାଜପାରୁ ଇସ୍ତଫା ଦେଇଥିଲେ। ୨୦୧୯ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ସେ ଭାଜପାରେ ମିଶିଥିଲେ। ସେ ସେହି ବର୍ଷ ଭାଜପା ଟିକେଟରେ ସାଲେପୁର ବିଧାନସଭା ଆସନରୁ ନିର୍ବାଚନ ଲଢ଼ିଥିଲେ, କିନ୍ତୁ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କଠାରୁ ହାରି ଯାଇଥିଲେ। ୨୦୧୪ରେ ପ୍ରକାଶ ଏହି ଆସନରୁ କଂଗ୍ରେସ ଟିକେଟରେ ବିଜୟୀ ହୋଇଥିଲେ। ପ୍ରକାଶ ଚନ୍ଦ୍ର ବେହେରା କଟକ ଜିଲା ଭାଜପା ସଭାପତି ଥିଲେ। ତେବେ ପ୍ରକାଶଙ୍କୁ ଦଳ ସାଲେପୁର ବିଧାନସଭା ଆସନରୁ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଛି। ହେଲେ ଚଳିତ ନିର୍ବାଚନରେ ଦଳ ବହୁ ଆସନରେ ପ୍ରାର୍ଥୀ ଅଦଳ ବଦଳ କରୁଥିବାର ଦେଖିବାକୁ ମିଳିଛି। ନିକଟରେ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ମିଶିଥିବା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ଜଗତ୍‌ସିଂହପୁର ଆସନରୁ ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଜଗତସିଂହପୁର ଆସନରେ ଦଳ ପୁଣିଥରେ ପ୍ରଶାନ୍ତ ମୁଦୁଲିଙ୍କ ଉପରେ ଭରସା କରିଛି। ଚିରଞ୍ଜୀବଙ୍କୁ କଟକ-ବାରବାଟୀ ଆସନରୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ହେଉଛି। ସେପରି ପ୍ରକାଶ ବେହେରାଙ୍କୁ ଦଳ କେଉଁଠି ଥଇଥାନ କରିବ ତାକୁ ନେଇ ମଧ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି।

# ମଞ୍ଜୁଲତାଙ୍କୁ ପୁଣି ବିଜେଡିର ଭରସା

## ଭଦ୍ରକ ଲୋକସଭା କ୍ଷେତ୍ର

ଭଦ୍ରକ,୩।୪(ସନାତନ ରାଉତ)


ମଞ୍ଜୁଲତା ମଣ୍ଡଳ

ଭଦ୍ରକ ସଂରକ୍ଷିତ ଲୋକ ସଭା ଆସନ ପାଇଁ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କୁ ବିଜେଡି ପୁଣିଥରେ ପ୍ରାର୍ଥୀ ଘୋଷଣା କରିଛି। ଗତ ନିର୍ବାଚନରେ ପ୍ରଥମ ମହିଳା ଭାବେ ମଞ୍ଜୁଲତାଙ୍କୁ ପ୍ରାର୍ଥୀ କରି ବିଜେଡି ଆସନ ଦଖଲ କରିଥିବା ବେଳେ ଚଳିତ ନିର୍ବାଚନରେ ପୁଣିଥରେ ତାଙ୍କ ଉପରେ ଭରସା କରିଛି। ପ୍ରାର୍ଥୀ ଘୋଷଣା ପରେ ଭଦ୍ରକ ଲୋକସଭାରେ ବିଜେଡି ନୂଆ ମୁହଁ ଦେବ ବୋଲି ଯେଉଁ ଚର୍ଚ୍ଚା ହେଉଥିଲା ତାହାର ଅନ୍ତଃ ଘଟିଛି।

ପ୍ରାର୍ଥୀ ଘୋଷଣା ପରେ ମଞ୍ଜୁଲତାଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଭାଜପା ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ସେଠୀଙ୍କ ପୁଅ ଅଭିମନ୍ୟୁଙ୍କ ନାମ ଘୋଷଣା କରାଯାଇଥିବା ବେଳେ କଂଗ୍ରେସ ନାମ ଘୋଷଣା କରିନାହିଁ। ଗତ ନିର୍ବାଚନରେ ମାତ୍ର ୨୮ ହଜାର ୮୦୩ ଭୋଟରେ ଅଭିମନ୍ୟୁ ପରାଜିତ ହୋଇଥିବା ବେଳେ ଏଥର ଭଦ୍ରକ ଲୋକ ସଭା ଆସନ ପାଇଁ ଭାଜପା ଫୋକସ୍‌ରେ ରହିଛି। ଭଦ୍ରକ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ସହିତ ବାଲେଶ୍ୱର ଜିଲାର ସୋର ଓ ସିମୁଳିଆ ନିର୍ବାଚନ କ୍ଷେତ୍ରକୁ ମିଶାଇ ଭଦ୍ରକ ଲୋକ ସଭା ଆସନ। ଗତ ନିର୍ବାଚନରେ ତୃତୀୟ ସ୍ଥାନରେ କଂଗ୍ରେସର ମଧୁମିତା ସେଠୀ ରହିଥିଲେ। ଏଥର ନିର୍ବାଚନରେ ଅଭିମନ୍ୟୁ ଓ ମଞ୍ଜୁଲତାଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ପ୍ରଦୀପ-ଭୃଗୁ ଲଢ଼େଇ ଚର୍ଚ୍ଚା

## ବ୍ରହ୍ମପୁର ଲୋକ ସଭା କ୍ଷେତ୍ର

ବ୍ରହ୍ମପୁର,୩।୪(ନରସିଂହ ସାହୁ)

ବୁଧବାର ପୂର୍ବାହ୍ନରେ ଭାଜପାରୁ ଇସ୍ତଫା, ମଧ୍ୟାହ୍ନରେ ବିଜେଡିରେ ମିଶିବା ପରେ ସନ୍ଧ୍ୟାରେ ଟିକେଟ ପାଇଛନ୍ତି ଭୃଗୁ ବକ୍ସିପାତ୍ର। ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରୁ ଦଳ ତାଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଫଳରେ ଭୃଗୁଙ୍କ ସହ ଭାଜପାର ପ୍ରଦୀପ ପାଣିଗ୍ରାହୀ ଓ କଂଗ୍ରେସର ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ମଧ୍ୟରେ ମୁଖ୍ୟତଃ ତ୍ରିମୁଖୀ ଲଢ଼େଇ ହେବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ବର୍ତ୍ତମାନର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ଝଟକା ଲାଗିଛି। ଭୋଟ ବେଳେ ତାଙ୍କ ଭୂମିକା କ'ଣ ହେବ ସେ ନେଇ ରାଜନୀତି ସମୀକ୍ଷକ ମହଲରେ ନାନା କଳ୍ପନାଜଳ୍ପନା ଆରମ୍ଭ ହୋଇଛି। କଂଗ୍ରେସ ପ୍ରାର୍ଥୀ ରଶ୍ମି ରଞ୍ଜନ ପ୍ରଥମ କରି ମଇଦାନକୁ ଆସିଥିବା ବେଳେ ପ୍ରଦୀପ ମଧ ଲୋକ ସଭା ନିର୍ବାଚନ ଲଢ଼ିବା ପ୍ରଥମ। ଭୃଗୁ ଦ୍ୱିତୀୟଥର ଲାଗି ଏହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ।

ପ୍ରଦୀପ ଏହି ଲୋକସଭା କ୍ଷେତ୍ର ଅନ୍ତର୍ଗତ ଗୋପାଳପୁର ସେଗ୍‌ମେଣ୍ଟରୁ ୨୦୦୯ରୁ ୨୦୧୯ ମଧ୍ୟରେ ଲଗାତର ୩ ଥର ଜିତି ହ୍ୟାଟ୍ରିକ ବିଧାୟକ ହୋଇଥିଲେ। ବିଭିନ୍ନ କାରଣରୁ ତାଙ୍କୁ ବିଜେଡିରୁ ବହିଷ୍କୃତ କରାଯାଇଥିଲା। ମାସକ ତଳେ ସେ ଭାଜପାରେ ମିଶିଥିଲେ। ଚଳିତ ସାଧାରଣ ନିର୍ବାଚନରେ ଦଳ ତାଙ୍କୁ ଲୋକ ସଭା ପ୍ରାର୍ଥୀ କରିଛି। ସେହିପରି ଭୃଗୁ ୨୦୧୯ ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇ ବିଜେଡିର ଚନ୍ଦ୍ରଶେଖରଙ୍କୁ କଡ଼ା ଟକ୍କର ଦେଇଥିଲେ। ପାଖାପାଖି ଲକ୍ଷେ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ତାଙ୍କୁ ଏଥର ଭାଜପା ଟିକେଟ ନ ଦେବାରୁ ସେ ବିଜେଡିରେ ମିଶିଲେ। ସେହିପରି ଭୋଟ ଲଢ଼େଇରେ ପ୍ରଥମ କରି ମଇଦାନକୁ ଆସୁଥିବା କଂଗ୍ରେସ ପ୍ରାର୍ଥୀ ରଶ୍ମି ରଞ୍ଜନ ଏବେ ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଅଛନ୍ତି। ଦୀର୍ଘ ମାସରୁ ସେ ଲୋକ ସଭା ପ୍ରାର୍ଥୀ ହେବା ଆଶା ରଖିଥିଲେ। ବ୍ରହ୍ମପୁର ଲୋକ ସଭା ଅନ୍ତର୍ଗତ ବିଭିନ୍ନ ସେଗମେଣ୍ଟରେ ଭିତ୍ତିଭୂମି ଆରମ୍ଭ କରିଥିଲେ। ଚଳିତ ନିର୍ବାଚନରେ ସେ ଦୁଇ ପୋଖତ ନେତାଙ୍କୁ ଟକ୍କର ଦେବେ। ଏଥିପାଇଁ ସେ ଦଳବଳ ସହ ପ୍ରସ୍ତୁତି ଚଳାଇଛନ୍ତି। ନାମାଙ୍କନ ପୂର୍ବରୁ ଆହୁରି କେତେକ ମଇଦାନକୁ ଓହ୍ଲାଇ ପାରନ୍ତି।

# 'ହାରିବା ପ୍ରାର୍ଥୀ ନୁହଁ, ନୂଆ ମୁହଁ ଦିଅ'

ମଙ୍ଗୁଳି-ଜଗତପୁର, ୩।୪
(ମାନସ ସାମଲ)

କ୍ରମାଗତ ୫ଥର ବିଧାନସଭା ନିର୍ବାଚନରେ ହାରିଥିବା ନୟନ କିଶୋର ମହାନ୍ତିଙ୍କୁ ଚଳିତବର୍ଷ ଷଷ୍ଠ ଥର ପାଇଁ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କରାଯାଇଛି। ଏଭଳି ନିଷ୍ପତ୍ତିକୁ ସ୍ଥଗିତ ରଖି ଏହାର ପୁନଃ ବିଚାର କରାଯିବା ପାଇଁ ଜଗତ୍‌ପୁରସ୍ଥିତ କୃଷ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚୌଦ୍ୱାର-କଟକ ଭାଜପା ପକ୍ଷରୁ ଏକ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇନ୍ଦ୍ରାଣୀପାଟଣା ମଣ୍ଡଳ ଭାଜପା ସଭାପତି ଜୟନ୍ତ ସ୍ୱାଇଁ ଯୋଗଦେଇ କହିଛନ୍ତି, ୫ଥର ହାରିଥିବା ପ୍ରାର୍ଥୀ ନୁହେଁ ବରଂ ନୂଆ ମୁହଁ ଦରକାର ବୋଲି ଦାବି କରୁଛୁ। ନ ହେଲେ ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବୁ। ଏହି କର୍ମୀ ସମ୍ମିଳନୀରେ ବରିଷ୍ଠ ଭାଜପା ନେତା ପ୍ରମୋଦ କୁମାର ସାହୁ, ସୁରେଶ ମହାନ୍ତି, ଦୀପକ ସାମନ୍ତରାୟ, ପୂର୍ବତନ କର୍ପୋରେଟର ନୀରୋଧ ଚନ୍ଦ୍ର ପଣ୍ଡା, ବର୍ଷାରାଣୀ ପଲେଇ, ଝୁନୁରାଣୀ ଦାସ, ଅଭୟ ସିଂ, ପବିତ୍ର ମୋହନ ଷଡଙ୍ଗୀଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ଏ ନେଇ ନୟନ କିଶୋରମହାନ୍ତିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ସ୍ୱାଧୀନ ଭାବେ ଲଢ଼ିବେ ବିରଞ୍ଚି

### ଏକାମ୍ର ବିଜେଡି ଭୋଟ ଭାଗ ହେବା ଆଶଙ୍କା

ଭୁବନେଶ୍ୱର, ୩।୪ (ବନ୍ଦନା ସେଠୀ)

ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ବିଜେଡି ଭୁବନେଶ୍ୱରର ୩ ଆସନରୁ ୨ଟି ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ସବୁ ଆଶା ଆଶଙ୍କାକୁ ପଛରେ ପକାଇ ଦଳ ପୁଣି ଥରେ ଅଶୋକ ପଣ୍ଡାଙ୍କ ଉପରେ ଭରସା କରିବା ସହ ଏକାମ୍ର ନିର୍ବାଚନମଣ୍ଡଳୀରୁ ଟିକେଟ ଦେଇଛି। ଫଳରେ ଦଳରୁ ଟିକେଟ ପାଇବାକୁ ଚାହିଁ ରହିଥିବା ବିଜୁ ଜନତା ଦଳ ଭୁବନେଶ୍ୱରର କାର୍ଯ୍ୟକାରୀ ସଭାପତି ବିରଞ୍ଚି ମହାସୁପକାର (ଲିଟୁ)ଙ୍କର ସବୁ ଆଶା ମଉଳି ଯାଇଛି। ତେବେ ଦଳୀୟ ଟିକେଟ୍ ନ ମିଳିଲେ ମଧ ବିରଞ୍ଚି ସ୍ୱାଧୀନ ଭାବେ ବିଧାନସଭା ଆସନ ପାଇଁ ଲଢେଇ କରିବା ନେଇ ନିଶ୍ଚିତ କରିଛନ୍ତି। ଲୋକଙ୍କ ଆସ୍ଥା ଭାଜନ ହେବା ସହ ଅଶୋକଙ୍କୁ କଡ଼ା ଟକ୍କର ଦେବାକୁ ସଜବାଜ ହେଉଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଅଧୁରା ରହିଥିବା କାମକୁ ପୂରା କରିବା ପ୍ରସଙ୍ଗ ନେଇ ନିର୍ବାଚନୀ ବୈତରଣୀ ପାର୍ ହେବାକୁ ଜୋର୍‌ଦାର ଚେଷ୍ଟା ଚଳାଇଛନ୍ତି। ପୂର୍ବଦିନଗୁଡିକ ଭଳି ବୁଧବାର ମଧ ବିରଞ୍ଚି ନିଜ ସମର୍ଥକଙ୍କ ମେଳରେ ବରମୁଣ୍ଡା ହାଉସିଂ କଲୋନୀର ରୁଚିକା ମାର୍କେଟଠାରୁ ଘରକୁ ଘର ବୁଲି ପ୍ରଚାର କରିଥିଲେ। ତେବେ ଟିକେଟ ନ ମିଳିବାକୁ ନେଇ ସେ କହିଛନ୍ତି, ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ। ଦଳରେ ରହିଛି, ରହିବି। ଦଳବିରୋଧୀ କୌଣସି କାର୍ଯ୍ୟ କରିବି ନାହିଁ। କ୍ଷୋଭ ପ୍ରକାଶ କରୁନି, ଦୁଃଖ ପ୍ରକାଶ କରୁଛି ଯେ, ଦଳ ଯୁବ ନେତୃତ୍ୱଙ୍କୁ ଯେଉଁ ପ୍ରାଧାନ୍ୟ ଦେବାକଥା, ସେଥିରୁ ମୋତେ ବିରତ କରାଯାଇଛି। ଦଳରେ ରହି ସ୍ୱାଧୀନରେ ଲଢ଼ିବି ବୋଲି ବିରଞ୍ଚି କହିଛନ୍ତି।

ତେବେ ବିରଞ୍ଚି ସ୍ୱାଧୀନ ଭାବେ ଲଢ଼ିଲେ ଅଶୋକ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। କାରଣ ବିଜେଡି ଭୋଟ ଭାଗ ଭାଗ ହେବ। ବିରଞ୍ଚି ଏବେ ଭୁବନେଶ୍ୱର ବିଜେଡିର କାର୍ଯ୍ୟକାରୀ ସଭାପତି ରହିଥିବାବେଳେ ତାଙ୍କର ସାଂଗଠନିକ ପୃଷ୍ଠଭୂମି ଓ ଲୋକ ସମ୍ପର୍କ ଅଶୋକଙ୍କ ପାଇଁ କାଳ ହୋଇପାରେ ବୋଲି କୁହାଯାଉଛି। ସ୍ଥାନୀୟ ଅଞ୍ଚଳର ଏକ ବଡ଼ ଗୋଷ୍ଠୀ ତାଙ୍କ ସପକ୍ଷରେ ରହିଥିବା ଜଣାପଡିଛି। ଯେଉଁଥିପାଇଁ ସେ ବିଧାୟକ ଟିକେଟ ପାଇଁ ଦାବି କରିଆସୁଥିଲେ। ବଡ଼ ରାଲି କରି ଶକ୍ତି ପ୍ରଦର୍ଶନ କରିଥିଲେ। ଏପରିସ୍ଥିତିରେ ବିଜେଡି ବିରଞ୍ଚିଙ୍କୁ ସ୍ୱାଧୀନ ଭାବେ ନ ଲଢ଼ିବାକୁ ବୁଝାଇବ ନା ଅଶୋକଙ୍କ ବିଜୟ ପାଇଁ କିଛି ବିକଳ୍ପ ରଣକୌଶଳ ଆପଣାଇବ ତାହାକୁ ନେଇ ଭିନ୍ନ ଆଲୋଚନା ଆରମ୍ଭ ହୋଇଛି।


ଭୁବନେଶ୍ୱର ବରମୁଣ୍ଡା ହାଉସିଂ କଲୋନୀ ଅଞ୍ଚଳରେ ବିରଞ୍ଚି ମହାସୁପକାର ଘର ଘର ବୁଲି ପ୍ରଚାର କରୁଛନ୍ତି।

## ସଂକ୍ଷେପରେ

### ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କ ସମ୍ମୁଖରେ ନିଜ ଗଳା କାଟିଲେ

**ବେଙ୍ଗାଲୁରୁ, ୩।୪:** କର୍ନାଟକ ହାଇକୋର୍ଟ ପରିସରରେ ଜଣେ ବ୍ୟକ୍ତି ବୁଧବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କୋର୍ଟ ହଲ୍ ମଧ୍ୟରେ ମୁଖ୍ୟ ବିଚାରପତି ନିଲୟ ବିପିନ ଚନ୍ଦ୍ର ଅଞ୍ଜାରିଆଙ୍କ ସମ୍ମୁଖରେ ସେ ଛୁରୀରେ ନିଜ ଗଳା କାଟିଥିବା ପୋଲିସ ସୂଚନା ଦେଇଛି। ମହୀଶୂର ଶ୍ରୀନିବାସ କୋର୍ଟ ହଲର ପ୍ରବେଶ ଦ୍ୱାରରେ ଥିବା ସୁରକ୍ଷାକର୍ମୀଙ୍କୁ ଏକ ଫାଇଲ ଦେଇଥିଲେ। ସେଠାରେ କେହି କିଛି ଭାବିବା ପୂର୍ବରୁ ସେ ନିଜ ଗଳା କାଟିଥିଲେ। ସୁରକ୍ଷା କର୍ମୀ ମାନେ ତାଙ୍କୁ ଆହତ ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଛନ୍ତି। ହାଇକୋର୍ଟ ପରିସର ମଧ୍ୟରେ ସୁରକ୍ଷାରେ ତ୍ରୁଟି ନେଇ ମୁଖ୍ୟ ବିଚାରପତି ଅଞ୍ଜାରିଆ ଚିନ୍ତା ପ୍ରକଟ କରିବା ସହ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ସୁଶୀଲ ମୋଦିଙ୍କୁ କ୍ୟାନ୍ସର

**ପାଟନା, ୩।୪:** ବିହାରର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ସୁଶୀଲ କୁମାର ମୋଦି ଗତ ୬ ମାସ ଧରି କ୍ୟାନ୍ସରରେ ପୀଡ଼ିତ ଅଛନ୍ତି। ବୁଧବାର ସେ ନିଜ ଏକ୍ସ' ଆକାଉଣ୍ଟରେ ଏନେଇ ସୂଚନା ଦେଇଛନ୍ତି। ଏନେଇ



ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଅବଗତ କରିଥିବା ସୂଚନା ଦେଇଛନ୍ତି। ସେହିପରି ଚଳିତ ଲୋକ ସଭା ନିର୍ବାଚନରେ ସକ୍ରିୟ ରହିପାରିବେ ନାହିଁ ବୋଲି ସେ ନିଜର ସମର୍ଥକ ଓ ଦଳୀୟ କର୍ମୀମାନଙ୍କୁ ଜଣାଇଛନ୍ତି। ୭୨ ବର୍ଷୀୟ ସୁଶୀଲ ୨୦୦୫ରୁ ୨୦୧୩ ଏବଂ ୨୦୧୭ରୁ ୨୦୨୦ ମଧ୍ୟରେ ବିହାରର ଉପ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ୧୯୮୦ରେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ସୁଶୀଲ ପୂର୍ବରୁ ଲୋକ ସଭା, ରାଜ୍ୟ ସଭା, ବିହାର ବିଧାନସଭା, ବିଧାନପରିଷଦର ସଦସ୍ୟ ରହିଛନ୍ତି।

### ରାଜୀବ ଗାନ୍ଧୀଙ୍କ ୩ ହତ୍ୟାକାରୀ ଶ୍ରୀଲଙ୍କା ଫେରିଲେ

**ଚେନ୍ନାଇ, ୩।୪:** ରାଜୀବ ଗାନ୍ଧୀ ହତ୍ୟା ମାମଲାର ୩ ଦୋଷୀ ବୁଧବାର ଶ୍ରୀଲଙ୍କା ଫେରିଯାଇଛନ୍ତି। ମୁରୁଗାନ ଓରଫ ଶ୍ରୀହରଣ, ଜୟକୁମାର ଏବଂ ରୋବର୍ଟ୍ ପାୟସ ବୁଧବାର କଲମ୍ବୋ ଫେରିଛନ୍ତି। ରାଜୀବ ଗାନ୍ଧୀଙ୍କ ହତ୍ୟା ମାମଲରେ ଏହି ୩ ଜଣ ଦୋଷୀ ୩୦ ବର୍ଷ ଧରି ଜେଲଦଣ୍ଡ ଭୋଗିଥିଲେ। ୨୦୨୨ ନଭେମ୍ବରରେ ରାଜୀବ ଗାନ୍ଧି ହତ୍ୟା ମାମଲାରେ ସୁପ୍ରିମ କୋର୍ଟ ଏହି ୩ ଶ୍ରୀଲଙ୍କା ନାଗରିକଙ୍କ ସମେତ ୭ ଦୋଷୀଙ୍କୁ ଦଣ୍ଡମୁକ୍ତ କରିଥିଲେ। ଏହି ୩ ଦୋଷୀଙ୍କ ଭ୍ରମଣ ଦସ୍ତାବେଜକୁ ଶ୍ରୀଲଙ୍କା ସରକାର ଅନୁମୋଦନ ଦେଇଥିବା ନେଇ ଗତମାସରେ ତାମିଲନାଡୁ ସରକାର ମାଡ୍ରାସ ହାଇକୋର୍ଟଙ୍କୁ ଜଣାଇଥିଲେ। ବିଦେଶୀ ଆଞ୍ଚଳିକ ପଞ୍ଜିକରଣ କାର୍ଯ୍ୟାଳୟରୁ ପ୍ରତ୍ୟାବର୍ତ୍ତନ ଆଦେଶ ଜାରି ହେବା ପରେ ଏହି ୩ ଦୋଷୀ ଶ୍ରୀଲଙ୍କା ପ୍ରତ୍ୟାବର୍ତ୍ତନ କରିଛନ୍ତି।



ତାଇୱାନର ନ୍ୟୁ ତାଇପେଇ ସହରରେ ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ଧସିଯାଇଥିବା ଏକ ରାସ୍ତାରେ କାର୍ ଫସିରହିଛି।



ଭୂକମ୍ପ ପରେ ତାଇୱାନ୍ ଉପରାଷ୍ଟ୍ରପତି ଲାଇଚିଙ୍ଗ ତେ ଏବଂ ଅନ୍ୟ ଅଧିକାରୀ ମାନେ ହୁଏଲିଏନ୍ ସହରର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖୁଛନ୍ତି।

## ଥରିଲା ତାଇୱାନ
# ଶକ୍ତିଶାଳୀ ଭୂକମ୍ପରେ ୯ ମୃତ

**ତାଇପେଇ, ୩।୪**

ଭୂକମ୍ପରେ ଥରିଲା ତାଇୱାନ୍। ତାଇୱାନରେ ବୁଧବାର ରିକ୍ଟର ସ୍କେଲରେ ୭.୪ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ ଘଟି ୯ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୯୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୨୫ ବର୍ଷ ମଧ୍ୟରେ ତାଇୱାନରେ ଏହା ସବୁଠାରୁ ଶକ୍ତିଶାଳୀ ଭୂକମ୍ପ। ହୁଲିଏନ ସହର ଠାରୁ ଦକ୍ଷିଣ-ଦକ୍ଷିଣ ପଶ୍ଚିମ ଦିଗରେ ୧୮ କିଲୋମିଟର ଦୂରରେ ଏହି ଭୂକମ୍ପର କେନ୍ଦ୍ର ସ୍ଥଳ ରହିଥିଲା। ଭୂକମ୍ପର ପ୍ରଭାବରେ ତାଇୱାନ୍‌ର ବିଭିନ୍ନ ସ୍ଥାନରେ ବଡ଼ ବଡ଼ କୋଠା ଭୁଶୁଡ଼ି ପଡ଼ିଥିବା ବେଳେ ଏବେ ମଧ୍ୟ ବହୁ ବ୍ୟକ୍ତି ଫସି ରହିଥିବା ଅନୁମାନ କରାଯାଉଛି। ଭୂକମ୍ପ ପ୍ରଭାବରେ ତାଇୱାନ୍‌ର ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବାବେଳେ ୯୧ ହଜାରରୁ ଅଧିକ ଘର ସମ୍ପୂର୍ଣ୍ଣ ଭାବେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଜାପାନ ପାଣିପାଗ ଏଜେନ୍ସି ପକ୍ଷରୁ ଓକିନାୱାର ଉପକୂଳ ଅଞ୍ଚଳ ପାଇଁ ସୁନାମିର ଚେତାବନୀ ଜାରି କରାଯାଇଛି। ୩ ମିଟର ଉଚ୍ଚତା ପର୍ଯ୍ୟନ୍ତ ସମୁଦ୍ର ଜୁଆର ମାଡ଼ି ଆସିବା ନେଇ ଜାପାନର ଦକ୍ଷିଣ-ପଶ୍ଚିମ ଉପକୂଳକୁ ଚେତାବନୀ ଜାରି ହୋଇଛି। ତାଇୱାନର ଭୂକମ୍ପ ନିରୀକ୍ଷଣ ଏଜେନ୍ସି ଏହି ଭୂକମ୍ପର ତୀବ୍ରତା ୭.୨ ଦର୍ଶାଇଥିବାବେଳେ ଆମେରିକାର ଜିଓଲୋଜିକାଲ ସର୍ଭେ (ୟୁଏସଜିଏସ) ଏହାର ତୀବ୍ରତା ୭.୪ ହୋଇଥିବା କହିଛି। ସୂଚନାଯୋଗ୍ୟ, ୧୯୯୯ରେ ତାଇୱାନ୍‌ରେ ହୋଇଥିବା ୭.୨ ତୀବ୍ରତାର ଭୂକମ୍ପରେ ୨୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା।

### ଭାରତ ପକ୍ଷରୁ ଆଡ଼ଭାଇଜରି, ହେଲ୍ପଲାଇନ ନମ୍ବର ଜାରି

ତାଇୱାନ୍‌ରେ ରହୁଥିବା ଭାରତୀୟ ନାଗରିକଙ୍କ ପାଇଁ ଆଡ଼ଭାଇଜରୀ, ହେଲ୍ପଲାଇନ ନମ୍ବର ଓ ଏର ଇମେଲ ଜାରି କରାଯାଇଛି। ଏହି ହେଲ୍ପଲାଇନ ନମ୍ବର ଓ ଇମେଲ ମାଧ୍ୟମରେ ଭାରତୀୟ ମାନେ କୌଣସି ପ୍ରକାରର ସହାୟତା କିମ୍ବା ମାର୍ଗଦର୍ଶନ ପାଇପାରିବେ। ଏନେଇ ଭାରତ-ତାଇପେଇ ଆସୋସିଏସନ ପକ୍ଷରୁ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ସୂଚନା ଦିଆଯାଇଛି। ସେହିପରି ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ପାଳନ କରିବାକୁ ଭାରତୀୟ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି।

# ମୋଦିଙ୍କ ଗ୍ୟାରେଣ୍ଟି କାମ କରୁନି: ଖାର୍ଗେ

**ନୂଆଦିଲ୍ଲୀ,୩।୪**

ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବୁଧବାର ଦଳର 'ଘର ଘର ଗ୍ୟାରେଣ୍ଟି' ଅଭିଯାନ ଆରମ୍ଭ କରିଛନ୍ତି। ଏହି କ୍ୟାମ୍ପେନ୍ ଜରିଆରେ ଆଗାମୀ କିଛି ସପ୍ତାହ ମଧ୍ୟରେ ଦଳ ୮ କୋଟି ପରିବାରକୁ ଭେଟିବ। କଂଗ୍ରେସ କ୍ଷମତାକୁ ଆସିଲେ ଲୋକଙ୍କ ପାଇଁ କ'ଣ ସବୁ କରିବ, ତାହା ସେମାନଙ୍କୁ ଜଣାଇବା ହେଉଛି ଏହି ଅଭିଯାନର ଉଦ୍ଦେଶ୍ୟ। ନର୍ଥ-ଇଷ୍ଟ ଦିଲ୍ଲୀ ସଂସଦୀୟ ଆସନରେ ଖାର୍ଗେ କ୍ୟାମ୍ପେନ୍‌ର ଶୁଭାରମ୍ଭ କରି କଂଗ୍ରେସ ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରିଛନ୍ତି। ଏଥିରେ ୨୫ଟି ଗ୍ୟାରେଣ୍ଟି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସେଗୁଡ଼ିକ ଯୁବ ନ୍ୟାୟ, ନାରୀ ନ୍ୟାୟ, କିଷାନ ନ୍ୟାୟ, ଶ୍ରମିକ ନ୍ୟାୟ, ହିସ୍‌ସେଦାରି ନ୍ୟାୟ ଆଦି ୫ଟି ବର୍ଗରେ ବିଭକ୍ତ। ଏହି ଗ୍ୟାରେଣ୍ଟିଗୁଡ଼ିକ ମଧ୍ୟରେ ରହିଛି, ପ୍ରତ୍ୟେକ ଶିକ୍ଷିତ ଯୁବତୀଯୁବକଙ୍କୁ ବାର୍ଷିକ ୧ ଲକ୍ଷ

### କଂଗ୍ରେସର 'ଘର ଘର ଗ୍ୟାରେଣ୍ଟି' କ୍ୟାମ୍ପେନ୍

ଟଙ୍କା ଷ୍ଟାଇପେଣ୍ଡ, ଗରିବ ପରିବାରର ମହିଳା ମୁଖ୍ୟଙ୍କୁ ପ୍ରତିବର୍ଷ ଲକ୍ଷେ ଟଙ୍କା ସହାୟତା, କୃଷିଋଣ ଛାଡ଼, ସ୍ୱାମୀନାଥନ୍ ସୂତ୍ର ଅନୁସାରେ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏ ସମେତ ଅନ୍ୟ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ୪୦୦ ଟଙ୍କା ମଜୁରି ଏବଂ ଜାତିଗତ ଜନଗଣନା କରାଇବା। ଏହି କାର୍ଡକୁ ୧୪ଟି ଭାଷାରେ ଛପାଯାଇଛି। ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିକଟରେ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ବେଳେ ଏହି ଯୋଜନାଗୁଡ଼ିକ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁବେଳେ 'ମୋଦି କୀ ଗ୍ୟାରେଣ୍ଟି' ସମ୍ପର୍କରେ କହୁଛନ୍ତି। କିନ୍ତୁ ତାଙ୍କ ଗ୍ୟାରେଣ୍ଟି କେବେହେଲେ ଲୋକଙ୍କ ନିକଟରେ ପହଞ୍ଚୁ ନାହିଁ ବୋଲି ଖାର୍ଗେ କହିଛନ୍ତି।



କଂଗ୍ରେସ ପକ୍ଷରୁ ବୁଧବାର ନୂଆଦିଲ୍ଲୀରେ 'ଘର ଘର ଗ୍ୟାରେଣ୍ଟି' କ୍ୟାମ୍ପେନ୍‌ର ଶୁଭାରମ୍ଭ କରୁଛନ୍ତି ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ।

# ଭାଜପାରେ ବକ୍ସର ବିଜେନ୍ଦର ସିଂ

**ନୂଆଦିଲ୍ଲୀ, ୩।୪**

ଅଲିମ୍ପିକ୍ସ ମେଡାଲ ବିଜେତା ବକ୍ସର ବିଜେନ୍ଦର ସିଂ ବୁଧବାର କଂଗ୍ରେସରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଷ୍ଟ୍ରୀୟ ମହାସଚିବ ବିନୋଦ ତାୱ୍‌ଡ଼େଙ୍କ ଉପସ୍ଥିତିରେ ଦିଲ୍ଲୀ ସ୍ଥିତ ଭାଜପା ରାଷ୍ଟ୍ରୀୟ କାର୍ଯ୍ୟାଳୟରେ ସେ ପଦ୍ମ ଧରିଛନ୍ତି। ଦେଶର ବିକାଶରେ ସାମିଲ ହୋଇ ଲୋକଙ୍କ ସେବା କରିବାକୁ ସେ ଭାଜପାରେ ସାମିଲ ହୋଇଛନ୍ତି ବୋଲି ଏହି ଅବସରରେ ବିଜେନ୍ଦର କହିଛନ୍ତି।



ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ କୁସ୍ତିଯୋଦ୍ଧା ବିଜେନ୍ଦର ସିଂଙ୍କୁ ସ୍ୱାଗତ କରୁଛନ୍ତି ଦଳୀୟ ନେତା।

୨୦୧୯ ଲୋକ ସଭା ନିର୍ବାଚନରେ ସେ ଦକ୍ଷିଣ ଦିଲ୍ଲୀ ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ସୂଚନାଯୋଗ୍ୟ, ବକ୍ସର ବିଜେନ୍ଦର ୨୦୦୮ ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ ମେଡାଲ ଜିତି ଦେଶ ପାଇଁ ଗୌରବ ଆଣିଥିଲେ।

### କଶ୍ମୀରର ସବୁ ଆସନରେ ଲଢ଼ିବ ପିଡିପି

**ଶ୍ରୀନଗର, ୩।୪:** ଲୋକ ସଭା ନିର୍ବାଚନରେ କଶ୍ମୀରର ସମସ୍ତ ୩ଟି ଆସନରେ ଉଭୟ ପିପୁଲ୍ ଡେମୋକ୍ରାଟିକ ପାର୍ଟି (ପିଡିପି) ଓ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଲଗା ନିର୍ବାଚନ ଲଢ଼ିବେ। ବୁଧବାର ଏନେଇ ପିଡିପି ମୁଖ୍ୟ ମେହବୁବା ମୁଫ୍‌ତି ସ୍ପଷ୍ଟ କରିଛନ୍ତି। ଏଥିପାଇଁ ସେ ଏନ୍‌ସି ନେତା ଓମାର ଅବଦୁଲ୍ଲାଙ୍କୁ ଦାୟୀ କରିଛନ୍ତି। କାଶ୍ମୀରରେ ଆସନ ବୁଝାମଣା ଆଲୋଚନା ନେଇ ଏନ୍‌ସି ପକ୍ଷରୁ ସହଯୋଗ ନ ମିଳିବାରୁ ଏପରି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିବା ମେହବୁବା କହିଛନ୍ତି।

# ସଞ୍ଜୟ ସିଂଙ୍କୁ ପାସ୍‌ପୋର୍ଟ ଜମା ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩।୪**

ଆପ୍ ସାଂସଦ ସଞ୍ଜୟ ସିଂ ଦିଲ୍ଲୀ ଏକ୍ସାଇଜ୍ ପଲିସି ମାମଲାରେ ଗିରଫ ହୋଇ ୬ ମାସ ଜେଲରେ ରହିବା ପରେ ସୁପ୍ରିମକୋର୍ଟଙ୍କ ଅନୁମତିକ୍ରମେ ଜାମିନରେ ମୁକୁଳିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କଠାରୁ ଆଶ୍ୱସ୍ତି ଲାଭ ପରେ ମାମଲାର ଶୁଣାଣି କରୁଥିବା ରାଉଜ ଆଭେନ୍ୟୁ କୋର୍ଟ ତାଙ୍କୁ ନିଜ ପାସ୍‌ପୋର୍ଟ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ସଞ୍ଜୟ ଜାତୀୟ ରାଜଧାନୀ ଅଞ୍ଚଳ ଛାଡ଼ି ବାହାରକୁ ଯିବା ପୂର୍ବରୁ କୋର୍ଟଙ୍କୁ ଅବଗତ କରାଇବେ। ଏଥିସହ ନିଜ ଫୋନ୍ ଲୋକେଶନ ଅନ୍ ରଖିବେ। ସେ କୌଣସି ସାକ୍ଷୀଙ୍କୁ ପ୍ରଭାବିତ କରିପାରିବେ ନାହିଁ ବୋଲି ସ୍ୱତନ୍ତ୍ର ବିଚାରପତି କାବେରି ବାୱେଜା ସଞ୍ଜୟଙ୍କୁ ଜାମିନ ପ୍ରଦାନ ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ସଞ୍ଜୟ ୨ ଲକ୍ଷ ଟଙ୍କାର ବେଲ୍ ବଣ୍ଡରେ ବୁଧବାର ବାହାରିଛନ୍ତି।

### ସାକ୍ଷୀଙ୍କୁ ପ୍ରଭାବିତ କରିବା ମନା: କୋର୍ଟ



# ୭ରେ ଅନଶନ କରିବେ ଆପ୍ ନେତା

**ନୂଆଦିଲ୍ଲୀ,୩।୪**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରି ପ୍ରତିବାଦରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତାମାନେ ଏପ୍ରିଲ ୭ରେ ଯନ୍ତରମନ୍ତରରେ ଅନଶନ କରିବେ। ଦିଲ୍ଲୀ ଆପ୍ ଆବାହକ ଗୋପାଳ ରାଏ ବୁଧବାର ଏହି ସୂଚନା ଦେଇଛନ୍ତି।

ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଦିଲ୍ଲୀ ସରକାରରେ କ୍ୟାବିନେଟ ମନ୍ତ୍ରୀ ଥିବା ଗୋପାଳ ରାଏ କହିଛନ୍ତି, ଆପ୍‌କୁ ଶେଷ କରିଦେବା ପାଇଁ ଦଳର ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲଙ୍କୁ ଗିରଫ କରାଯାଇଛି। ଏହାର ପ୍ରତିବାଦରେ ଦେଶବ୍ୟାପୀ ଅନଶନ ବିରୋଧ କରୁଥିବା ପ୍ରତ୍ୟେକ ବ୍ୟକ୍ତି କରିବାକୁ ଆହ୍ୱାନ ଦେଉଛୁ। ଗିରଫଦାରିକୁ ନିଜ ଘରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ଧାରଣା ଦେଇ ଅନଶନ କରିପାରିବେ। ଆପ୍‌ର ସମସ୍ତ ଏମ୍‌ପି, ବିଧାୟକ, କାଉନ୍‌ସିଲର ଓ ପଦାଧିକାରୀ ଯନ୍ତରମନ୍ତରରେ ଅନଶନ କରିବେ। ଏହି ଖୋଲା କାର୍ଯ୍ୟକ୍ରମରେ ଛାତ୍ର ସଙ୍ଗଠନ, କୃଷକ ସଙ୍ଗଠନ ଓ ବ୍ୟବସାୟୀମାନେ ସାମିଲ ହୋଇପାରିବେ। ପ୍ରକାଶ ଯେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅବକାରୀ ନୀତି ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ କେଜ୍‌ରିୱାଲଙ୍କୁ ଗିରଫ କରିଥିବାବେଳେ ସ୍ଥାନୀୟ ରାଉଜ୍ ଆଭେନ୍ୟୁ କୋର୍ଟ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ତାଙ୍କୁ ବିଚାରବିଭାଗୀୟ ହାଜତ (ତିହାର ଜେଲ)କୁ ପଠାଇଛନ୍ତି।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ କୋର୍ଟକୁ ନିଆଯାଉଛି।

## ଫୁରସତ୍

# ଟ୍ରାଫିକ୍ କର୍ମଚାରୀଙ୍କୁ ପାଣି ଯୋଗାଉଛନ୍ତି ବୃଦ୍ଧ



**ବେଙ୍ଗାଲୁରୁ**

ବେଙ୍ଗାଲୁରୁର ଜଣେ ବୃଦ୍ଧବ୍ୟକ୍ତି ପ୍ରତିଦିନ ଖରାରେ କାର୍ଯ୍ୟରତ ଟ୍ରାଫିକ ପୋଲିସ ମାନଙ୍କୁ ପାଣି ବୋତଲ ବଣ୍ଟନ କରୁଛନ୍ତି। ଏନେଇ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓକୁ ହୃଦୟସ୍ପର୍ଶୀ କହିବା ସହ ସମ୍ପୃକ୍ତ ବୃଦ୍ଧ ବ୍ୟକ୍ତିଙ୍କ କାର୍ଯ୍ୟରେ ଅନେକ ୟୁଜର୍ସ ବେଶ୍ ପ୍ରଭାବିତ ହୋଇଛନ୍ତି।

ରବି ବିଷ୍ଣୋଇ ନାମକ ବେଙ୍ଗାଲୁରୁର ଜଣେ ଟ୍ରାଫିକ୍ ପୋଲିସ ଏନେଇ ନିଜ ଏକ୍ସ' ଆକାଉଣ୍ଟରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଆକ୍ଟିଭା ଚଲାଉଥିବା ଜଣେ ବୃଦ୍ଧବ୍ୟକ୍ତି ପ୍ରତିଦିନ ଡ୍ୟୁଟିରେ ଥିବା ଟ୍ରାଫିକ୍ ପୋଲିସ କର୍ମଚାରୀ ମାନଙ୍କୁ ଜଳ ଯୋଗାଇବାକୁ ନିଜର କର୍ତ୍ତବ୍ୟ କରିଦେଇଥିବା ସେ ଉଲ୍ଲେଖ କରିଛନ୍ତି। ଭିଡିଓରେ ପ୍ରଥମେ ବୃଦ୍ଧ ବ୍ୟକ୍ତି ଜଣକ ନିଜ ସ୍କୁଟରକୁ ରାସ୍ତା କଡ଼ରେ ଅଟକାଇ ବ୍ୟାଗରୁ ପାଣି ବୋତଲ ବାହାର କରି ରଖିଥିଲେ। ପରେ ସେ ଏହି ବୋତଲଗୁଡ଼ିକୁ ଭୀଷଣ ଖରାରେ କାମ କରୁଥିବା କିଛି ଟ୍ରାଫିକ କନ୍‌ଷ୍ଟେବଲଙ୍କୁ ଦେଇଥିଲେ। ସମ୍ପୃକ୍ତ ବୃଦ୍ଧ ବ୍ୟକ୍ତିଙ୍କର ଉଦ୍ୟମକୁ ବହୁ ମାତ୍ରାରେ ଏକ୍ସ' ୟୁଜର୍ସ କମେଣ୍ଟ ମାଧ୍ୟମରେ ପ୍ରଶଂସା କରିଛନ୍ତି। ଏପରି ମହତ୍ କାର୍ଯ୍ୟ ଯୋଗୁଁ ବୃଦ୍ଧ ବ୍ୟକ୍ତି ଜଣକ ମାନବିକତାର ରକ୍ଷକ ସାଜିଥିବା ଦର୍ଶାଇ କିଛି ୟୁଜର୍ସ ଉକ୍ତ ପୋଷ୍ଟରେ କମେଣ୍ଟ କରିଛନ୍ତି।

### ଜନଗହଳିପୂର୍ଣ୍ଣ ରାସ୍ତାରେ ମଜାଦାର ଡ୍ୟାନ୍ସ

**ନୂଆଦିଲ୍ଲୀ**

ଏକ ଜନଗହଳିପୂର୍ଣ୍ଣ ରାସ୍ତାରେ ଟ୍ରାଫିକ ଜାମ୍ ହୋଇଥିବାବେଳେ ଜଣେ ବ୍ୟକ୍ତି ନାଚୁଥିବାର ଏକ ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଉକ୍ତ ଟ୍ରାଫିକ୍‌ରେ ଅନେକ ଗାଡି ଅଟକି ରହିଥିବାବେଳେ ପଛରେ ଥିବା ଯାନଗୁଡ଼ିକ ଜୋର୍‌ରେ ହର୍ନ ବଜାଉଥିଲେ। ଫଳରେ ଆଗ ଗାଡ଼ିରେ ଥିବା ଜଣେ ବ୍ୟକ୍ତି କ୍ରୋଧିତ ହୋଇ କାର ମଧ୍ୟରୁ ବାହାରି ପଛରେ ହର୍ନ ବଜାଉଥିବା ଚାଳକଙ୍କ ଉପରେ ବିରକ୍ତି ପ୍ରକାଶ କର ଘଟଣାସ୍ଥଳରେ ନାଚିବା ଆରମ୍ଭ କରିଦେଇଥିଲେ। ମଜାଳିଆ ଉପାୟରେ ବ୍ୟକ୍ତି ଜଣକ ହର୍ନ ଶବ୍ଦର ତାଳେ ତାଳେ ନୃତ୍ୟ କରିଚାଲିଥିଲେ।

### ଭୋଟରଙ୍କୁ ସଚେତନ କରାଇଲେ ଆୟୁଷ୍ମାନ



**ମୁମ୍ବାଇ:** ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ଅନେକ ହିଟ୍ ଚଳଚ୍ଚିତ୍ରରେ ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ସବୁବେଳେ ସେ ନିଜ ଚଳଚ୍ଚିତ୍ର ଓ ଚରିତ୍ରକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଚର୍ଚ୍ଚାରେ ରହିଆନ୍ତି, କିନ୍ତୁ ଏବେ ସେ ଅନ୍ୟ ଏକ କାରଣ ପାଇଁ ଚର୍ଚ୍ଚାରେ ରହିଛନ୍ତି। ଚଳିତ ଲୋକ ସଭା ନିର୍ବାଚନରେ ମତଦାନ ସାବ୍ୟସ୍ତ କରିବାକୁ ସେ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଭିଡିଓ ଜାରି କରି ସମସ୍ତଙ୍କୁ ଅପିଲ କରିଛନ୍ତି। ନିକଟରେ ଆୟୁଷ୍ମାନ ଖୁରାନାଙ୍କୁ ଭାରତୀୟ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ତରଫରୁ ଭୋଟରଙ୍କୁ ସଚେତନ କରାଇବାର ଦାୟିତ୍ୱ ଦିଆଯାଇଛି। ତେଣୁ ଏକ ବିଜ୍ଞାପନ ମାଧ୍ୟମରେ ଅଭିନେତା ଜଣକ ଲୋକମାନଙ୍କୁ ସେମାନଙ୍କ ଭୋଟ୍‌କୁ ସଠିକ୍ ଭାବରେ ବ୍ୟବହାର କରିବାକୁ ବାର୍ତ୍ତା ଦେଇଛନ୍ତି। ଭୋଟ୍ ନ ଦେବା ନେଇ ଲୋକଙ୍କ ପାଖରେ ୧୦୦ରୁ ଅଧିକ ବାହାନା ରହିଥିବା ସେ ଏହି ଭିଡିଓରେ କହିଛନ୍ତି। ସେହିପରି କିଛି ଲୋକ ଭୋଟ ନଦେଲେ କ'ଣ ହେଇଯିବ ବୋଲି ପ୍ରଶ୍ନ କରୁଛନ୍ତି। ତେବେ ଭୋଟ୍ ଦେବା ପାଇଁ ଗୋଟିଏ ହିଁ କାରଣ ଯଥେଷ୍ଟ ବୋଲି ଆୟୁଷ୍ମାନ କହିଛନ୍ତି। ଦେଶପ୍ରତି ପ୍ରତ୍ୟେକ ନାଗରିକଙ୍କ ରହିଥିବା ଦାୟିତ୍ୱ ଏହି କାରଣ ହୋଇଥିବା ଆୟୁଷ୍ମାନ କହିଛନ୍ତି। ଏହି ଭିଡିଓଟିକୁ ଆୟୁଷ୍ମାନ ଇନ୍‌ଷ୍ଟାଗ୍ରାମରେ ଶେୟାର କରିବା ସହ ଏଥିରେ ଇସିଆଇଙ୍କ ଆଧିକାରିକ ହ୍ୟାଣ୍ଡେଲକୁ ଟ୍ୟାଗ କରିଛନ୍ତି। ଆୟୁଷ୍ମାନଙ୍କୁ ଶେଷଥର ପାଇଁ ଗତବର୍ଷ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର 'ଡ୍ରିମ୍ ଗାର୍ଲ ୨'ରେ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ତାଙ୍କ ଅଭିନୟକୁ ଲୋକମାନେ ବେଶ୍ ପସନ୍ଦ କରିଥିଲେ। ତେବେ ଆୟୁଷ୍ମାନ ଖୁବ୍‌ଶୀଘ୍ର 'ବଧାଇ ହୋ ୨' ଚଳଚ୍ଚିତ୍ରରେ ନଜର ଆସିବେ।

# ବେଦାନ୍ତ ଆଲୁମିନିୟମରେ ୮୯ତମ ଓଡ଼ିଶା ଦିବସ ପାଳିତ

ଭୁବନେଶ୍ୱର,୩।୪ (ଅଭୟ ଦାଶ)



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶା ଦିବସ ନିକଟରେ ପାଳିତ ହୋଇଯାଇଛି। ବିଶେଷକରି ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ସମ୍ମାନ ଜଣାଇ କମ୍ପାନୀ ୮୯ତମ ଓଡ଼ିଶା ଦିବସ ତା'ର ଉଭୟ ଝାରସୁଗୁଡ଼ା ଓ ଲାଞ୍ଜିଗଡ଼ ୟୁନିଟରେ ପାଳନ କରିଛି। ଉକ୍ତ ଉତ୍ସବରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ, କଳା ଶିଳ୍ପ ଓ ପ୍ରଗତି ଉପରେ ବହୁ କାର୍ଯ୍ୟକ୍ରମ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏପରିକି ଓଡ଼ିଶା ଦିବସ ଓଡ଼ିଶା ରାଜ୍ୟର ପ୍ରତିଷ୍ଠା ଦିବସ ରୂପେ ୧୯୩୬ରୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରଠାରୁ ପାଳିତ ହୋଇଆସୁଛି। ସେହିଭଳି କମ୍ପାନୀର ଝାରସୁଗୁଡ଼ା ୟୁନିଟ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ୍ୟରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଏବଂ ପ୍ରଫେସର ଅଶୋକ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏପରିକି ଏହି ୨ଜଣ ଅତିଥି ଓଡ଼ିଆ ଅସ୍ମିତା ଓଡ଼ିଶାର ଗର୍ବ ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିମାନେ ପାରମ୍ପରିକ ଖାଦ୍ୟ ଉପଭୋଗ କରିବା ସହ ଫ୍ୟାନସି ଡ୍ରେସ ପ୍ରତିଯୋଗିତାକୁ ମଧ୍ୟ ଉପଭୋଗ କରିଥିଲେ। ସେହିପରି କମ୍ପାନୀର ଲାଞ୍ଜିଗଡ଼ ୟୁନିଟଠାରେ ଓଡ଼ିଶା ସଂସ୍କୃତିର ମହତ୍ତ୍ୱକୁ ପ୍ରାଧାନ୍ୟ ଦିଆଯାଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏପରିକି ଗାୟକ ଜ୍ୟୋତିର୍ମୟୀ ନାୟକଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ପରିବେଷଣ ସହିତ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ତଥା ସ୍ଥାନୀୟ ଗୋଷ୍ଠୀଙ୍କ ଦ୍ୱାରା ଘୁମୁରା ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଓଓ ସୁନୀଲ ଗୁପ୍ତା କହିଥିଲେ, ଓଡ଼ିଶା ଦିବସ ଆମ ପାଇଁ ଏକ ଗୌରବର ଦିବସ ହୋଇଥିବାବେଳେ ଆମେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ସଂସ୍କୃତିର ସମୃଦ୍ଧି ପାଇଁ ପ୍ରୟାସ କରିବା ଉଚିତ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏପରିକି ଆମ ପାଇଁ ଏହା ଗର୍ବର ବିଷୟ ଯେ ବେଦାନ୍ତ ଗ୍ରୁପରେ ସର୍ବବୃହତ ପୁଞ୍ଜି ବିନିଯୋଗ ରାଜ୍ୟ ପାଇଁ ଏକ ବରଦାନ ପାଲଟିଛି। ଆଜି ହଜାର ହଜାର ଶିଳ୍ପ ମୁଣ୍ଡ ଟେକିଛି, କଳାହାଣ୍ଡି ଆଜି ସମାଜର ମୁଖ୍ୟ ସ୍ରୋତ ସହ ସାମିଲ ହୋଇ ବହୁମୁଖୀ ସୁଯୋଗ ପାଇପାରୁଛି। ବିଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଆଜି ପ୍ରଗତି ପଥରେ ଅଗ୍ରସର ହେଉଛି। ଉଲ୍ଲେଖଯୋଗ୍ୟ,ଚଳିତ ବର୍ଷର ଓଡ଼ିଶା ଦିବସ ଉତ୍ସବ ବେଦାନ୍ତ ଆଲୁମିନିୟମର ଓଡ଼ିଶା ପାଇଁ ଅଦମ୍ୟ ପ୍ରତିବଦ୍ଧତା ରହିଛି। ଶିକ୍ଷା,ସ୍ୱାସ୍ଥ୍ୟ,ସମାଜ କଲ୍ୟାଣ, ଜୀବିକା ନିର୍ବାହ, କ୍ରୀଡ଼ା, ସଂସ୍କୃତି ଭଳି ପଦକ୍ଷେପ ମାଧ୍ୟମରେ କମ୍ପାନୀ ସମାଜରେ ଅର୍ଥନୈତିକ ବିକାଶ ସହ ଜଡ଼ିତ ରହି ହଜାର ହଜାର ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିଛି।

## ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୩।୪

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୨୭ (୨୭.୦୯) ପଏଣ୍ଟ କମି ୭୩,୮୭୭(୭୩,୮୭୬.୮୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୯(୧୮.୬୫) ପଏଣ୍ଟ ହ୍ରାସ ଘଟି ୨୨,୪୩୫(୨୨,୪୩୪.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ଏଚ୍‌ଏମ୍‌ଏସ୍‌ଆଇର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୩।୪

ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା ତଥା ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ଲିମିଟେଡର ବାର୍ଷିକ ବିକ୍ରି ଫଳାଫଳ ନିକଟରେ ପ୍ରକାଶ ପାଇଛି। ବିଶେଷକରି କମ୍ପାନୀ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ନୂଆ ମାଇଲଖୁଣ୍ଟ ହାସଲ ସହ ୪୮ ଲକ୍ଷରୁ ଅଧିକ ଯାନ ବିକ୍ରି କରିଛି। ଅପରପକ୍ଷରେ କମ୍ପାନୀ ୨୦୨୪ ମାର୍ଚ୍ଚ ମାସର ଯାନ ବିକ୍ରି ସୂଚନା ମଧ୍ୟ ଜାରି କରିଛି, ୨୦୨୪ ମାର୍ଚ୍ଚରେ କମ୍ପାନୀର ମୋଟ ବିକ୍ରି ୩,୮୬,୪୫୫ ୟୁନିଟ୍ ରହିଥିଲାବେଳେ କମ୍ପାନୀ ଘରୋଇ ବଜାରରେ ମୋଟ ୩,୫୮,୧୫୧ ଗାଡ଼ି ବିକ୍ରି କରିଥିବାବେଳେ ୨୮,୩୦୪ ୟୁନିଟି ଯାନ ରପ୍ତାନି କରିଛି। ସେହିଭଳି ଗତ ବର୍ଷ ମାର୍ଚ୍ଚ ମାସ ତୁଳନାରେ ଚଳିତ ବର୍ଷ ଘରୋଇ ବଜାରେ କମ୍ପାନୀ ବାର୍ଷିକ ଭିତ୍ତିରେ ୮୧% ବିକ୍ରି ଅଭିବୃଦ୍ଧି ହାସଲ କରିଥିବାବେଳେ ରପ୍ତାନି କ୍ଷେତ୍ରରେ ମଧ୍ୟ ୯୫% ବୃଦ୍ଧି ହାସଲ କରିଛି।

ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ୪୮,୯୩,୫୨୨ ୟୁନିଟ ଗାଡ଼ି ବିକ୍ରି କରିଛି, ଯାହା ୨୦୨୨-୨୩ ଆର୍ଥିକ ବର୍ଷର ବିକ୍ରି ତୁଳନାରେ ୧୨% ଅଧିକ ବୋଲି ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀ ଏସ୍‌ପି ୧୬୦ ଓ ଡିଓ ୧୨୫ କୁ ଉନ୍ମୋଚନ କରିଥିଲା। ଏହା ବ୍ୟତୀତ ଆକ୍ଟିଭା ଲିମିଟେଡ୍ ଏଡିସନ, ଏସପି୧୨୫ ସ୍ପୋର୍ଟସ୍ ଏଡିସନ୍ ଓ ହର୍ନେଟ୍ ୨.୦ର ରେପ୍‌ସଲ୍ ଏଡିସନ୍ ଓ ଡିଓ ୧୨୫ର ଲିମିଟେଡ୍ ଏଡିସନକୁ ବଜାର ପ୍ରବେଶ କରାଇଥିଲା। ଏହା ବ୍ୟତୀତ କମ୍ପାନୀ ଓବିଡି୨ ନିୟମ ପାଳନ କରୁଥିବା ୨୦୨୩ ଡିଓ, ୟୁନିକର୍ଣ୍ଣ, ସାଇନ୍ ୧୨୫, ହୋଣ୍ଡା ଲିଭୋ, ସିଡି ୧୧୦ ଡ୍ରିମ୍, ଏସ୍‌ପି ୧୨୫, ହର୍ନେଟ୍ ୨.୦ ଏବଂ ସିବି୨୦୦ଏକ୍ସ ଭଳି ମଡେଲ ଉନ୍ମୋଚନ କରିଥିଲା।

## ଜାନୁୟାରୀରେ ଜିଓର ସର୍ବାଧିକ ମୋବାଇଲ ଗ୍ରାହକ

ଭୁବନେଶ୍ୱର,୩।୪

ଦେଶର ପ୍ରମୁଖ ଘରୋଇ ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ୨୦୨୪ ଜାନୁଆରୀରେ ସର୍ବାଧିକ ମୋବାଇଲ ଗ୍ରାହକ ସଂଯୋଗ ଉଭୟ ଜାତୀୟ ଓ ଓଡ଼ିଶା ବଜାରରେ ଏକ ନମ୍ବର ସେବା ପ୍ରଦାନକାରୀର ମାନ୍ୟତା ବଜାୟ ରଖିଛି। ଉଲ୍ଲେଖଯୋଗ୍ୟ,ଟେଲିକମ ରେଗୁଲେଟୋରୀ ଅଥରିଟି ଅଫ ଇଣ୍ଡିଆ ବା ଟ୍ରାଇ ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ଓଡ଼ିଶାରେ ଜିଓ ସର୍ବାଧିକ ପସନ୍ଦର ତଥା ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ମାନ୍ୟତା ଜାରି ରଖିଛି। ଏପରିକି ଜିଓ ୨୦୨୪ ଜାନୁୟାରୀରେ ଓଡ଼ିଶାର ସର୍ବାଧିକ ୧.୩ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିଛି। ସେହିଭଳି ଟ୍ରାଇ ତଥ୍ୟ ଅନୁଯାୟୀ ୨୦୨୪ଜାନୁୟାରୀରେ ଜିଓ ଓଡ଼ିଶାର ୧,୩୦,୭୩୫ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ବେଳେ ଜିଓର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ୍ ଏହି ସମୟରେ ମାତ୍ର ୩୯,୧୬୫ ମୋବାଇଲ ଉପଭୋକ୍ତା ଯୋଡ଼ିଛି। ଅପରପକ୍ଷରେ ଭୋଡାଫୋନ୍ ଆଇଡିଆ (ଭି) ଓ ବିଏସ୍‌ଏନ୍‌ଏଲ୍ ୨୦୨୪ ଜାନୁୟାରୀରେ ଗ୍ରାହକ ହରାଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଏଥିସହିତ ୨୦୨୪ଜାନୁୟାରୀ ୩୧ସୁଦ୍ଧା ଓଡ଼ିଶା ଜିଓ ନେଟୱର୍କରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ପାଖାପାଖି ୧.୫କୋଟିର ନିକଟତର ହୋଇଛି। ଜାନୁୟାରୀରେ ଓଡ଼ିଶାର ଟେଲିକମ୍ ଗ୍ରାହକ ସଂଖ୍ୟାରେ ୧.୪୬ ଲକ୍ଷ ବୃଦ୍ଧି ଫଳରେ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଜାନୁୟାରୀ ଶେଷ ସୁଦ୍ଧା ୩.୩୪କୋଟିକୁ ବୃଦ୍ଧି ହୋଇଛି। ଓଡ଼ିଶାରେ ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଜିଓ କ୍ରମାଗତ ଭାବେ ପ୍ରତି ମାସରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିବା ସହ ଓଡ଼ିଶା ଟେଲିକମ୍ ବଜାରରେ ନିଜର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଜିଓ ଜାତୀୟ ସ୍ତରରେ ମଧ୍ୟ ଜାନୁୟାରୀରେ ସର୍ବାଧିକ ୪୧.୭୮ଲକ୍ଷରୁ ଅଧିକ ଗ୍ରାହକ ଯୋଡ଼ିଛି।

## ଅଜୟ କରିବେ ଜଣ୍ଟି ଆଇ-ପ୍ରୋର ପ୍ରଚାର

ଭୁବନେଶ୍ୱର,୩।୪




ଦେଶର ପ୍ରମୁଖ ଦୁଇ ଚକିଆ ବୈଦ୍ୟୁତିକ ଯାନ ( ଇଲେକ୍ଟ୍ରି ଭେଇକିଲ ବା ଇଭି) ନିର୍ମାତା ତଥା ଏଏମଓ ମୋବଲିଟି ସଲ୍ୟୁଶନ୍ସ ପ୍ରାଇଭେଟ ଲିମିଟେଡ ଏବଂ ବଲିଉଡ ଅଭିନେତା ଅଜୟ ଦେବଗନଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ଏଏମଓ ମୋବଲିଟି ସଲ୍ୟୁଶନ୍ସ ପ୍ରାଇଭେଟ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଜଣ୍ଟି ଆଇ-ପ୍ରୋର ସର୍ବଭାରତୀୟ ଉନ୍ମୋଚନ ପୂର୍ବରୁ ଅଜୟ ଉକ୍ତ ମଡେଲର ପ୍ରଚାର ଓ ପ୍ରସାର ସହ ମୈଦାନ ଚଳଚ୍ଚିତ୍ରର ପ୍ରୋମସନ ମଧ୍ୟ କରିବେ। ଫଳରେ ଅଜୟଙ୍କ ଫ୍ୟାନ ଓ ଆଶାୟୀ ଗ୍ରାହକଙ୍କ ମନରେ ବ୍ରାଣ୍ଡ୍ ଓ ମଡେଲ ପ୍ରତି ରହିଥିବା ଆଶଙ୍କା ଦୂର ହେବା ସହିତ ଜଣ୍ଟି ଆଇ-ପ୍ରୋ ଗ୍ରାହକଙ୍କ ନିକଟତର ହୋଇପାରିବ ବୋଲି ବ୍ରାଣ୍ଡ୍ ପକ୍ଷରୁ ଆକଳନ କରାଯାଉଛି।

ଏ ସମ୍ପର୍କରେ ଏଏମଓ ମୋବଲିଟି ସଲ୍ୟୁଶନ୍ସ ପ୍ରାଇଭେଟ ଲିମିଟେଡର ସିଇଓ ସୁଶାନ୍ତ କୁମାର କହିଛନ୍ତି, ବ୍ରାଣ୍ଡ୍‌ର ନୂତନ ମଡେଲ ଜଣ୍ଟି ଆଇ-ପ୍ରୋ'ର ସର୍ବଭାରତୀୟ ଉନ୍ମୋଚନ ପୂର୍ବରୁ ଅଜୟ ଦେବଗନଙ୍କ ସହ ଏକ ଦ୍ୱିପାକ୍ଷିକ ବୁଝାମଣା କରିଛୁ। ଉକ୍ତ ବୁଝାମଣା ଅନୁଯାୟୀ ଅଜୟ ଉକ୍ତ ମଡେଲର ପ୍ରଚାର ସାଙ୍ଗକୁ ମୈଦାନ ଚଳଚ୍ଚିତ୍ରର ମଧ୍ୟ ପ୍ରଚାର ଓ ପ୍ରସାର କରିବେ। ଏପରିକି ବଲିଉଡର ଲୋକପ୍ରିୟ କଳାକାର ଅଜୟ ଦେବଗନଙ୍କ ସହ ବୁଝାମଣା କରି ଆମେ ବେଶ୍ ଉତ୍ସାହିତ ଅଛୁ।

## ଗ୍ରାହକକୈନ୍ଦ୍ରିକ ସେବାକୁ ଗୁରୁତ୍ୱ

ଭୁବନେଶ୍ୱର,୩।୪

ବ୍ୟବସାୟରେ ତିଷ୍ଠି ରହିବାକୁ ହେଲେ ଗୁଣାତ୍ମକ ଗ୍ରାହକ ସେବା ଓ ସମୟାନୁବର୍ତ୍ତିତାକୁ ସର୍ବାଧିକ ଗୁରୁତ୍ୱ ଦେବା ସହିତ ଲୋକସମ୍ପର୍କ ଓ ଗ୍ରାହକକୈନ୍ଦ୍ରିକ ହେବାକୁ ପଡିଥାଏ ବୋଲି ଭିସାଜ ୟୁନିସେକ୍ସ ସେଲୁନ ଆଣ୍ଡ ଏକାଡେମୀର ଏମ୍‌ଡି ପ୍ରିୟଦର୍ଶିନୀ ଏଭଳି କିଛି ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭିସାଜ ୟୁନିସେକ୍ସ ସେଲୁନ ଆଣ୍ଡ ଏକାଡେମୀର ନୂତନ ତଥା ଏକ୍ସକ୍ଲୁସିଭ ଆଉଟଲେଟ ନିକଟରେ ଭୁବନେଶ୍ୱର କପିଳପ୍ରସାଦ ସ୍ଥିତ ଭୀମଟାଙ୍ଗି ଫେଜ୍-୧ରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଜଣାଶୁଣା ସାମାଜିକକର୍ମୀ ନମ୍ରତା ଚଢ୍ଢା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା (ୟୁଟ୍ୟୁବର) ରାଜେନ୍ଦ୍ର ପ୍ରସାଦ ଦାସ, ଭିସାଜ ବିଉଟି ଏକାଡେମୀର ପ୍ରତିଷ୍ଠାତା ତଥା ଏମଡି ପ୍ରିୟଦର୍ଶିନୀଙ୍କ ସମେତ ବ୍ରାଣ୍ଡ୍‌ର ଭୀମଟାଙ୍ଗି ବ୍ରାଞ୍ଚ ମୁଖ୍ୟ ପ୍ରିୟଙ୍କା ଖିଲାର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ଆଉଟଲେଟର ଉଦଘାଟନୀ ଉତ୍ସବରେ ଗ୍ରାହକଙ୍କ ପାଇଁ ଫ୍ଲାଟ୍ ୨୭% ରିହାତି ଅଫର ସହିତ ଷ୍ଟ୍ରେଟନିଙ୍ଗ, ସ୍ମୁଥନିଙ୍ଗ, ହେୟାର ଏକ୍ସଟେନସନ, ନେଲ ଏକ୍ସଟେନସନ, ହାଇଡ୍ରା ଫେସିଆଲ, ଫେସିଆଲ,ବୋଟକ୍ସ, କେରାଟିନ, ହେୟାର ସ୍ପା, ହେୟାର କଟ୍ ଆଦି ସର୍ଭିସ୍ ଗ୍ରାହକ ସୁଲଭ ମୂଲ୍ୟରେ ପାଇପାରିବେ। ଉଲ୍ଲେଖଯୋଗ୍ୟ, ଓଡିଶାରେ ଭିସାଜ ବିଉଟି ଏକାଡେମୀର ଏହା ୧୫ତମ ଆଉଟଲେଟ ହୋଇଥିଲାବେଳେ ଆଗାମୀ ଦିନରେ ବ୍ରାଣ୍ଡ୍ ରାଜ୍ୟର ସମସ୍ତ ପ୍ରମୁଖ ସହରରେ ଉପଲବ୍ଧ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଆଧୁନିକ ସମୟରେ ସୌନ୍ଦର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେବା ସହିତ ଭିଡ ଭିତରେ ନିଜକୁ ଟିକେ ସ୍ୱତନ୍ତ୍ର କରାଇବାର ପ୍ରୟାସକୁ ଏହା ସଫଳ କରିଥାଏ। ତେବେ ଭିସାଜ ଗ୍ରାହକଙ୍କୁ ଉନ୍ନତ ସେବା ପ୍ରଦାନ କରିବା ସହିତ ସବୁବେଳେ ଗ୍ରାହକ ଉପଯୋଗୀ ଅଫର ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ।

# ରାଜ୍ୟ ଖବର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଡ଼ି ପୋକସୁଙ୍ଗା ମଲା
ଦି' ସଉତୁଣୀ କଳିଆ କଲେ
ମନ ଗଲୁ ମନେ ମଲା।**

ଦୁଇ ସଉତୁଣୀଙ୍କ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାରିକୁ ଦେଖିସହି ପାରି ନ ଥାନ୍ତି। ସେମାନଙ୍କ ମଧ୍ୟରେ ସର୍ବଦା ମନୋମାଳିନ୍ୟ ଦେଖା ଦେଉଥିବାବେଳେ ପରିବାର ମଧ୍ୟରେ ଝଡ଼ ସୃଷ୍ଟି ହୋଇଥାଏ। ଯାଉଣୁ ଆସୁଣୁ ଦେଖେଇ ଶିଖେଇ କଳି କରିବା ନିତିଦିନିଆ ଘଟଣା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଡ଼ି ଗୁବରେ ଗୁବେ ନାହିଁ
ତାକୁ ମାଗିଲେ ଦବ କାହିଁ ?**

ଆର୍ଥିକ ସମ୍ବଳ ନ ଥିବା ଦରିଦ୍ର ବ୍ୟକ୍ତିଟି ବହୁ କଷ୍ଟରେ ନିଜର ତଥା ପରିବାର ଖର୍ଚ୍ଚ ତୁଲାଇଥାଏ। ଏଭଳି ସ୍ଥଳେ ଉକ୍ତ ବ୍ୟକ୍ତିଠାରୁ କିଛି ସାହାଯ୍ୟର ଆଶା ରଖିବା ନିଶ୍ଚିତ ଭାବେ ଏକ ବୋକାମିର ପରିଚୟ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ, ୫ ଗୁରୁତର

ବଁଅରପାଳ/ଅନୁଗୋଳ, ୩।୪ (ଅମିତ କୁମାର ସାମଲ)



ଅନୁଗୋଳ ଜିଲା ବଁଅରପାଳ ତହସିଲ ତଳମୂଳପାଟଣା ସାହିରେ ବୁଧବାର ମଧ୍ୟାହ୍ନରେ ଏକ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହେବାରୁ ଗୋଟିଏ ପରିବାରର ୫ ଜଣ ଗୁରୁତର ହୋଇଛନ୍ତି। ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରୁ ୫ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ତଳମୂଳପାଟଣା ସାହିର ସର୍ବେଶ୍ୱର ସାହୁଙ୍କ ସ୍ତ୍ରୀ ସୁମିତ୍ରା ସାହୁ(୪୮) ଏକ ୫ କେଜିଆ ଗ୍ୟାସ ଚୁଲାରେ ମଧ୍ୟାହ୍ନରେ ମାଛ ଭାଜୁଥିଲେ। ତେବେ ଗ୍ୟାସ୍ ଲିକ୍ ହୋଇ ସିଲିଣ୍ଡରରେ ନିଆଁ ଲାଗିଯିବାରୁ ସୁମିତ୍ରା ପୁଅ ସଂଗ୍ରାମ(୨୪)ଙ୍କୁ ଡାକ ପକାଇଥିଲେ। ସଂଗ୍ରାମ ପ୍ରଥମେ ଗ୍ୟାସ ଲିକ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ହେଲେ ସେଥିରେ ବିଫଳ ହେବାରୁ ଜଳନ୍ତା ଗ୍ୟାସ୍ ଟାଙ୍କିକୁ ଧରି ଘର ବାହାରକୁ ଫିଙ୍ଗି ଦେଇଥିଲେ। କିନ୍ତୁ ତାହା ବାହାରେ ପଡ଼ିବା ପରିବର୍ତ୍ତେ ଘର ଦୁଆର ମୁହଁରେ ପଡ଼ି ବିସ୍ଫୋରଣ ହୋଇଥିଲା। ଫଳରେ ସର୍ବେଶ୍ୱର, ସୁମିତ୍ରା, ପୁଅ ସଂଗ୍ରାମ, ସାନ ଭାଇ ବାବୁଲା ସାହୁ (୫୦), ତାଙ୍କ ସ୍ତ୍ରୀ ତପସ୍ୱିନୀ ସାହୁ(୩୪) ଓ ପୁଅ ରଞ୍ଜିତ ସାହୁ(୧୦) ନିଆଁରେ ପୋଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ସର୍ବେଶ୍ୱର, ବାବୁଲା, ରଞ୍ଜିତ, ସଂଗ୍ରାମ, ସୁମିତ୍ରାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତପସ୍ୱିନୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ମହୀଧରପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ବଁଅରପାଳ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା: ସ୍ୱାମୀ ଫେରାର

ବୌଦ୍ଧ,୩।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଚମ୍ପାପୁର ଗ୍ରାମର ଟିକିରାସାହିଠାରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ସ୍ୱାମୀ ଫେରାର ହୋଇଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଚମ୍ପାପୁର ଟିକିରାସାହି ଠାରେ ସନାତନ ନାଗ (୫୦) ନିଜର ଦ୍ୱିତୀୟ ସ୍ତ୍ରୀ ଅମୃତି ଅଦର(୪୦)ଙ୍କ ସହିତ ରହି ଆସୁଥିଲେ। ପ୍ରାୟ ସମୟରେ ସ୍ୱାମୀ -ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗି ରହୁଥିଲା। ମଙ୍ଗଳବାର ରାତିରେ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ସନାତନ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ଅମୃତିଙ୍କ ବେକ, ହାତ ଓ ଗୋଡକୁ ହାଣି ପକାଇଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ନେଇ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ କୁମାର ମୁନିଙ୍କୁ ପଚାରିବାରେ ନଂ. ୧୫୩/୨୦୨୪ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି।

## ଛାତ୍ରୀଙ୍କୁ ଯୌନ ନିର୍ଯାତନା ମାମଲା: ପ୍ରଧାନ ଶିକ୍ଷକଙ୍କୁ ୧୦ ବର୍ଷ ଜେଲ

ସୁନ୍ଦରଗଡ଼,୩।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ପ୍ରିଜାଇଡିଂ ଅଫିସର ତଥା ଜଜ୍ ମହେନ୍ଦ୍ର କୁମାର ସୂତ୍ରଧର ବୁଧବାର ଏକ ଛାତ୍ରୀ ଯୌନ ନିର୍ଯାତନା ମାମଲାର ଶୁଣାଣି କରି ଅଭିଯୁକ୍ତ ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ପଟେଲଙ୍କୁ ୧୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୭୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ପତୁଆଡିହି ପଞ୍ଚାୟତ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ବିଭିନ୍ନ ସମୟରେ ଯୌନ ନର୍ଯାତନା ଦେଇ ଆସୁଥିଲେ। ଏଥିରେ ଅତିଷ୍ଠ ହୋଇ ଛାତ୍ରୀ ଜଣଙ୍କ ୨୦୨୨ ଏପ୍ରିଲ ୧ରେ ହଷ୍ଟେଲ ଛାତରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଲେଫ୍ରିପଡା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ପ୍ରଧାନ ଶିକ୍ଷକ ପଟେଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ପ୍ରଧାନ ଶିକ୍ଷକ ଅନୁରୂପ ଭାବେ ସ୍କୁଲର ଅନ୍ୟ ଛାତ୍ରୀଙ୍କୁ ମଧ୍ୟ ଏଭଳି ଯୌନ ନିର୍ଯାତନା ଦେଇ ଆସୁଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା। ଏହି ଅଭିଯୋଗ ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ୨ବର୍ଷ ପରେ ଏହି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଏହି ମାମଲାଟିକୁ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ପରିଚାଳନା କରୁଥିଲେ। ରାୟ ପ୍ରକାଶ ପରେ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ପଟେଲଙ୍କୁ ସୁନ୍ଦରଗଡ଼ ଜେଲକୁ ପଠାଇ ଦିଆଯାଇଛି।

## ସୀମାନ୍ତରୁ ଟିଫିନ୍ ବୋମା, ଜିଲୋଟିନ୍ ଷ୍ଟିକ୍ ଜବତ

ମାଲକାନଗିରି, ୩।୪(ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଆନ୍ଧ୍ର-ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରୁ ଡିଭିଏଫ୍ ଯବାନମାନେ ବିପୁଳ ପରିମାଣର ଟିଫିନ୍ ବୋମା ଓ ଜିଲୋଟିନ୍ ଷ୍ଟିକ୍ ଜବତ କରିଛନ୍ତି। ଏ ସମ୍ପର୍କରେ ବୁଧବାର ମାଲକାନଗିରି ଏସ୍‌ପି ନୀତୀଶ ବାଧ୍ୱାନୀ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି, କୌଣସି ସୂତ୍ରରୁ ଖବର ପାଇ ଡିଭିଏଫ୍ ଯବାନମାନେ କାଲିମେଳା ବ୍ଲକ ଅନ୍ତର୍ଗତ ଦୟାଲତଙ୍ଗ ଗ୍ରାମ ନିକଟ ଜଙ୍ଗଲରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଉକ୍ତ ଅଞ୍ଚଳରେ ଅପରେଶନ ଜାରି ରହିଥିବା ବେଳେ ଗୋଟିଏ ସ୍ଥାନରେ ମାଟି ତଳେ କିଛି ଜିନିଷ ପୋତା ଯାଇଥିବା ଜାଣିବାକୁ ପାଇଥିଲେ। ପରେ ଉକ୍ତ ସ୍ଥାନ ଖୋଳିବାରୁ ଗାତ ଭିତରୁ ୧୯୦ ଜିଲୋଟିନ୍ ଷ୍ଟିକ୍ ଓ ୧୨ଟି ଟିଫିନ୍ ବୋମା ଜବତ କରିଛନ୍ତି। ତେବେ ବହୁବର୍ଷ ପୂର୍ବେ ଏହି ଅଞ୍ଚଳରେ ମାଓବାଦୀଙ୍କ ଆଡ୍ଡା ରହିଥିଲା। ପରବର୍ତ୍ତୀ ସମୟରେ ଅଧିକାଂଶ ମାଓବାଦୀ କାଲିମେଳା ଅଞ୍ଚଳ ଛାଡ଼ି ଚିତ୍ରକୋଣ୍ଡା ଅଞ୍ଚଳରେ ନିଜର ସ୍ଥିତିକୁ ଜାହିର କରିଥିଲେ। ତେବେ ସେହି ସମୟରେ ଏହି ବୋମା ଓ ଜିଲୋଟିନ୍ ଷ୍ଟିକ ଜନସାଧାରଣ ଓ ଯବାନମାନଙ୍କୁ ଟାର୍ଗେଟ କରି ଲୁଚାଇ ରଖାଯାଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି ବାଧ୍ୱାନୀ ସୂଚନା ଦେଇଛନ୍ତି। ବୁଧବାର ଭୋରରୁ ଏହି ସାମଗ୍ରୀଗୁଡ଼ିକ ଜବତ କରାଯାଇଥିବା ବେଳେ ଖବର ଲେଖାହେବା ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

## ଭିନ୍ନକ୍ଷମ ନାବାଳିକା ବଳାତ୍କାରୀଙ୍କୁ ଆଜୀବନ କାରାଦଣ୍ଡ

ସମ୍ବଲପୁର,୩।୪(ପ୍ରମୋଦ ବହିଦାର)

ଏକ ଭିନ୍ନକ୍ଷମ ନାବାଳିକା ବଳାତ୍କାର ଘଟଣାର ବିଚାର କରି ବୁଧବାର ସମ୍ବଲପୁର ସ୍ୱତନ୍ତ୍ର ପୋକ୍ସୋ ଅଦାଲତ (ଫାଷ୍ଟଟ୍ରାକ୍)ର ଅତିରିକ୍ତ ଜିଲାଜଜ୍ ରୋହିତ ଲାଲ ପଣ୍ଡା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି।

ମାମଲାର ବିବରଣୀରୁ ପ୍ରକାଶ, ରେଙ୍ଗାଲି ବ୍ଲକ କତରବଗା ଥାନା ଅଞ୍ଚଳରେ ପୀଡ଼ିତା ଭିନ୍ନକ୍ଷମ ନାବାଳିକା ପରିବାର ସହ ରହନ୍ତି। ୨୦୨୦ ମେ' ୨୬ରେ ତାଙ୍କ ମା'ବାପା ଆଦିତ୍ୟ ଆଲୁମିନା କାରଖାନାକୁ କାମ କରିବାକୁ ଯାଇଥିବା ବେଳେ ଭାଇ ଓ ଜେଜେବାପା ପରିବା କିଣିବା ପାଇଁ ନିକଟସ୍ଥ ସାପ୍ତାହିକ ହାଟକୁ ଯାଇଥିଲେ। ଏହି ସମୟରେ ଭିନ୍ନକ୍ଷମ ନାବାଳିକା ଘରେ ଏକାକୀ ଥିବା ସୁଯୋଗ ନେଇ ଅଭିଯୁକ୍ତ ନିତ୍ୟାନନ୍ଦ ମହାନନ୍ଦ(୬୦) ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ସନ୍ଧ୍ୟାରେ ପରିବାର ଲୋକ ଘରକୁ ଫେରିବା ପରେ ପୀଡ଼ିତା ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ତାଙ୍କ ବାପା କତରବଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୯୦/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣାର ଚାର୍ଜଶିଟ୍ ଦାଖଲ ହେଲା ପରେ କୋର୍ଟରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ମୋଟ ୧୨ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ସମ୍ବଲପୁର ସ୍ୱତନ୍ତ୍ର ପୋକ୍ସୋ ଅଦାଲତ (ଫାଷ୍ଟଟ୍ରାକ୍)ର ଅତିରିକ୍ତ ଜିଲାଜଜ୍ ପଣ୍ଡା ଅଭିଯୁକ୍ତ ନିତ୍ୟାନନ୍ଦଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବସନ୍ତ ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବୃହତ ବିଜୟ ସହ ଶୀର୍ଷରେ କୋଲକାତା

**ବିଶାଖାପାଟଣା,୩।୪**

ଆଇପିଏଲ୍ ଇତିହାସର ଦ୍ୱିତୀୟ ସର୍ବାଧିକ ସ୍କୋର ରେକର୍ଡ କରିବା ସହ କୋଲକାତା ନାଇଟ୍ ରାଇଡର୍ସ(କେକେଆର) ୧୦୬ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। କେକେଆର୨୦ ଓଭରରେ ୭ ଉଇକେଟ ହରାଇ ୨୭୧ ରନ୍ କରିଥିଲା। ଜବାବରେ କ୍ୟାପିଟାଲ୍ସ ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୬ ରନ୍ କରଥିଲା। ଏହା ସହ କେକେଆର ପଏଣ୍ଟ ଟେବୁଲ ଶୀର୍ଷରେ ପହଞ୍ଚିଛି।

ଟସ୍ ଜିତି କେକେଆର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଫିଲ୍ ସଲ୍ଟ(୧୮) ଓ ସୁନୀଲ ନାରିନ୍(୮୫) ପ୍ରଥମ ଉଇକେଟରେ ୬୦ ରନ୍ ଯୋଡିଥିଲେ। ଫର୍ମକୁ ଫେରିଥିବା ନାରିନ୍ କ୍ରମାଗତ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ୩୯ ବଲ୍‌ର ଇନିଂସରେ ସେ କ୍ୟାପିଟାଲ୍ସ ବୋଲରଙ୍କ ନିର୍ଦ୍ଧୂମ ପ୍ରହାର କରିଥିଲେ। ୭ଟି ଲେଖାଏ ଛକା ଓ ଚୌକା ସହ ୮୫ ରନ୍ କରି ସେ ପ୍ୟାଭିଲିୟନ ଫେରିଥିଲେ। କ୍ୟାରିୟରର ଦ୍ୱିତୀୟ ଆଇପିଏଲ ମ୍ୟାଚ ଖେଳୁଥିବା ତଥା ପ୍ରଥମ ଥର ବ୍ୟାଟିଂ କରୁଥିବା ଅଙ୍ଗକ୍ରିଶ ରଘୁବଂଶୀ କିନ୍ତୁ ଚମତ୍କାର ବ୍ୟାଟିଂ କରି ୫୪ ରନ୍ କରିଥିଲେ। ସୁନୀଲ ନାରିନ୍‌ଙ୍କ ସହ ଦ୍ୱିତୀୟ ଉଇକେଟରେ ୧୦୪ ରନ୍ ଯୋଡିବା ସହ ଏକ ବଡ ସ୍କୋର ପାଇଁ ମୂଳଦୁଆ ପକାଇଥିଲେ। ୨୭ ବଲ୍‌ର ଇନିଂସରେ ରଘୁବଂଶୀ ୫ ଚୌକା ଓ ୩ ଛକା ମାରିଥିଲେ। ଶେଷ ଆଡକୁ ଶ୍ରେୟସ୍ ଆୟର ୧୮, ଆନ୍ଦ୍ରେ ରସେଲ୍ ୪୧ ଓ ରିଙ୍କୁ ସିଂ ୨୬ ରନ୍ କରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ଆନ୍‌ରିଚ୍ ନର୍ଜେ ୩, ଇଶାନ୍ତ ଶର୍ମା ୨, ମିଚେଲ ମାର୍ଶ ଓ ଖଲିଲ୍ ଅହମଦ ୧ ଉଇକେଟ ନେଇଥିଲେ। କ୍ୟାପିଟାଲ୍ସର ୭ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ। ରିଷଭ ପନ୍ତ ୫୫ ଓ ଟ୍ରିଷ୍ଟାନ ଷ୍ଟବ୍ସ ୫୪,ଡେଭିଡ୍ ୱାର୍ନର ୧୮ ଓ ପୃଥ୍ୱୀ ଶ' ୧୦ ରନ୍ କରିବାରୁ ଦଳ ୧୬୬ ରନରେ ଅଲଆଉଟ ହୋଇଥିଲା। ପନ୍ତ ୨୫ ବଲ୍ ଖେଳି ୪ ଚୌକା ଓ ୫ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଷ୍ଟବ୍ସ ୩୨ ବଲ୍ ଖେଳି ୪ଟି ଲେଖାଏ ଛକା ଓ ଚୌକା ମାରିଥିଲେ। କେକେଆର୍ ପକ୍ଷରୁ ବୈଭବ ଅରୋରା ଓ ବରୁନ ଚକ୍ରବର୍ତ୍ତୀ ୩ଟି ଲେଖାଏ, ମିଚେଲ ଷ୍ଟାର୍କ ୨, ଆନ୍ଦ୍ରେ ରସେଲ ଓ ସୁନୀଲ ନାରିନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୨୭୨/୭(ସୁନୀଲ ନାରିନ୍-୮୫, ଅଙ୍ଗକ୍ରିଶ ରଘୁବଂଶୀ-୫୪, ଆନ୍ଦ୍ରେ ରସେଲ-୪୧,ଆନରିଚ୍ ନର୍ଜେ-୩/୫୯, ଇଶାନ୍ତ ଶର୍ମା-୨/୪୩, ଖଲିଲ ଅହମଦ-୧/୪୩)। ଦିଲ୍ଲୀ କ୍ୟାପିଟାଲ୍ସ ୧୭.୨ ଓଭରରେ ୧୬୬/୧୦(ରିଷଭ ପନ୍ତ-୫୫, ଟ୍ରିଷ୍ଟାନ ଷ୍ଟବ୍ସ-୫୪, ଡେଭିଡ୍ ୱାର୍ନର-୧୮, ବୈଭବ ଅରୋରା-୩/୨୭, ବରୁନ ଚକ୍ରବର୍ତ୍ତୀ-୩/୩୩, ମିଚେଲ୍ ଷ୍ଟାର୍କ-୨/୨୫)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ଗୁଜରାଟ ବନାମ ପଞ୍ଜାବ**
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୩ | ୩ | ୦ | ୬ | +୨.୫୧୮ |
| ରାଜସ୍ଥାନ ରୟାଲ୍ସ | ୩ | ୩ | ୦ | ୬ | +୧.୨୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୨ | ୧ | ୪ | +୦.୯୭୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୨ | ୧ | ୪ | +୦.୪୮୩ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | -୦.୭୩୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | +୦.୨୦୪ |
| ପଞ୍ଜାବ କିଙ୍ଗ୍ସ | ୩ | ୧ | ୨ | ୨ | -୦.୩୩୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୧ | ୩ | ୨ | -୦.୮୭୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୧ | ୩ | ୨ | -୧.୩୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୦ | ୩ | ୦ | -୧.୪୨୩ |

### ଆଇପିଏଲ୍ ଇତିହାସର ଦ୍ୱିତୀୟ ସର୍ବାଧିକ ସ୍କୋର




ଶଟ୍ ଖେଳିବା ଅବସରରେ ସୁନୀଲ ନାରିନ ଓ ଅଙ୍ଗକ୍ରିଶ ରଘୁବଂଶୀ।

# ଫିଟନେସ୍ ଟେଷ୍ଟ ପାସ୍ କଲେ ସୂର୍ଯ୍ୟକୁମାର

**ନୂଆଦିଲ୍ଲୀ,୩।୪,(ପି.ଟି.)**

ମୁମ୍ବାଇ ଇଣ୍ଡିଆନ୍ସ ଫ୍ୟାନଙ୍କ ପାଇଁ ଖୁସି ଖବର। ଆହତ ହୋଇ ପ୍ରଥମ ୩ ମ୍ୟାଚ୍‌ରୁ ବାଦ ପଡିଥିବା ସୂର୍ଯ୍ୟକୁମାର ଯାଦବ ଫିଟ୍ ହୋଇଛନ୍ତି। ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍‌ସିଏ)ରେ ଅନୁଷ୍ଠିତ ଫିଟ୍‌ନେସ୍ ଟେଷ୍ଟରେ ସୂର୍ଯ୍ୟକୁମାର ଏକାଧିକ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୁରୁବାର ଆଉ ଏକ ଟେଷ୍ଟ ପରେ ହିଁ ତାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ। ସ୍ପୋର୍ଟ୍ସ ହାର୍ନିଆ କାରଣରୁ ସୂର୍ଯ୍ୟକୁମାରଙ୍କ ଶରୀରରେ ଏକାଧିକ ଅସ୍ତ୍ରୋପଚାର ହୋଇଥିଲା। ଗୋଇଠିରେ ଗ୍ରେଡ୍-୨ ଟିୟର ହୋଇଥିବା ବେଳେ ସ୍ପୋର୍ଟ୍ସ ହାର୍ନିଆ ପାଇଁ ମଧ୍ୟ ଏକ ସର୍ଜରୀ ହୋଇଥିଲା। ପ୍ରଥମ ୩ ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଖେଳି ନ ଥିବା ବେଳେ ମୁମ୍ବାଇ ମଧ୍ୟ ପରାଜୟରେ ହ୍ୟାଟ୍ରିକ କରିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ସେ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଏନ୍‌ସିଏ ନେଟ୍ସରେ ସୂର୍ଯ୍ୟକୁମାର ବ୍ୟାଟିଂ ଅଭ୍ୟାସ କରିଥିବା ବେଳେ ଅନ୍ୟ ସମସ୍ତ ଶାରୀରିକ ଅଭ୍ୟାସ ମଧ୍ୟ କରିଛନ୍ତି। ୭ ତାରିଖରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ସୂର୍ଯ୍ୟକୁମାରଙ୍କ ଖେଳିବା ସମ୍ଭାବନା କ୍ଷୀଣ ରହିଥିବା ବେଳେ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବା ସ୍ପଷ୍ଟ ଅଟେ।



ସୂର୍ଯ୍ୟକୁମାର ଯାଦବ


CLASSIFIED DISPLAY
MORE SPACE • SAME PRICE

ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ଚନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Classified Everyday
0674-2580101, 2549949


REAL ESTATE

SALE

ଭୁବନେଶ୍ୱର ଜଟଣୀରେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941


FOR RENT

One 2BHK, One single room is available on rent at Sriramnagar, Badambadi. Contact: 7008948849. D-75527


Healthcare

Kerala body massage best therapist Bhubaneswar. 9348457050. D-016

Relax, refresh your body, mind by expert therapist. Contact: 9938843929. D-76110

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75722

Newly open Jyoti Spa positively health benefits (Expert Therapist). 8458067955. D-76111

AFFIDAVIT

By affidavit before the Notary Public, Pattamundai, Kendrapara, CF No.-64AA 703082 Dtd.30.3.2024, I have been changed name from Rajendra Swain to Rajendra Kumar Swain, S/o- Bishnu Charan Swain, At- Kakatpur, P.O.- Badihi, P.S.- Tantiapal Marine, Dist.- Kendrapara. Instead of Rajendra Swain, I have been recognized, indentified & known as Rajendra Kumar Swain for all purposes. D-019

I, Lagnajita Mishra, W/o Biswajit Acharya, D/o Prafulla Chandra Mishra, Resident of HIG-135, Phase- K-5, Kalinga Vihar, Patrapada, Khurda, Odisha- 751019, declare by this affidavit Sl. No.-13 on dated 02.04.2024 that now onwards I shall be known as Lagnajita Acharya for all future purposes. D-023

ମନେ ପଡ଼ନ୍ତି
୨୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ସେଠୀ
ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ତିରୋଧାନ:୧୨।୦୩।୧୯୯୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୦୦୫

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଶ୍ରୀଲଙ୍କାର ସିରିଜ କ୍ଲିନ୍‌ସୁଇପ୍

### ଲାହିରୁ କୁମାରାଙ୍କୁ ୫ ଉଇକେଟ

**ଚଟ୍ଟୋଗ୍ରାମ,୩।୪(ପି.ଟି.):** ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ୧୯୨ ରନ୍‌ରେ ଜିତିବା ସହିତ ସିରିଜ କ୍ଲିନ୍‌ସୁଇପ୍ କରିଛି ଶ୍ରୀଲଙ୍କା। ପ୍ରଥମ ଟେଷ୍ଟକୁ ୩୨୮ ରନ୍‌ରେ ଜିତି ସାରିଥିବା ଶ୍ରୀଲଙ୍କା ୨ ମ୍ୟାଚ ବିଶିଷ୍ଟ ସିରିଜକୁ ଜିତି ନେଇଛି। ପୂର୍ବରୁ ବାଂଲାଦେଶ ଦିନିକିଆ ସିରିଜକୁ ୨-୧ରେ ଜିତିଥିବା ବେଳେ ଶ୍ରୀଲଙ୍କା ସମାନ ବ୍ୟବଧାନରେ ଟି୨୦ ସିରିଜ ବିଜୟୀ ହୋଇଥିଲା। ଅନ୍ତିମ ଦିନରେ ବାଂଲାଦେଶକୁ ବିଜୟ ପାଇଁ ୨୪୩ ରନ୍ ଆବଶ୍ୟକ ଥିବା ବେଳେ ଶ୍ରୀଲଙ୍କାକୁ ୩ ଉଇକେଟ ଦରକାର ଥିଲା। ଲାହିରୁ କୁମାରା ୪ ଉଇକେଟ ନେବାରୁ ଘରୋଇ ଦଳ ୩୧୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ୫୧୧ ରନ୍‌ର ପିଛା କରୁଥିବା ବାଂଲାଦେଶ ଚତୁର୍ଥ ଦିନର ଷ୍ଟମ୍ପସ ଅପସାରଣ ସୁଦ୍ଧା ୭ ଉଇକେଟ ହରାଇ ୨୬୮ ରନ୍ କରିଥିଲା। ପୂର୍ବ ଦିନ ୪୪ ରନ୍‌ରେ ଅପରାଜିତ ରହିଥିବା ମେହିଦୀ ହସନ ମିରାଜ ୮୧ ରନ୍‌ରେ ଅପରାଜିତ ରହିଥିଲେ । ୧୧୦ ବଲ୍ ଖେଳିଥିବା ମେହିଦୀ ୧୪ ଚୌକା ସହିତ ୮୧ ରନ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଲାହିରୁ କୁମାରା ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମିଣ୍ଡୁ ମେଣ୍ଡିସ ୩, ପ୍ରଭାତ ଜୟସୁରିୟା ୨ ଓ ବିଶ୍ୱା ଫର୍ନାଣ୍ଡୋ ଗୋଟିଏ ଉଇକେଟ ନେଇଥିଲେ। କାମିଣ୍ଡୁ ମେଣ୍ଡିସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ପ୍ଲେୟର ଅଫ ଦ ସିରିଜ ଘୋଷଣା କରାଯାଇଥିଲା।

# ବିନାୟକ, ଶୁଭମ୍, ରାହୁଲଙ୍କୁ ୫ ଉଇକେଟ

**ଭୁବନେଶ୍ୱର, ୩।୪ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ ସିନିୟର ପୁରୁଷ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ସିଲଭର 'ଏ' ଓ 'ବି' ଗ୍ରୁପ୍‌ର ୬ଟି ମ୍ୟାଚ ବୁଧବାର କଟକର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆପଡ଼ା, ଗଜପତି, ମାଲକାନଗିରି, ଜଗତ୍‌ସିଂହପୁର, ଦେବଗଡ଼ ଓ ସମ୍ବଲପୁର-ବି ଦଳ ବିଜୟୀ ହୋଇଛି।

ସନ୍‌ସାଇନ୍ ଗ୍ରାଉଣ୍ଡରେ ନୂଆପଡ଼ା ୩ ଉଇକେଟରେ ଗଞ୍ଜାମକୁ ପରାସ୍ତ କରିଥିବାବେଳେ ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଗଜପତି ୧୦୫ ରନରେ ନବରଙ୍ଗପୁରକୁ ଏବଂ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ମାଲକାନଗିରି ୬ ଉଇକେଟରେ କନ୍ଧମାଳକୁ ହରାଇ ଦେଇଛି। ସେହିପରି ବାରବାଟୀ ଷ୍ଟାଡିୟମରେ ଜଗତ୍‌ସିଂହପୁର ୨ ଉଇକେଟରେ ରାୟଗଡ଼ା, ଡ୍ରିମ୍ସ ଷ୍ଟାଡିୟମରେ ଦେବଗଡ଼ ୧୨ ରନରେ କଳାହାଣ୍ଡି ଏବଂ ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ସମ୍ବଲପୁର-ବି ୭ ଉଇକେଟରେ ସୋନପୁରକୁ ପରାସ୍ତ କରିଛି। ଗଜପତି ଦଳର ବିନାୟକ ସାହୁ, କଳାହାଣ୍ଡିର ଶୁଭମ୍ ଦାଶ, ସମ୍ବଲପୁର-ବି'ର ରାହୁଲ ବିଶ୍ୱକର୍ମା ୫ ଉଇକେଟ ସଫଳତା ପାଇଥିଲେ। କଳାହାଣ୍ଡିର ଶୁଭମ୍ ଦାଶ ୫ ଉଇକେଟ ସଫଳତା ସହ ଅର୍ଦ୍ଧଶତକ (୫୮ ରନ) ହାସଲ କରିଥିଲେ ମଧ୍ୟ ଦେବଗଡ଼ ବିପକ୍ଷରେ ଦଳକୁ ବିଜୟୀ କରିପାରି ନ ଥିଲେ।




ବିନାୟକ ସାହୁ ଓ ରାହୁଲ ବିଶ୍ୱକର୍ମା।

### କଳାହାଣ୍ଡି କପ୍ କ୍ରିକେଟ

# ଓଡ଼ିଶା ଦଳ ଘୋଷିତ

### ୧୭ ବର୍ଷରୁ କମ୍ ପୂର୍ବାଞ୍ଚଳ ରୋଲ ବଲ୍

**ଭୁବନେଶ୍ୱର, ୩।୪ (ତପନ ସ୍ୱାଇଁ)**

ଆସାମର ଗୁଆହାଟୀଠାରେ ୧୭ ବର୍ଷରୁ କମ୍ ପୂର୍ବାଞ୍ଚଳ ରୋଲ ବଲ୍ ଚାମ୍ପିୟନଶପ୍ ଚଳିତ ମାସ ୬ ଓ ୭ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଓଡ଼ିଶା ରୋଲ ବଲ୍ ଆସୋସିଏଶନ (ଓଆର୍‌ବିଏ) ପକ୍ଷରୁ ରାଜ୍ୟ ବାଳିକା ଓ ବାଳକ ଦଳ ଘୋଷଣା କରାଯାଇଛି। ଓଡ଼ିଶା ବାଳିକା ଓ ବାଳକ ଖେଳାଳିଙ୍କ ପାଇଁ ଏକ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ କୈଳାସ ଚନ୍ଦ୍ର ଦାସ, ଓଡ଼ିଶା ରୋଲ୍ ବଲ୍ ଆସୋସିଏଶନ ପ୍ରତିଷ୍ଠାତା ସଦସ୍ୟ ପାର୍ଥ ସାରଥି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ବାଳିକା ଦଳ: ବଂଶିକା ଟିକ୍‌ମାନ, ସୃଷ୍ଟିଶା ମିଶ୍ର, କମଳ କ୍ରିଷ୍ଣା, ନଫିସା ନାଜ୍, ଐଶ୍ୱର୍ଯ୍ୟା ପାତ୍ର, କୃପାଳିନୀ ବେହେରା, କୃତିକା ବଡ଼ୱାଲ, ସ୍ୱେତପର୍ଣ୍ଣା ପ୍ରିୟଦର୍ଶିନୀ। ଓଡ଼ିଶା ବାଳକ ଦଳ: ସାଇ ଶ୍ରୀୟାଂଶ ରାଉତ, ପ୍ରତୀକ ଅର୍ଣ୍ଣବ ଜେନା, ଅଂଶୁମାନ ପାତ୍ର, ଆୟୁଷ ଜେନା, ଅନିଶ ତ୍ରିପାଠୀ, ବୀରେନ ଦାସ, ପ୍ରୀତ ପ୍ରୀତମ ଜେନା, ରୋହିତ କୁମାର ଭୋଇ, ଅର୍ମାନ ସୁବୁଦ୍ଧି, ସ୍ୱସ୍ତିକ ସୁକୁମାର ପ୍ରହରାଜ, ସୂର୍ଯ୍ୟ ପ୍ରତ୍ୟୁଷ ନାୟକ, କୌସ୍ତୁଭ ପଟ୍ଟନାୟକ।




ଗୁଆହାଟୀରେ ହେବାକୁଥିବା ୧୭ ବର୍ଷରୁ କମ୍ ପୂର୍ବାଞ୍ଚଳ ରୋଲ ବଲ୍ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

## ମହାକାଳ

ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମହାକାଳ'। କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡି ଏବଂ ଆକ୍ସନ ଭରି ରହିଛି। ମୁଖ୍ୟ ଭୂମିକାରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଦେବବ୍ରତ ପ୍ରଧାନ। କାହାଣୀ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଫିଲ୍ମ ସମ୍ପର୍କରେ ଦେବବ୍ରତ କହନ୍ତି, 'ଏହାର କାହାଣୀ କିପରି ଦର୍ଶକଙ୍କୁ ପ୍ରଭାବିତ କରିବ ସେଥିଲାଗି ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଆଶା ରଖିଛି। ଏହାର ମୁଖ୍ୟ ଭୂମିକାରେ ମୁଁ ଅଭିନୟ କରିଛି, ତା' ସହ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇଛି। ଏହି ଦୁଇଟି କଥାକୁ କିପରି ଠିକ୍ ଭାବରେ ନେଇ ଆଣି ଥୋଇପାରିବି ସେଥିଲାଗି ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ମଧ୍ୟ କରିଥିଲି। ଏହାର ଗୀତଗୁଡିକ ମଧ୍ୟ ବେଶ୍ ଶ୍ରୁତିମଧୁର ହୋଇଛି।' ଦେବ୍‌ସ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହା ହେଉଛି ଦ୍ୱିତୀୟ ଚଳଚ୍ଚିତ୍ର। ଏହା ପୂର୍ବରୁ ଏହି ବ୍ୟାନରରେ 'ପ୍ରେମ ତୋର ନଟି ନଟି' ପ୍ରସ୍ତୁତ ହୋଇ ସଫଳତା ହାସଲ କରିଥିଲା। ଫିଲ୍ମଟିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ମୋନାଲି, ପାୟଲ, ସଞ୍ଜନା, ଶ୍ୱେତା ପ୍ରମୁଖ କଳାକାର। ତେବେ ଫିଲ୍ମଟିରେ କି ମସଲା ରହିଛି ତାହା ଜାଣିବାକୁ ଏହାର ରିଲିଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।

## ଅତୀତରୁ...

⏭ସୋମନାଥ ସାହୁଙ୍କ ପ୍ରଯୋଜନାରେ ନିର୍ମିତ ଓଡ଼ିଆ ସିନେମା 'ଘର ବାହୁଡା'ର ନିର୍ଦ୍ଦେଶନା ଦେଇଥିଲେ ସୋନା ମୁଖାର୍ଜୀ। ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁଜାତା ଆନନ୍ଦ, ସୁଜିତ, ସାମୁଏଲ ସାହୁ (ବାବି), ନିରଞ୍ଜନ ପ୍ରମୁଖ କଳାକାର।

⏭ଓଡ଼ିଆ ଚିତ୍ର 'ବନ୍ଧନ'ର ପ୍ରଯୋଜନା କରିଥିଲେ ସ୍ୱର୍ଣ୍ଣ ପଟ୍ଟନାୟକ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ନିତାଇ ପାଲିତ। ପ୍ରଶାନ୍ତ ନନ୍ଦ, ଗୀତାଞ୍ଜଳି, ଗୋବିନ୍ଦ, ଧୀର ବିଶ୍ୱାଳ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

⏭ପୌରାଣିକ କଥାବସ୍ତୁକୁ ନେଇ ପ୍ରସ୍ତୁତ 'କୃଷ୍ଣ ସୁଦାମା' ଚଳଚ୍ଚିତ୍ରରେ ଗୋବିନ୍ଦ ତେଜ, ଅନୀତା ଦାସ, ତ୍ରିପୁରା ମିଶ୍ର ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା। ଗୋବିନ୍ଦ ତେଜଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶକ ଥିଲେ ଶ୍ରୀକୁମାର।

# କାହାଣୀ ମିଶନ

ନିକଟରେ ପ୍ରଯୋଜକ ଜ୍ୟାକି ଭଗନାନିଙ୍କ ସହ ଘର ସଂସାର କରିସାରିଛନ୍ତି ରକୁଲ୍ ପ୍ରୀତ ସିଂ। ଏବେ ତ ଆଉ ଶୁଟିଂ ଟେନସନ ନାହିଁ। ହେଲେ ଗୋଟିଏ କାମରେ ସେ ନିଜକୁ ବ୍ୟସ୍ତ ରଖିଛନ୍ତି। ତାହା ହେଲା କାହାଣୀ ଖୋଜା। ଜ୍ୟାକିଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଯାଉଥିବା ଏକ ସିନେମାର କାହାଣୀ ଚୟନ ଦାୟିତ୍ୱରେ ଅଛନ୍ତି ସେ। ଏ ସମ୍ପର୍କରେ ରକୁଲ୍ କହନ୍ତି, 'ବର୍ତ୍ତମାନ ମୁଁ ଏକ କମେଡିଭିତ୍ତିକ କାହାଣୀଟିଏ ଖୋଜୁଛି। ଅବଶ୍ୟ ଯା ଭିତରେ ମୋତେ ଏଭଳି ୨-୩ଟି କାହାଣୀର ସୁରାକ ମୋତେ ମିଳିଥିଲା, ହେଲେ ସେଗୁଡିକ ମୋତେ ପ୍ରଭାବିତ କରିପାରି ନ ଥିଲା। ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି ଯେ ମୋର ଏହି କାହାଣୀ ମିଶନ ନିଶ୍ଚୟ ସଫଳ ହେବ। ଅବଶ୍ୟ ଏଥିପାଇଁ ସମୟ ଲାଗିପାରେ, ହେଲେ ସେ ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିବାକୁ ତୟାର।' ତେବେ ରକୁଲ୍‌ଙ୍କ ଏହି କାହାଣୀ ଖୋଜାର ପରିଣାମ କ'ଣ ହେଉଛି ତାହା ଜାଣିବାକୁ ଆମକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ।


ରକୁଲ୍


ଅଲ୍ଲୁ

## କଥା ଦୁଇ ବର୍ଷର..

ଶତ୍ରୁଘ୍ନ ତନୟା ସୋନାକ୍ଷୀ ସିହ୍ନା। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଦବଙ୍ଗ'। ସେତେବେଳେ ତାଙ୍କର ଓଜନ ଏକ ସମସ୍ୟା ଭାବରେ ଉଭା ହୋଇଥିଲା। ତେଣୁ ଯେତେଶୀଘ୍ର ଓଜନ ନିୟନ୍ତ୍ରଣକୁ ଆଣିବାକୁ ଦିନରାତି ଲାଗିପଡ଼ିଥିଲେ ସୋନାକ୍ଷୀ। ଦୁଇ ବର୍ଷ ପରିଶ୍ରମ କରିବା ପରେ ସେ ନିଜର ଓଜନ ୯୦ରୁ ୬୦ କିଗ୍ରାକୁ କମାଇବାରେ ସକ୍ଷମ ହୋଇଥିଲେ। 'ଏହି ଦୁଇ ବର୍ଷ ମୁଁ ଯେଉଁ ପରିଶ୍ରମ କରିଛି ତାହାକୁ କଦାପି ଭୁଲିପାରିବିନାହିଁ। ସେତେବେଳେ ସଲ୍ଲୁଜୀ (ସଲମାନ୍ ଖାଁ) ଯେଉଁ ଟିପ୍ସ ଦେଇଥିଲେ ତାହାକୁ ଗୋଟି ଗୋଟି ଅନୁସରଣ କରିବା ଯୋଗୁ ମୋର ଏହି ମିଶନ ସଫଳ ହୋଇଥିଲା ବୋଲି କହନ୍ତି ସୋନାକ୍ଷୀ।'

# 'ଇନ୍ଦ୍ର'ରୁ ଅନୁପ୍ରାଣିତ ହୋଇଥିଲେ ଅଲ୍ଲୁ

ଦକ୍ଷିଣ ଭାରତୀୟ ଫିଲ୍ମ ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ଅଲ୍ଲୁ ଅର୍ଜୁନ। କିନ୍ତୁ ସେ ଅଭିନୟ ପାଇଁ କାହିଁକି ଆଗ୍ରହ ପ୍ରକାଶ କଲେ, ତା'ପଛରେ ଏକ ମଜାଦାର କାହାଣୀ ଲୁଚି ରହିଛି। ଏକଦା ସେ ଚିରଞ୍ଜୀବୀଙ୍କ ଅଭିନୀତ 'ଇନ୍ଦ୍ର' ଦେଖୁଥିଲେ, ଆଉ ଫିଲ୍ମଟି ତାଙ୍କୁ ଏତେ ପ୍ରଭାବିତ କରିଥିଲା ଯେ ପରବର୍ତ୍ତୀ ସମୟରେ ସେ ଏହାକୁ ୧୫ ଥର ଦେଖିବାକୁ ପଛାଇ ନ ଥିଲେ। ଅନ୍ୟପକ୍ଷରେ ୨୦୦୨ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଅଲ୍ଲୁଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଜଣେ ଶିଶୁ କଳାକାର ଭୂମିକାରେ। ୧୯୮୫ରେ ନିର୍ମିତ 'ବିଜେତା'ରେ ତାଙ୍କୁ ଏହି ସୁଯୋଗ ମିଳିଥିଲା। ସେତେବେଳେ ଏହି ଅଭିନେତାଙ୍କୁ ହୋଇଥିଲା ମାତ୍ର ତିନି ବର୍ଷ। ହେଲେ ୨୦୦୨ରେ ତେଲୁଗୁ ଫିଲ୍ମ 'ଗଙ୍ଗୋତ୍ରୀ' ତାଙ୍କର ଭାଗ୍ୟ ଖୋଲି ଦେଇଥିଲା। ଆଉ ତା'ପରେ ସେ ଗୋଟିଏ ପରେ ଗୋଟିଏ ହିଟ୍ ସିନେମାରେ ଅଭିନୟ କରିଚାଲିଲେ। ୨୦୦୯ରେ ତାଙ୍କ ଅଭିନୀତ ରୋମାଣ୍ଟିକ-ଆକ୍ସନ ଫିଲ୍ମ 'ଆରିଆ-୨' ବ୍ଲକ ବଷ୍ଟର ସାବ୍ୟସ୍ତ ହୋଇଥିଲା। ଅଭିନୟ ବ୍ୟତୀତ ତାଙ୍କର ଆଉ ଏକ ରୁଚି ରହିଛି, ତାହା ହେଲା ବହି ପଢ଼ିବା। ତେଣୁ ସେ ନିଜ ଘରେ ଏକ ମିନି ଲାଇବ୍ରେରି କରିଛନ୍ତି। ଅବସର ମିଳିଲେ ସେ ଫଟୋଗ୍ରାଫି ଏବଂ ଚିତ୍ର ଆଙ୍କିବାରେ ମନୋନିବେଶ କରନ୍ତି। ସବୁଠାରୁ ଖାସ୍ କଥା ହେଲା, ପ୍ରତିବର୍ଷ ତାଙ୍କ ଜନ୍ମଦିନରେ ସେ ଏକ ରକ୍ତଦାନ ଶିବିର ଆୟୋଜନ କରିଥାଆନ୍ତି। ଏହି ଅବସରରେ ସେ ମଧ୍ୟ ନିଜେ ରକ୍ତ ଦାନ କରନ୍ତି।

## ସମୟ ନ ଥିଲା

ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଦ ହୀରୋ : ଲଭ୍ ଷ୍ଟୋରି ଅଫ ଏ ସ୍ପାଏ'। କିନ୍ତୁ ଏହା ପୂର୍ବରୁ ତାଙ୍କୁ ଏକ ଭଲ ଅଫର ମିଳିଥିଲା। ସେତେବେଳେ ଯଶ୍ ଚୋପ୍ରା 'ମୋହବତେଁ'ର ପ୍ରାରମ୍ଭିକ କାମରେ ବ୍ୟସ୍ତ ଥାଆନ୍ତି। ଏହାର ଅନ୍ୟତମ ନାୟିକା ଭାବରେ ସେ ପ୍ରିୟଙ୍କାଙ୍କୁ ସାଇନ୍ କରାଇବାକୁ ଚାହିଁଥିଲେ। କିନ୍ତୁ କିଛି ଦିନ ଚିନ୍ତା କରିବା ପରେ ଏହି ଅଫରଟିକୁ ସେ ହାତଛଡା କରିଦେଇଥିଲେ। ଏ ନେଇ ପ୍ରିୟଙ୍କା କହନ୍ତି, ''ମୋତେ ଯେତେବେଳେ 'ମୋହବତେଁ' ଅଫର ମିଳିଲା ସେତେବେଳେ ମୁଁ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିଲି। ତେଣୁ ମୋ ହାତରେ ସମୟ ନ ଥିଲା। ସେଥିପାଇଁ ଏଭଳି ସୁଯୋଗକୁ ହାତଛଡା କରିଥିଲି।'' ପରେ ଏହି ଭୂମିକା ପାଇଁ ଶିଳ୍ପା ସେଟ୍ଟିଙ୍କ ଭଉଣୀ ସମିତାଙ୍କୁ ସାଇନ୍ କରାଯାଇଥିଲା।

## ପରଦାରେ.. ସିନ୍ଦୂରା

ରାସେଶ୍ୱରୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ସିନେମା 'ସିନ୍ଦୂରା' ଚଳିତ ମାସ ୫ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ନିଜ କାହାଣୀକୁ ଚଳଚ୍ଚିତ୍ରର ରୂପ ଦେବା ସହ ଏହାର ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି ବିରଞ୍ଚି ନାରାୟଣ ପଣ୍ଡା। ଚାଷ ଏବଂ ଏଥିରେ ବ୍ୟବହୃତ ପେଷ୍ଟିସାଇଡ୍ସ କିପରି ଲୋକଙ୍କ ପାଇଁ କ୍ଷତିକାରକ ତାହା ଏଥିରେ ଦେଖିବାକୁ ମିଳିବ। ଏ ନେଇ କିପରି ଆହୁରି ଜନସଚେତନତା ସୃଷ୍ଟି କରାଯାଇପାରିବ ତାହା ଉପରେ ଏହି ଫିଲ୍ମରେ ଗୁରୁତ୍ୱ ଦିଆଯାଇଛି। ଆମ ରାଜ୍ୟର ପରମ୍ପରାର ଝଲକ ମଧ୍ୟ ଏଥିରେ ରହିଛି। ଚିତ୍ରଟିର ବିଭିନ୍ନ ଭୂମିକାରେ ଅଭିଷେକ ଗିରି, ସୁପ୍ରିୟା ନାୟକ, ଉଷସୀ ମିଶ୍ର, ଧୀର ମଲ୍ଲିକ, ତ୍ରିଭୁବନ ପଣ୍ଡା, ଜୀବନ ପଣ୍ଡା, ନଟିଆ, ପୃଥ୍ୱୀରାଜ ନାୟକ, ପ୍ରଜ୍ଞା ଏବଂ ଶଙ୍କର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାର ପ୍ରଯୋଜନା କରିଛନ୍ତି ଦିଲ୍ଲୀପ ଦାଶ। ଏଥିରେ ସଂଯୋଜିତ ଚାରୋଟି ଗୀତକୁ ସ୍ୱର ଦେଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ। ଫିଲ୍ମଟିର କାର୍ଯ୍ୟକାରୀ ପ୍ରଯୋଜକ ଶାନ୍ତି ସ୍ୱରୂପ ଶତପଥୀ ଥିବା ବେଳେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଛନ୍ତି ଜିତେନ୍ଦ୍ର ଜେନା।


ଅଭିଷେକ

## ମନେପକାନ୍ତି ଯାମି

ଯାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। 'ଚାନ୍ଦ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ସେ ଯେତେବେଳେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଗୋଟିଏ ଆଶା ଥିଲା, ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ। କିନ୍ତୁ ତାଙ୍କର ଏହି ଆଶା କେବଳ ଆଶାରେ ହିଁ ରହିଯାଇଥିଲା। ଏହାପରେ ସେ ଓକିଲାତି କରିବାକୁ ଚାହିଁଥିଲେ। ହେଲେ ସେଥିରେ ମଧ୍ୟ ଅସଫଳ ହୋଇଥିଲେ ଯାମି। ଶେଷକୁ ଆକ୍ଟିଂକୁ ଆଦରି ନେଇଥିଲେ । ଏ ନେଇ ସେ କହନ୍ତି, 'ପାଠ ପଢ଼ିବା ପରେ ମୋର ଯେଉଁ ଆଶା ଥିଲା ତାହା ପୂରଣ ହୋଇପାରିଲା ନାହିଁ। ପରେ ଭାବିଲି ଅଭିନୟକୁ କ୍ୟାରିୟର କରିବି। ପ୍ରଥମେ ଛୋଟ ପରଦା ଆଉ ତା'ପରେ ଏକ କନ୍ନଡ ଫିଲ୍ମରେ ଅଭିନୟ କରିଥିଲି। ଯାହାହେଉ ଦର୍ଶକଙ୍କ ଭଲ ପାଇବା ଯୋଗୁ ମୁଁ ଆଜି ମୋ ଆଶାକୁ ପୂରଣ କରିପାରିଛି।''


ଧାରାବାହିକ 'ସନ୍ଧ୍ୟା ରାଗିଣୀ'ର ଏକ ଦୃଶ୍ୟ


ଯାମି

## ଛୋଟ ପରଦା
## ସନ୍ଧ୍ୟା ରାଗିଣୀ

ଅନ୍ୟତମ ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକରେ ସଫଳତାର ସହ ଆଗେଇ ଚାଲିଥିବା ମେଗା ଧାରାବାହିକ 'ସନ୍ଧ୍ୟା ରାଗିଣୀ' ରେ ଏବେ ଆରମ୍ଭ ହୋଇଛି ପ୍ରେମର ନୂଆ ଅଧ୍ୟାୟ। ଏଥର ହୋଲି ପରେ କାହାଣୀରେ ଘଟିଛି ଏକ ଅପ୍ରତ୍ୟାଶିତ ଘଟଣା । ହୋଲି ଦିନ ସଙ୍ଗୀତ୍ ଭାଙ୍ଗ ନିଶାରେ ଚାରୁକୁ ରାଗିଣୀ ଭାବି ନିଜ ମନ କଥା ଖୋଲି କହିଦେଇଛି ଯେ ସେ କିପରି ତାକୁ ଭଲ ପାଏ । ତେବେ ସଙ୍ଗୀତ୍ ଓ ରାଗିଣୀର ଭଲ ପାଇବା କ'ଣ ସମସ୍ତେ ଜାଣିଦେବେ ? ସେପଟେ ସନ୍ଧ୍ୟା ମଧ୍ୟ ମନେ ମନେ ପ୍ରତ୍ୟୁଷକୁ ଭଲପାଇବାରେ ଲାଗିଛି । ଦୁଇ ଭଉଣୀ ସନ୍ଧ୍ୟା ଓ ରାଗିଣୀଙ୍କ ଜୀବନରେ ଆରମ୍ଭ ହୋଇଛି ପ୍ରେମର ନୂଆ ଅଧ୍ୟାୟ । ତେବେ ଆଗକୁ କ'ଣ ହେବ ତାହାର ଉତ୍ତର ଏହାର ଆଗାମୀ ଏପିସୋଡ୍‌ଗୁଡିକରେ ରହିଛି। ଦର୍ଶକାଦୃତ ଏହି ଧାରାବାହିକର ପ୍ରଯୋଜନା କରିଛନ୍ତି ବିଜୟ କାଣ୍ଡୋଇ। ଏହାର ପ୍ରସାରଣ ସମୟ ରହିଛି ସୋମବାରରୁ ଶନିବାର ସନ୍ଧ୍ୟା ୬.୩୦-୭ଟା। ଧାରାବାହିକର ମୁଖ୍ୟ ଚରିତ୍ରରେ ଅଛନ୍ତି ନିତୁ ସିଂ, ହିତେସା, ପ୍ରିୟଙ୍କା, ଦୀପ୍ତି ରେଖା, ଜ୍ୟୋତି, ଆଶୁତୋଷ, ଜୟା ଗୋସ୍ୱାମୀ, ଋଷି ପଟ୍ଟନାୟକ, ପଦାରବିନ୍ଦ ଓ କେକେ । ''ଜୀ-ସାର୍ଥକର ସବୁ ମେଗା ଧାରାବାହିକ ପରି 'ସନ୍ଧ୍ୟା ରାଗିଣୀ'କୁ ମିଳିଥିବା ଭଲପାଇବା ପାଇଁ ସମସ୍ତ ଦର୍ଶକଙ୍କୁ ଧନ୍ୟବାଦ ଜଣାଉଛି। ତା' ସହ ହୋଲି ପରେ ଏହାର କାହାଣୀରେ ନୂଆ ମୋଡ ଆସିଛି ଓ ଏହି ମେଗା ଧାରାବାହିକ ମାଧ୍ୟମରେ ଆମ ଦର୍ଶକ ଏକ ନୂଆ ଉପଲବ୍ଧି ପାଇବେ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ।''

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୪/୨୦୨୪ Bhubaneswar, Thursday, April 4/ 2024

## ମହିଳା ଟି୨୦: ବାଂଲାଦେଶ ସହ ୫ ମ୍ୟାଚ୍ ଖେଳିବ ଭାରତ

**ଢାକା,୩।୪(ପି.ଟି.):** ବାଂଲାଦେଶ ମହିଳା ଦଳ ସହ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳିବ ଭାରତ। ଏପ୍ରିଲ ୨୮ରୁ ମେ’ ୯ ତାରିଖ ମଧ୍ୟରେ ଏହି ୫ ମ୍ୟାଚ୍ ଖେଳାଯିବ। ଏପ୍ରିଲ ୨୩ ରେ ଭାରତୀୟ ଦଳ ବାଂଲାଦେଶରେ ପହଞ୍ଚିବ। ମେ’୧୦ ତାରିଖରେ ଦଳ ଭାରତ ପ୍ରତ୍ୟାବର୍ତ୍ତନ କରିବ। ଆସନ୍ତା ଅକ୍ଟୋବରରେ ଟି୨୦ ବିଶ୍ୱକପ ବାଂଲାଦେଶରେ ଖେଳାଯିବ। ଏହା ପୂର୍ବରୁ ବାଂଲାଦେଶ ଗସ୍ତ କରିବା ସହ ୫ ଟି୨୦ ମ୍ୟାଚ ଖେଳିବ ଭାରତ। ଏପ୍ରିଲ ୨୮ରେ ପ୍ରଥମ, ୩୦ରେ ଦ୍ୱିତୀୟ, ମେ’ ୨, ୬ ଓ ୯ ତାରିଖରେ ପରବର୍ତ୍ତୀ ୩ ମ୍ୟାଚ୍ ଖେଳାଯିବ। ସମସ୍ତ ୫ ମ୍ୟାଚ୍ ସିଲହଟରେ ଖେଳାଯିବ।

## ଇଷ୍ଟବେଙ୍ଗଲ ଆଶା ଉଜ୍ଜୀବିତ

**କୋଚି, ୩।୪:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଇଷ୍ଟ ବେଙ୍ଗଲ ୪-୨ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ଫଳରେ ଇଷ୍ଟ ବେଙ୍ଗଲର ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ହୋଇଛି। ଇଷ୍ଟ ବେଙ୍ଗଲ ପକ୍ଷରୁ ସଲ୍ କ୍ରେସ୍ପୋ ୪୫+୫ (ପେନାଲ୍ଟି) ଓ ୭୧ ଏବଂ ନାଓରେମ ମହେଶ ସିଂ ୮୨ ଓ ୮୭ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। କେରଳର ଫେଡର କେର୍ନିଚ୍ ୨୩ତମ ମିନିଟରେ ଗୋଟିଏ ଗୋଲ ଦେଇଥିବାବେଳେ ୮୪ତମ ମିନିଟରେ ହିଜାଜି ମାହେରଙ୍କ ଆତ୍ମଘାତୀ ଗୋଲ ଦଳପାଇଁ ମହଙ୍ଗା ପଡ଼ିଥିଲା। ଏହି ଦଳର ଜ୍ୟାକସନ ସିଂ ଥୁନାଓଜାମ ୪୫ ଓ ନାଓଚା ସିଂ ୭୪ତମ ମିନିଟରେ ରେଡ଼କାର୍ଡ଼ ପାଇଥିଲେ। ପୂର୍ବରୁ କ୍ୱାଲିଫାଏ କରି ସାରିଥିବା କେରଳ ବ୍ଲାଷ୍ଟର୍ସ ୩୦ ପଏଣ୍ଟରେ ଅପରିବର୍ତ୍ତିତ ରହିଥିବାବେଳେ ଇଷ୍ଟ ବେଙ୍ଗଲ ୨୦ ମ୍ୟାଚରୁ ୫ମ ବିଜୟ ସହ ୨୧ ପଏଣ୍ଟରେ ପହଞ୍ଚି ଯାଇଛି। ଏବେ ଏହି ଦଳ ଅବଶିଷ୍ଟ ଗୋଟିଏ ସ୍ଥାନ ପାଇଁ ବେଙ୍ଗାଲୁରୁ ଏଫ୍‌ସି (୨୨), ଜାମସେଦପୁର ଏଫ୍‌ସି (୨୧), ପଞ୍ଜାବ ଏଫ୍‌ସି (୨୧), ଚେନ୍ନାଇନ୍ ଏଫ୍‌ସି (୨୧) ଓ ନର୍ଥ ଇଷ୍ଟ ୟୁନାଇଟେଡ (୨୦) ସହ ଦାବିଦାର ହୋଇଛି।

# ପୃଥ୍ୱୀ ଶ’ଙ୍କ ମାମଲାର ତଦନ୍ତ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

**ମୁମ୍ବାଇ,୩।୪(ପି.ଟି.)**

ଭାରତୀୟ କ୍ରିକେଟର ପୃଥ୍ୱୀ ଶ’ଙ୍କ ବିରୋଧରେ ଆଗତ ଯୌନ ଶୋଷଣ ମାମଲାର ତଦନ୍ତ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ମୁମ୍ବାଇର ଏକ କୋର୍ଟ। ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ସପନା ଗିଲ୍ କ୍ରିକେଟରଙ୍କ ନାମରେ ଯୌନ ଶୋଷଣ ମାମଲା ରୁଜୁ କରିଥିଲେ। ୨୦୨୩ ମସିହାରେ ସେଲ୍‌ଫି ଉଠାଇବାକୁ କେନ୍ଦ୍ର କରି ଭାରତୀୟ କ୍ରିକେଟର ପୃଥ୍ୱୀ ଶ’ଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ଓଶିୱାରା ଥାନାରେ ପୃଥ୍ୱୀ ମାମଲା ରୁଜୁ କରିଥିଲେ। ପରେ ସପନାଙ୍କ ସମେତ ତାଙ୍କର ୪ ଜଣ ସାଙ୍ଗଙ୍କୁ ପୋଲିସ ଗିରଫ କରିଥିଲା। ଜାମିନରେ ଆସିବା ପରେ ସପ୍‌ନା ପାଲଟା ଅଭିଯୋଗ କରିଥିଲେ। ପୃଥ୍ୱୀ ଶ’ତାଙ୍କୁ ଶୋଷଣ କରିଥିବା ନେଇ ସେ ଅଭିଯୋଗ କରିଥିଲେ। ଶ’ ଏହି ଅଭିଯୋଗକୁ ଖଣ୍ଡନ କରିଥିବା ବେଳେ ବୁଧବାର ମାମଲାର ତଦନ୍ତ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ଏସ୍. ସି. ତାୟଡେ ମାମଲାର ତଦନ୍ତ ପାଇଁ ମୁମ୍ବାଇ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ସେଲ୍‌ଫି ନେବାକୁ କେନ୍ଦ୍ର କରି ଶୋଭିତ ଠାକୁର ଏବଂ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ସପନା ଗିଲ୍ ଅନ୍ୟମାନଙ୍କ ସହିତ ମିଶି ପୃଥ୍ୱୀଙ୍କୁ ଆକ୍ରମଣ କରିଥିଲେ। ଏକ ବେସ୍ ବଲ ବ୍ୟାଟରେ ଆକ୍ରମଣ କରିବା ସହିତ ଗାଡିର ୱିଣ୍ଡ ସିଲ୍ଡ ଭାଙ୍ଗି ଦେଇଥିଲେ। ସପନା ବେସ୍‌ବଲ୍ ବ୍ୟାଟରେ ଆକ୍ରମଣ କରୁଥିବାର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସପନାଙ୍କୁ ଓଶିୱାରା ପୋଲିସ ଷ୍ଟେଶନରେ ଅଟକ ରଖାଯାଇଥିବା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ଗିରଫ କରାଯାଇଥିଲା। ମୁମ୍ବାଇ ବିମାନ ବନ୍ଦରର ଏକ ବିଳାସପୂର୍ଣ୍ଣ ହୋଟେଲରେ ପୃଥ୍ୱୀ ରହିଥିବା ବେଳେ ଶୋଭିତ୍ ଠାକୁର ଏବଂ ସପନା ଗିଲ୍ ସେଲ୍‌ଫି ପାଇଁ ନିକଟକୁ ଆସିଥିଲେ। ସେଲ୍‌ଫି ନେବା ପରେ ମଧ୍ୟ ଉଭୟ ପୃଥ୍ୱୀଙ୍କୁ ଛାଡି ନ ଥିଲେ। ହୋଟେଲ କର୍ମଚାରୀଙ୍କ ନିକଟରେ ଅଭିଯୋଗ ପରେ ଉଭୟଙ୍କୁ ବାହାର କରାଯାଇଥିଲା। ପୃଥ୍ୱୀ ହୋଟେଲରୁ ବାହାରିବା ପରେ ଉଭୟ ଅନ୍ୟମାନଙ୍କ ସହିତ ମିଶି ଗାଡିକୁ ପିଛା କରିଥିଲେ। ଏକ ବେସ୍ ବଲ ବ୍ୟାଟରେ ଆକ୍ରମଣ କରିବା ସହିତ ଗାଡିର ୱିଣ୍ଡ ସିଲ୍ଡ ଭାଙ୍ଗି ଦେଇଥିଲେ। ପୃଥ୍ୱୀଙ୍କ ସାଙ୍ଗ ଆଶିଷ ଯାଦବ ଏନେଇ ଥାନାରେ ଏକ ମାମଲା ରୁଜୁ କରିଥିଲେ। ସପନା ଓ ଶୋଭିତ ଅଭିଯୋଗକୁ ଖଣ୍ଡନ କରିବା ସହିତ ପୃଥ୍ୱୀ ଶ’ ନିଶାରେ ଥିଲେ ବୋଲି କହିଛନ୍ତି। ଏପରିକି ପୃଥ୍ୱୀ ଶ’ କିଏ ମୁଁ ଜାଣିନି ଆଉ ମୁଁ ସେଲ୍‌ଫି ନେବାକୁ ପ୍ରୟାସ କରି ନ ଥିବା କହିଥିଲେ ସପନା ଗିଲ୍।



ପୃଥ୍ୱୀ ଶ’ ଓ ସପ୍‌ନା ଗିଲ୍।

# ଟିସିଏସ୍ ମାରାଥନରେ ୯୬ ବର୍ଷୀୟ ଦତ୍ତାତ୍ରେୟ



ଏନ୍. ଏସ୍. ଦତ୍ତାତ୍ରେୟ (ବାମ)।

**ବେଙ୍ଗାଲୁରୁ, ୩।୪ (ପି.ଟି.)**

ବେଙ୍ଗାଲୁରୁରେ ଅନୁଷ୍ଠିତ ହେବାକୁ ଥିବା ଟିସିଏସ୍ ୱାର୍ଲ୍ଡ ୧୦କେ ବେଙ୍ଗାଲୁରୁ ୨୦୨୪ରେ ଅଂଶଗ୍ରହଣ କରିବେ ୯୬ ବର୍ଷୀୟ ଏନ୍. ଏସ୍. ଦତ୍ତାତ୍ରେୟ। ଏହା ସହିତ ସେ ଟିସିଏସ୍ ମାରାଥନରେ ସବୁଠାରୁ ବୟସ୍କ ରନର ହେବାକୁ ଯାଉଛନ୍ତି। ୨୦୧୯ରେ ପ୍ରଥମ ଥର ମାରାଥନ ଦୌଡିବା ଆରମ୍ଭ କରିଥିବା ଦତ୍ତାତ୍ରେୟ ଇତିମଧ୍ୟରେ ଡଜନେରୁ ଅଧିକ ମାରାଥନ୍ ଦୌଡି ସାରିଲେଣି। ପ୍ରଥମ ମାରାଥନ ଦୌଡିବା ପରେ ହିଁ ଏହା ପ୍ରତି ଥିବା ଭଲପାଇବା ସମ୍ପର୍କରେ ଜାଣି ପାରିଥିଲି ବୋଲି କହିଛନ୍ତି ଦତ୍ତାତ୍ରେୟ। ତେବେ ନିଜକୁ ସୁସ୍ଥ ଓ ଫିଟ୍ ରଖିବା ପାଇଁ ମାରାଥନ୍‌କୁ ଏକ ମାଧ୍ୟମ ଭାବରେ ବାଛିଥିବା ସେ କହିଛନ୍ତି। ଅଧିକ ପଇସା ପାଖରେ ଥିଲେ କିଛି ଲାଭ ନାହିଁ ଯଦି ଉତ୍ତମ ସ୍ୱାସ୍ଥ୍ୟ ନାହିଁ। ପ୍ରତ୍ୟେକ ବ୍ୟକ୍ତି ଦୈନିକ କିଛି ଶାରୀରିକ ପରିଶ୍ରମ କରିବା ଆବଶ୍ୟକ ବୋଲି କୁହନ୍ତି ଦତ୍ତାତ୍ରେୟ।

ଦୈନିକ ଭୋର ୫.୩୦ରୁ ତାଙ୍କର ଦିନ ଆରମ୍ଭ ହୋଇଥାଏ। ସାମାନ୍ୟ ୱାର୍ମ ଅପ୍ ପରେ ଏକ ଘଣ୍ଟା ଧରି ସାଇକ୍ଲିଂ କରିଥାନ୍ତି। ସନ୍ଧ୍ୟାରେ ପୁଅ ସହ ମିଶି ଟ୍ରେଡ୍ ମିଲ୍ ଉପରେ କିଛି ସମୟ ପରିଶ୍ରମ କରିଥାନ୍ତି। ଯୁବାବସ୍ଥାରେ ଫୁଟବଲ୍ ଖେଳୁଥିବା ବେଳେ ବର୍ତ୍ତମାନ ଦୌଡିବା ତାଙ୍କର ପ୍ରିୟ ଖେଳ ମଧ୍ୟରେ ଅନ୍ୟତମ ବୋଲି କହିଛନ୍ତି ଦତ୍ତାତ୍ରେୟ। ନିୟମିତ ଭାବରେ ଏକ ସୁସ୍ଥ ଜୀବନଯାପନ କରିବା ମୋର ଏକମାତ୍ର ଲକ୍ଷ୍ୟ ବୋଲି କୁହନ୍ତି ଏହି ବର୍ଷୀୟାନ ଧାବକ।

# ଲୁଇସ୍ ରୁବେଲ୍ସଙ୍କୁ ଅଟକ ରଖିଲା ସ୍ପେନ୍ ପୋଲିସ

**ବାର୍ସେଲୋନା,୩।୪(ପି.ଟି.)**

ସ୍ପାନିଶ ଫୁଟ୍‌ବଲ ଫେଡେରେଶନର ପୂର୍ବତନ ମୁଖ୍ୟ ଲୁଇସ୍ ରୁବେଲ୍ସଙ୍କୁ ଅଟକ ରଖିଛି ସ୍ପେନ୍ ପୋଲିସ। ଦୁର୍ନୀତି ମାମଲାର ତଦନ୍ତ ପାଇଁ ଦେଶକୁ ପ୍ରତ୍ୟାବର୍ତ୍ତନ କରିବା ସଙ୍ଗେ ସଙ୍ଗେ ତାଙ୍କୁ ଅଟକ ରଖାଯାଇଥିଲା। ପୂର୍ବରୁ ଫରୱାର୍ଡ ଖେଳାଳି ଜେନି ହର୍ମୋସୋଙ୍କୁ କିସ୍ କରିବା ମାମଲାରେ ରୁବେଲ୍ସ ସଭାପତି ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ଏହାପରେ ସେ ଦେଶ ଛାଡି ଡୋମିନିକାନ ରିପବ୍ଲିକ୍‌ରେ ଅବସ୍ଥାନ କରୁଥିଲେ। ତେବେ କୋର୍ଟ ଦୁର୍ନୀତି ମାମଲାର ବିଚାର ପାଇଁ ଆଦେଶ ଦେବା ପରେ ରୁବେଲ୍ସ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମାଡ୍ରିଡ୍ ବିମାନ ବନ୍ଦରରେ ସ୍ପାନିଶ ସିଭିଲ୍ ଗାର୍ଡ ତାଙ୍କୁ ଗିରଫ କରି ପଚରାଉଚୁରା ଜାରି ରଖିଛନ୍ତି। ସ୍ପାନିଶ୍ ସୁପର୍ କପ୍ ସାଉଦି ଆରବରେ ଆୟୋଜନ କରିବା ଲାଗି ହୋଇଥିବା ଦୁର୍ନୀତିରେ ରୁବେଲ୍ସଙ୍କ ନାମ ଆସିଥିଲା। ଅର୍ଥ ତୋସରପାତ ମାମଲାରେ ସମୁଦାୟ ୭ ଜଣଙ୍କ ନାମ ଆସିଥିବା ବେଳେ ପୋଲିସ ୫ ଜଣଙ୍କୁ ଗିରଫ କରିସାରିଛି। ରୁବେଲ୍ସଙ୍କୁ ୭୨ ଘଣ୍ଟା ମଧ୍ୟରେ ବିଚାରପତିଙ୍କ ସମ୍ମୁଖରେ ହାଜର କରାଯିବ, ନଚେତ ମୁକ୍ତ କରାଯିବ।

ସ୍ପେନ୍ ମହିଳା ଦଳ ପ୍ରଥମ ଥର ବିଶ୍ୱକପ ଜିତିବା ପରେ ସଭାପତି ରହିଥିବା ରୁବେଲ୍ସ ଫରୱାର୍ଡ ଖେଳାଳି ଜେନି ହର୍ମୋସୋଙ୍କୁ କିସ୍ କରିଥିଲେ। ଏହାକୁ ନେଇ ତାଙ୍କ ବିରୋଧରେ ଯୌନ ଶୋଷଣ ମାମଲା ରୁଜୁ କରାଯାଇଥିଲା। ଏହାପରେ ସେ ସେପ୍ଟେମ୍ବର ୨୦୨୩ରେ ସଭାପତି ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ୨୦୨୦ ମସିହାରେ ସ୍ପାନିଶ୍ ସୁପର କପ୍ ସାଉଦି ଆରବକୁ ସ୍ଥାନାନ୍ତର କରିବା ପାଇଁ ୪୦ ମିଲିୟନ ୟୁରୋ ଲାଞ୍ଚ ନେଇଥିବା ଜଣାପଡିଥିଲା। ପୂର୍ବତନ ବାର୍ସେଲୋନା ଷ୍ଟାର ଜେରାର୍ଡ ପିକ୍ ଓ ରୁବେଲ୍ସଙ୍କ ମଧ୍ୟରେ ହୋଇଥିବା ଫୋନ୍ ବାର୍ତ୍ତାଳାପର ରେକର୍ଡିଂ ଭାଇରାଲ ହେବା ପରେ ମାମଲାର ତଦନ୍ତ ପାଇଁ ନିର୍ଦ୍ଦେଶ ମିଳିଥିଲା। ପିକ୍‌ଙ୍କ କମ୍ପାନୀ କସ୍‌ମସ୍ ସାଉଦି ଆରବ ଓ ସ୍ପାନିଶ ଫେଡେରେଶନ ମଧ୍ୟରେ ମଧ୍ୟସ୍ଥ ଭୂମିକା ଗ୍ରହଣ କରିଥିଲା। ବିଭିନ୍ନ ସ୍ପାନିଶ୍ ମିଡିଆରେ ଏହି ରେକର୍ଡିଂ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ତେବେ ଅର୍ଥ ତୋସରପାତର ସମସ୍ତ ଅଭିଯୋଗକୁ ରୁବେଲ୍ସ ଖଣ୍ଡନ କରିଛନ୍ତି। ଜଜ୍‌ଙ୍କ ନିଷ୍ପତ୍ତି ଓ ସିଭିଲ୍ ଗାର୍ଡଙ୍କ ତଦନ୍ତ ଉପରେ ମୋର କୌଣସି ଧାରଣା ନାହିଁ। ମୋ ବ୍ୟାଙ୍କ ଆକାଉଣ୍ଟରେ ରହିଥିବା ସମସ୍ତ ସମ୍ପତ୍ତି କଠିନ ପରିଶ୍ରମ ଦ୍ୱାରା ଅର୍ଜିତ। ଏହି ଘଟଣାରେ ବର୍ତ୍ତମାନ ୫ ଜଣ ଗିରଫ ହୋଇ ସାରିଥିବା ବେଳେ ଏହା ମଧ୍ୟରେ କସ୍‌ମସ୍‌ର କୌଣସି କର୍ମଚାରୀ ନ ଥିବା କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ ପ୍ରଦାନ କରାଯାଇଛି।

## ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ମାଭି

**ଲକ୍ଷ୍ନୌ, ୩।୪(ପି.ଟି.):** ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଦ୍ରୁତ ବୋଲର ଶିଭମ ମାଭି ଆହତ କାରଣରୁ ସମ୍ପୂର୍ଣ୍ଣ ଆଇପିଏଲରୁ ବାଦ୍ ପଡିଛନ୍ତି। ପଞ୍ଜରା ହାଡରେ ଆଘାତ ଲାଗିଥିବା ବେଳେ ସେ ସୁସ୍ଥ ହୋଇପାରି ନ ଥିଲେ। ଶେଷ ଥର ପାଇଁ ଅଗଷ୍ଟ ୨୦୨୩ରେ ସେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଖେଳିଥିଲେ। ଉତ୍ତରପ୍ରଦେଶ ପକ୍ଷରୁ ଖେଳୁଥିବା ମାଭି ଚଳିତ ରଣଜୀ ସିଜନରେ ଗୋଟିଏ ବି ମ୍ୟାଚ୍ ଖେଳିପାରି ନ ଥିଲେ। ମିନି ଅକ୍ସନରେ ତାଙ୍କୁ ଲକ୍ଷ୍ନୌ କିଣିଥିଲା। ତେବେ ମାଭି ଫିଟ୍ ନ ହେବା କାରଣରୁ ଚଳିତ ସିଜନରୁ ଓହରି ଯାଇଛନ୍ତି। ଭାରତ ପାଇଁ ୬ଟି ଟି୨୦ ମ୍ୟାଚ୍ ଖେଳିଥିବା ମାଭିଙ୍କୁ ୬.୪ କୋଟି ଟଙ୍କାରେ କିଣିଥିଲା ଲକ୍ଷ୍ନୌ।

## ଦୃଢ଼ ସ୍ଥିତିରେ ଉତ୍ତରାଞ୍ଚଳ

**ପୁଣେ,୩।୪,(ପି.ଟି.):** ବିସିସିଆଇ ପକ୍ଷରୁ ଆୟୋଜିତ ଇଣ୍ଟର ଜୋନାଲ୍ ମହିଳା ରେଡ୍ ବଲ ଟୁର୍ନାମେଣ୍ଟ ସେମି ଫାଇନାଲରେ ଦୃଢ ସ୍ଥିତିରେ ରହିଛି ଉତ୍ତରାଞ୍ଚଳ। ପୁଣେରେ ଅନୁଷ୍ଠିତ ପ୍ରଥମ ସେମି ଫାଇନାଲରେ ପୂର୍ବାଞ୍ଚଳକୁ ମାତ୍ର ୧୩୨ ରନ୍‌ରେ ସୀମିତ ରଖିଥିଲା ଉତ୍ତରାଞ୍ଚଳ। ପ୍ରଥମ ଦିନର ଷ୍ଟମ୍ପ ସୁଦ୍ଧା ଉତ୍ତରାଞ୍ଚଳ ୩ ଉଇକେଟ ହରାଇ ୯୯ ରନ୍ ସଂଗ୍ରହ କରିଛି। ସେହିପରି ଅନ୍ୟ ଏକ ସେମି ଫାଇନାଲରେ ପଶ୍ଚିମାଞ୍ଚଳ ବିପକ୍ଷରେ ୨୮୯ ରନ୍ ସଂଗ୍ରହ କରିଛି ଦକ୍ଷିଣାଞ୍ଚଳ। ଅରୁନ୍ଧତୀ ରେଡ୍ଡୀ ସର୍ବାଧିକ ୮୫ ରନ୍ କରିଥିବା ବେଳେ ସଜୀବନ ସଜନା ୭୪ ଓ ତମନ୍ନା ନିଗମ ୫୫ ରନ କରିଥିଲେ। ଅରୁନ୍ଧତୀ ୧୬୬ ବଲ୍ ଖେଳି ୮୫ ରନ୍ ସ୍କୋର କରିଥିଲେ। ସଜନା ୧୩୦ ବଲ୍ ଖେଳି ୧୦ ଚୌକା ସହ ୭୪ ରନ୍ କରିଥିଲେ।

# ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ ଶେଷ



ପ୍ରତିଭା ଅନ୍ୱେଷଣ ଅବସରରେ ଜଣେ ପ୍ରତିଯୋଗୀଙ୍କ ଲଙ୍ଗଜମ୍ପ।

**ଭୁବନେଶ୍ୱର, ୩।୪**
**(ତପନ ସ୍ୱାଇଁ)**

କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ଜିଲାରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଶେଷ ହୋଇଛି। ବିଭିନ୍ନ କ୍ରୀଡ଼ା ଇଭେଣ୍ଟ ପାଇଁ ମାର୍ଚ୍ଚ ୨୨ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏପ୍ରିଲ ୧ରେ ଶେଷ ହୋଇଛି। ୮ରୁ ୧୪ ବର୍ଷର ପ୍ରତିଭାଙ୍କୁ ଏଥିରେ ଚିହ୍ନଟ କରାଯାଇଛି। କାର୍ଯ୍ୟକ୍ରମ ପାଇଁ ଆଶାୟୀ ଆଥ୍‌ଲେଟଙ୍କ ମଧ୍ୟରେ ଅହେତୁକ ଆଗ୍ରହ ପ୍ରକାଶ ପାଇଥିଲା। ଏଥିରେ ୧୦,୯୫୪ ପିଲା ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ୨୦୦୦ରୁ ଊର୍ଦ୍ଧ୍ୱ ବାଳିକା ସାମିଲ ଥିଲେ। ଖୋ ଖୋ, ଆଥ୍‌ଲେଟିକ୍ସ, ଫୁଟ୍‌ବଲ, ଭଲିବଲ ଆଦି ବିଭିନ୍ନ ଇଭେଣ୍ଟ ପାଇଁ ପ୍ରତିଭା ଚୟନ ହୋଇଥିଲା। ଆଥ୍‌ଲେଟିକ୍ସରେ ସର୍ବାଧିକ ପିଲା ଅଂଶଗ୍ରହଣ କରିଥିଲେ। ଜିଲା ସ୍ତରରୁ ଚୟନ ହୋଇଥିବା ପ୍ରତିଭାଙ୍କୁ ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ହେବ। “ରାଜ୍ୟର ବିଭିନ୍ନ ସ୍ଥାନରୁ ଏଥର ବହୁ ପ୍ରତିଭାସମ୍ପନ୍ନ ଖେଳାଳି ଅନ୍ୱେଷଣ ହୋଇଛନ୍ତି। ଉପଯୁକ୍ତ ଟ୍ରେନିଂ ପାଇଲେ ସେମାନେ ଭବିଷ୍ୟତର କ୍ରୀଡ଼ା ତାରକାଭାବେ ଉଭା ହୋଇପାରିବେ। ବିଭିନ୍ନ ଅଞ୍ଚଳରୁ ପ୍ରତିଭା ଚିହ୍ନଟ ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ” ବୋଲି ଆଥ୍‌ଲେଟିକ୍ସ କୋଚ୍ ମେଘା ପର୍ମାର ପ୍ରକାଶ କରିଛନ୍ତି।

# ଗ୍ରୀନ୍ସ-ବଡ଼ବିଲ ଟାଇଗର୍ସ ଫାଇନାଲ

**ଭୁବନେଶ୍ୱର, ୩।୪ (ତପନ ସ୍ୱାଇଁ)**



ବୁଧବାର ମ୍ୟାଚ ପୂର୍ବରୁ ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

**୧୫ ବର୍ଷରୁ କମ୍ କ୍ରିକେଟ ଲିଗ୍**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ନହରକଣ୍ଟା ଖେଳ ପଡ଼ିଆରେ ଚାଲିଥିବା ଦିଲ୍ଲୀପ ପଣ୍ଡା ମେମୋରିଆଲ ୧୫ ବର୍ଷରୁ କମ୍ କ୍ରିକେଟର ଲିଗ୍ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଅନ୍ତିମ ଲିଗ୍ ମ୍ୟାଚରେ ରେଡ୍ ଷ୍ଟାର କ୍ରିକେଟ ଏକାଡେମୀ ୮ ଉଇକେଟରେ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନକୁ ପରାସ୍ତ କରିଛି। ଏଥିସହ ଗ୍ରୀନ୍ସ ଏକାଡେମୀ ଓ ବଡବିଲ ଟାଇଗର୍ସ ମଧ୍ୟରେ ଶୁକ୍ରବାର ଫାଇନାଲ ହେବା ସ୍ପଷ୍ଟ ହୋଇଯାଇଛି। ଗ୍ରୁପ୍ ‘ଏ’ରୁ ଗ୍ରୀନ୍ସ ୨ ମ୍ୟାଚରୁ ୪ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିବାବେଳେ ଗ୍ରୁପ୍ ‘ବି’ରେ ୩ଟି ଯାକ ଦଳ ୨ ପଏଣ୍ଟ ଲେଖାଏ ପାଇଥିବାସ୍ଥଳେ ବଡ଼ବିଲ ଟାଇଗର୍ସ ଉନ୍ନତ ରନ୍ ହାରରେ ଫାଇନାଲରେ ପହଞ୍ଚିଛି। ରେଡ୍ ଷ୍ଟାର ଦଳ ଗ୍ରୁପ୍ ‘ଏ’ରେ ଦ୍ୱିତୀୟ ସ୍ଥାନରେ ରହି ବିଦାୟ ନେଇଛି।

ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ପ୍ରଥମେ ବ୍ୟାଟିଂ କରି ୨୮.୩ ଓଭରରେ ୧୬୬ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଶୁଭମ୍ ସାହୁ ସର୍ବାଧିକ ୮୫ ଓ ଦେବାଂଶୁ ଜେନା ୪୫ ରନ କରିଥିଲେ। ବିପକ୍ଷ ଦଳର ସତ୍ୟଜିତ ପାତ୍ର ୩ଟି ଏବଂ ସାଇରାଜ ସାହୁ, ଶୁଭମ୍ ଶର୍ମା ଓ ବିଶ୍ୱଜିତ ପ୍ରଧାନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରେଡ୍‌ଷ୍ଟାର ଦଳ ୨୨.୪ ଓଭରରେ ୨ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରି ନେଇଥିଲା। ଉଇକେଟକିପର କ୍ଷୀରୋଦ ଭଞ୍ଜ ୫୫ ବଲ୍‌ରୁ ୭୦ (୧୧ ଚୌକା, ୧ ଛକା) ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ଦେଇଥିଲେ। ଜୟନ୍ତ ମହାନ୍ତି ୨୫, ଶୁଭମ ଶର୍ମା ୨୩ ରନ କରିଥିବାବେଳେ ସ୍ୱୟଂ ଭୂୟାଁ ୧୯ ରନରେ ଅପରାଜିତ ରହିଥିଲେ। ପରାଜିତ ଦଳର ତୃପ୍ତି ସୁନ୍ଦର ସ୍ୱାଇଁ ୨ଟି ଯାକ ଉଇକେଟ ନେଇଥିଲେ। କ୍ଷୀରୋଦ ଭଞ୍ଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅକ୍ଷୟ ଲେଙ୍କା ଓ ଜିତୁ ମହାପାତ୍ର ଆଜିର ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ପ୍ରଦୀପ ଜେନା ଓ ସନ୍ତୋଷ ପଟ୍ଟନାୟକ। ଜ୍ଞାନ ରଞ୍ଜନ ନାୟକ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ବଦ୍ରି ନାରାୟଣ ପାତ୍ର, ବଲ୍ଲଭ ସାହୁ, ଜଗମୋହନ ସ୍ୱାଇଁ ଏବଂ କୋଚ୍ ଅମିତାଭ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।






କଟକରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ରେ ବୁଧବାର ଫାଓ ଏକାଡେମୀ-ୟୁନିଟ ୬ ଆଥଲେଟିକ୍ ଆସୋସିଏଶନ ଏବଂ ଓଡ଼ିଶା ଏକାଦଶ-ମ୍ୟୁନିସିପାଲିଟି ସରକାରୀ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓଡ଼ିଶା ଏକାଦଶ, ଫାଓ ଏକାଡେମୀ ବିଜୟୀ

**ଭୁବନେଶ୍ୱର, ୩।୪ (ତପନ ସ୍ୱାଇଁ)**

**ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍**

କଟକର ବିଭିନ୍ନ ପଡ଼ିଆରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍‌ରେ ବୁଧବାର ଓଡ଼ିଶା ଏକାଦଶ ଓ ଫାଓ ଏକାଡେମୀ ବିଜୟୀ ହୋଇଥିବାବେଳେ କାଜି ବଜାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବିପକ୍ଷରେ ସ୍ପୋର୍ଟ୍ସ ଓଡ଼ିଶା ୱାକ୍‌ଓଭର ପାଇଛି। ଦିବସର ପ୍ରଥମ ମ୍ୟାଚରେ ଓଡ଼ିଶା ଏକାଦଶ ଜୋବ୍ରାର ମ୍ୟୁନିସିପାଲିଟି ସରକାରୀ ହାଇସ୍କୁଲକୁ ହରାଇ ଦେଇଛି। ସେହିପରି ଅନ୍ୟ ଏକ ମ୍ୟାଚରେ ଫାଓ ଏକାଡେମୀ ୨-୦ ଗୋଲରେ ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ତୁଳସୀ ଟପ୍ପୋ ୪ର୍ଥ ଓ କରିଷ୍ମା ଓରାମ ୧୧ଶ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ